

ଉପରାଗ

ସଚ୍ଚିଦାନନ୍ଦ ମିଶ୍ର

Digitized by PPRACHIN, SOA

ଉପରାଗ

ସଚ୍ଚିଦାନନ୍ଦ ମିଶ୍ର

ମହାବୀର ପ୍ରକାଶନ
ସପ୍ ନଂ - ୪୦, ମ୍ୟୁନିସିପାଲ୍ ମାର୍କେଟ୍ କମ୍ପ୍ଲେକ୍ସ
ପୁରୁଣା ବସ୍ ଷ୍ଟାଣ୍ଡ୍ ସାମନା, ଭୁବନେଶ୍ୱର - ୭୫୧୦୦୯

Digitized by PPRACHIN, SOA

ଉପରାଗ

(ଉପନ୍ୟାସ)

ଲେଖକ :
ସଚ୍ଚିଦାନନ୍ଦ ମିଶ୍ର

ସତ୍ୱ © - ସୀମାମିଶ୍ର

ପ୍ରକାଶକ :
ମହାବୀର ପ୍ରକାଶନ
ସପ୍ ନଂ - ୪୦,
ମ୍ୟୁନିସ୍‌ପାଲଟି ମାର୍କେଟ୍ କମ୍ପ୍ଲେକ୍ସ
ପୁରୁଣା ବସ୍‌ଷ୍ଟାଣ୍ଡ ସାମନା
ଭୁବନେଶ୍ୱର - ୯

ଶବ୍ଦ ବିନ୍ୟାସ :
ରିତା ଦାସ
ଆଇ.ଭି.ଆର୍ - ୧୯/୧, ୟୁନିଟ୍ - ୨
ଭୁବନେଶ୍ୱର

ମୁଦ୍ରଣ :
ପଦ୍ମା କମର୍ସିଆଲ୍ ସେଣ୍ଟର୍
ଭୁବନେଶ୍ୱର

ପ୍ରଥମ ସଂସ୍କରଣ :
୨୦୦୭, ଭୁବନେଶ୍ୱର

ମୂଲ୍ୟ : ୬୦.୦୦ (ଷାଠିଏ ଟଙ୍କା) ମାତ୍ର

UPARAGA

(A Novel)

By
Sachidananda Mishra

©: Seema Mishra

Published by :
Mahavir Prakashan
Shop No. 40
Municipality Market Complex
Near Old Busstand
Bhubaneswar - 751 009

Typography
Rita Das
IVR - 19/1, Unit - 2
Bhubaneswar

Printed at
Padma Commercial Centre
Bhubaneswar

1st Edition :
2007, Bhubaneswar

Price : Rs. 60.00
(Rupees Sixty only)

Digitized by PPRACHIN, SOA

ଶ୍ରାବଣୀ ସଂଧ୍ୟା । ସାତଦିନର ନିରବଚ୍ଛିନ୍ନ ବର୍ଷା ପରେ ଆକାଶ କିଛିଟା ପରିଷ୍କାର ଦେଖାଯାଉଛି । ଶୁକ୍ଳ ଦଶମୀର ଥଣ୍ଡାଳିଆ ପବନରେ କୋଠରୀଟି ବେଶ୍ ଥଣ୍ଡା ହୋଇଯାଇଛି । ବାତାବରଣ ହୋଇ ଉଠିଛି ଖୁବ୍ ଉପଭୋଗ୍ୟ, ଠିକ୍ ଶରତ୍‌ର ସଂଧ୍ୟା ଭଳି । ଛୋଟ କ୍ୟାଲେଣ୍ଡରଟିଏ କାନ୍ଥରେ । ସାମ୍ନାରେ ସେଇ ନିତିଦିନିଆ ଟେବୁଲ୍, ବହି ଓ ଖାତା । ଏହି ବହି ଗୁଡ଼ିକରୁ କେହି ନୁହନ୍ତି କାଳିଦାସଙ୍କର ମେଘଦୂତ, ସେକ୍ସପିୟରଙ୍କର ହାମ୍‌ଲେଟ୍ କିମ୍ବା ମାନସିଂହଙ୍କର ହେମଶସ୍ୟ । ସବୁ ବହି ଗୁଡ଼ିକ ତାର ଗବେଷଣାରେ ସାହାଯ୍ୟ କରେ, ତାର ନିଜ ପାଠରେ କାମ ଦିଏ । ଖାତା ଗୁଡ଼ିକରେ ଥାଏ ଅନେକ ଅଙ୍କ କଷା ଯାହା ସାହାଯ୍ୟରେ ସେ ତା'ର ଗବେଷଣାତ୍ମକ ପ୍ରବନ୍ଧସବୁ ଲେଖେ । ଆଜି ଏ ମନୋଜ୍ଞ ବାତାବରଣରେ ସୁକାନ୍ତର ଏସବୁ କାମରେ ମନ ଲାଗିଲା ନାହିଁ ।

ଅନେକ ବର୍ଷ ପୂର୍ବେ ଏଭଳି ସଂଧ୍ୟାରେ ସେ ପୁଲକିତ ହୋଇ ଉଠୁଥିଲା । ମନରେ ଥିଲା ଯୌବନର ପ୍ରଥମ ପ୍ରହରର ସ୍ୱପ୍ନମୟତା, ପ୍ରଥମ ପ୍ରଣୟର କାଉଁରୀ ସ୍ପର୍ଶ । ସେ ସୃଷ୍ଟି କରି ପାରୁଥିଲା ସାମୟିକ କ୍ଷୁଦ୍ରଗଳ୍ପ ସବୁ, ସେ ସବୁ ଚାଲି ଯାଇଛି ବହୁଦୂର, ଯେପରି ଚାଲି ଯାଇଛି ତାର ଆଦ୍ୟଯୌବନ ଓ ତା'ର ସ୍ୱପ୍ନମୟତା ।

ଅନେକ ଦିନ ଆଗେ ଏପରି ସନ୍ଧ୍ୟାରେ ସେ ବ୍ୟର୍ଥ ପ୍ରେମିକର ଭାବମୟତାରେ ତନ୍ମୟ ହୋଇ ସୃଜି ପାରୁଥିଲା ସୁନ୍ଦର କବିତା । ସେଇ କବିତାର କରୁଣ ସୁରରେ ଏଇ ନିର୍ଜନ ପ୍ରହର ଗୁଡ଼ିକ ତରଙ୍ଗାୟିତ କରି ପାରୁଥିଲା । ସେଇ କବିତାଗୁଚ୍ଛ ତା'ର ଲିପିବଦ୍ଧ ହୋଇଛି ସତ, କିନ୍ତୁ ସେ ତାର ରାଗିଣୀ ଖୋଜି ପାଉନାହିଁ । ଖୋଜି ପାଉନାହିଁ ସୁରମୟ ଅତୀତ ।

ଏଇ ତା'ର ପୁରୁଣା କଲମଟି । ମାଟ୍ରିକ୍ ପାଶ୍ କଲାପରେ ବାପା ଉପହାର ଦେଇଥିଲେ । କେତେଗୁଡ଼ାଏ ବର୍ଷ ହୋଇଗଲାଣି । ଏଥିରେ କିନ୍ତୁ ଆଉ କବିତା ଲେଖି ହେଉନାହିଁ । ଏଥିରେ ଆଜି କାଲିକାର ଜଗତ୍‌ର ଅତ୍ୟାଧୁନିକ ଗବେଷଣାତ୍ମକ ରଚନା ବ୍ୟତୀତ ଆଉ କିଛି ବାହାରୁ ନାହିଁ । ସୁକାନ୍ତର ଭାବମୟତା ଚାଲି ଯାଇଛି ବହୁତ ଦୂର । ଆଉ ଖୋଜି ପାଉନାହିଁ ସେ । ସେ ଆଉ କବିର କଳ୍ପନା କରୁନାହିଁ, କିମ୍ବା କଳ୍ପନା ବିଳାସୀର ଦିବା ସ୍ୱପ୍ନ ଦେଖୁନାହିଁ । ସେ ଯାହା ଦେଖୁଛି ସବୁ ବାସ୍ତବ ଜଗତ । ସେ ଦେଖୁଛି - ଇଲେକ୍ଟ୍ରନ୍‌ର 'ବିଭିନ୍ନ ସମନ୍ୱୟ, ସେ ଗଢ଼ିଚାଲିଛି ଏକ ଦୁନିଆ ଯେଉଁଠାରେ ମଣିଷ ମଧ୍ୟ ଯନ୍ତ୍ର ହୋଇଯାଇଛି । ହୁଏତ ଏ ଦୁନିଆରେ ସେ କିଛିଟା ଆଗେଇ ପାରିଛି । ଯେଉଁମାନେ ତାକୁ ଜାଣନ୍ତି ସେମାନେ କହନ୍ତି-

'ତାର ଜ୍ଞାନର ପରିସର ଖୁବ୍ ବେଶୀ । ସେ ନିଜ ବିଜ୍ଞାନରେ ଧୂରନ୍ଧର ।' ସେ ମନେ ମନେ ହସେ । ନିଜ ସୀମିତ ଜ୍ଞାନରେ ଯଦି ଦୁନିଆ ଆଗରେ ଜ୍ଞାନୀ ପରିଗଣିତ ହେଲା ତେବେ ତା'ର କ୍ଷତି କ'ଣ ? ଏଇପରି ତ ମଣିଷ ଦୁନିଆ ଜିତେ ।

Digitized by PPRACHIN, SOA

ରାତି ହୋଇଗଲାଣି ଏଥର । ଏଇ ଛୋଟ କଲୋନିଟି । ରାତି ହୋଇ ଗଲେ ସବୁ ନିସ୍ତବ୍ଧ । ଠିକ୍ ତା'ର ଗାଆଁଟି ପରି । ସୁକାନ୍ତ ସହରର ପିଲାନୁହେଁ, ଗାଆଁର ପିଲା । ଗାଁଆରେ ବଢ଼ିଆସିଛି ପିଲାଦିନୁ । ଘରେ ସେ ଥିଲା ଗୋଟିଏ ବୋଲି ପିଲା । ଦିନେ ଦିନେ ରାତି ଅଧରେ ତା'ର ନିଦ ଭାଙ୍ଗିଯାଏ । ଚୁପ୍‌ଚାପ୍ ଦୁଆର ଖୋଲି ସେ ଚାଲିଆସେ ଅଗଣାକୁ । ଅନ୍ଧାର ରାତିରେ ତାରା ଗୁଡ଼ାକ ବିଛାଡ଼ି ହୋଇ ପଡ଼ିଥା'ନ୍ତି ଆକାଶରେ । ଚାହିଁରହେ । ବୁଝିପାରେନି କାହିଁକି ତାରାଗୁଡ଼ାକ ରାତିରେ ଖାଲି ଆସନ୍ତି । କିନ୍ତୁ ଦିନରେ ଆସନ୍ତି ନାହିଁ । ଖଣ୍ଡେ ଖଣ୍ଡେ ମେଘ ଉଡ଼ିଆସେ ବେଳେବେଳେ । ତାରାଗୁଡ଼ାଏ ଲୁଚିଯାଆନ୍ତି ତା' ଭିତରେ । ପୁଣି ଦେଖାଯାଆନ୍ତି, ଆଉ ଅନ୍ୟ ତାରା କିଛି ଲୁଚିଯାଆନ୍ତି । ଭାରି ଭଲ ଲାଗେ ତାକୁ ଏ ଦୃଶ୍ୟ । ଠିକ୍ ତା'ର ସାଙ୍ଗମାନଙ୍କ ସାଥିରେ ଖେଳୁଥିବା ଲୁଚୁକାଳି ଖେଳପରି । ସୁଲୁସୁଲିଆ ପବନରେ ଦେହଟା ଖୁବ୍ ଆରାମ ଲାଗେ । ବାପା ହଠାତ୍ ପାଟି କରି ଡ଼ାକନ୍ତି । କହନ୍ତି ରାତିରେ କାହାକୁ ନ ଡ଼ାକି ଘର ବାହାରକୁ ଯିବୁ ନାହିଁ ବୋଲି । ସେ ତାର କାରଣ ବୁଝିପାରେନି । ଥରେ ତାର ମାଆ କେତେଜଣ ସ୍ତ୍ରୀ ଲୋକମାନଙ୍କ ସାଙ୍ଗରେ କଥା ହେଉଥିବା ସେ ଶୁଣିଛି ରାତିରେ କିପରି ଭୂତ ଡ଼ାକି ହାଡ଼ରେ ବାଡ଼ାଏ, ଚଣ୍ଡୀ କିପରି ରକ୍ତ ଶୋଷିନିଏ ଇତ୍ୟାଦି । ତାର ବହୁତ ଇଚ୍ଛା ଦିନେ ସେ ଭୂତକୁ ଦେଖନ୍ତା । କିନ୍ତୁ ଯେତେ ଅନ୍ଧାର ରାତିରେ ବାହାରକୁ ଆସିଲେ ମଧ ଭୂତକୁ ଭେଟି ପାରେନି । ମନେ ଅଛି ଦିନେ ସେଇ ଅଗଣାରେ ତାରାମାନଙ୍କୁ ଚାହିଁ ଶୋଇପଡ଼ିଛି । ପାହାନ୍ତିଆରେ ଘରେ ପାଟି ଗୋଳ, ସମସ୍ତେ ତାକୁ ଉଠାଉଛନ୍ତି । ଉଠି ବସିବା ପରେ ଦେଖେ ମା କାନ୍ଦୁଛନ୍ତି । ବାପା ବ୍ୟସ୍ତ ହେଉଛନ୍ତି । ବୁଝିପାରିଲାନି କଥା କଣ । ଅନେକ ଦିନ ପରେ ବୁଝିଲା ଯେ ସମସ୍ତେ ଭାବିଲେ ଭୂତ ମାଡ଼ି ବସିଛି ବୋଲି ତାକୁ । ଏବେ ସେ କଥା ମନେ ପଡ଼ିଲେ ସେ ଖୁବ୍ ହସେ ।

ମାଡ଼ି ଚାଲିଛି ଦୁନିଆ ଆଗକୁ । ନୂଆ ପୁରୁଣା ହେଉଛି । ପୁରୁଣା ଜିନିଷ ପୁଣି ନୂଆ କଳେବର ଧରି ଆସୁଛି ନୂଆ ହୋଇ । ସୁକାନ୍ତ ସ୍କୁଲ ଯାଏ, ଛୋଟ ସ୍କୁଲଟିଏ । ପିଲା ସବୁ ମିଶି ହେବେ ୩୦ କି ୩୨ । ବ୍ୟାଗରେ ସ୍ଲେଟ୍, ଖଡ଼ି, ବହି, ଖାତା ଓ ପେନ୍‌ସିଲ୍ ଧରି ଯାଏ ସ୍କୁଲକୁ । ଯିବା ବାଟକୁ ଚାହିଁ ବସିଥାନ୍ତି ମାଆ । ବାପା ଖୁବ୍ ସକାଳୁ ଉଠି ମର୍ଣ୍ଣିଙ୍ଗ ୱାକ୍‌ରେ ଚାଲିଯାଆନ୍ତି । ସେ ଫେରିଲେ ଘରେ ଗହଳ । "ଆରେ ରାମ କାଠ କାଟିବାକୁ ଯା, ଶ୍ୟାମ ଆଉ ଦାମ ହଳ ନେଇଯିବେ" କିମ୍ବା କିଏ ଆଉ ଅନ୍ୟ କାମରେ ଲାଗିବ । ବାପା ପାଟି କରୁଥିବେ । ମାଆ ସକାଳୁ ଉଠି ଗାଧୋଇ ସାରି ତୁଳସୀ ଚଉରା ପାଖେ ପୂଜା ସାରି ରୋଷେଇ ଘରେ ପଶିବେ । ପିଲାଦିନୁ ଗୋଟିଏ ପିଲା ହୋଇଥିଲେ ମଧ ସୁକାନ୍ତ ନିଜ କାମ ନିଜେ କରୁଥିଲା । ସକାଳୁ ଉଠି ଦାନ୍ତଘଷି, ମୁହଁ ହାତ ଧୋଇ ରୋଷେଇ ଘରେ ହାଜର । ଯାହାହେଉ ଗଣ୍ଡିଏ ଖାଇଦେଇ ଚାଲିଯାଏ ସ୍କୁଲକୁ । ସେଠାରେ କେତେ ମଜା, କେତେ ଖୁସି ଗପ ଓ ବେଳେବେଳେ କଳି ତକରାଳ । ସବା ଉପରେ ସେହି ଶିକ୍ଷକ - ଅତି ଭକ୍ତିରେ ସମସ୍ତେ ତାଙ୍କୁ ମାଷ୍ଟ୍ରେ ବୋଲି ଡ଼ାକନ୍ତି । ମାଷ୍ଟ୍ରେ ଭାରି କଡ଼ା ଲୋକ । ବେତ ଖଣ୍ଡେ ନ ହେଲେ ସ୍କୁଲ ଘରେ ପଶନ୍ତି ନାହିଁ । ଦିନେ କୃଷ୍ଣ ଚୁପ୍‌ଚାପ୍ ଯାଇ ମାଷ୍ଟ୍ରେ ଢୁଲାଉଥିବା ବେଳେ ବେତଟି ନେଇ ପାଖ ପୋଖରୀକୁ ଫୋପାଡ଼ି

Digitized by PPRACHIN, SOA

ଦେଲା । ଆଉ ସେଦିନର ମଜା ଦେଖିବ କିଏ ? ମାଷ୍ଟ୍ରେ ଉଠି ଅଣ୍ଡାଳିଲା ବେଳକୁ ବେତଟା ନାହିଁ । ଦୌଡ଼ିଯାଇ ପାଖ ବାଉଁଶ ଗଛରୁ ବାଉଁଶ କଣିକାଟିଏ ଭାଙ୍ଗି ଆଣିଲେ । ଚାରିଟି ଝିଅ ପିଲାଙ୍କୁ ଛାଡ଼ି ଆଉ ସମସ୍ତଙ୍କ ଉପରେ ହେଲା ପାହାର । ମଧୁ ଉପରେ ପାହାରଟା ପଡ଼ିଲା ବେଳକୁ ତାର ଅବସ୍ଥା ଖରାପ, ପେଣ୍ଟ ଖରାପ ହୋଇଗଲା । ତା ପରେ ପୁଣି ମଜା । ସମସ୍ତେ ଲାଗି ଧୁଅ ଘର । ସେଦିନଠାରୁ ପିଲାମାନେ ରାଣ ପକାପକି ହେଲେ ଯେ ଏଭଳି କେହି କରିବେ ନାହିଁ ।

ସବୁଠାରୁ ମଜା ହେଉଛି ଶନିବାର ଦିନ । ଗୋଟିଏ ବେଳା ସ୍କୁଲ । ସେଦିନ ପଢ଼ାପଢ଼ି କିଛି ନାହିଁ । ଖାକି ପେଣ୍ଟ ଓ ଜାମା ପିନ୍ଧି ବେକରେ ନେଳି ରୁମାଲ ବାନ୍ଧି ଯିବେ ଧାଡ଼ି ହୋଇ ମାଇଲେ ବାଟ । ସେଠାରେ ହେବ ୭/୮ ସ୍କୁଲର ମିଳିତ ଡ୍ରିଲ୍ । ଥରେ ଦାମ ଯାହା କଲା ମନେ ପଡ଼ିଲେ ହସି ହସି ଗଡ଼ିଯାଏ । ଲେଫ୍ଟହୁଇଲ କହିଲା ବେଳେ ଡ଼ାହାଣକୁ ଘୁରିଗଲା । ତା ପଛକୁ ଥିଲା ମାଧବ । ସେ ତାକୁ ଟାଣି ଦେଲା ବେଳକୁ ତାକୁ ଥୋଇଲା ଚାପୁଡ଼େ । ଦୁହେଁ ଗଡ଼ାଗଡ଼ି ହୋଇ ପଡ଼ିଲେ ସେଇଠି । ଡ୍ରିଲ୍ ବନ୍ଦ । ଦୁହେଁ କାନଧରି ପନ୍ଦର ଥର ବସଉଠ୍ ହେଲେ । କାନ୍ଦି କାନ୍ଦି ବାଟ ଯାକ ଆସିଲେ । କାଳେ ଘରେ ଜାଣିଲେ ଆଉରି କିଛି ଉତ୍ତମ ମଧ୍ୟମ ହୋଇପାରେ ଭାବି ବାଟରେ ମୁହଁ ଧୋଇ ସୁନା ପିଲା ଭଳି ଫେରିଲେ । ଏ କଥା ପିଲାମାନେ କେହି ଗାଁଆରେ କହିନାହାନ୍ତି । ସ୍କୁଲର ଆଗକୁ ଛୋଟିଆ ଯାଗା ଖଣ୍ଡେ । ବାଡ଼ଘେରା ହୋଇଛି । ସେଥିରେ ପିଲାମାନେ ଲଗାନ୍ତି ଗଛ । ଚାରିଟା ବଡ଼ ବଡ଼ ତରାଟ ଗଛ ଅଛି । ଦୁର୍ଗାପୂଜା ସମୟରେ ଏହି ଫୁଲରେ ସୁକାନ୍ତର ମାଆ ଗୁନ୍ଥନ୍ତି କରଡ଼ିଆ ମାଳ ବେଲପତ୍ର ଓ ମନ୍ଦାର ଫୁଲ ଦେଇ, ମା ଦୁର୍ଗାଙ୍କ ପାଇଁ । ଆଉ ଅଛି ଦୁଇଟା ବିଲାତି କପା ଗଛ । ସେଥିରେ ଯେଉଁ ତୁଳା ହୁଏ ପିଲାମାନେ ହାତରେ ଭିଣି, ତକଲିରେ ସୂତା କାଟନ୍ତି ଓ ସୂତାକୁ ମାଷ୍ଟ୍ରଙ୍କୁ ଦିଅନ୍ତି । ମାଷ୍ଟ୍ରେ ସବୁବେଳେ ଖଦଡ଼ ଧୋତି ଚାଦର ପିନ୍ଧନ୍ତି । ଆଉ ଥାଏ ବାଇଗଣ ପଟାଳିଟିଏ ଓ ଭଳିଭଳିକା ଫୁଲଗଛ ପାଇଁ ପଟାଳିଟିଏ । ଦିନେ ସକାଳୁ ପିଲାମାନେ ସ୍କୁଲ ଗଲା ବେଳକୁ ଦେଖନ୍ତି ଯେ ଦୁଇଟା ଛେଳିଛୁଆ ବାଇଗଣ କିଆରୀରେ । ଆଉ ମଜା କିଏ ଦେଖେ । ଛେଳି ଦୁଇଟାକୁ ବାନ୍ଧି ସ୍କୁଲ ଘର ଭିତରେ ଭର୍ତ୍ତିକରି ମଜା ଦେଖୁଛନ୍ତି । ମାଷ୍ଟ୍ରଙ୍କର ଟିକିଏ ଡେ଼ରି ହୋଇଛି । ଏତିକି ବେଳକୁ ସାଇକଲରୁ ଓହ୍ଲାଇ ଆସିଲେ ସାନବାବୁ (Sub Inspector of Schools) । ଏକଦମ ନାଲି ତମ ତମ । ଯାଇ ମାଷ୍ଟ୍ରଙ୍କ ଚଉକି ଉପରେ ବସି ପଡ଼ିଲେ । ପିଲାଏ ସବୁ ଛେଳିଛୁଆ ଦି'ଟାଙ୍କୁ ହାତାହାତି ଟେକି ବାହାରେ ଛାଡ଼ି ଆସିଲେଣି । କିଏ ଘର ସଫା କରିବାରେ ଲାଗି ପଡ଼ିଲେଣି । ଏକିତି ବେଳକୁ ତରବର ହୋଇ ବେତ ହଲାଇ ହଲାଇ ପଶି ଆସିଲେ ମାଷ୍ଟ୍ରେ । ସେ ଯେଉଁ ଦୃଶ୍ୟ ଏବେ ବି ମନେ ପଡ଼ିଯାଏ । ମାଷ୍ଟ୍ରେ ଦୁଆର ବନ୍ଧରେ ଜିଭ କାମୁଡ଼ି ଠିଆ ହୋଇ ପଡ଼ିଲେ । ଏତିକି ବେଳକୁ ମଧୁଆଟା ଛିଙ୍କି ଦେଲା । ବାବୁ ତ ହୋହୋ ହସୁଛନ୍ତି । ପିଲାମାନେ ହସି ହସି ଗଡ଼ିଲେଣି । ମାଷ୍ଟ୍ରେ କିନ୍ତୁ ନ ଯଯୌ ନ ତସ୍ଥୌ । କିଛି ସମୟପରେ ସବୁ ସ୍ଥିର ପଡ଼ିଲାରୁ ସାନବାବୁ ପିଲାଙ୍କୁ ପରୀକ୍ଷା କରି ଲାଗିଲେ । ଭାଗ୍ୟକୁ ପିଲାଙ୍କ ପାଟିରୁ ଉତ୍ତରଗୁଡ଼ାକ ମାନସାଙ୍କ ପରି ବାହାରି ପଡ଼ିଲା । ନ ହେଲେ ତା ବାସୀଦିନ ଯେ ପିଠିରେ

Digitized by PPRACHIN, SOA

କୁଆଡ଼ୁଆ ଉଡ଼ିଆ'ନ୍ତା ସେଥିରେ ସନ୍ଦେହ ନାହିଁ । ତା' ପରେ ବାବୁଙ୍କ ପାଇଁ ରୋଷେଇ କରି ବସିଲେ ମାଷ୍ଟ୍ରେ ତାଙ୍କ ଚାଳିରେ । ପିଲାମାନଙ୍କର ଜଲ୍‌ଦି ଛୁଟୀ ।

ଆସ୍ତେ ଆସ୍ତେ ସେଇ ଛୋଟ ସ୍କୁଲଟିରେ ଚାରୋଟି ବର୍ଷ କଟିଗଲା ସୁକାନ୍ତର । ସେ ବଛା ହେଲା ବୃତ୍ତି ପରୀକ୍ଷା ପାଇଁ । ସେଥିରେ ପୁଣି ପରୀକ୍ଷକ ସେଇ ସାନ ବାବୁ । ତାକୁ ଗୋଟିଏ ପ୍ରଶ୍ନ ପଚାରିଥିଲେ "ମରୁଦ୍ୱୀପ କାହାକୁ କହନ୍ତି ?"

ସୁକାନ୍ତ – ମରୁଭୂମିର ଯେଉଁ ଦ୍ୱୀପ ଗୁଡ଼ାକ ଥାଏ ।

ସାନବାବୁ – ମରୁଭୂମିରେ ତ ଖାଲି ବାଲି । ସେଠାରେ ଦ୍ୱୀପ କୁଆଡ଼େ ଆସିବ ?

ସୁକାନ୍ତ – ଆଜ୍ଞା ପାଣି କି ସମୁଦ୍ର ଭିତରେ ମାଟି ରହିଲେ ତାକୁ ଦ୍ୱୀପ କହନ୍ତି । ସେମିତିକା ବାଲି ଭିତରେ ପାଣି ଗଛପତ୍ର ଥିଲେ ତାକୁ କହନ୍ତି ମରୁଦ୍ୱୀପ ।

ସାନବାବୁ ହୋ ହୋ ହସୁଛନ୍ତି । କହିଲେ "ଏଇଟା ନିର୍ଘୁମ ଚଗଲା ।" କିନ୍ତୁ ସୁକାନ୍ତ ବୃତ୍ତି ପାଇଲା । ସେତେବେଳେ ଏହାଥିଲା ମାସକୁ ଦୁଇଟଙ୍କା ।

କେତେଦିନ ତଳର ଘଟଣା ଗୁଡ଼ାକ । ମନେ ପଡ଼ିଲେ ମନଟା ଓଲଟ ପାଲଟ ହୋଇଯାଏ । ଫେରିଚାଲେ ସେଇ ଦିନ ଗୁଡ଼ିକୁ । ସେଦିନର ଜଗା, ବଳିଆ, ଶ୍ୟାମ, ମଧୁ ଓ କୃଷ୍ଣ ଇତ୍ୟାଦି ବନ୍ଧୁମାନଙ୍କ ପାଖକୁ । କିଏ କୁଆଡ଼େ ଗଲେଣି । ଗଲାଣି ସେଦିନର ବାଗୁଡ଼ି ଖେଳ ଓ ବୋହୂଚୋରୀ ଖେଳ । ଆଜି କାଲି ପିଲାଏ ରାସ୍ତାରେ ଖେଳିଲେ ସୁକାନ୍ତ ଚିଡ଼ି ଉଠେ । ଭାବେ ଅନ୍ୟ କ'ଣ ଜାଗା ନାହିଁ ଖେଳିବାକୁ । କିନ୍ତୁ ସେଦିନ ସେ ଠିକ୍ ସେମାନଙ୍କ ପରି ଖେଳୁଥିଲା, ବୁଲୁଥିଲା ଚିନ୍ତା ନ ଥିଲା । ...

x x x x x x x x

ଆଜି ଶ୍ରାବଣ ପୂର୍ଣ୍ଣିମା । କଳା କଳା ମେଘ ଗୁଡ଼ାକ ଉଠି ଆସୁଛନ୍ତି । ଲୁଚାଇ ଦେଇଛନ୍ତି ଚନ୍ଦ୍ରକୁ । କିନ୍ତୁ ଆକାଶଟା ପୂରା କଳା ଦେଖାଯାଉନାହିଁ । ଦେଖାଯାଉଛି ଝାପ୍‌ସା । ସ୍କୁଲ ଦିନର ଶ୍ଳୋକଟା ମନେ ପଡ଼ିଯାଏ – ଗୁଣୀବାନର ଗୁଣକୁ କେହି ଲୁଚାଇ ପାରେନା – ଠିକ୍ ସେଇପରି ।

ଏଇ ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଥିଲା ସୁକାନ୍ତର ଅତିପ୍ରିୟ । ସାଙ୍ଗ ସାଥୀ ମେଳରେ ଛୁଟୀଦିନରେ ଘୁରି ବୁଲିବା, ଓଦା ବାଲି ଉପରେ ନଡ଼ିଆ ଲଢ଼େଇ କରିବା ଓ ଗହ୍ମା ବେଢ଼ି ଉପରେ କଅଁଳା ବାଛୁରୀ ଡ଼ିଆଁଇବା କଥା ସେ ଆଜିଯାଏ ଭୁଲିନାହିଁ । ଆଜି ଏଇ ଦୂର ପ୍ରବାସରେ ରାକ୍ଷୀନେଇ କେହି କେହି ବାନ୍ଧିବାକୁ ଆସନ୍ତି । ମନେ ମନେ ଭାବିଚାଲେ କୁଆଡ଼େ ଚାଲିଗଲା ସେ ଦିନ ଗୁଡ଼ାକ । ଗାଁ ଠାରୁ ଯେତେ ଦୂରରେ ରହିଲେ ମଧ ଏଇ ପର୍ବପର୍ବାଣୀ ମନରୁ ପାସୋରି ହୁଏନି । ଆଉ ଭୁଲି ହୁଏନି ସେଇ ସୁଦୂର ଅତୀତର ସ୍ମୃତି ସବୁ ।

Digitized by PPRACHIN, SOA

ସ୍କୁଲ ଜୀବନଟା କି ମଧୁମୟ । ସେ ଥିଲା ସବୁରି ପ୍ରିୟ । ଜଣେ ବୃଦ୍ଧ ଶିକ୍ଷକଙ୍କ ପ୍ରରୋଚନାରେ ଛାତ୍ର ଜୀବନ ବିଷୟରେ ଅନେକ ବହି ପଢ଼ିଥିଲା ଆଉ ମୁଖସ୍ଥ କରିଥିଲା ଏଇ ଶ୍ଲୋକଟି :

କାକସ୍ନାନମ୍ ବକଧ୍ୟାନଂ ଶ୍ୱାନନିଦ୍ରା ତଥୈବଚ
ଅଳ୍ପାହାରୀ ଗୃହତ୍ୟାଗୀ ଏତଦ୍ ବିଦ୍ୟାର୍ଥୀ ଲକ୍ଷଣଂ ।।

ସେହି ଅନୁଯାୟୀ ସେ ଖାଇବା କମେଇ ଦେଲା, ଅଧ୍ୟବସାୟୀ ହେଲା । ଖେଳ କମ୍ କରି ଅଧ୍ୟୟନରେ ମନ ଦେଲା । ସେ ସବୁର ଫଳ କଣ ହେଲା ଭାବିଲେ ହସି ଉଠେ ଓ ମନଟା ଦୁଃଖରେ ଭରିଯାଏ । ସ୍ୱାସ୍ଥ୍ୟ ତାର ଉନ୍ନତି କଲାନାହିଁ । କିନ୍ତୁ କ୍ଲାସ୍‌ରେ ପ୍ରଥମ ହେଲା । ପରବର୍ତ୍ତୀ ଜୀବନରେ ଏଇ ସ୍ୱାସ୍ଥ୍ୟ ପାଇଁ ସେ ଅନେକଟା ଅନୁତାପ କରିଛି । ଫକୀରମୋହନଙ୍କ "ବାଟ ବାହୁଡ଼ା" କବିତାର "ଏ ସବୁ ପାଠର ଫଳ ଓଲଟା, କରେ ଦେହ ସରୁ ବୁଦ୍ଧିଟା ମୋଟା" ନିଜ ପ୍ରତି କେତେ ପ୍ରଯୁଜ୍ୟ ତାକୁ ଅନୁଶୀଳନ କରିଛି । ତେବେ ମଧ୍ୟ ସେ ଦିନର ହସ କୌତୁକ ମଧ୍ୟରେ ଏ ସବୁ କଥା ଦିନେ ହେଲେ ମୁଣ୍ଡରେ ପୁରାଇ ନାହିଁ ।

ସ୍କୁଲ ଓ ସାଙ୍ଗମାନଙ୍କୁ ଛାଡ଼ି ଦେଲେ ମଧ୍ୟ ଜୀବନଟା ଥିଲା ଅତି ଆରାମଦାୟକ । ଘରେ ବାପା ଓ ମାଆ, ସେଇ ମୂଲିଆ, ବାଉରୀ, ଧାନ, ମୁଗ, ବିରି, ନଡ଼ିଆ ବଗିଚା, ପୋଖରୀରେ ମାଛଧରା ସବୁ ଗୁଡ଼ିକରେ କୌତୁକ ମିଶା । ଦିନେ ଦିନେ ସେ ନଡ଼ିଆ ତୋଳା ପାଖକୁ ଯାଏ । ସେଠାରେ ଶିଖିଥିଲା ଛେଲା ଓ ଶହ ଇତ୍ୟାଦିର ହିସାବ । ହୁଏତ ଅନେକ ଜାଣି ନଥିବେ ୭୨ ଗଣ୍ଡାରେ ଶହେ ନଡ଼ିଆ ହୁଏ ଓ ଅଢେଇ ଶହ ନଡ଼ିଆରେ ଛେଲାଏ । ଛୁଟୀ ସମୟରେ ଦିନେ ଦିନେ ଧାନ ଅମଳ ବେଳେ ଚାହିଁ ରହେ । ଘରର ଯାବତୀୟ କାମରେ ବାପାଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରେ ।

୧୯୪୨ ମସିହାରେ ନଭେମ୍ବର ମାସ । କୁମାର ପୂର୍ଣ୍ଣିମାର କିଛି ଦିନ ପରେ । ବାପା ଓ ମାଆ କାର୍ତ୍ତିକ ବ୍ରତ କରିଥାଆନ୍ତି । ଆସିଲା ସେତେବେଳର ତୋଫାନ । ସେଦିନ ସ୍କୁଲରୁ ଫେରିଲା ବେଳକୁ ଭୟଙ୍କର ପବନ ହେଉଥାଏ । ବାଟରେ ମହାଦେବଙ୍କ ବଗିଚା ଦେଇ ଆସୁଥିଲା ବେଳେ ଗୋଟାଏ ବୁଢା ନଡ଼ିଆ ଗଛ ଓଲଟି ପଡ଼ିଲା । ଟିକକରେ ନିରୁ ବଂଚିଗଲା । ସମସ୍ତେ ଦୌଡି ଦୌଡି ଘରକୁ ଚାଲିଗଲେ । ତା'ପରଠାରୁ ଚାରିଦିନ ଧରି ହେଲା ଅଚାନକ ବର୍ଷା, ଅଣଚାଷ ପବନ - ତୋଫାନ । କେତେ ଗଛ ପତ୍ର ଭାଙ୍ଗିଲା ତାର ଠିକଣା ନାହିଁ । ଚାରିଦିନ ଧରି କିଏ କୁଆଡ଼େ କାହାରି ନାହାନ୍ତି । ଯେବେ ବର୍ଷା ଛାଡ଼ିଲା ସେ ବାହାରିଲା ଦେଖିବାକୁ । କି କରାଳ ଦୃଶ୍ୟ: କି ଭୟଙ୍କର ସବୁ । କେତେ ଛୋଟ ଛୋଟ ଘରର ଚାଳ ଉଡି ଯାଇଛି । ସବୁ ଦେଖାଯାଉଛି ଶ୍ରୀହୀନ । ବାଉରୀମାନେ ଆସି ଦୁଆରେ ବସିଛନ୍ତି । ବାପା ସାଥି ସାଥି ଖଳା ଖୋଲିଦେଲେ । କହିଲେ ମନଇଛା ବାଉଁଶ ଓ ଛଣ ନିଅ, ଘର ଠିକ୍ କର, ତାପରେ ଅନ୍ୟ କାମ ହେବ । ସକାଳୁ ଉଠି ରାତି ଅଧଯାଏ ବାପା ବୁଲୁଥାଆନ୍ତି, ଆଉ ଅନେକ ସମୟରେ ସେ ମଧ୍ୟ ତାଙ୍କ ସାଙ୍ଗରେ ବୁଲୁଥାଏ । ସବୁ ଠିକ ଠାକ୍ ହେଲା, ସାତଦିନ ପରେ ସ୍କୁଲ ଗଲା, ଏଇଟା ସୁକାନ୍ତର ଏକ ମସ୍ତବଡ ଅନୁଭୂତି ।

Digitized by PPRACHIN, SOA

ଏତେଦିନ ପରେ କେବେକେବେ କୌଣସି ଖବରକାଗଜ କିମ୍ବା ମାଗାଜିନ୍‌ରେ ଟର୍ଣ୍ଣାଡୋ, ଟାଇଫୁନ୍ ଇତ୍ୟାଦିର ଭୟାବହ କାହାଣୀ ସବୁ ପଢ଼େ, ମନେ ପଡ଼ିଯାଏ ସେଇ ତୋଫାନର ଦୃଶ୍ୟସବୁ । ସେଇ ପାଣି ପବନ ଓ ଝଡର ଦୃଶ୍ୟ ।

ସ୍କୁଲ ଦିନ ଗୁଡାକ - ସେହି ଗଣିତ ଶିକ୍ଷକ, ସେହି ଭୂଗୋଳ ଶିକ୍ଷକମାନଙ୍କ ସାଙ୍ଗରେ ଆଲୋଚନା, ସାହିତ୍ୟ ଶିକ୍ଷକଙ୍କ ସହ ଆଲୋଚନା ଆଜି ବି ମନେ ପଡ଼େ । "ଛୋଟ ମୋର ଗାଁଆଟି" କବିତାର ଶେଷ ଆଡ଼କୁ ଥିଲା ଦୁଇଟି ପଦ । ଗୋଟିଏ ଗାଁଆର ଅଳ୍ପ ବୟସରେ ବିଧବା ହୋଇ ଯାଇଥିବା ଗୋଟିଏ ନାରୀର ଚିତ୍ର । ତାକୁ ମୂଳ କରି ସେ ପୃଷ୍ଠା ପୃଷ୍ଠା ଧରି ଲେଖିଯାଏ ବିଶଦ ବ୍ୟାଖ୍ୟା । ଯୁକ୍ତି କରି ଯାଏ ସବୁରି ସାଥିରେ ତାର ସମାଲୋଚନାକୁ ନେଇ । ଥରେ କ୍ଲାସରେ ଶିକ୍ଷକ ତାକୁ କହିଲେ "ସଚ୍ଚି ରାଉତରାୟଙ୍କ କବିତାକୁ ତୁମେ ଏତେ ଭଲ ପାଅ । ତାଙ୍କ ଭଳି ଲେଖିବାକୁ ମଧ ଚେଷ୍ଟା କର ।" କିନ୍ତୁ ସବୁ ଲେଖା ଆରମ୍ଭ କଲା ବେଳକୁ ଶେଷ ହୁଏ କବିତାରେ ନୁହେଁ, ମାତ୍ର ସମାଲୋଚନାରେ । ଦିନେ ଭାବିଲା କିଛି ଇଂରାଜି କବିତାକୁ ଅନୁବାଦ କରିବ । କବିଗୁରୁ ରବୀନ୍ଦ୍ରନାଥଙ୍କର "Where the mind is without fear" ରୁ ବାହାର କରିଥିଲା ଏକ କ୍ଷୁଦ୍ର ପ୍ରବନ୍ଧ । ସେଥିପାଇଁ ସେ ପୁରସ୍କୃତ ହୋଇଥିଲା । କିନ୍ତୁ ସେ କବିତା କି ଗଳ୍ପ ଲେଖି ପାରିଲା ନହିଁ ସେତେବେଳେ । ଏହିପରି ଚାଲିଗଲା ଦିନ ପରେ ଦିନ, ଖେଳା ବୁଲା, ପଢାପଢ଼ି, ସବୁକିଛି ।

ସବୁଠାରୁ ମଜା କିନ୍ତୁ ଖରାଛୁଟୀଟା । ଚନ୍ଦନ ପୋଖରୀରେ ଚାପ ଖେଳରେ ମଉଜ ଆଜି ମଧ ମନେ ପଡିଯାଏ । ପ୍ରତିଦ୍ୱନ୍ଦିତା ହୁଏ ଚାପ ଆଗ ଯିବ ନା ପହଁରି କରି ଆଗ କିଏ ଯିବ । ଦିନକର ଘଟଣା । ନୂଆ ନୂଆ ପହଁରା ଶିଖୁଥାଏ । ଚାପରୁ ଡେଇଁ ପଡିଲା ଆଗକୁ । କିନ୍ତୁ କିଛି ବାଟ ପରେ ଆଉ ଦମ୍ ନାହିଁ । ଚାପ ବହୁତ ଆଗକୁ ଚାଲିଗଲାଣି । କେହି ନାହିଁ ଶୁଣିବାକୁ । ଆଖି କାନ ବନ୍ଦ କରି ଦିଅଁକୁ ଡାକି କୂଳ ଆଡ଼େ ଚାଲିଲା । ସେଠି ପହଞ୍ଚିଲା ବେଳକୁ ଢୋକେ ପାଣି ପିଇ ସାରିଛି । ତା'ପରେ ମନ ଦେଇ ପହଁରା ଶିଖିଲା ।

ଖରାଦିନରେ ସକାଳୁ ଆଠଟା ଯାଏଁ ପହଁରିବାରେ ବ୍ୟସ୍ତ । ସଂଧ୍ୟା ବେଳଟା ମଧ ପହଁରାରେ ଯାଏ । ବର୍ଷଯାକର ମଉଜ ସେତିକି ବେଳେ । ଏଇ ପହଁରିବାଟା ତା'ର ଅତି ଆଦରର ।

ଦିନ ପରେ ଦିନ ଚାଲିଯାଏ । ମାଇନର କ୍ଲାସରୁ ଯାଇ ହାଇସ୍କୁଲରେ ପଢେ । ପଢାପଢ଼ି ଛଡ଼ା ପରୀକ୍ଷାଟା ବି ବେଶ୍ ମଜା । ସକାଳୁ ଉଠି ଗାଧୋଇ ପାଧୋଇ ମୁଣ୍ଡରେ ଚାଲିବ ଲେମ୍ବୁଘଷା । ମୁଣ୍ଡ ଥଣ୍ଡା ରହିବ ବୋଲି । ମାଆ ତା' ପାଇଁ ରଖିଥିବେ ଦହି ଓ ମାଛ ଅନୁକୂଳ କରିବା ପାଇଁ । ପକେଟ୍‌ରେ ଥିବ ବାସେଳୀ, କୋଚିଲାଖାଇ ଇତ୍ୟାଦି ଠାକୁରାଣୀଙ୍କର ଓ ଜଗନ୍ନାଥ, ମହାଦେବଙ୍କ ଇତ୍ୟାଦି ଠାକୁରଙ୍କର ଶ୍ରୀଅଙ୍ଗ ଫୁଲ, ତୁଳସୀ ଓ ବେଲପତ୍ରି ପରୀକ୍ଷା ଦିନ ସକାଳୁ ପାଠ ପଢିବା ମନା । କାରଣ ମୁଣ୍ଡ ଗରମ ହୋଇଯିବ ଗଣିତ ପରୀକ୍ଷାଦିନ ମୁଣ୍ଡ ବେଶୀ ଥଣ୍ଡା କରିବାକୁ କୃଷ୍ଣ ପୋଖରୀର ପଙ୍କ ମୁଣ୍ଡ ଓ ଦେହରେ ବୋଳି ହୋଇ ଅଧଘଣ୍ଟାଏ ବସେ । ସ୍କୁଲ ଗଲା ବେଳେକୁ ବାଟରେ ସେମାନେ କରିଥାଆନ୍ତି ବଟେଶ୍ୱର ଠାକୁର ଗୋଟାଏ ନିମ୍ବଗଛ ତଳେ ସାଥୀରେ ଫୁଲ ଚନ୍ଦନ ଆଦି

Digitized by PPRACHIN, SOA

ଯାଇଥିବ । ବାଟେଶ୍ୱର ଠାକୁର ଲାଗି ହେବେ । ସମସ୍ତେ ସାଷ୍ଟାଙ୍ଗ ପ୍ରଣାମ କରି ସ୍କୁଲ ଯିବେ । ଦିନେ ଦେଖାଗଲା ବାଟେଶ୍ୱରଙ୍କ ପାଖରେ ଗୋଟାଏ ସାପ । "ଅହି ସର୍ବତ୍ର ବାଧତେ" । ବାଟର ଠାକୁରଙ୍କ ପାଖରେ ପୁଣି ପରୀକ୍ଷା ଦିନ ସାପ । କି ଅଶୁଭ କଥା । ନନ୍ଦଟା ଭାରି ରାଗୀ । ଗୋଟାଏ ଢେଲା ପକାଇ ଦେଲା । ତା ପରେ ମଧୁ ଶ୍ୟାମ ଓ ସେ ଢେଲା ପକାଇଲେ । ତମ୍ପ ସାପ ମଲା । ତାକୁ ବାମ ଦିଗରେ ରଖି 'ବାମେ ଶବ ଶିବା' ସ୍ମରଣ କରି ସମସ୍ତେ ଗଲେ ପରୀକ୍ଷା ଦେବାକୁ । ସେ ପରୀକ୍ଷାରେ ସମସ୍ତେ ଖୁବ୍ ଭଲ କରିଥିଲେ ବୋଲି ସେମାନଙ୍କର ଧାରଣା ।

ଏଇ ଦିନ ଗୁଡ଼ାକରେ ସବୁଠାରୁ ବେଶୀ ବନ୍ଧୁତ୍ୱ ଥିଲା ମଧୁ ସାଙ୍ଗରେ । ମଧୁ ଭାରି ଭଲ ଖେଳେ । ଫୁଟବଲ୍ ଖେଳରେ ସବୁବେଳେ ସେଣ୍ଟର ଫରୱାର୍ଡ । କ୍ଲାସ୍‌ରେ କିନ୍ତୁ ଟିକିଏ ମାନ୍ଦା । ଖାଲି ପାଶ୍ କରିଯାଏ । ଦୁହେଁ ଅନ୍ତରଙ୍ଗ ବନ୍ଧୁ । ସବୁବେଳେ ଏକାଠି । ଅଧେଦିନ ଖିଆପିଆ ମଧୁ ଘରେ ତ ଅଧେ ଦିନ ସୁକାନ୍ତ ଘରେ ।

ଦିନକର ଘଟଣା । ନବମ ଶ୍ରେଣୀରେ ପଢୁଥାଆନ୍ତି । ବର୍ଷାଦିନ । ସ୍କୁଲରୁ ଫେରିଲା ବେଳକୁ ଭୟଙ୍କର ବର୍ଷା ହେଉଥାଏ । ସମସ୍ତେ ପୂରା ଭିଜିଗଲେ । ତାପରେ ଦୁଇଜଣ ଯାକ ପଡ଼ିଲେ ଜ୍ୱରରେ । ତିନିଦିନ କାଳ ସୁକାନ୍ତ ଖୁବ୍ କଷ୍ଟ ପାଇଛି । ମାଆ ଆସି ସବୁବେଳେ ପାଖରେ ବସି ଥାଆନ୍ତି । ସାତ ଦିନ ପରେ ଜର ଛାଡ଼ିଲା । ସେଦିନ ପଥି ଖାଇ ମଧୁ ଘରକୁ ଗଲା । ମଧୁ ସେତେବେଳ ଯାଏଁ ଭଲ ହୋଇନାହିଁ । ମନ ଭଲ ଲାଗିଲାନି । ଯାଇ ତା' ପାଖରେ ବସିଲା । ମଧୁ ଖୁବ୍ ଧୀରେ ଧୀରେ କହିଲା "ସୁକୁ, ମୋତେ କୁଆଡ଼େ ଟାଇଫଏଡ଼ ହୋଇଛି । ବାର ଦିନରେ ଯାଇ ଜର ଛାଡ଼ିବ ବୋଲି କଥାବାର୍ତ୍ତା ହେଉଥିବାର ଶୁଣିଲି । ତୁ କେବେ ସ୍କୁଲ ଯିବୁ ?"

"ବୋଧହୁଏ ଆଉ ଦୁଇଦିନ ପରେ ।"

"ମୁଁ ଯାଉ ଯାଉ ଆଉ ଦଶବାର ଦିନ ଲାଗିବ । ମୋ ପାଖକୁ ନିତି ଆସିବୁ ନା ?"

ସବୁଦିନ ସେ ମଧୁ ପାଖରେ ଯାଇ ବସେ । ଚାରି ପାଞ୍ଚ ଦିନ ପରେ ତାର ଅବସ୍ଥା ଆହୁରି ଖରାପ ହୋଇଗଲା । ମଧୁ ବାଉଳି ହୁଏ । ତା'ର ଆଖିରେ ଲୁହ ଭରିଯାଏ । କାନ୍ଦି କାନ୍ଦି ଘରକୁ ଫେରେ ।

ମଧୁ ଆଉ ଭଲ ହେଲାନି । ଦିନେ ସକାଳୁ ଉଠି ଶୁଣିଲା ସେଇ ରାତିରେ ମଧୁ ମରିଗଲା । ମରିବା ପୂର୍ବରୁ ମଧୁକୁ ଦେଖି ପାରିଲା ନାହିଁ ଏହି ଅବଶୋଷ ତା'ର ଜୀବନସାରା ରହି ଆସିଛି ।

ମଧୁ ଚାଲିଗଲା । ତା ସାଥିରେ ନେଇଗଲା ସୁକାନ୍ତର ଅନେକ କିଛି । ସେହି ତରୁଣ ବୟସର ଧକ୍କା ସହିବା ତା' ପକ୍ଷରେ ବଡ଼ କଷ୍ଟକର ହୋଇପଡ଼ିଲା । ଫୁଟ୍‌ବଲ ପଡ଼ିଆ ସେ ଆଉ ମାଡ଼ିପାରେନି । ଜ୍ୟାମିତି କଲାବେଳେ ମନେହୁଏ ସତେ ଯେପରି ମଧୁ ପାଖରେ ବସି ପ୍ରଶ୍ନ ପଚାରି ଚାଲିଛି । କିନ୍ତୁ ବୁଲି ଚାହିଁଲା ବେଳକୁ ସବୁ ଫାଙ୍କା ସବୁ ଖାଲି ।

Digitized by PPRACHIN, SOA

ଦିନ ମାଡ଼ି ଚାଲେ ଆଗକୁ । ମଧୁର ଅଭାବଟା ସମୟ ସୁଧାରି ନିଏ ଅନେକଟା । କିନ୍ତୁ ଅନ୍ତରର ଗଭୀରତମ ପ୍ରଦେଶରେ ରହିଯାଏ ସେହି ସ୍ମୃତି ଟିକିକ, ଅତି କରୁଣ । ସେହି ହସ ହସ ମୁହଁଟା, ଯାହା ସାଥିରେ ସେ ହେତୁ ହେଲା ଦିନଠାରୁ ଏକାଠି ବଢ଼ି ଆସିଛି । ଏତେ ଦିନ ପରେ ଆଜିକାଲି ମଧ ଏକୁଟିଆ ବସିଲା ବେଳେ ମଧୁର ମୁହଁଟା ଉଙ୍କିମାରେ କେଉଁ ନିଭୃତ କୋଣରୁ ।

ସେହିଦିନଠାରୁ ଜୀବନଟା' କିଭଳି ଏକୁଟିଆ ହୋଇଗଲା । ଏତେ ବନ୍ଧୁଙ୍କ ଭିତରେ ମଧୁ ଆଉ ନ ଥିଲା । ଦିନ ଦିନ ଧରି ବସିରହେ ଏକାକୀ । ନିଜ ଘର ଭିତରେ, ବାପା ଓ ମାଆଙ୍କର ସ୍ନେହ ଆଦର ମଧରେ ଥାଇ ମଧ ସେ ଟିକିଏ ଅଲଗା ହୋଇଗଲା । କାହା ସାଙ୍ଗରେ ବିଶେଷ ମିଶେ ନାହିଁ । ସବୁବେଳେ ବହି ଖଣ୍ଡେ ଧରି ପଢୁଥିବ । ତରୁଣ ବୟସରେ ଅନେକ ବହି ପଢ଼ି ପାରିଥିଲା ସେ । ଅନେକ ତାକୁ ଥଟ୍ଟା କରନ୍ତି ଏକୁଟିଆ ବାହାରା ବୋଲି । ସେ କିନ୍ତୁ ସେଥିପାଇଁ ଭ୍ରୁକ୍ଷେପ କରେନି । ଗଢ଼ି ଚାଲେ ନିଜ ଚାରିଆଡ଼େ ଏକ ବିରାଟ ପ୍ରାଚୀର । ସବୁ ଯେପରି ସେହି ଅଭେଦ୍ୟ ପ୍ରାଚୀର ମଧରେ ରଖି ନେଇଛି, କିଛି ବାହାରକୁ ଦେବାକୁ ପ୍ରସ୍ତୁତ ନୁହେଁ ।

x x x x x x x x

ମାଟ୍ରିକ୍ ପରୀକ୍ଷା ଜୀବନର ଏକ ବିଶେଷ ଅର୍ଦ୍ଧଚ୍ଛେଦ । ଯେଉଁ ଦିନ ଶେଷ ପରୀକ୍ଷା ଦେଇ ଘରକୁ ଫେରିଲା ସେଦିନ ତା'ର ମନେହେଲା ସେହି ପ୍ରିୟ ସ୍କୁଲକୁ ଆଉ ଯିବ ନାହିଁ । ଆଗାମୀ ଚାରିମାସର ଶୂନ୍ୟତା ତା'ର ମନକୁ ଆଉରି ଭାରି କରିଦେଲା । ସେଥିପାଇଁ ସେ ବାପାଙ୍କ କାମରେ ସାହାଯ୍ୟ କରିବାକୁ ଲାଗିଲା । ସକାଳୁ ଉଠି ଚାଲିଯାଏ ମୂଲିଆ ଡ଼ାକି । ଆସି ଗାଧୋଇ, ଖାଇପିଇ ଲାଗିପଡ଼େ ଘରର ବିଭିନ୍ନ କାମରେ, ଆଜି କାଠ କଟା ତ କାଲି ନଡ଼ିଆ ତୋଳା କିମ୍ବା ଅନ୍ୟ କେଉଁ କାମରେ । ସବୁଠାରେ ସୁକାନ୍ତ । ମାଆ ବ୍ୟସ୍ତ ହୁଅନ୍ତି । ପିଲା ବକଟେ, ଦିନରାତି ପଢ଼ି ପଢ଼ି ପରୀକ୍ଷା ଦେଲା । ଟିକିଏ ବିଶ୍ରାମ ନେଉନି । ବାପା ମଧ କହନ୍ତି ଏଇ ମାସ ଚାରିଟା ଜୀବନର ଶେଷ ବିଶ୍ରାମ । ତା' ପରେ କଲେଜ, ଆଉ କେତେ କେତେ ଦାୟୀତ୍ୱ । ଯେତିକି ଆରାମ କରିବା କଥା କରି ଯା' । ଘର କାମ କଣ ତାକୁ ବଳେଇ ଯାଉଛି । କିନ୍ତୁ ସେ ବୁଝିପାରେନି ବିଶ୍ରାମ କ'ଣ । କିଛି ନ କରି ବସି ରହିବା ତା ପକ୍ଷରେ ଦୂରୁହ ହୋଇପଡ଼େ । ସେ ଲାଗିଯାଏ ଦିନଠାରୁ ରାତି ଯାଏ ।

ବାଉରିମାନେ ଭାରି ଖୁସି । ସାନସାଆନ୍ତଙ୍କ ପାଖରେ ସେମାନେ ଖୁସିରେ କାମ କରନ୍ତି । ସାନସାଆନ୍ତ ତାଙ୍କ ଉପରେ ପାଟି ତୁଣ୍ଡ କରନ୍ତି ନାହିଁ । ବେଳେବେଳେ ଆସି କାମରେ ମିଶନ୍ତି । କିନ୍ତୁ ବେଶୀ କାମକୁ ପାରନ୍ତି ନାହିଁ । ତେଣୁ ହାତ ଦେଲା ବେଳକୁ ସେମାନେ ତାଙ୍କ ହାତରୁ କାମ ଛଡ଼ାଇ ନିଅନ୍ତି । ବୁଢ଼ା ପରିଆ ବାଉରି ମୁରବି ପଣିଆ ଦେଖାଇ ବାପାଙ୍କୁ କହେ "ସାଆନ୍ତ, ସାନ ସାଆନ୍ତଙ୍କୁ କୁହ ଟିକିଏ ଛୁଆଁ ଅଛୁଆଁ ମାନିବେ ! ବ୍ରାହ୍ମଣ ପିଲା, ଏମିତି କଣ ସବୁରି ସାଥିରେ ମିଶନ୍ତି ? ଆମର ପାପ ହେବ ?" ବାପା କିନ୍ତୁ କିଛି କହନ୍ତି ନାହିଁ । ସୁକାନ୍ତ ମଧ ଏ କଥା କାନକୁ ନିଏନି ।

ବାଉରି ପଡ଼ା ପ୍ରତି ତାର ମନରେ ଭାରି ଦୁଃଖ । ଘର ଗୁଡ଼ାକ ଅତି ଛୋଟ, ଅନ୍ଧାରୁଆ ଓ ଅସ୍ୱାସ୍ଥ୍ୟକର । ବାପାଙ୍କୁ କହି ବଗିଚାରୁ କିଛି ବାଉଁଶ

Digitized by PPRACHIN, SOA

କଟାଇ ସମସ୍ତଙ୍କୁ ଭଲ ଘର କରିବାକୁ ଦେଲା । ନିଜେ ଠିଆ ହୋଇ ଘର କରାଇଲା । ବି ବି ବଖରା ଘର ପ୍ରତ୍ୟେକ ପରିବାର ପିଛା । ସବୁରି ଗୁହାଳ ଘର ଅଲଗା । କି ଆନନ୍ଦ ବାଉରିମାନଙ୍କର । ପାଖ ୧୫/୨୦ ଖଣ୍ଡି ଗାଁଆରେ ସେଇ କଥା । କିନ୍ତୁ କିଛି ଲୋକ ତା କଥାକୁ ପସନ୍ଦ କଲେ ନାହିଁ । ଦିନେ ତାଙ୍କ ଗାଁଆରେ ମହାଜନ ମେଳା (ସଭା) ବସିଥିଲା । ବୁଢ଼ା ବୁଢ଼ାମାନେ ବସି ଥାଆନ୍ତି । ସେ ଧାନ ଅମଳ କରାଉଥାଏ । ଖଣ୍ଡେ ଧୋତି ପିନ୍ଧିଥାଏ ଓ କାନ୍ଧରେ ଖଣ୍ଡେ ତଉଲିଆ । ହଠାତ୍ ତାକୁ ଡ଼ାକରା ଆସିଲା । ସଭାରେ ଗାଁଆର ବୟୋବୃଦ୍ଧ ତାରିଣୀ ଆପଣେ ତାକୁ ଡ଼ାକି ପାଖରେ ବସାଇଲେ । କହିଲେ "ବାପା ସୁକୁ, ତତେ ଆମେ କେତେ ଭଲ ପାଉ ଜାଣିଛୁ ? ଶେଷକୁ ଆମକୁ ଏତେ ହଇରାଣ କଲୁ ?" ସୁକାନ୍ତ କିଛି ବୁଝିପାରିଲା ନାହିଁ । ଢଳ ଢଳ କରି ତାଙ୍କ ମୁହଁକୁ ଚାହିଁ ରହିଲା । ଆପଣେ ଗଳା ଖଙ୍କାରି ପୁଣି କହିଲେ, "ହଇରେ, ଏ ଅଛବ ଜାତିଟା ପାଇଁ ତୋର ଏତେ ଶ୍ରଦ୍ଧା କାହିଁକି ? ହିନ୍ଦୁ ଧର୍ମରେ ଚାରି ଜାତି । ଏମାନେ ହେଲେ ଶୁଦ୍ର । ତାଙ୍କ କାମ ହେଲା ଆମମାନଙ୍କର ସେବା କରିବା । ତୁ ସେମାନଙ୍କ ସେବାରେ କାହିଁକି ଲାଗିଛୁ ବାପା ? ସୁନା ପିଲାଟା ପରା, ଆଉ ତୁ ତାଙ୍କ ସାଙ୍ଗରେ ମିଶିବୁ ନାହିଁ । ସେ ଗୁଡ଼ାକୁ ଯେତିକି ଦୂରରେ ରଖିବୁ ତୋର ସେତିକି ମଙ୍ଗଳ ।" ଚୁପ୍‌ଚାପ୍ ଫେରିଆସିଲା ସେଠାରୁ । ଆସିଲା ବେଳେ ଗୋପାଳ ତିଆଡ଼ିଙ୍କ କଥା କାନରେ ପଡ଼ିଲା । "ଆପଣେ, ସୁକୁ ପିଲାଲୋକ ବୋଲି ତାକୁ ଧମକାଇ ଦେଲ କିନ୍ତୁ ଏ ଛୁଆଁ ଅଛୁଆଁ ବେଶୀଦିନ ରହିବ ନାହିଁ । ମହାତ୍ମାଗାନ୍ଧୀ ପରା କହିଛନ୍ତି "ଈଶ୍ୱର, ଆଲ୍ଲା ତେରେ ନାମ, ସବ୍‌କୋ ସନ୍‌ମତି ଦେ ଭଗବାନ । ମୋ ପୁଅ ହୋଇଥିଲେ ଭଲ କରି ପଦେ ବିପଦ ବତେଇ ଦେଇଥା'ନ୍ତା । ଦନେଇ (ଓରଫ୍ ଜନାର୍ଦ୍ଦନ, ସୁକାନ୍ତର ବାପା) ସୁକୁକୁ ସେତିକି ଜବତ୍‌ରେ ରଖିଛି ବୋଲି ପଦେ କଥା କହିଲାନି । କିନ୍ତୁ ଆଉ ବେଶୀ ଦିନ ନୁହେଁରେ ଦନେଇ । ଆମ ଦିନୁକୁ ତା ମାଆ ଥରେ ଏ କଥା କହିଲା ବୋଲି ସେ ଘରେ କଳି ଆରମ୍ଭ କରି ଦେଲା । ମୁଁ ବି ଏବେ ବୁଝିଲିଣି । ଛୁଆଁଛୁତି ଖାଲି ଆମରି ଗଢ଼ା । ଭାଗବତ କହିଛି ପରା ସକଳ ଘଟେ ନାରାୟଣ ।"

ଦିନୁ ଓରଫ୍ ଦୀନବନ୍ଧୁ ଗୋପାଳ ତିଆଡ଼ିଙ୍କ ପୁଅ । କଲେଜ ଯିବା ଦିନଠାରୁ ପେଣ୍ଟ ଜାମା ବ୍ୟତୀତ ଧୋତି ପାଖ ମାଡ଼େ ନାହିଁ । ଭାରି ଭଲ ପଢ଼େ । ବି.ଏ.ରେ ଇକନମିକ୍ସ ଅନର୍ସ ନେଇଛି । ଖୁବ୍ ସୁନ୍ଦର ଇଂରାଜି ଲେଖିପାରେ । ଗୋପାଳ ତିଆଡ଼ିଙ୍କର ଭାରି ଗର୍ବ ତାକୁ ନେଇ । କେତେ ବାହାଘର ପକେଇଲେଣି କିନ୍ତୁ ଦିନୁ ତାଙ୍କୁ କହେ ଆଜିଠାରୁ କି ବାହାଘର ? ନିଜେ ଚାକିରି ନ କଲେ ସେ ବାହା ହେବ ନାହିଁ । ତିଆଡ଼ିଙ୍କର ଚିନ୍ତା ନାହିଁ । ଗୋଟିଏ ଝିଅ, ତାକୁ ଥିଲାବାଲା ଘରେ ବାହା କରେଇ ଦେଇଛନ୍ତି । ଆଉ ଦିନୁ ହେଲା ଗୋଟିଏ ମାତ୍ର ପୁଅ, ଯେତେଦିନ ବୁଲୁଚି ବୁଲୁଥାଉ । ଦିନୁ ଗାଁଆର ପିଲାମାନଙ୍କର ଆଦର୍ଶ । ଡ୍ରାମା କରିବା, ଜନ୍ତାଳ (ଭୋଜି) କରିବା, ଏ ସବୁ କାମରେ ସେ ନେତା । ପଲ୍ଲୀମଙ୍ଗଳ ସମିତି ତା' ଯୋଗୁଁ ଗଢ଼ାଯାଇଛି । ଯେତେ ଅସନା ଜଙ୍ଗଲ ପଡ଼ିଆ, ଦଳଗଡ଼ିଆ ତା ନେତୃତ୍ୱରେ ସଫା କରାଯାଇଛି । କିନ୍ତୁ ତାରିଣୀ ଆପଣେ ଦିନୁକୁ ବିଲ୍‌କୁଲ୍ ସହିପାରନ୍ତି ନାହିଁ । କହନ୍ତି ତୁଚ୍ଛା ବାଳୁଙ୍ଗାଟିଏ । ସାମନା ସାମନି କିଛି କହନ୍ତି ନାହିଁ । ଥରେ

Digitized by PPRACHIN, SOA

କହିଥିଲେ ଯେ ଦିନୁ ତାଙ୍କୁ ମୁହେଁ ମୁହେଁ ବତାଇ ଦେଇଥିଲା । ତେବେ ବି ତାରିଣୀ ଆପଣେ ଗାଁଆର ବୟୋବୃଦ୍ଧ । ସବୁରି ଭକ୍ତି ଭାଜ୍ୟ । ସମସ୍ତେ ତାଙ୍କ କଥା ଶୁଣନ୍ତି ।

ସଭାରୁ ଫେରି ସୁକାନ୍ତ ପୁଣି ଧାନ ଅମଳ ପାଖକୁ ଗଲା । କିନ୍ତୁ ତା'ର ମନଟା ବିଲ୍‌କୁଲ୍ ଭଲ ନ ଥିଲା । କ'ଣ ଏ ସମାଜ, କି ଲୋକ ଏମାନେ ସବୁ, ଯେଉଁମାନେ ଏମାନଙ୍କ ପାଇଁ ସକାଳରୁ ସଞ୍ଜ ଯାଏ ଖଟି ଖଟି ମରୁଥିବେ ସେମାନେ ହେଲେ ଅଛୁଆଁ । ଆଉ ସେ ସେଠାରେ ରହିଲା ନାହିଁ । ଚୁପ୍‌ଚାପ୍ ଘରେ ଯାଇ "My experiments with truth" ଟିକୁ ଖୋଲି ପଢ଼ିବସିଲା । ମାଆ ଆସି ପଚାରିଲେ କ'ଣ ହୋଇଛି ବୋଲି । ସେ କିଛି ନ କହି ପଢ଼ି ଲାଗିଲା । ସେଦିନ ସନ୍ଧ୍ୟାବେଳେ ବାପା ଆସି କହିଲେ ଚାଲ କିଛି ଦିନ ବାହାରେ ଯାଇ ବୁଲି ଆସିବା । ମନର ପରିବର୍ତ୍ତନ ହୋଇଯିବ ।

ସେମାନେ ସବୁ ବାହାରିଲେ ହୀରାକୁଦ ବୁଲି । ଟ୍ରେନ୍‌ରେ କଟକ ଗଲେ । ସେଠାରେ ଶ୍ୟାମ ମଉସାଙ୍କ ଘର । ଶ୍ୟାମ ମଉସା ବଡ଼ ଓକିଲ । ତାଙ୍କର ବିରାଟ ଦୋତାଲା ଘର । ବାପାଙ୍କର ସେ ଘନିଷ୍ଠ ବନ୍ଧୁ । ଘରେ ବେଶ୍ କୁଟୁମ୍ବ । ସାନଭାଇ ମନୁ ମଉସା (ମନୋରଞ୍ଜନ) ମଧ୍ୟ ସେଠାରେ ରହି ଓକିଲାତି କରନ୍ତି । ବଡ଼ ଝିଅ ମାଧୁରୀ କଲେଜରେ ପଢ଼େ । ତା ପର ଝିଅ ଶାନ୍ତା ସ୍କୁଲରେ ଦଶମ ଶ୍ରେଣୀରେ । ଆଉ ଦୁଇଟି ପୁଅ ବଡ଼ ପୁଅ ସତୀଶ ଷଷ୍ଠ ଶ୍ରେଣୀରେ ପଢ଼େ । ସବାସାନପୁଅ ଚାରିବର୍ଷ, ନାଁ ତାର ସଂଜୟ, ତାକୁ ସମସ୍ତେ ଚଡୁ ବୋଲି ଡ଼ାକନ୍ତି । ଶ୍ୟାମମଉସା ଷ୍ଟେସନକୁ ମୋଟରଗାଡ଼ି ପଠାଇଥିଲେ । ଘରେ ଭାରି ଖୁସି ବାସି । ଶାନ୍ତା ସାଙ୍ଗରେ ଭାରି ତା'ର ଦୋସ୍ତି । ମାଧୁରୀକୁ ସେ ନାନୀ ବୋଲି ଡ଼ାକେ । ନାନୀର ଇଚ୍ଛା ସେ ଆସି କଟକରେ ରେଭେନ୍ସା କଲେଜରେ ପାଠ ପଢୁ । ଜୋବ୍ରା, କାଠଯୋଡ଼ୀ କୂଳ, ବାରବାଟୀ, କଟକ ଚଣ୍ଡି ରେଭେନ୍ସା କଲେଜ ସବୁ ବୁଲା ଚାଲିଲା । ସେ ମନେ ମନେ ଆଶା ପୋଷିଲା ଯେ ଏଇଠାରେ ପାଠ ପଢ଼ିବାକୁ ।

ଶ୍ୟାମ ମଉସା ଓ ବାପା ସହପାଠୀ ଥିଲେ ରେଭେନ୍ସା କଲେଜରେ । ବାପା ବି.ଏ. ପାଶ୍ କରି ନିଜ ଘର, ଜମିବାଡ଼ି କଥା ବୁଝିଲେ । କିନ୍ତୁ ଶ୍ୟାମ ମଉସା ଓକିଲାତି ପାଶ୍ କରି ଓକିଲ ହେଲେ । ଦୁହେଁ ବସି ଘଣ୍ଟା ଘଣ୍ଟା ଧରି ଗପ କରୁଥାଆନ୍ତି । ଆଉ ଏମାନେ ବୁଲାବୁଲି କରୁଥାଆନ୍ତି । ଖୁବ୍ ମଜାରେ ଦିନ କେତୋଟି କଟିଗଲା । ସେଠାରୁ ଟ୍ରେନ୍‌ରେ ଯିବାକୁ ହେବ ମେରାମଣ୍ଡଳୀ ଓ ମେରାମଣ୍ଡଳୀରୁ ବସ୍‌ରେ ସମ୍ବଲପୁର ।

ସୁକାନ୍ତକୁ ଟ୍ରେନ୍ ଯାତ୍ରାଟା ଭାରି ଭଲ ଲାଗିଲା । ଫାଷ୍ଟକ୍ଲାସ୍ ଗଦିରେ ଆରାମରେ ବସି ପରି ରାଇଜରେ ଯିବାଭଳି ଲାଗୁଥାଏ । କିନ୍ତୁ ମେରାମଣ୍ଡଳୀରୁ ସମ୍ବଲପୁର । କି ଯେ କଷ୍ଟ । ଯାହା ହେଉ ଆସି ସେଠାରେ ପହଞ୍ଚିଲେ । ମଉସାଙ୍କର ଅଳ୍ପ ଦିନ ହେଲା ପୋଷ୍ଟିଙ୍ଗ୍ ହୋଇଥାଏ ସେଠାରେ । ତାଙ୍କର ଗୋଟିଏ ଝିଅ ସୁମୀ । ସପ୍ତମ ଶ୍ରେଣୀରେ ପଢୁଛି । ଭାଇ ବୋଲି ତାର ପ୍ରାଣ ସୁକାନ୍ତ । ଅନେକ ଛୁଟୀ ସମୟରେ ସୁକାନ୍ତ ମାଉସୀ ପାଖରେ କଟାଏ କିମ୍ବା ସୁମୀ ଆସେ ଏମାନଙ୍କ ପାଖକୁ ।

Digitized by PPRACHIN, SOA

ମଉସା ଗୋଟିଏ ଜିପ୍ ଠିକ୍ କଲେ । ସମସ୍ତେ ମିଶି ଗଲେ ହୀରାକୁଦ । ଜିପ୍‌ରେ ଚଢ଼ିବା ସୁକାନ୍ତର ନୂତନ ଅଭିଜ୍ଞତା । ମହାଯୁଦ୍ଧ ସମୟରେ ଏଇ ଜିପ୍ ଗୁଡ଼ାକରେ ଗୋରା ସୈନ୍ୟସବୁ ଯିବା ଆସିବା କରିବା ସେ ଦେଖିଥିଲା ମାତ୍ର । ଆଉ ହୀରାକୁଦ – ସେ ଏକ ବିରାଟ ଆୟୋଜନ । ହଜାର ହଜାର ଲୋକ କାମ କରୁଛନ୍ତି । ବିରାଟକାୟ ବୁଲଡ଼ୋଜର, ଡମ୍ପର ସବୁ କାମ କରୁଛନ୍ତି । ସେ କଳ୍ପନା କରିପାରିଲା ନାହିଁ କିପରି ଏତେ ଲୋକ ନିୟମ ଅନୁସାରେ କାମ କରି ଯାଉଛନ୍ତି । ଗାଁଆରେ ଚାରି ପାଞ୍ଚଟା ବାଉରୀଙ୍କୁ ଧରି କାମ କରିବା ଏତେ କଷ୍ଟ । ଏଠାରେ ଏତେ କାମ ସୁରୁଖୁରୁରେ ହୋଇଯାଉଛି ।

ମଉସାଙ୍କର ଜଣେ ସାଙ୍ଗ ଇଞ୍ଜିନିୟର ଥାଆନ୍ତି । ତାକୁ ନକ୍ସା କାଟି ବୁଝାଇ ଦେଲେ ଏତେ ବଡ଼ ନଈରେ ବନ୍ଧ ବାନ୍ଧିବାକୁ ହେଲେ କଣ କଣ କରିବାକୁ ହୁଏ । କାମକୁ କିପରି ବିଭିନ୍ନ ଭାଗରେ ବାଣ୍ଟି ଦିଆଯାଏ । ତା' ପରେ କଣ୍ଟ୍ରାକ୍ଟ କିପରି ଦିଆଯାଏ । କଣ୍ଟ୍ରାକ୍ଟରର କାମ କ'ଣ, ଇଞ୍ଜିନିୟର ମାନଙ୍କର କାମ କଣ । ବୁଲ୍‌ଡ଼ୋଜର କ'ଣ କରେ, ଏକ୍ସାଭେଟର କ'ଣ କରେ ଓ ଡ଼ମ୍ପର କ'ଣ କରେ । ଏ ସବୁ ଶୁଣି ତାର ଇଚ୍ଛା ହେଲା ଇଞ୍ଜିନିୟରିଙ୍ଗ୍ ପଢ଼ିବାକୁ । ହୀରାକୁଦରୁ ଫେରିଲା ବେଳେ ଖାଲି ସେଇକଥା ତା' ପାଟିରୁ ବାହାରୁ ଥାଏ । ସମ୍ବଲପୁରରେ ରହିବା ଭିତରେ ମଉସାଙ୍କୁ କହି ପଡ଼ିଶା ଘର ଲୋକଙ୍କ ସାଙ୍ଗରେ ଆଉରି ଦୁଇଥର ହୀରାକୁଦ ବୁଲି ଆସିଛି ।

ସମ୍ବଲପୁରରେ ଥିଲାବେଳେ ମାଟ୍ରିକ୍ ପରୀକ୍ଷାଫଳ ବାହାରିଥିଲା । ସେଦିନର ଆନନ୍ଦ ଆଉ କେବେ ଜୀବନରେ ଫେରି ଆସିବ ନାହିଁ । ମଉସା ସକାଳୁ ଖବର କାଗଜ ଧରି ଦାଣ୍ଡଆଡୁ ପାଟି କରି ଆସିଲେ "ଏ ସୁକୁ, କୁଆଡ଼େ ଗଲୁ, ଦେଖିଲୁଣି, ତୋର ଫଳ ବାହାରିଛି । ଜନାର୍ଦ୍ଦନ ଭାଇ, ଦେଖନା, ସୁକୁ ୟୁନିଭରସିଟିରେ ସେକେଣ୍ଡ ହୋଇଛି । ନାନୀ, କୁଆଡ଼େ ଗଲ ?" ସମସ୍ତେ ଦୌଡ଼ି ଦୌଡ଼ି ଦାଣ୍ଡ ଘରକୁ ଆସିଲେ । ସୁକାନ୍ତର ମୁହଁରେ ବିଜୟର ହସ । ସୁମୀଟା ଆସି କହୁଥାଏ, "ଭାଇ ! ମୋ ମିଠାଇ କାହିଁ ?" ମାଉସୀ ପାଟି କଲେ ତା ଉପରେ "ଆଲୋ ଗଧୀ, ତୋ ହାତରେ ତ ପାଠ ହବନି । ଭାଇ ଘରେ ରହି ଭାତ ରାନ୍ଧିବୁ ।" ଏତକ କଥା ଅନ୍ୟ ଦିନ ଶୁଣିଥିଲେ ସୁମୀ ନିର୍ଦ୍ଧୂମ ରଷି ଥାଆନ୍ତା । ସେଦିନ କିନ୍ତୁ ସେ ଜବାବ୍ ଦେଲା, "ମୋ ଭାଇ ଘରେ ମୁଁ ଯଦି ଭାତ ରାନ୍ଧିବି ତମ ଦେହ କାହିଁ ସହୁ ନାହିଁ ?"

କିଛିଦିନ ସେଠାରେ ରହି ଘରକୁ ଫେରିଲେ ଆଉ କଟକରେ ଓହ୍ଲାଇ ନାହାନ୍ତି । ଏତେ ଦିନ ହେଲା ଘରୁ ଆସିଲେଣି । ସେଠାର ଅବସ୍ଥା କ'ଣ ହେବଣି କେଜାଣି ?

(ଦୁଇ)

କଲେଜ ଜୀବନ । ଏଇ ସମୟଟା ଜୀବନର ସବୁଠାରୁ ବେଶୀ ସ୍ୱପ୍ନ ଭରା । ନୂତନ ବାତାବରଣ, ନୂତନ ଆବହାଓ୍ୟାରେ କାଲିର ସ୍କୁଲ ପିଲା ଏଠାରେ ହୁଏ କଲେଜ ଛାତ୍ର । ସେ ଆଉ ପିଲା ନୁହେଁ । ତା ପାଇଁ ଆଉ ଶାସନ ନାହିଁ । ସେ ସ୍ୱାଧୀନ, ସେ ମୁକ୍ତ । ନିଜର ଦାୟିତ୍ୱ ସେ ନିଜେ ନେବ । ତାକୁ କେହି କହିବେ ନାହିଁ ଆଜି କାହିଁ ଅଙ୍କ ହୋଇନାହିଁ, କିମ୍ବା

Digitized by PPRACHIN, SOA

ସାହିତ୍ୟରେ ଭାବାର୍ଥ ଲେଖା ହୋଇନି । ଯେବେ ଖୁସି ପଢ଼ିବ, ଯେବେ ଖୁସି ଖେଳିବ, ଗପିବ, ରାଜନୀତି କରିବ କିମ୍ବା ଗାନ୍ଧୀବାଦ ଉପରେ ଯୁକ୍ତି କରିବ ।

ଏଠାରେ ଛାତ୍ର ଉପଲବ୍ଧି କରେ ତାର ମଧ୍ୟ ସବୁଥିରେ କିଛି କହିବାର ଅଛି । ଭାଷାଗତ ପ୍ରଦେଶଠାରୁ ଆରମ୍ଭ କରି ଜଟିଳ ଆନ୍ତର୍ଜାତିକ ଘଟଣାବଳୀକୁ ସେ ଅନୁସନ୍ଧିତ୍ସୁ ଆଖିରେ ଅନୁଶୀଳନ କରିବାକୁ ଚେଷ୍ଟା କରେ । ଏଇଟା ହେଉଛି ଜୀବନପଥର ସବୁଠାରୁ ବେଶୀ ସଙ୍କଟମୟ । ଯେ ଭଲ ବାଟ ଖୋଜିନିଏ ସେ ଉପରକୁ ଉଠିଯାଏ । କିନ୍ତୁ ଯେ ମନଭୁଲା କଥାରେ ଭାସିଯାଏ, ବଡ଼ ବଡ଼ ବକ୍ତୃତାରେ ଅନୁପ୍ରାଣିତ ହୋଇପଡ଼େ, କୌଣସି ଘଟଣାକୁ ସମ୍ୟକ ଅନୁଶୀଳନ ନ କରେ, ସେ ହୋଇପଡ଼େ ଏକ ମେରୁଦଣ୍ଡ ବିହିନ ପ୍ରାଣୀ ପରି ।

ଏଇ ଜୀବନରେ ଦେଖାଦିଏ ବିଭିନ୍ନ ନୀତିବାଦ । ଯେଉଁ ପିଲା ସ୍କୁଲରେ ପଢ଼ିଲା ବେଳେ କାର୍ଲମାର୍କ୍ସ କିଏ ଜାଣି ନ ଥିଲା ସେ ହୁଏତ କମ୍ୟୁନିଜ୍‌ମ ଉପରେ ସାରଗର୍ଭକ ବକ୍ତୃତା ଦେଉଛି । ଆଉ କିଏ ହୁଏତ ତାକୁ ବିଶ୍ଳେଷଣ କରି ତା'ର ବିରୁଦ୍ଧରେ ଯୁକ୍ତି ତର୍କ କରୁଛି । ଏଠାରେ ପୁଣି ଦେଖାଦିଏ ଦଳଗତ ରାଜନୀତି । କଂଗ୍ରେସ, ସମାଜବାଦୀ, କମ୍ୟୁନିଷ୍ଟ ତଥା ସ୍ୱତନ୍ତ୍ର ଦଳର ଯେପରି ପେଷାଦାର ରାଜନୀତିଜ୍ଞ ଏମାନଙ୍କ ମଧ୍ୟରେ ।

ଏହି ସମୟରୁ ମଧ୍ୟ ଆରମ୍ଭ ହୁଏ ମଣିଷର ଲୁପ୍ତ ପ୍ରତିଭାର ବିକାଶ । କବିତା, ଗଳ୍ପ, ପ୍ରବନ୍ଧ ସବୁ ଏଇ ଜୀବନରୁ ବେଶୀ ଆସେ ପତ୍ର ପତ୍ରିକାକୁ ।

କଲେଜ ଜୀବନରେ ହିଁ ମଣିଷ ଠିକ୍ କରିନିଏ ନିଜର ପନ୍ଥା, ଭବିଷ୍ୟତରେ ଭରଣ ପୋଷଣର ଉପାୟ । ଅନେକ ସ୍ୱପ୍ନ ଦେଖନ୍ତି ଆଇ.ଏ.ଏସ୍ ହୋଇ ହାକିମ ହେବେ । ଶାସନର ଦଣ୍ଡ ହାତରେ ଧରିବେ । କିଏ ଡ଼ାକ୍ତର ହେବ । କିଏ ବା ଇଞ୍ଜିନିୟର ହେବ, କିଏ ରିସର୍ଚ୍ଚ କରିବ । କିଏ ବା ରାଜନୀତି କିମ୍ବା ଓକିଲାତି କରିବ ।

ସୁକାନ୍ତର କଲେଜ ଜୀବଟା କିନ୍ତୁ ବଡ଼ ଅପ୍ରିୟ ପରିସ୍ଥିତିରେ ଆରମ୍ଭ ହେଲା । ଶ୍ୟାମ ମଉସା କହିଥିଲେ ସୁକାନ୍ତ ତାଙ୍କ ଘରେ ରହି ପଢ଼ିବ । ତାର କିନ୍ତୁ ସ୍ୱାଧୀନ ହେବାକୁ ଇଚ୍ଛା ହେଲା । ତେଣୁ ସେ ବାପାଙ୍କୁ କହିଲା ଛାତ୍ରାବାସରେ ରହି ପଢ଼ିବ ବୋଲି । ବାପା ଶ୍ୟାମ ମଉସାଙ୍କୁ ରାଜି କରାଇଲେ । କିନ୍ତୁ ଗୋଟିଏ ସର୍ତ୍ତରେ । ଶନିବାର ଦିନ କଲେଜ ଛୁଟି ହେଲେ ସେ ତାଙ୍କ ଘରକୁ ଆସିବ ଆଉ ସୋମବାର ଦିନ ସକାଳୁ ମାଧୁରୀ ସାଙ୍ଗରେ କଲେଜ ଯିବ । ତା'ର କିଛି ଆପତ୍ତି ନ ଥିଲା ।

କିନ୍ତୁ ଆରମ୍ଭରୁ ହେଲା କଲେଜ ଷ୍ଟ୍ରାଇକ୍ । ଶ୍ୟାମ ମଉସା ତାକୁ ମନା କଲେ ଏଥିରେ ମିଶିବାକୁ । ତାଙ୍କର ବକ୍ତବ୍ୟ ହେଲା ଯେ ଏସବୁ ଷ୍ଟ୍ରାଇକ୍ ବିଭିନ୍ନ ରାଜନୈତିକ ଦଳର କାରସାଦୀ । ଛାତ୍ରମାନଙ୍କୁ ହାତରେ ରଖି ତାଙ୍କରି ଜରିଆରେ ସରକାରଙ୍କୁ ଅପଦସ୍ତ କରିବା ହିଁ ସେମାନଙ୍କର ଇଚ୍ଛା । ଛାତ୍ରମାନେ ନିରୀହ । ଏସବୁ ବୁଝିପାରନ୍ତି ନାହିଁ । ବଡ଼ ବଡ଼ ବକ୍ତୃତା ଦ୍ୱାରା ଭାସି ଯାଆନ୍ତି । ଷ୍ଟ୍ରାଇକ୍ କରି ସହରର ସାଧାରଣ ଜୀବନକୁ ଅଚଳ କରିବାକୁ ଚେଷ୍ଟା କରନ୍ତି । ସରକାର ହସ୍ତକ୍ଷେପ କଲେ ବିଶୃଙ୍ଖଳ ହୁଅନ୍ତି । ସମାଜର ବଦ୍‌ମାସ୍ ଲୋକ

Digitized by PPRACHIN, SOA

ଏଇ ସୁଯୋଗ ନେଇ ଲୁଟ୍‌ତରାଜ କରନ୍ତି । ପୁଲିସ ଲାଠି ଚଳାଏ, ଲୁହ ବୁହା ଗ୍ୟାସ୍ ଚଳାଏ, ଗୁଳି ଚଳାଏ । ସହର ସ୍ୱାଭାବିକ୍ ଅବସ୍ଥା ହରାଇ ବସେ । ସରକାରଙ୍କର ବଦ୍‌ନାମ ହୁଏ । ଏଇଟା ହେଲା ଏକ ପୁରୁଣା ପନ୍ଥା ।

ସୁକାନ୍ତ ଦିନେ ଗୋଟିଏ ସଭାରେ ଜଣେ ଛାତ୍ର ନେତାଙ୍କର ବକ୍ତୃତା ଶୁଣିଲା । ଭାବିଲା ଏମାନଙ୍କର ବକ୍ତବ୍ୟ କେତେ ଯୁକ୍ତିଯୁକ୍ତ । ଶ୍ୟାମ ମଉସାଙ୍କ ଘରକୁ ଆସିଲା, ଦେଖିଲା ମଉସା କଚେରୀ ଯାଇନାହାନ୍ତି । ତାଙ୍କୁ ଏ ସବୁ କଥା ପଚାରିଲା । ସେ କହିଲେ "ଆଜି ରାତିରେ କଥାବାର୍ତ୍ତା ହେବା । ଯେତେଦିନ ଯାଏ ଷ୍ଟ୍ରାଇକ୍ ନ ଭାଙ୍ଗିଛି ତୁ ଆଉ ହଷ୍ଟେଲ ଯାଆ ନା । ଏଇଠାରେ ରହିଯାଆ ।"

ସେଠାରେ ତାକୁ ରହିବାକୁ ହେଲା କେତେ ଗୁଡ଼ାଏ ଦିନ । ଏହା ଭିତରେ ଷ୍ଟ୍ରାଇକ୍ ଭୟଙ୍କର ରୂପ ଧରିଛି । ଛାତ୍ର ନେତା ଗଜେନ୍ଦ୍ରବାବୁ, ଦୟାନିଧି ବାବୁ ଓ ସୌମେନ୍ଦ୍ର ବାବୁଙ୍କ ଉତ୍ତେଜିତ ବକ୍ତୃତାମାନ ଶୁଣି ପିଲାମାନେ ମାତି ଉଠିଛନ୍ତି । ସରକାରୀ ଅଫିସ୍, ବିଧାନ ସଭା ସବୁ ଘେରାଉ କରିଛନ୍ତି । ରାତାରାତି ଛାତ୍ରାବାସକୁ ଭାରତବର୍ଷରୁ ଅଲଗା କରି ସାଧାରଣତନ୍ତ୍ର ଘୋଷଣା କରିଛନ୍ତି । ଯେଉଁ ସବୁ ଛାତ୍ରମାନେ ରାଷ୍ଟ୍ରଦୂତଭାବରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଗଲେ ତାଙ୍କୁ ପୁଲିସ ବନ୍ଦୀ କରିନେଲେ । ତେଣୁ ଛାତ୍ରାବାସରେ ଆଲୋଚନା ପଡ଼ିଲା କ'ଣ କରାଯିବ । ଛାତ୍ରାବାସ ସାଧାରଣ ତନ୍ତ୍ରର ପୁଲିସ ମୁଖ୍ୟ ଦେବବ୍ରତ କହିଲା ମାଙ୍କଡ଼ ଫୌଜଧରି ପଥର ଓ ଟେକା ମାଡ଼ ଆରମ୍ଭ କରିବାକୁ । ପଞ୍ଚାଏ ପିଲା ଯାଇ ରାସ୍ତାରେ ଯାଉଥିବା ଗୋଡ଼ିବୁହା ଟ୍ରକ୍‌କୁ ଧରି ଚାଲିଲେ ଟେକା ବୃଷ୍ଟି କରିବାକୁ । ସହରରେ ବିରାଜ ହେଲା ଅରାଜକତା । ତା' ପରେ ଲାଠିମାଡ଼, ଲୁହବୁହା ଗ୍ୟାସ୍ ଓ ଫାୟାରିଙ୍ଗ୍ । ଆହତ ହେଲେ ରାସ୍ତାରେ ଯାଉଥିବା ସାଧାରଣ ଲୋକ ।

ସାରା କଟକ ସହର ଏକ ଶ୍ମଶାନ ପରି ଲାଗିଲା । ସ୍କୁଲ, କଲେଜ, କୋଟ୍ କଚେରୀ ସବୁ ବନ୍ଦ । ସାନ୍ଧ୍ୟ ଆଇନ ଓ ଆଉରି କେତେ କ'ଣ ।

ଛାତ୍ରନେତା ମାନଙ୍କ ମଧ୍ୟରୁ କମ୍ୟୁନିଷ୍ଟ ପାର୍ଟିର ଗଜେନ୍ଦ୍ର ବାବୁ ଅଣ୍ଡରଗ୍ରାଉଣ୍ଡ ଚାଲିଗଲେ । ସୋସାଲିଷ୍ଟ ଦଳର ଦୟାନିଧି ବାବୁ ବୀରଦର୍ପରେ ଭାଷଣ ଦେଉ ଦେଉ ପୁଲିସ ବାନ୍ଧିନେଲା । ସୌମେନ୍ଦ୍ର ବାବୁ ନିର୍ଦ୍ଦଳିୟ । ଘରେ ଲୁଚିଥିଲେ । କିନ୍ତୁ ପୁଲିସ୍ ତାଙ୍କୁ ଛାଡ଼ିଲାନି । ସେମାନଙ୍କ ସଙ୍ଗେ ସଙ୍ଗେ ଅନେକ ନିରୀହ ଛାତ୍ର ଜେଲ୍ ଗଲେ ।

ପ୍ରାୟ ମାସକ ପରେ କଲେଜ ଖୋଲିଲା । ସବୁ ଏ ପଟ ସେ ପଟ । ଯେପରି ସହରରେ ଏକ ନୂତନ ଆବହାଓ୍ୱା । ସେ ଯାହାହେଉ ସୁକାନ୍ତର ବାସ୍ତବ କଲେଜ ଜୀବନ ଆରମ୍ଭ ହେଲା ।

ପ୍ରଥମ କେତେ ଦିନ ସେ ଭାବିଲା ଯେପରି ସଙ୍ଗହୀନ, ମରୁଭୂମିରେ ପଡ଼ିଛି । ସହଜେ ହଷ୍ଟେଲରେ ରହିବା ତା'ର ପ୍ରଥମ ଅଭିଜ୍ଞତା । ଘରେ ବାପା ମାଆଙ୍କର ଗହଣରେ ଅତି ସ୍ନେହରେ ବଢ଼ି ଆସିଥିଲା । ଖାଇବା ପିଇବା ଚିନ୍ତା ନ ଥିଲା । ଏଠାରେ ଆସି ଦେଖିଲା ସବୁ ଅଲଗା । ଖାଇବା ତା'ର ରୁଚିକର ନୁହେଁ । ପାଞ୍ଚଜଣ ଛାତ୍ର ଗୋଟାଏ ରୁମରେ ରହିବା ସବୁ ଯେପରି କୋଟିଏ ପ୍ରଶ୍ନବାଚୀ ପରି । ଏଠାରେ ପୁରୁଣା ସାଙ୍ଗ କେହି ନାହାନ୍ତି, ସବୁ ନୂଆ, ସବୁ ଅଲଗା ।

Digitized by PPRACHIN, SOA

କଲେଜରେ ମଧ୍ୟ ବାତାବରଣ ଅଲଗା । ସ୍କୁଲପରି ଶିକ୍ଷକଙ୍କୁ ଡ଼ରି ଡ଼ରି ଚଳିବା ଆଉ ନାହିଁ । ସମୟ ଅନୁସାରେ ଏ ରୁମରୁ ସେ ରୁମକୁ ଯିବାକୁ ହେଉଛି । ସମସ୍ତେ ଖଣ୍ଡେ ଖଣ୍ଡେ ନୋଟ୍ ବହି ମାତ୍ର ନେଇ କ୍ଲାସକୁ ଯାଉଛନ୍ତି । ଅଧ୍ୟାପକ ଯାହା କହୁଛନ୍ତି ଟିପି ଆଣୁଛନ୍ତି । ସାଧାରଣ କ୍ଲାସ୍‌ରେ ପ୍ରଶ୍ନ ପଚାରିଲେ ଅଧ୍ୟାପକ କହୁଛନ୍ତି ଟିଉଟୋରିଆଲ୍ କ୍ଲାସ୍‌ରେ ପଚାରିବାକୁ । ପାଠ୍ୟ ଅନେକ । ସମସ୍ତେ ନିଜ ନିଜର ଡ଼ିଉଟି କରିଯାଉଛନ୍ତି । Course ଶେଷ କରିବା ବ୍ୟତୀତ ଆଉ ସବୁ ଗୌଣ । ସ୍କୁଲରେ ଥରେ ଦ୍ୱିତୀୟ ମହାସମର କଥା ପଢ଼ିଥିଲା । ହିଟ୍‌ଲର୍ ସୈନ୍ୟବାହିନୀର ପ୍ରଥମ ବିଜୟ ସବୁରେ ସେ ଉତ୍‌ଫୁଲ୍ଲ ହୋଇ ପଚାରିଥିଲା ହିଟ୍‌ଲର ଓ ନେପୋଲିଅନ୍ କ'ଣ ତୁଳନୀୟ ନୁହନ୍ତି ? ଶିକ୍ଷକ ସମୁଦାୟ କ୍ଲାସ୍‌ଟି ସେଇ ବିଷୟରେ ଆଲୋଚନା କରିଥିଲେ । ଏଠାରେ ତା ସମ୍ଭବ ନୁହେଁ । ଏଠାରେ ସବୁ କିଛି ଧରାବନ୍ଧା, ଯେଉଁକି ମେସିନ୍ । କ୍ଲାସ୍ ବାହାରେ ପିଲାମାନେ ବେପରୁଆ । ତାକୁ ଏଇ ବାତାବରଣରେ ମିଶାଇ ଦେବାକୁ ବେଶ୍ ସମୟ ଲାଗିଲା । ତା ସଂଗେ ସଂଗେ ଏଠାରେ ପାଠପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଲା । ତାକୁ ଜଣାଗଲା ସ୍କୁଲ ଜୀବନରେ ଯାହା ପଢ଼ିଛି ତା ଯେପରି ଅତି ଅଳ୍ପ । ତାକୁ କଲେଜ ସହିତ ତାଳ ମିଳାଇବାକୁ ହେଲେ ବହୁତ ବେଶୀ ପଢ଼ିବାକୁ ହେବ ।

ମନପ୍ରାଣ ଦେଇ ସେ ଲାଗିଗଲା ପଢ଼ାପଢ଼ିରେ । ଦିନରେ ସକାଳେ ଦୁଇଘଣ୍ଟା ଓ ସନ୍ଧ୍ୟାବେଳେ ଦୁଇଘଣ୍ଟା ଷ୍ଟଡ଼ି ଆୱାର (study hour) । ଏଇ ସମୟତକ ସେ ଖୁବ୍ ମନ ଦେଇ ପାଠ ପଢ଼େ । ରୁମ୍‌ର ଅନ୍ୟ ସାଥୀମାନଙ୍କୁ ବାଧ୍ୟ କରେ ବସି ପଢ଼ିବାକୁ । ତାକୁ ପ୍ରଥମରୁ ପିଲାମାନେ ନାମ ଦେଲେ "study hour master" ।

ଆସ୍ତେ ଆସ୍ତେ ନୂଆ ନୂଆ ସାଙ୍ଗ ହୁଅନ୍ତି ସତ୍ୟବ୍ରତ, ଶରତ୍, ମାଧବ ଓ କିଶୋର । ଶରତ୍ ଖୁବ୍ ଭଲ କ୍ରିକେଟ୍ ଓ ଫୁଟବଲ୍ ଖେଳେ । ମାଧବ ଖୁବ୍ ଭଲ ଟେବୁଲ୍ ଟେନିସ୍ ଖେଳେ । ସତ୍ୟବ୍ରତ ଭାରି ଚଗଲା । ଚାଲିଲା ଶଗଡ଼ରେ ହାତ ଦେବ । କିନ୍ତୁ ଭାରି ବୁଦ୍ଧିମାନ୍ । କିଶୋର ଗୀତ ଗାଏ, କବିତା ଲେଖେ, ସବୁବେଳେ ଚୁପ୍‌ଚାପ୍ । ଏମାନଙ୍କ ସାଙ୍ଗରେ ତାର କଲେଜ ଜୀବନର ପ୍ରଥମ ପାହାଚ ଗଢ଼ି ହେଲା । ଅଧ୍ୟାପକ ସାମନ୍ତ ଖୁବ୍ ଭଲ ଇଂରାଜୀ ପଢ଼ାନ୍ତି । ସେ ବସି ବସି ଏଣୁ ତେଣୁ ଅନେକ ପଢ଼ି ତଥ୍ୟ ସଂଗ୍ରହ କରେ । ତାକୁ ସମସ୍ତେ ଗ୍ରହଣ କରନ୍ତି । ସୁକାନ୍ତ ହେଲା ଏମାନଙ୍କର Prime mover । ପାଠରେ ସାହାଯ୍ୟ କରିବ ଓ ଦୁଷ୍ଟାମୀରୁ ଦୂରେଇ ରହିବାକୁ ଚେଷ୍ଟା କରିବ । କିନ୍ତୁ ପାଠ ବ୍ୟତୀତ ଅନ୍ୟ ସବୁରେ ଟିକିଏ ମାନ୍ଦା । ମାଧବ ତାକୁ ଟେବୁଲ୍ ଟେନିସ୍ ଖେଳରେ ମନ ଦିଆଇଛି, ଟିକିଏ ଫୁରୁସତ୍ ହେଲେ ଦୁହେଁ ଆସି ଟେବୁଲ୍ ଟେନିସ୍ ଖେଳନ୍ତି । ମାଧବ ତାକୁ ଲଗାଇଥାଏ ସେ ବର୍ଷ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ।

ଅନେକ ନୂଆ ନୂଆ ସାଙ୍ଗ ଜୁଟିଲେ । କିନ୍ତୁ କଲେଜ ଜୀବନରେ ଏଇ ପାଞ୍ଚଜଣ ହେଲେ ସବୁଠାରୁ ବେଶୀ ଦୋସ୍ତ । ଗୋଟିଏ ରୁମ୍‌ରେ ରହନ୍ତି । କିଶୋରକୁ ଥଟ୍ଟା କରନ୍ତି ବ୍ୟର୍ଥ ପ୍ରେମିକ ବୋଲି । ସେ ଟିକିଏ ମୁରୁକେଇ ହସି ଦିଏ । ଦିନେ ଦିନେ ସୁନ୍ଦର କବିତା ଲେଖି ସମସ୍ତଙ୍କୁ ଶୁଣାଏ । ନିଜେ ଦିଏ ଗୀତର ସ୍ୱର । ବିନା ହାରମୋନିୟମ୍‌ରେ ସୁନ୍ଦର ଗୀତ ଗାଇପାରେ । ଦିନେ ସମସ୍ତେ ବୁଲି

Digitized by PPRACHIN, SOA

ଯାଇଥିଲେ କାଠଯୋଡ଼ୀ କୂଳକୁ । ସେଠାରେ କିଶୋର ଗୋଟିଏ ଚମ୍ପୂ ଗାଇଥିଲା "କ୍ଷମାନୁକମ୍ପାଧର ହେ" । ଆଜି ପର୍ଯ୍ୟନ୍ତ ସୁକାନ୍ତ ତା ଭୁଲି ପାରିନି ।

କିଶୋରର ବାପା ମାଆ ନାହାନ୍ତି । ପିଲାଦିନେ ମାମୁଁଘରେ ରହି ପାଠ ପଢ଼ିଛି । ଅଳ୍ପ କିଛି ଜମିବାଡ଼ି ଅଛି । ମାମୁଁ ବୁଝାବୁଝି କରନ୍ତି । ନିଜ ହାତରୁ କିଛି ମିଶାଇ କିଶୋର ପାଖକୁ ମାସକୁ ମାସ ଟଙ୍କା ପଠାଇ ଦିଅନ୍ତି । କିଶୋର ଅନେକ ପତ୍ର ପତ୍ରିକାରେ ଲେଖେ । ବେଳେବେଳେ କିଛି ପାରିଶ୍ରମିକ ପାଏ । ଅବଶ୍ୟ ଖୁବ୍ କମ୍ ।

ଶରତ୍ ଜମିଦାର ଘରର ପିଲା । ତିନିଭାଇ ତିନି ଭଉଣୀ ସେମାନେ । ଶରତ୍ ସବୁଠାରୁ ସାନ । ବାପା ମାଆଙ୍କର ଗେହ୍ଲା । ପ୍ରତ୍ୟେକ ସପ୍ତାହରେ ତା ଘରୁ ପିଠାପଣା, ଘିଅ, ଆଚାର ଇତ୍ୟାଦି ଆସେ । ଯାହା ଆସେ ସବୁ ପାଞ୍ଚଜଣଙ୍କର । କେବେ କହିନି ଏଇଟା ମୋର, ତୋର ନୁହେଁ । ଲୁଚାଇ କିଶୋର ପାଇଁ ପ୍ୟାଣ୍ଟ ସିଲେଇ କରାଇଛି । କିଶୋର ରାଜି ନ ହେଲେ ମନ ଦୁଃଖ କରିଛି । ଛନ୍ଦ କପଟ କିଛି ଜାଣେନି । ବଡ଼ ଅମାୟିକ ପିଲା ।

ମାଧବର ବାପା ଚାକିରି କରନ୍ତି, ଡେ଼ପୁଟି କଲେକ୍ଟର ସମ୍ବଲପୁରରେ । ସୁକାନ୍ତର ମଉସାଙ୍କ ସହକର୍ମୀ । ଘରେ ବଡ଼ ପୁଅ । ଆଉ ଗୋଟିଏ ଭାଇ ଓ ଗୋଟିଏ ଭଉଣୀ । ସେ ଭାରି ଧୀର ସ୍ଥିର । ଭଲ ପାଠ ପଢ଼ନ୍ତି । କିନ୍ତୁ ସୁକାନ୍ତ ଭଳି ଅଧିକାଂଶ ସମୟ ବହି ଧରି ବସେ ନାହିଁ । ତା'ର ଆଦର୍ଶ ସବୁ ବଡ଼ ବଡ଼ ଖେଳାଳୀ । ସବୁ ଖେଳର ଷ୍ଟାଟିସ୍ଟିକ୍ସ ତା ତୁଣ୍ଡରେ । କେଉଁ ଟେଷ୍ଟ ମ୍ୟାଚ୍‌ରେ ବ୍ରାଡ୍‌ମ୍ୟାନ୍ କେତେ ରନ୍ କରିଥିଲା, ହ୍ୟାମଣ୍ଡର କେଉଁ ଷ୍ଟ୍ରୋକ୍ ଗୁଡ଼ିକ ଚମତ୍କାର, ମନ୍‌କଦ୍‌ର କିଭଳି ବଲ୍‌ରେ ଉଇକ୍ସ ଆଉଟ୍ ହୋଇଥିଲା, ସବୁ ତା ଜିଭ ଆଗରେ । ଧ୍ୟାନଚାନ୍ଦ୍‌ଙ୍କ ଜୀବନୀ ସେ ବାପୁଜୀଙ୍କ ଜୀବନୀଠାରୁ ଭଲ ଭାବରେ ଜାଣିଛି ।

କିନ୍ତୁ ସବୁଠାରୁ ବୁଦ୍ଧିମାନ୍ ସତ୍ୟବ୍ରତ । ତା ବାପା ମାଆ ସତ୍ୟବ୍ରତ ନା କାହିଁକି ଦେଇଥିଲେ ବୁଝିହୁଏନି । ମିଛ କହି ଭୁରୁଡ଼ି ମାରିବାରେ ଓସ୍ତାଦ୍ । ଯୁକ୍ତିତର୍କ ବେଳେ ଆଖି ବୁଜି କହିଦେବ ଅମୁକ ବହିରେ ଅମୁକ ଏକଥା ଲେଖିଛନ୍ତି । ବାସ୍ତବରେ ସେଭଳି ବହି ଥିବ କି ନାହିଁ ସନ୍ଦେହ, ବାପା ନାହାନ୍ତି । ଘରେ ଖାଲି ମାଆ । ଦୁଇ ଭଉଣୀ ବହୁତ ବଡ଼ ଓ ବିବାହିତା । ପାଠ ପଢ଼ାରେ ବେଶୀ ମନ ଦିଏନି । ପରୀକ୍ଷା ବେଳକୁ ମାସଟେ ପଢ଼ିବ ଓ ଖୁବ୍ ଭଲ କରିବ । ସମସ୍ତଙ୍କର ଗୋଟିଏ ଗୁଣ ମିଶିଯାଏ । ସମସ୍ତେ କ୍ଲାସ୍‌ର ଅତି ଭଲ ଛାତ୍ର ।

ସବୁ ଶନିବାର ସଂଧ୍ୟା ସୁକାନ୍ତ ଚାଲିଯାଏ ଶ୍ୟାମ ମଉସାଙ୍କ ଘରକୁ । ମାଧୁରୀ ନାନୀ ସାଥିରେ । ସେହି ଦେଢ଼ଦିନ ଖାଲି ହସ ଖୁସି, ଖେଳାବୁଲା, ଖାଇବା ପିଇବାରେ କଟିଯାଏ । ଶାନ୍ତା ତା'ଠାରୁ ଦି ବର୍ଷ ସାନ । ତା ସାଙ୍ଗରେ ଦୋସ୍ତିଟା ବେଶୀ । ନାନୀ ସବୁବେଳେ ଭାବୁଥିବ ଯେମିତି ବହୁତ ବଡ଼ । କଲେଜରେ କାହା ସାଙ୍ଗରେ ପଦେ ହେଲେ କଥାବାର୍ତ୍ତା ହେବନାହିଁ । ସୁକାନ୍ତ କିନ୍ତୁ ଛାଡ଼େ ନାହିଁ । ଯେଉଁଠାରେ ଦେଖାହୁଏ ଜବରଦସ୍ତୀ ୫/୧୦ ମିନିଟ୍ ଅଟକାଇ ଦିଏ ତାକୁ । ନାନୀ ଶାସନ କଲେ କହେ "ମନେ ମନେ ବହୁତ ବଡ଼ ବୋଲି ଭାବୁଛୁ ନା । ଘରକୁ ଗଲେ ଦେଖିବୁ କେମିତି ମଜା କରିବି ।" ମଉସାଙ୍କ

Digitized by PPRACHIN, SOA

ଘରେ ମାଉସୀ, ନାନୀ, ଶାନ୍ତା ଓ ସେ ମିଶି ତାସ୍ ଖେଳନ୍ତି । ମଉସାଙ୍କର ସମୟ ଥିଲେ ସେ ମଧ ଆସି ବସନ୍ତି । ବେଳେବେଳେ ମନୁ ମଉସା ମଧ ଖେଳି ବସନ୍ତି । ବେଳେବେଳେ ସିନେମା ଦେଖା ହୁଏ । ହସ ଖୁସିରେ ସମୟ କଟିଯାଏ ।

ମନୁ ମଉସା ଭାରି ଗମ୍ଭୀର ଲୋକ । ଖେଳ ବେଳେ ବେଶୀ ହଲ୍ଲା କିମ୍ବା ଗୋଳିଆ ଗୋଳି କଲେ ଚିଡ଼ନ୍ତି । ଶାନ୍ତା ଓ ସୁକାନ୍ତ ସବୁବେଳେ partner ଓ ଗୋଳିଆ ଗୋଳି କରିବାରେ ଧୂରନ୍ଧର । ପରେ ଦିନେ ସେ ବୁଝିଲା ସେ କାହିଁକି ଏତେ ଗମ୍ଭୀର । ଅନେକ ଦିନ ଆଗେ ପ୍ରେମ ବିବାହ କରିଥିଲେ । କିନ୍ତୁ ବିବାହର ବର୍ଷକ ମଧରେ ତାଙ୍କ ସ୍ତ୍ରୀ ଇହଧାମରୁ ବିଦାୟ ନେଲେ । ଆଉ ବିବାହ କରି ନାହାନ୍ତି । ଟିକିଏ ଟିକିଏ କଥାରେ ଅରବିନ୍ଦଙ୍କ କଥା । ତାଙ୍କ ପାଖରେ ଅନେକ ଦର୍ଶନ ବହି ଥାଏ । ବେଳେବେଳେ ସୁକାନ୍ତ ନେଇ ପଢ଼େ । ଘରେ ମନୁ ମଉସାଙ୍କୁ ସମସ୍ତେ ଡ଼ରନ୍ତି । ଖାଲି ଚତୁ ତାଙ୍କର ଗେହ୍ଲା । ତାକୁ ପାଖରେ ନେଇ ଶୁଆନ୍ତି । ତା'ର ସବୁକାମ ନିଜ ହାତରେ କରନ୍ତି । ତାକୁ ଏତେ ମୁହଁ ଦେଇଥାଆନ୍ତି ସେ କାହା କଥା ମାନିବ ନାହିଁ । କିନ୍ତୁ ଶାନ୍ତା ତାକୁ ଛାଡ଼େ ନାହିଁ । ମନୁ ମଉସା ଘରେ ନ ଥିଲେ ଉତ୍ତମ ମଧମ ଦୁଇ ଚାରିଟା ଦେଇଦିଏ । ଚତୁ ରଡ଼ି ଛାଡ଼େ । ମାଉସୀ ବିଗିଡ଼ନ୍ତି । ସତୀଶ୍ ଓ ଶାନ୍ତା ହୋ ହୋ ହସନ୍ତି ।

ସତୀଶ କିନ୍ତୁ ଭାରି ଭଲ ପିଲାଟା । ସବୁରି ସେ ଆପଣାର ସମସ୍ତଙ୍କ କଥା ମାନିବ । ଚାକରମାନଙ୍କୁ ଗାଳି ଦେବ ନାହିଁ । ବଡ଼ ମାନଙ୍କୁ ବେଶ୍ ଭକ୍ତି ।

x x x x x x x x

ମାଧୁରୀ ନାନୀର ବିବାହ ଠିକ୍ ହୋଇଗଲା । ଦେବ ନାରାୟଣ ବାବୁ ଆଇ.ଏ.ଏସ୍. ପାଇ ନୂଆ ହୋଇ ବାଲେଶ୍ୱରରେ ଜଏନ୍ କରିଥାଆନ୍ତି । ଗରୀବ ଘରର ପିଲା । କିନ୍ତୁ ବୁଦ୍ଧିମାନ ଓ କୃତୀ ଛାତ୍ର । ଏମ୍.ଏ. ପାଶ୍ କରି ଅଧାପକ ଥିଲେ । ତା ପରେ ଆଇ.ଏ.ଏସ୍ ପାଇଗଲେ ପ୍ରଥମ ପରୀକ୍ଷାରେ । ଘରେ ମାଆ ଆଉ ଦୁଇଟି ଭଉଣୀ । ମୁଣ୍ଡ ଉପରେ ଏତେ ବୋଝ । କିନ୍ତୁ ଏତେ ଭଲ ଚାକିରି । ଅଳ୍ପ ଦିନରେ ସେ ନିଶ୍ଚୟ ନିଜକୁ ସମ୍ଭାଳିନେବେ । ଶ୍ୟାମମଉସା କଟକରେ ଖଣ୍ଡେ ଘର ଦେବେ । ୬/୭ ବର୍ଷରେ କଲେକ୍ଟର ହୋଇଯିବେ । ତା ପରେ ଜଏଣ୍ଟ ସେକ୍ରେଟେରୀ, ସେକ୍ରେଟେରୀ, କମିଶନର ଓ ଆଉରି ଉପରକୁ । ମଉସା ମାଉସୀ ଭାରି ଖୁସି । ମାଧୁରୀ ନାନୀ ସହଜରେ ତ ଗମ୍ଭୀର । ଏ ପ୍ରସ୍ତାବ ପଡ଼ିଲା ଦିନଠାରୁ ସେ ଆଉରି ଗମ୍ଭୀର ହୋଇଯାଇଛି । ସବୁବେଳେ ଚୁପ୍‌ଚାପ୍ । ଅନେକ ସମୟରେ ସୁକାନ୍ତ ଭାବେ ସେ ଏତେ ଗମ୍ଭୀର କାହିଁକି କଲେଜରେ ଏତେ ଝିଅ ଅଛନ୍ତି । ହସି ଖେଳି ସମୟ କଟାଉଥିବେ । ଇଏ ମୁହଁଟା ଏଡ଼େ ବଡ଼ କରିଥିବ । ଯାହା ହେଉ ସେ ଚାଲିଗଲେ ତା ଉପରେ ମୁରବୀ ପଣିଆ ଦେଖାଇବା ପାଇଁ କେହି ନ ଥିବେ ।

ଟେଷ୍ଟ ପରୀକ୍ଷା ପରେ ମାଧୁରୀର ବିବାହ ହୋଇଗଲା । ପ୍ରାୟ ୭/୮ ଦିନ କାଳ ଧୂମ୍‌ଧାମ୍ ଚାଲିଛି । ଦିନରାତି ସବୁ ଆୟୋଜନ, ଗହଣାଗଢ଼ା, ଲୁଗାପଟା କିଣା, ବଢ଼େଇ ଦୋକାନ ଦୌଡ଼ା ଇତ୍ୟାଦି । ସୁକାନ୍ତ ଗାଁଆକୁ ନ ଯାଇ ଲାଗିପଡ଼ିଛି କାମରେ । ବାପା ମଧ ଆସି ଦୌଡ଼ା ଦୌଡ଼ି କରିଛନ୍ତି । ବହୁ ଆଡ଼ମ୍ବରରେ ବିବାହ ହେଲା । ସହରର ସବୁ ବଡ଼ ବଡ଼ ଲୋକ ଆସିଲେ ଭୋଜିକୁ ।

x x x x x x x x

Digitized by PPRACHIN, SOA

ବିବାହ ପରେ ସୁକାନ୍ତ ଗାଁଆକୁ ଯାଇ ଦିଚାରି ଦିନ ବୁଲି ଆସିଲା । ତା' ପରେ ଆଇ.ଏସ୍.ସି. ପରୀକ୍ଷା । ଅକ୍ଲାନ୍ତ ପରିଶ୍ରମ କରନ୍ତି ସେମାନେ । କିଶୋରର ସ୍ୱାସ୍ଥ୍ୟ ଅଧେ ଭାଙ୍ଗି ଗଲାଣି । ସତ୍ୟ ବେଳେବେଳେ ନିଦ ଭାଙ୍ଗିବାକୁ ସିଗାରେଟ୍ ଫୁଙ୍କୁଚି । ସୁକାନ୍ତ କିନ୍ତୁ ଧୈର୍ଯ୍ୟ ହରାଏନି । ମାଧବ ଟିକିଏ ବେଶୀ ପଢ଼ିଲେ ପଢ଼ିଆ କି ବଗିଚାରେ ବୁଲି ଆସେ । ଶରତ୍ ସବୁ ପାଠ ସତ୍ତ୍ୱେ ଖେଳ ଛାଡ଼େ ନାହିଁ ।

ପରୀକ୍ଷା ଆରମ୍ଭ ହେଲା । ପିଲାଦିନର ପରୀକ୍ଷା ପରି ମୁଣ୍ଡରେ ଲେମ୍ବୁ ଘଷା ନାହିଁ କି ପଙ୍କବୋଳା ନାହିଁ । ସମସ୍ତେ ପରୀକ୍ଷାରେ ଖୁବ୍ ଭଲ କଲେ । ତା' ପରେ ପୁଣି ଛୁଟୀ ଦୀର୍ଘ ତିନିମାସ । ସମସ୍ତେ ନିଜ ନିଜ ଘରକୁ ଗଲେ ।

ଏଇ ଛୁଟି ଭିତରେ କିଶୋରର ମାମୁଁ ଓ ମାଇଁ ହଇଜାରେ ମରିଗଲେ । ନିଃସହାୟ କିଶୋରର ସବୁ ଆଶା ଭରସା ଭାଙ୍ଗିଗଲା । ତା ଉପରେ ବୋଝ ପଡ଼ିଲା ଆଉରି ଦୁଇଟା । ମାମୁଁଙ୍କର ପୁଅ ଓ ଛୋଟ ଝିଅ । ଚାରିବନ୍ଧୁ ଗଲେ ତା' ଘରକୁ । ଛୋଟ ଘରଟିଏ ଦୂର ପଲ୍ଲୀ ଗାଁଆରେ । କିଶୋରର ଜଣେ ଦୂର ସମ୍ପର୍କୀୟା ପିଉସୀ ଆସି ପାଖରେ ଥାଆନ୍ତି । ଅବସ୍ଥା ବଡ଼ ଖରାପ ।

ଚାରିବନ୍ଧୁ ବିଚାର ଆରମ୍ଭ କଲେ । ସତ୍ୟ କହିଲା ଘରେ ତା'ର ମାଆ ଏକା । ସେ କିଶୋରର ଭଉଣୀକୁ ସାଙ୍ଗରେ ନେଇଯିବ । ଛୋଟ ଝିଅଟିଏ ପାଖରେ ପାଇଲେ ସେ ନିଶ୍ଚୟ ଖୁସି ହେବ । ସମସ୍ତେ ରାଜି ହେଲେ । ମୀନା ସତ୍ୟ ସାଙ୍ଗରେ ଯିବ ଯେବେ ଶୀଘ୍ର । ଆଉ ରହିଲା ନିତ୍ୟାନନ୍ଦ ବା ନିତୁ । ମାଧବ କିମ୍ବା ଶରତ୍ ତାକୁ କେହି ନେଇପାରିବେ ନାହିଁ । ତାଙ୍କର ବଡ଼ ବଡ଼ ପରିବାର । ସୁକାନ୍ତ କହିଲା ସେ ନିତୁକୁ ସାଙ୍ଗରେ ନେବ । ଘରେ ତା'ର ମଧ ବାପା ଓ ମାଆ ଏକା । ନିତୁ ସେଠାରେ ସ୍କୁଲରେ ପଢ଼ିବ । ନିତୁର ଦାୟୀତ୍ୱ ମଧ କିଶୋରର ଗଲା । ଯାହା ଜମିବାଡ଼ି ମାମୁଁଙ୍କର ଓ ନିଜର ଅଛି ସେଥିରେ ପଢ଼ିବା କଷ୍ଟକର ହେବ ନାହିଁ । ଏହିପରି ସବୁ ସ୍ଥିର ହୋଇଗଲା । ପାଞ୍ଚଜଣ ତରୁଣ ବନ୍ଧୁ । ପଞ୍ଚୁ ପାଣ୍ଡବ ଭଳି, ନିଜ ନିଜ ଭିତରେ ଖାଲି ସ୍ନେହ ଓ ମମତା । କାହିଁ ହିଁସା, ଦ୍ୱେଷ କି ବିବାଦ ପଶି ନାହିଁ ।

ସମସ୍ତେ ନିଜ ନିଜ ଘରକୁ ଗଲେ । ନିତୁକୁ ନେଇ ସୁକାନ୍ତ ଘରକୁ ଫେରିଲା । ବାପା ଦେଖି ଟିକିଏ ଆଶ୍ଚର୍ଯ୍ୟ ହେଲେ । ଯେଉଁ ସୁକୁ ମଧୁର ମୃତ୍ୟୁ ପରେ ଏତେ ଏକୁଟିଆ ରହୁଥିଲା, ଦୁଇଟା ବର୍ଷ କଲେଜରେ ପଢ଼ି କେତେ ବଦଳି ଯାଇଛି । ସ୍ୱାର୍ଥପରତା ଆଉ ଟିକିଏ ନାହିଁ । ଆଜିକାଲି ଗାଁଆରେ ସବୁରି ସାଥିରେ ମିଶୁଛି । ବେଳେ ବେଳେ ସେ ମଧ ଆଗେ ଭାବୁଥିଲେ ହୁଏତ ତା'ର ସାନ ଭାଇ କି ଭଉଣୀଟିଏ ଥିଲେ ସେ ଏତେ ସ୍ୱାର୍ଥପର ହୋଇ ନ ଥା'ନ୍ତା । କଟକରେ ଶ୍ୟାମବନ୍ଧୁଙ୍କ ଘରେ ଚଳି, ହଷ୍ଟେଲରେ ବନ୍ଧୁମାନଙ୍କ ମଧରେ ବଢ଼ି ତା'ର ଅନେକ ଉନ୍ନତି ହୋଇଛି, ସ୍ୱାସ୍ଥ୍ୟର ଉନ୍ନତି ହୋଇଛି, ସୁକାନ୍ତ ଅନେକ ବଦଳି ଯାଇଛି, ସୁକାନ୍ତ ଭଲ ଆଡ଼କୁ ଗତି କରୁଛି । ସେ ଆଇ.ଏସ୍.ସି ପାଶ୍ କରିବ । ହୁଏତ ଡ଼ାକ୍ତର କି ଇଞ୍ଜିନିୟର ହେବ । ତାର ଯାହା ଖୁସି କରୁ । ଗୋଟାଏ ବୋଲି ପିଲା । ଖୁବ୍ ଭଲ ପଢ଼େ । ତା' ଜୀବନରେ ପଇସାର ଅଭାବ ହେବ ନାହିଁ । ବେଳେ ବେଳେ ସେ ଓ ଅନୁସୂୟା (ସୁକାନ୍ତର ମାଆ) ଏ ବିଷୟରେ

Digitized by PPRACHIN, SOA

କଥା ହୁଅନ୍ତି । ଅନୁସୂୟାଙ୍କ ଆଖିରେ ସୁକୁ ସେଇ ଛୋଟ ପିଲାଟି, ସେଇ ଅବୁଝା ଛୁଆଟା । କିନ୍ତୁ ସୁକାନ୍ତ ଅନେକ ବଦଳି ଗଲାଣି । ଗାଁଆରେ ଅଧିକାଂଶ ଲୋକ ତାକୁ ପ୍ରଶଂସା କରନ୍ତି ।

ପରୀକ୍ଷା ଫଳ ବାହାରିଲା । ପାଞ୍ଚଜଣ ବନ୍ଧୁ ଖୁବ୍ ଭଲ କରିଛନ୍ତି କଳ୍ପନା କରି ହୁଏନି ଏଇ 'ପାଞ୍ଚପାଣ୍ଡବ' ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ହେବେ । ସୁକାନ୍ତ ସବୁରି ଆଗରେ । ତା' ଆଖିରେ ଦୁନିଆଁର ସ୍ୱପ୍ନିଳ ଛବି । ଏଇ ପରୀକ୍ଷା ଗୁଡ଼ାକ ମଣିଷକୁ କେତେ ସଂକଳ୍ପ ଦିଏ, ଧୈର୍ଯ୍ୟ ଦିଏ ଓ ଦାମ୍ଭିକ କରାଇଦିଏ । ଏହା ନ ଥିଲେ ହୁଏତ ପାଠପଢ଼ିବା ଖାଇବା ପିଇବା ପରି ହୋଇଯାଆନ୍ତା । ଏଥିରେ ନ ଥା'ନ୍ତା ଥ୍ରିଲ୍ (Thrill) ।

କିଶୋର ଚିଠି ଦେଇଛି ଖୁବ୍ ନରମ ଭାବରେ । ଚିଠି ଖଣ୍ଡିକ ଯେପରି ଗୋଟିଏ କବିତା । ଲେଖିଛି ରେଡ଼ିଓ ଷ୍ଟେସନରେ ତା'ର କଣ୍ଠ ପରୀକ୍ଷା କରାଯାଇଥିଲା । ଉତ୍ତୀର୍ଣ୍ଣ ହୋଇଛି । ସେ ରେଡ଼ିଓ କଣ୍ଠଶିଳ୍ପୀ ହେବାକୁ ଯାଉଛି । କାହିଁକି ନ ହେବ ? ଏତେ ସୁନ୍ଦର ଗୀତ ଗାଏ । ଜୀବନର ସବୁ ଧକ୍କାକୁ ଗୀତ ଆକାରରେ ତା ପ୍ରାଣରୁ ବହି ଯାଇ, ପ୍ଲାବିତ କରି ଦେଉ ଏ ଦୁନିଆକୁ । କିଶୋର ବଡ଼ ମଣିଷ ହେଉ, ସମସ୍ତେ ତା' ନାଆଁ ଶୁଣିଲେ ପ୍ରଶଂସା କରନ୍ତୁ । ତା' ଠାରୁ ବଳି ବନ୍ଧୁମାନଙ୍କର କାମନା କ'ଣ ବା ଥାଇପାରେ ।

ମାଟ୍ରିକ୍ ପରୀକ୍ଷା ପର ଛୁଟି ପରି ଏଇ ଛୁଟି ବିରକ୍ତି ଜନକ ନ ଥିଲା । ସମ୍ବଲପୁରରେ ମାଉସୀ ପାଖରେ କିଛି ଦିନ କଟାଇ ଆସିଲା । ସୁମୀର ଖୁସି କାହିଁରେ କ'ଣ । ସେଠାରୁ ଯାଇ କିଛିଦିନ ଶରତ୍ ଘରେ କଟାଇ ଦେଲା । ଶରତ୍‌ର ଘର, ବିରାଟ ଜମିଦାରୀ ଆଡ୍ଡା, ଲୋକ ବାକ, ଦେ'ଣ ନେ'ଣ କେତେ କଣ ସବୁବେଳେ ଚାଲିଛି ।

ଗୋଟାଏ ଜିନିଷରୁ କିନ୍ତୁ ତା'ର ଆଗ୍ରହ କମି ଯାଉଛି । ସେଇଟା ହେଉଛି ଜମିବାଡ଼ି । ଆଉ ସେ ଚାହେଁନି ମାଟି ଗୋଡ଼ିରେ ଜୀବନ ମିଶେଇ ଦେବାକୁ । ଆଖି ତା'ର ବହୁତ ଆଗକୁ । ବି.ଏସ୍.ସି. ପଢ଼ିବ, Best Graduate ହେବ । ତା' ପରେ ଏମ୍.ଏସ୍.ସି. ପଢ଼ିବ । ଦେବନାରାୟଣ ତା' ପାଖକୁ ଚିଠି ଲେଖନ୍ତି ଯେପରି ସେ ଆଇ.ଏ.ଏସ୍ ପାଇଁ ଆଜିଠାରୁ ପଢ଼ାପଢ଼ି ଆରମ୍ଭ କରିଦେଉ । କଣ ହେବ ଆଖି ପାଏନି ।

x x x x x x x x

ଯଥା ରୀତିରେ ପାଞ୍ଚ ବନ୍ଧୁ ବି.ଏସ୍.ସି.ରେ ନାଁଆ ଲେଖାଇଲେ । କିଶୋର ଗଣିତ ଅନର୍ସ ନେଲା । ମାଧବ ଓ ଶରତ୍ ରସାୟନ ଶାସ୍ତ୍ର, ସୁକାନ୍ତ ଓ ସତ୍ୟ ପଦାର୍ଥ ବିଜ୍ଞାନରେ ଅନର୍ସ ନେଲେ । ସମସ୍ତେ ଆସି ଜୁଟିଲେ ସେଇ ଛାତ୍ରାବାସରେ ଏକା ରୁମ୍‌ରେ । ସେଇ ପୁରୁଣା ଦିନ ଗୁଡ଼ାକ ନୂଆ ହୋଇ ଆସିଲା । ପୁରୁଣା ଅଧ୍ୟାପକ ମାନେ ନୂଆ ପାଠ ପଢ଼ାଇବେ । ବି.ଏସ୍.ସି. କ୍ଲାସ ଆଇ.ଏସ୍.ସି.ଠାରୁ ପୁରା ଅଲଗା । ସେତେବେଳେ ଛାତ୍ର ଥାଏ ନୂଆ କଲେଜ ପିଲା । କଲେଜ୍‌ରେ ସେ ଜୁନିଅର । ତାକୁ କେହି ଖାତିର କରନ୍ତି ନାହିଁ । କିନ୍ତୁ ବି.ଏସ୍.ସି. ବେଳକୁ ସେ ସିନିଅର୍ । ପୁଣି ଅନର୍ସ ଛାତ୍ର, ଉପର କ୍ଲାସ୍ ପିଲାମାନେ

Digitized by PPRACHIN, SOA

ଶ୍ରଦ୍ଧା କରନ୍ତି ଓ ତଳ କ୍ଲାସ୍ ପିଲାମାନେ ଖାତିର୍ କରନ୍ତି । ଅଧ୍ୟାପକମାନେ ଏବେ ବେଶୀ ନଜର ଦିଅନ୍ତି । କ୍ଲାସ୍‌ରେ କିଛି ପଚାରିଲେ ତା'ର ସମ୍ୟକ୍ ଆଲୋଚନା ହୁଏ । ପାଠପଢ଼ାର ଢ଼ଙ୍ଗ ବଦଳେ । ଏମାନଙ୍କୁ ଅଧ୍ୟାପକମାନେ ଜାଣିଲେଣି । ରାସ୍ତାରେ କେବେ ଦେଖାଦେଲେ ପଦେ ଦି ପଦ କଥାବାର୍ତ୍ତା ହୁଅନ୍ତି ।

କଲେଜ ୟୁନିୟନ୍ ନିର୍ବାଚନ ସେତେବେଳର ଏକ ପ୍ରଧାନ ଘଟଣା । ଛାତ୍ରମାନଙ୍କ ଭିତରେ ଦଳଗତ ରାଜନୀତି ବେଶ୍ ପଶିଥାଏ । କମ୍ୟୁନିଷ୍ଟ ପାର୍ଟି ସମର୍ଥକମାନେ ଗୋଟାଏ ଦଳ । ସେଭଳି ଥାଏ କଂଗ୍ରେସ୍ ଓ ସୋସାଲିଷ୍ଟ ପାର୍ଟିର ସମର୍ଥକମାନଙ୍କ ଦଳ । ପ୍ରତ୍ୟେକ ରାତିରେ ବିଭିନ୍ନ ଦଳର ନେତା ମାନେ ବକ୍ତୃତା ଦିଅନ୍ତି । ଚାରିଆଡ଼େ ପୋଷ୍ଟର । ଥରେ ଆଲୋଚନା ସମୟରେ ଶରତ୍ ପଚାରିଲା ସେମାନଙ୍କ ଦଳର ଉଦ୍ଦେଶ୍ୟ କ'ଣ । ସେ ଦଳର ଜଣେ କହିଲା "Freedom of speech, freedom of press and equal rights for everybody" । ସତ୍ୟଟା ଭାରି ଚଗଲା । କହିଲା, "ସବୁ ଭୁଲ୍, ତୁମର ଉଦ୍ଦେଶ୍ୟ ହେଲା freedom from college, freedom from studies, free for all fights and freedom to create chaos."

ଚାଲିଲା ପାଟି ତୁଣ୍ଡ । ପଛରୁ ଜଣେ କିଏ ପାଟି କଲାଣି "ଏତେ ଗୁଡ଼ାକ ପୁଞ୍ଜୀବାଦୀଙ୍କ ଦଲାଲ୍, ଏଗୁଡ଼ାକ ଟାଟା ବିରଳାଙ୍କର ବୋଲକରା କିଣା ଚାକର" ଇତ୍ୟାଦି । ସତ୍ୟ କିନ୍ତୁ ଛାଡ଼ିବା ଲୋକ ନୁହେଁ । କହିଲା "ଯେ କୌଣସି ଯୁକ୍ତି କରିବାକୁ ପ୍ରସ୍ତୁତ ଅଛି । କିନ୍ତୁ ତୁମମାନଙ୍କର ଏପରି ମାଙ୍କଡ଼ାମୀରୁ ମୋର ଦୂରରେ ରହିବା ଦରକାର ।" ତାଙ୍କ ଦଳର ଜଣେ ନେତା ମାଡ଼ି ଆସିଲେ ଆଗକୁ । ସତ୍ୟ ତାଙ୍କୁ ପଚାରିଲା "ତୁମେ କମ୍ୟୁନିଷ୍ଟ ଦଳର ପୃଷ୍ଠପୋଷକ କି ନୁହେଁ ?"

"ନୁହେଁ" ।

"ତୁମର ନୀତି ତାଙ୍କ ନୀତି ସାଙ୍ଗେ ଖାପ୍ ଖାଏ କି ନାହିଁ ?"

"ହୁଏତ ଖାଏ"

"କାର୍ଲମାର୍କ୍ସଙ୍କର ଦାସ୍ କାପିଟାଲ୍ ପଢ଼ିଛ ?"

ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ "ହଁ ପଢ଼ିଛି ।"

"ତୃତୀୟ ଅଧ୍ୟାୟରେ ସେ କେଉଁ ଉପରେ ଲେଖିଛନ୍ତି ଜାଣିଛି ?"

"ହଁ ଜାଣିଛି ।"

"କଣ ଲେଖିଛନ୍ତି ଟିକିଏ କହିଲ ଛାତ୍ରଭାଇମାନଙ୍କୁ ।"

ନେତାଙ୍କ ପାଟି ଖନି ମାରିଗଲା । ଦାସ୍ କାପିଟାଲ୍ କେଉଁ ଭାଷାରେ ଲେଖାଯାଇଛି ତା' ବି ସେ ଜାଣନ୍ତି ନାହିଁ ।

ସତ୍ୟ ପୁଣି ପଚାରିଲା, "ଆଜ୍ଞା, ଦାସ୍ କାପିଟାଲ୍ କେଉଁ ଭାଷାରେ ଲେଖାଯାଇଛି କହିଲେ ଆମକୁ ।"

"ଇଂରେଜି ଭାଷାରେ" ।

ପଞ୍ଚୁପାଣ୍ଡବ ହୋ ହୋ ହସିଉଠିଲେ । ସତ୍ୟ ବଡ଼ ପାଟିରେ ସମସ୍ତଙ୍କୁ ବୁଝାଇ କହିଲା, "ବନ୍ଧୁଗଣ, ଦାସ୍ କାପିଟାଲ୍ ଯେ ଜର୍ମାନ ଭାଷାରେ ଲେଖା ଏତକ ମଧ୍ୟ ଆପଣମାନଙ୍କର ନେତା ମହାଶୟଙ୍କୁ ଜଣାନାହିଁ । ଏଗୁଡ଼ାକ ଖାଲି ମତ୍‌ଲବ୍‌ର ସାଥୀ, ବୁଝିଲେ ।"

Digitized by PPRACHIN, SOA

ପିଲାମାନେ କଲେ ତାଳି ମାଡ଼ । କାଗଜର ଉଡ଼ାଜାହାଜ ସବୁ ଆସି ପଡ଼ିଲା ନେତାଙ୍କ ମୁଣ୍ଡ ଉପରେ । ଆଉ ସେ ଦଳର ସମସ୍ତେ ଯାଇ ଲୁଚିଲେ ଯେ ଯୁଆଡ଼େ । ସେ ଦିନର ହିରୋ ସତ୍ୟ ଓ ତା'ର ଚାରି ବନ୍ଧୁ - କଲେଜର ତଥାକଥିତ ପଞ୍ଚପାଣ୍ଡବ ।

ହଷ୍ଟେଲ୍‌କୁ ଆସି ସୁକାନ୍ତ ପଚାରିଲା ସେ କିଏ ଦାସ୍ କାପିଟାଲ୍ କେବେ ପଢ଼ିଲା ? ସତ୍ୟ ହସି ହସି କହିଲା "ବୁଝିଲୁ ସୁକୁ, ଏ ଭୁଷୁରଡ଼ିଙ୍କୁ ଭୁରୁଡ଼ିରେ ହିଁ ଜୟ କରାଯାଏ । ଏଗୁଡ଼ାଙ୍କର ମୁଣ୍ଡରେ କିଛି ନାହିଁ । ସିଙ୍ଗଲ୍ ଚା ଓ ଦରପୋଡ଼ା ଚାରମିନାର୍ ସିଗାରେଟରୁ ଏମାନଙ୍କର ରାଜନୀତି ବାହାରେ । Scoundrels, ଦେଶଟାକୁ ଯେକି ଧରିବେ ଏଇ useless ପଞ୍ଝାଏ idiots."

ସିଙ୍ଗଲ୍ ଚା କଲେଜରେ ପ୍ରସିଦ୍ଧ । ଅନେକ ଅଛନ୍ତି ଏଠାକୁ ଆସି ଚା ଓ ସିଗାରେଟ୍ ଅଭ୍ୟାସ ଆରମ୍ଭ କରନ୍ତି । ମନେ ମନେ ସ୍ଥିର ବୁଦ୍ଧି ହେବାର ଏ ଗୁଡ଼ାକ ଲକ୍ଷଣ । କିନ୍ତୁ ଘରୁ ଯାହା ଟଙ୍କା ଆସେ ଏ ସବୁ ପାଇଁ ଅଣ୍ଟେନାହିଁ । ସେଥିପାଇଁ ସିଙ୍ଗଲ୍ ଚା - ମାନେ ଛୋଟ କପ୍‌ରେ ଅଧକପେ ଚା'କୁ ଅଣାଟିଏ ଦେଇ ପିଅନ୍ତି ଅମୃତପାନ କଲାଭଳି । ଆଉ କଥା କଥାରେ ବକ୍ତବ୍ୟ ବାହାରିବ ଚା' କପ୍‌ରେ ଚୁମ୍ବନ୍ କିମ୍ବା କୁଣ୍ଡଳାକୃତି ସିଗାରେଟ୍‌ର ଧୂଆଁ ଇତ୍ୟାଦି । ପରୀକ୍ଷାରେ ଫେଲ୍ ହେଉଥିବେ କିମ୍ବା କଷ୍ଟେମଷ୍ଟେ ଗାନ୍ଧୀକ୍ଲାସ୍‌ରେ (ତୃତୀୟ ଶ୍ରେଣୀ) ପାଶ୍ କରୁଥିବେ । କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ଖେଳ ଇତ୍ୟାଦିରେ ହଇହଲ୍ଲା କରୁଥିବେ, ଝିଅମାନଙ୍କ ନାଁରେ କଲେଜ କାନ୍ଥରେ ଅଶ୍ଳୀଳ ଭାଷାରେ ଲେଖିବେ । କ୍ଲାସରେ ପ୍ରକ୍ସି ପକାଉଥିବେ - କଲେଜ ଜୀବନର ଯେତେ କିଛି ଖରାପଗୁଣ ଏଇମାନଙ୍କଠାରେ ବେଶୀ ହିଁ ଦେଖାଦିଏ । ଏମାନେ ହେଉଛନ୍ତି ପଞ୍ଚୁପାଣ୍ଡବଙ୍କ ଭଳି ଭଲ ଛାତ୍ରଙ୍କ ବିରୋଧୀ ।

ସେଦିନଠାରୁ କଲେଜ ରାଜନୀତିରେ ପଞ୍ଚପାଣ୍ଡବ ହେଲେ ଅଗ୍ରଗାମୀ । ଏତେ ସମ୍ମାନ ସତ୍ତ୍ୱେ ଏମାନେ ଷଡ଼ିପିରିଅଡ୍‌ରେ ପାଠ ପଢ଼ନ୍ତି, ଲିଜର ପିରିଅଡ୍‌ରେ ଲାଇବ୍ରେରୀରେ ବସି ପାଠ ପଢ଼ନ୍ତି, ଶରତ୍ ଫୁଟ୍‌ବଲ ଓ କ୍ରିକେଟ ଖେଳେ, ମାଧବ ଓ ସୁକାନ୍ତ ଟେବୁଲ୍ ଟେନିସ୍ ଖେଳନ୍ତି, କିଶୋର କବିତା ଲେଖେ ଓ ଗୀତ ଗାଏ, ଆଉ ସତ୍ୟ ଚଗଲାମୀ କରେ । ସମସ୍ତଙ୍କୁ ହସାଏ ।

x x x x x x x x

ଶାନ୍ତା କଲେଜରେ ପଢ଼ିଲାଣି । ସେ କିନ୍ତୁ ପଢ଼େ ଉଇମେନ୍ସ କଲେଜରେ ତା'ର ପଞ୍ଝାଏ ସାଙ୍ଗ । ନୂଆ ନୂଆ କଲେଜ ମାଡ଼ିଛନ୍ତି । ନୂତନ ଯୌବନର ପରଶରେ ସମସ୍ତେ ମଜ୍‌ଗୁଲ୍ । ଶାନ୍ତାର ବନ୍ଧୁ ସଂଧ୍ୟା । ଶ୍ୟାମ ମଉସାଙ୍କ ଘରେ ସଂଧ୍ୟା ସହିତ ଦେଖା ହୁଏ । ସଂଧ୍ୟା ଭାରି ହସକୁରୀ । ଟିକିଏ ଟିକିଏ କଥାରେ ହସି ଗଡୁଥିବ । କାହିଁରୁ କ'ଣ କଥା ଆଣି ଗଢୁଥିବ । ଯାହାକୁ ହେଉ ଥଟ୍ଟା ତାମସା କରୁଥିବ । ପ୍ରଥମ ଥର ସୁକାନ୍ତ ତାକୁ କିଛି କହିଲା ନାହିଁ । ଶାନ୍ତା ତାକୁ ସଂଧ୍ୟା ସହିତ ପରିଚୟ କରାଇ ଦେଇଥିଲା । ପ୍ରଥମ ଦିନରୁ ସଂଧ୍ୟା ତାକୁ ଡ଼ାକିଲା ସୁକୁଭାଇ ବୋଲି । ବଡ଼ ଅଡୁଆ ଝିଅଟା, ଚିହ୍ନା ନାହିଁ, ପରିଚୟ ନାହିଁ, ଆରମ୍ଭରୁ କ'ଣ ନା ଭାଇ ।

ଦ୍ୱିତୀୟ ଥର ଯେତେବେଳେ ଦେଖାହୁଏ ତାକୁ ବି ଥଟ୍ଟା ଆରମ୍ଭ କରିଦେଲା । ସୁକାନ୍ତ ଚିଡ଼ି ଯାଇ କହିଲା "ବୁଝିଲୁ ଶାନ୍ତା, ଚାଣକ୍ୟ କହିଛନ୍ତି

Digitized by PPRACHIN, SOA

"ନାରୀଣାମ୍ ଭୂଷଣମ୍ ଲଜ୍ଜ୍ୟା, ବିଦ୍ୟା ସର୍ବସ୍ୟ ଭୂଷଣମ୍ ।" କିନ୍ତୁ ଏଠି ଦେଖୁଛି କାହାକୁ ବିଦ୍ୟାତ ଛାଡ଼ିଛନ୍ତି, ତା ସାଥିରେ ଲଜ୍ଜ୍ୟାକୁ ମଧ ଅଲ୍ ବିଦା ଦେଇଛନ୍ତି ।" ସଂଧ୍ୟା ମୁହଁଟାକୁ ଏଡ଼େ କରି ସୁକୁ ସୁକୁ ହୋଇ କାନ୍ଦି ଘରକୁ ପଳେଇଲା ।

ସବୁବେଳେ ଶାନ୍ତା ତାକୁ ଗାଳି ଦିଏ । କହେ ତା ଯୋଗୁ ସଂଧ୍ୟା ଆଉ ତା ଘରକୁ ଆସୁନି । ସଂଧ୍ୟା ଭାରି ଭଲ ପିଲା । ସୁକାନ୍ତ ତାକୁ ମିଛଟାରେ ଏଣୁ ତେଣୁ କହିଲା । ସୁକାନ୍ତ ଭାବିଲା ଭୁଲ ତ ହୋଇଛି । ଏବେ ସୁଧୁରା ଯାଉ । ତାକୁ କହିଲା "ତାକୁ ଏଠାକୁ ଡ଼ାକି ଆଣ । ତୋ ସକାଶେ ମୁଁ କ୍ଷମା ପ୍ରାର୍ଥନା ମାଗିନେବି ।" ଭାଇ ଭଉଣୀ ଦୁହେଁ ହସିଲେ ।

x x x x x x x x

ହଠାତ୍ ଦିନେ ମନୁ ମଉସା ନିଜର ସବୁ ପଇସା ପତ୍ର, ସମ୍ପତ୍ତି ବାଡ଼ି ଚଢ଼ୁ ନାମରେ ଉଇଲ୍ କରି ଚାଲିଗଲେ ପଣ୍ଡିଚେରୀ ଆଶ୍ରମକୁ । କାହାକୁ କିଛି କହି ନ ଥିଲେ ଆଗରୁ । ରାତି ଅଧରେ ଉଠି ନିଜର ଜିନିଷ କେତେଖଣ୍ଡ ଧରିଛୁ । ଶ୍ୟାମମଉସା ସକାଳୁ ଉଠି ଆଶ୍ଚର୍ଯ୍ୟ । ତାଙ୍କ ପରି ଲୋକଙ୍କ ଆଖିରୁ ଗଡ଼ିପଡ଼ିଲା ଦି ଟୋପା ଲୁହ । ମାଉସୀଙ୍କ ମନ ଭାରି ଖରାପ । ଏ କଥା ଯେ ହେବ କେହି କଳ୍ପନା କରି ନ ଥିଲେ । ମନୁ ମଉସା ଶ୍ୟାମ ମଉସାଙ୍କଠାରୁ ବହୁତ ସାନ । ପିଲାଦିନୁ ପାଳି ଆସିଛନ୍ତି । ଭାରି ଭଲ ପିଲା କିନ୍ତୁ ଏଭଳି କାହାକୁ କିଛି ନ କହି ଜୀବନ ସଂଗ୍ରାମରୁ ପଛେଇ ଯିବା ଶ୍ୟାମ ମଉସାଙ୍କ ଧର୍ମ ନୁହେଁ । ବାପା ମାଆ ମଲା ବେଳେ ମନୁ ମଉସା ଆଠ ବର୍ଷର ପିଲା । ଶ୍ୟାମ ମଉସା ନୂଆ ହୋଇ ବାହା ହୋଇଥାଆନ୍ତି । ମଉସା ମାଉସୀ ଦୁହେଁ କେତେ ଯତ୍ନରେ ତାଙ୍କୁ ବଢ଼ାଇଛନ୍ତି । ପିଲାଦିନୁ ଏକ୍‌ଜିଦିଆ । ସେଥିପାଇଁ ବଡ଼ ଭାଇ ଓ ଭାଉଜଙ୍କ ମନା ସତ୍ତ୍ୱେ ମନ୍ଦାକିନୀଙ୍କୁ ବିବାହ କଲେ । ମନ୍ଦାକିନୀ ଘରକୁ ବୋହୂ ହୋଇ ଆସିଲେ ବହୁ ଆଡ଼ମ୍ବରରେ । କିନ୍ତୁ ସବୁ ଧୂଳିରେ ମିଶିଗଲା ଗୋଟିଏ ବର୍ଷରେ । ମନ୍ଦାକିନୀ ଦୁନିଆ ଛାଡ଼ି ଚାଲିଗଲେ । ମନୁ ମଉସା ପୂରାପୂରି ବଦଳିଗଲେ । ସୁକାନ୍ତ ଅନେକ ସମୟରେ ତାଙ୍କ ପାଖରେ ଦର୍ଶନ ଚର୍ଚ୍ଚା କରୁଥିଲା, ବେଦାନ୍ତ ଉପରେ ତାଙ୍କର ଅନେକ ଜ୍ଞାନ, ପ୍ରାଞ୍ଜଳ ଗପିଯାଆନ୍ତି । କିନ୍ତୁ ସେ ଆଉ ଫେରିବେ ନାହିଁ ।

ଘରେ ପୂର୍ବାବସ୍ଥା ଫେରି ଆସିବାକୁ ଅନେକ ଦିନ ଲାଗିଲା । ସବୁରି ମନର ଗହୀରା ଦାଗକୁ ଲିଭାଇ ଦେବାକୁ ସମୟ ଚେଷ୍ଟା କଲା । ମନୁ ମଉସା ବାସ୍ତବତାରୁ ଯାଇ ହୋଇ ପଡ଼ିଲେ ଗୋଟିଏ ଉପାଖ୍ୟାନ, ଗୋଟିଏ କାହାଣୀ .....

x x x x x x x x

ଦିନେ ସୁକାନ୍ତ ଶାନ୍ତାକୁ ଧରି କାଠଯୋଡ଼ୀ କୂଳକୁ ଯାଇଛି । ସଂଧ୍ୟା ତା ଛୋଟ ଭାଇ ସାଙ୍ଗରେ ସେଠାରେ ବୁଲୁଥିବାର ଦେଖାହେଲା । ଶାନ୍ତା ତାକୁ ଡ଼ାକି ପାଖକୁ ଆଣିଲା । ସୁକାନ୍ତ ତାକୁ କହିଲା "ସଂଧ୍ୟା, ମୋର ଭୁଲ୍ ହୋଇଛି ବୋଲି ଶାନ୍ତା କହୁଛି । ତୁମେ କୁଆଡ଼େ ମୋ ଯୋଗୁଁ ତାଙ୍କ ଘରକୁ ଆସୁନାହଁ ?"

"ତା ଅର୍ଥ, ଶାନ୍ତା କହିବା ଅନୁସାରେ ତୁମର ଭୁଲ । କିନ୍ତୁ ନିଜ ଅନୁସାରେ ଠିକ୍ କରିଛ ନା ?"

Digitized by PPRACHIN, SOA

"ନା, ସେ କଥା ନୁହେଁ । ତୁମେ ବୋଧହୁଏ ଟିକିଏ ବେଶୀ ଭାବପ୍ରବଣ ହୋଇ ପଡ଼ିଲ । ଏ ସବୁ କଥାକୁ ଧରନ୍ତି । ଏଥର ଦୟା କରି ଶାନ୍ତା ଘରକୁ ଯାଅ, ନ ହେଲେ ମୋ ମୁଣ୍ଡ କଟିଲା ।"

ସମସ୍ତେ ହସି ଉଠିଲେ ।

ତା ପରେ ସବୁ ଶନିବାର ରବିବାର ସଂଧ୍ୟା ସାଙ୍ଗରେ ଦେଖାହୁଏ । ତିନିଜଣ ମିଶି କେତେ ଗପ କରନ୍ତି । କେତେବେଳେ ସୁକାନ୍ତ ବସି ସେମାନଙ୍କୁ ପାଠ ପଢ଼ାଏ । ଦିନେ ଦିନେ ସାଙ୍ଗ ହୋଇ ସିନେମା ଯାଆନ୍ତି । ଦିନେ ସିନେମା ହଲ୍‌ରେ ସଂଧ୍ୟା ବସିଥିଲା ସୁକାନ୍ତ ପାଖରେ । ସାଧାରଣତଃ ଶାନ୍ତା ତା ପାଖରେ ବସେ । କିନ୍ତୁ ସେ ଦିନ ଚତୁର୍ଥ ସିଟ୍‌ରେ ତା'ର ଜଣେ ବାନ୍ଧବୀ ବସିଥିବାରୁ ଶାନ୍ତା ତା ପାଖରେ ବସିଥାଏ । ସିନେମା ଚାଲିଥାଏ । ଅଜାଣତରେ ସୁକାନ୍ତର ହାତ ଯାଇ ସଂଧ୍ୟା ହାତରେ ବାଜିଗଲା । ସଂଧ୍ୟା ହାତକୁ ଧରି ନେଲା । ଛାଡ଼ିଲାନି... । ସେଠାରୁ ଆରମ୍ଭ ହେଲା ଏକ ନୂତନ ଅଭିଜ୍ଞତା । ଶନିବାର, ରବିବାରକୁ ଚାତକ ପରି ଚାହିଁ ରହିଥାଏ ସୁକାନ୍ତ । ଟିକିଏ କେବେ ଏକାଟିଆ ପାଇଲେ ଦୁହେଁ ଚାହିଁ ରହନ୍ତି ଦୁହିଁଙ୍କ ମୁହଁକୁ । କେବେ କେବେ ପାଟିରୁ ବାହାରି ପଡ଼େ ଅଯୋଡ଼ା କଥା କେତେ ପଦ । ଦୁହେଁ ଦୁହିଁଙ୍କର ହାତ ଧରି ବସି ରହନ୍ତି । ଶାନ୍ତା ଚାଲି ଆସିଲେ ସବୁ ଚୁପ୍‌ଚାପ୍, ପୁଣି ସେଇ ହସ ଖେଳ, ଖୁସି ଗପ ।

ଶନିବାର ଦିନଟା ସବୁଠାରୁ ବେଶୀ କଷ୍ଟ । ଶେଷ ପିରିୟଡ୍ ଗୁଡ଼ାକ ମୋଟେ ମନ ଲାଗେନି । ଦିନେ ଦିନେ ପ୍ରାକ୍ଟିକାଲ କରୁ କରୁ ଭୁଲ୍ ଭଟକା ହୋଇଯାଏ । ସତ୍ୟ ତାକୁ ଥଟ୍ଟା କରେ "ମୋ ପ୍ୟାରେ ଦୋସ୍ତକୁ କେଉଁ ଛୋକରୀ କାବୁ କରିଦେଇଛି । ଭାଇ ସବୁ କରିବୁ, କିନ୍ତୁ ପ୍ୟାର ମତ୍ କରନା । ଯୋ ପ୍ୟାର କିୟା ଓ ଭି ପସ୍ତାୟା, ଯୋ ନେହିଁ କିୟା ଓଭି ପସ୍ତାୟା । ବୁଝିଲୁ ୟାର୍ ତୁ ପ୍ୟାର ମତ୍ କରନା, କୃଓଁମେ ଡୁବ୍‌କେ ମର୍‌ଜାନା – ଇତି ଫିଲ୍ମ ଷ୍ଟାର କିଶୋର କୁମାର ।

ଦୁହେଁ ହସନ୍ତି, କାମ କରନ୍ତି, କଲେଜରୁ ଫେରି ବନ୍ଧୁମାନଙ୍କ ମଧ୍ୟରେ ସତ୍ୟ ପ୍ୟାର୍ ସମ୍ବନ୍ଧରେ ବକ୍ତୃତା ଦିଏ । କିଶୋର ମୁରୁକି ମୁରୁକି ହସେ । ସମସ୍ତେ ପୁଣି ମିଶି ଯାଆନ୍ତି ସେହି ଧରାବନ୍ଧା ରୁଟିନ୍ ସାଙ୍ଗରେ ।

କିନ୍ତୁ ତା'ରି ଭିତରେ ସୁକାନ୍ତର ମନଟା ଭାରି ହୋଇଉଠେ । ସେ ଚାହେଁ ସଂଧ୍ୟାର ସାନିଧ । ଚାହେଁ ଘଣ୍ଟା ଘଣ୍ଟା ଧରି ତା ସାଙ୍ଗରେ ଗପି ଚାଲନ୍ତା । ଆଜିକାଲି ଜହ୍ନରାତି ହେଲେ ସେ ଆଉ ଶୋଇପାରେ ନାହିଁ । ଝରକା ପାଖରେ ବସି ଚାହିଁରହେ ବାହାରକୁ । କିଶୋରକୁ ନିଦରୁ ଉଠାଇ କହେ ଗୀତ ଗାଇବାକୁ । ସତ୍ୟ ଅଧା ନିଦରୁ ଉଠି ଗାଇବସେ "ମୈନେ ପିନା ଶିଖ୍‌ଲିୟା ....." । ଶରତ୍ ଉଠି ପାଟିକରେ ଶୋଉନାହିଁ କାହିଁ ବଣ ଭାଲୁ ପଂଝା । ମାଧବଟା ମହାଗାଲୁ । ଶେଯ ଶୁଙ୍ଘିଲେ ନିଦ । ଉପରେ ହାତୀ ଚାଲିଗଲେ ବି ଉଠିବ ନାହିଁ ।

ତେବେ ବି ପ୍ରତି ସପ୍ତାହରେ ଶନିବାର ରବିବାର ଆସେ । ସୁକାନ୍ତ ସଂଧ୍ୟାକୁ ଭେଟେ । ଦିନେ ଦିନେ ଶାନ୍ତା ଓ ସେ ମିଶି ଯାଆନ୍ତି ସଂଧ୍ୟା ଘରକୁ । ସଂଧ୍ୟାର ମାଆ ଖାଇବାକୁ ଦିଅନ୍ତି । ବାପା ମଜା କଥା କହି ହସନ୍ତି । ସଂଧ୍ୟା ଗୋଟିଏ ବୋଲି ଝିଅ । ତଳେ ଗୋଟିଏ ପୁଅ । ଛୋଟ ପରିବାର । ସହରରେ ଘର । ଘର

Digitized by PPRACHIN, SOA

କେତୋଟି ଭଡ଼ା ଲାଗିଥାଏ । ଯାହା ରୋଜଗାର କରନ୍ତି ସେଥିରେ ଛୋଟ ପରିବାରଟି ଖୁସି ବାସିରେ ଚଳିଯାଆନ୍ତି ।

ଦିନକୁ ଦିନ ଦୁହେଁ ବେଶୀ ଘନିଷ୍ଠ ହୋଇପଡ଼ନ୍ତି । ବେଳେବେଳେ ଏକାଥିଲେ ସୁକାନ୍ତ ତାକୁ ଛାତିକୁ ଆଉଜାଇ ଆଣେ । ସେ ଆଖି ବୁଜି ଦିଏ । ଦେହ ତାତି ଯାଏ, ମନଟା ତାତିଯାଏ । ଶାନ୍ତା ଫେରିଆସେ । ଦୁହେଁ ଛଡ଼ାଛଡ଼ି ହୋଇବସନ୍ତି । ଶାନ୍ତା ସବୁ ବୁଝିପାରେ ।

ଦିନେ ଶାନ୍ତା ସୁକାନ୍ତକୁ ପଚାରିଲା "ସୁକୁଭାଇ, ସଂଧ୍ୟାକୁ ତୁମେ ଭଲପାଅନା ?" ସୁକାନ୍ତ ଉତ୍ତର ଦେଲାନି । ଚୁପ୍‌ଚାପ୍ ରହିଲା । ଶାନ୍ତା କହିଲା "ମୁଁ ଭାବୁଛି ଏ କଥା ମୁଁ ମାଆକୁ କହିବି । ସେ ମଉସାଙ୍କୁ କହି ବିବାହ ପ୍ରସ୍ତାବ ପକାଉ, ଆପତ୍ତି କ'ଣ ?" ସୁକାନ୍ତ କ'ଣ କହିବ ବୁଝିପାରିଲା ନାହିଁ । ଖାଲି ଏତିକି କହିଲା "ବି.ଏସ୍.ସିଟା ପାଶ୍ କରିଯାଏ । ନଚେତ୍ ବାପା ହୁଏତ, ରାଜି ହେବେ ନାହିଁ ।"

ଶାନ୍ତା ବି ରାଜି ହେଲା । "ହଁ ଆଉ ମାସ ୪/୬ଟା । ଏତେ ବ୍ୟସ୍ତ ହୁଅନାହିଁ ସୁକୁ ଭାଇ । ଶାନ୍ତା ଥାଉ ଥାଉ ଏତିକି ଟିକିଏ କଥା କରିପାରିବ ନାହିଁ ?"

"ଏଇଟା ଟିକିଏ କଥା ନୁହେଁ ଲୋ ବାୟାଣୀ, ମନୁ ମଉସା କାହିଁକି ପଣ୍ଡିଚେରୀ ଗଲେ ଜାଣୁତ ? "ମୋ ସୁକୁଭାଇ ବାବାଜୀ ହେବ ନାହିଁ । ଯେତେ ଜଟା ଦାଢ଼ୀ ରଖିଲେ ବି କଇଁଚି ଧରି କାଟିଦେବି ।" ଦୁହେଁ ମନଇଛା ହସିଲେ ।

x x x x x x x x

ଓଡ଼ିଶାର ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଗଲାଣି । ବିଧାନସଭାରେ ଜମିଦାରୀ ଉଠିବା କଥା ପଡ଼ିଲାଣି । ରାଜସ୍ୱମନ୍ତ୍ରୀ ଗୋଟିଏ ବିଲ୍ ପେଶ୍ କରିଛନ୍ତି । ପ୍ରଥମ ଶୁଣାଣୀ ହୋଇଗଲାଣି । ଶରତ୍‌ର ବାପାଙ୍କର ହୃତ୍‌ରୋଗ ବାହାରିଛି ପ୍ରଥମ ଆଟାକ୍ ହୋଇଯାଇଛି । ଶରତ୍ କିଛିଦିନ ଯାଇ ଘରେ ରହି ଫେରିଆସିଛି । ଶରତ୍‌ର ମାଆ ମଧ୍ୟ ରୁଗ୍ଣ ହୋଇପଡ଼ିଛନ୍ତି । ଦିନକୁ ଦିନ ଦେହ ଖରାପ ହେଉଛି । ଶରତ୍‌ର ମନ ଭଲ ନାହିଁ । ସତ୍ୟବ୍ରତର ମାଆ ବେଶ୍ ବୁଢ଼ୀ ହୋଇଗଲେଣି । ତେବେ ବି ସୁସ୍ଥ ଅଛନ୍ତି, ରୋଗ ଛୁଇଁ ନାହିଁ, ତାଙ୍କ ପାଖରେ ମୀନୁ ଖୁସି ଅଛି ।

ଓଡ଼ିଶାରୁ ଗଡ଼ଜାତ ସ୍ୱବୁ ଉଠିସାରିଲାଣି । ସରେଇକଳା ଓ ଖରସୁଆଁକୁ ଏ ପ୍ରଦେଶରୁ ନେଇ ବିହାର ସାଙ୍ଗେ ମିଶେଇ ଦିଆଯାଇଛି । ଛଅଟି ଜିଲ୍ଲାରୁ ଯାଇ ଓଡ଼ିଶାରେ ତେରଟି ଜିଲ୍ଲା ହେଲାଣି । ନୂଆ ନୂଆ କଲେଜ ସବୁ ବସିଲାଣି । ଅଧ୍ୟାପକଙ୍କ ଚାହିଦା ବହୁତ ବେଶୀ । ନିଜ କଲେଜରେ ମଧ୍ୟ ନୂଆ ନୂଆ ବିଭାଗ ଖୋଲିଲାଣି । ଏକ ନୂତନ ଗଣତନ୍ତ୍ର ରୂପରେଖ ନେଉଛି । ଭାରତର ପ୍ରଥମ ଗଣଭୋଟ ଖୁବ୍ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି । ଦେଶରେ ଏକ ନବ ଜାଗରଣ ଆସିଛି । ପ୍ରଧାନମନ୍ତ୍ରୀ ପ୍ରଥମ ପଞ୍ଚବାର୍ଷିକ ଯୋଜନା କରିଛନ୍ତି ଋଷିଆର ସପ୍ତବାର୍ଷିକ ଯୋଜନା ଭଳି । ନୂଆ ନୂଆ ଇଞ୍ଜିନିୟରିଂ କଲେଜ, ମେଡ଼ିକାଲ କଲେଜ, ନୂଆ ନୂଆ ବିଶ୍ୱବିଦ୍ୟାଳୟ ତିଆରି କରାଯାଉଛି । ଏ ଦେଶର ଶିକ୍ଷା

Digitized by PPRACHIN, SOA

ପଦ୍ଧତିକୁ ଅନୁଶୀଳନ କରି ତାକୁ ଯୁଗାପଯୋଗୀ କରିବା ପାଇଁ ଦେଶର ସର୍ବଶ୍ରେଷ୍ଠ ଶିକ୍ଷାବିତ୍ ମାନଙ୍କୁ ନେଇ କମିଶନ୍ ଗଢ଼ାଯାଇଛି । ସବୁ ଏକ ନବ ଜାଗରଣ ।

ବିଦେଶ ଯିବା ପାଇଁ ନୂଆ ବୃତ୍ତି ସବୁ ଖଞ୍ଜା ଯାଇଛି । ଦିନେ ମଜାରେ ସୁକାନ୍ତ ଗୋଟିଏ ଦରଖାସ୍ତ ପକାଇଲା ଜର୍ମାନୀର ବର୍ଲିନ ବିଶ୍ୱବିଦ୍ୟାଳୟରେ ପଢ଼ିବାର ଏକ ବୃତ୍ତି ସକାଶେ ।

ବି.ଏସ୍.ସି. ପରୀକ୍ଷା ପାଖେଇ ଆସିଲା । ଏବେ ଶନିବାର ସଂଧ୍ୟାରେ ସାଙ୍ଗରେ ବହି ନେଇ ସୁକାନ୍ତ ଯାଏ ଶ୍ୟାମ ମଉସାଙ୍କ ଘରକୁ । ସଂଧ୍ୟା ମଧ ଆସେ ପଢ଼ାହୁଏ ନାହିଁ । ତା ପରେ ଦୁଇଦିନ କଟିଯାଏ । ଆଜିକାଲି ଶାନ୍ତା ଦୁହିଁଙ୍କୁ ଏକୁଟିଆ ବେଶୀ ସମୟ ଛାଡ଼ିଦିଏ । ଗପି ଯାଆନ୍ତି ଦୁହେଁ କାହିଁରୁ କେତେ । କଳ୍ପନାର ସୁନାର ପ୍ରାସାଦ ଗଢ଼ିଚାଲନ୍ତି । ପ୍ରତ୍ୟେକ ରବିବାର ଦିନେ ସଂଧ୍ୟା ତାକୁ ଗୋଟିଏ ନିଜ ହାତ ଅଙ୍କା ଚିତ୍ର ଉପହାର ଦିଏ । ପଛପାଖରେ ଲେଖାଥାଏ "ହୃଦୟର ଅନ୍ତରତମ ପ୍ରଦେଶରୁ ଏଇଟି ବାଢ଼ିଦେଲି ତୁମର ପାଦ ତଳେ ।" ସୁକାନ୍ତ ଶିଳ୍ପୀ ନୁହେଁ, କବି ନୁହେଁ । କିନ୍ତୁ ବେଳେବେଳେ କ୍ଷୁଦ୍ରଗଳ୍ପଟିଏ ଲେଖି ସନ୍ଧ୍ୟାକୁ ଦିଏ ପ୍ରତିଦାନରେ ।

ଶାନ୍ତା ଓ ସନ୍ଧ୍ୟାଙ୍କର ପରୀକ୍ଷା ଆଗେ ସରିଗଲା । ତାପରେ ସେମାନେ ଯେ କ'ଣ କରୁଛନ୍ତି ସୁକାନ୍ତକୁ ବୁଝିବାକୁ ତାର ନଥାଏ । ତା'ର ପରୀକ୍ଷା ଚାଲିଥାଏ । ଯେଉଁଦିନ ଥିଓରୀ ପରୀକ୍ଷା ସରିଲା ହଲ୍ ବାହାରକୁ ଆସିଲା ବେଳକୁ ଶ୍ୟାମମଉସା ଅପେକ୍ଷା କରିଛନ୍ତି । ସାଙ୍ଗରେ ତାଙ୍କ ଘରକୁ ଆସିଲା । ମୁଣ୍ଡରୁ ବଡ଼ ବୋଝ ଚାଲିଯାଉଛି । ଖିଆପିଆ ଜୋର୍ ସୋର୍‌ରେ ଚାଲିଲା । ପରୀକ୍ଷାରେ ଖବୁ ଭଲ ହୋଇଥାଏ । ମନ ଉତ୍‌ଫୁଲ୍ଲ ଥାଏ । କିନ୍ତୁ ସନ୍ଧ୍ୟାକୁ ନଦେଖି ଶାନ୍ତାକୁ ପଚାରିଲା । ଶୁଣିଲା ତାକୁ ଜର ହୋଇଛି । ଶାନ୍ତାକୁ ଧରି ଗଲା ସନ୍ଧ୍ୟା ଘରକୁ ବୁଲି ଆସିବାକୁ । ତିନି ଚାରି ଦିନ ଜରରେ ପଡି ସନ୍ଧ୍ୟା ଝାଉଁଳିଯାଇଛି । କିନ୍ତୁ ସୁକାନ୍ତକୁ ଦେଖି ସେ ଫେରି ପାଇଲା ତା'ର ଲାବଣ୍ୟ, ଝରି ଉଠିଲା ଚିର ହାସ୍ୟ ତା ଓଠରୁ । କିଛି ସମୟ ରହି ସେଠାରୁ ଫେରି ଆସିଲା ।

କିଶୋରର ପରୀକ୍ଷା ଆଗ ସରିଯାଇଥାଏ । କିନ୍ତୁ ସେ ଅପେକ୍ଷା କରିଥାଏ ଏମାନଙ୍କର ପରୀକ୍ଷା ସରିବା ପାଇଁ । ତାପରେ ମାଧବ ଓ ଶରତ୍‌ର ପ୍ରାକ୍ଟିକାଲ ସରିଲା । ସତ୍ୟ ଓ ସୁକାନ୍ତଙ୍କ ପ୍ରାକ୍ଟିକାଲ ଆଉ ୩/୪ ଦିନ ବାକି ଥାଏ । ସମସ୍ତେ ବସି ଥାଆନ୍ତି । କିଶୋର ଗୋଟିଏ ଗୀତ ଗାଉଥାଏ । ଏଇ ସମୟରେ ଟେଲିଗ୍ରାମ୍ ଆସି ପହଞ୍ଚିଲା "ଶରତର ବାପା ଖୁବ୍ ପୀଡ଼ିତ" । ଶରତ୍ ମୁହଁ ଶୁଖାଇ ବସିଲା । ସାଙ୍ଗମାନେ ତାର ଜିନିଷପତ୍ର ବାନ୍ଧି ଦେଇ ଗାଡ଼ିରେ ଚଢାଇଲେ । ସମସ୍ତଙ୍କ ଆଖିରୁ ଧାର ଧାର ଲୁହ ଗଡୁଥିଲା । କିଶୋରଟା ସବୁଠାରୁ ବେଶୀ ଭାବପ୍ରବଣ । ସେ ଆଉ ସମ୍ଭାଳି ପାରିଲାନି । ସତ୍ୟକୁ ଧରି କାନ୍ଦିବାକୁ ଆରମ୍ଭ କଲା । ସତ୍ୟ ତାକୁ ଚାପୁଡାଟେ ଦେଇ କହିଲା "କ'ଣ ଶାଶୁ ଘରକୁ ଯାଉଛୁ କିବେ, ରଡ଼ି କଣ ଛାଡୁଛୁ ?" ଗାଡି ଛାଡ଼ିଲା ଶରତ୍ ଚାଲିଗଲା ।

ଶେଷ ପରୀକ୍ଷା ସରିଗଲା । ସତ୍ୟ ଘରକୁ ଚାଲିଗଲା । କିଶୋର ତା ସାଥିରେ ଗଲା । ମାଧବ ବାଲେଶ୍ୱର ଚାଲିଗଲା, ସୁକାନ୍ତ ଜିନିଷ ପତ୍ର ବାନ୍ଧି ଗଲା ଶ୍ୟାମ ମଉସାଙ୍କ ଘରକୁ । ସମସ୍ତେ ଭାରି ଖୁସି । ସୁକୁ ସେଠାରେ ୨/୩ ଦିନ ରହିବ ଓ ତାପରେ ଘରକୁଯିବ । ସେଦିନ ଶାନ୍ତା ତାକୁ ଡାକି ଚୁପ୍‌ଚାପ୍

Digitized by PPRACHIN, SOA

କହିଲା "ସୁକୁଭାଇ, ସନ୍ଧ୍ୟା ଦେହ ବେଶୀ ଖରାପ ହେଲାଣି । ମୁଁ ଆଜି ଯାଇଥିଲି । ସେ ମଝିରେ ମଝିରେ ବିଳିବିଳୋଉଛି, ତୁମ ନା' ଧରି ଡାକୁଛି । ଚାଲ ଦେଖିବାକୁ ଯିବା ।"

କହିବାକୁ ଭାଷା ନଥିଲା ତା ମୁହଁରେ । ଦୁହେଁ ଚାଲିଲେ ସନ୍ଧ୍ୟା ଘରକୁ । ପହଞ୍ଚିଲା ବେଳକୁ ଡାକ୍ତର ଫେରି ଆସୁଛନ୍ତି ଘର ଭିତରୁ । ସୁକାନ୍ତ ତାଙ୍କୁ ଧରି ପକାଇ କହିଲା, "ଡାକ୍ତର ବାବୁ, ସନ୍ଧ୍ୟା କିପରି ଅଛି ?" "ଭଗବାନ ସବୁ ଠିକ୍ ଠାକ୍ କରି ଦେବେ" କହି ସେ ଚାଲିଗଲେ । ସୁକାନ୍ତ ଘରେ ଯାଇ ପଶିଲା ବେଳକୁ ସବୁ ଶୁନ୍‌ଶାନ୍ । ସନ୍ଧ୍ୟାର ବାପା ଓ ମାଆ ତା ପାଖରେ । ସେ ନିଜକୁ ସଂଭାଳି ପାରିଲାନି । ଖଟ ଉପରକୁ ଯାଇ ତା' ମୁଣ୍ଡକୁ କୋଳକୁ ନେଇ ଆସିଲା । ତା'ର ଆଖି ଖୋଲିଲା । ଖାଲି ଏତିକି କହିଲା "ତୁମେ.... ।" କେତେ ସମୟ ସେ ସେଭଳି ବସି ରହିଛି ତା ନିଜେ ଜାଣେନି । ସନ୍ଧ୍ୟା କିନ୍ତୁ ଆଉ ଉଠିଲାନି । ଅଲ୍ ବିଦା ଦେଇ ଚାଲିଗଲା ସେପୁରକୁ ଯେଉଁଠାରୁ କେବେ କେହି ଫେରେ ନାହିଁ । ନେଇଗଲା ତା' ସାଙ୍ଗରେ ଦୁନିଆର ସବୁ ହସ, ସବୁ ଥଟ୍ଟା, ସବୁ କିଛି । ସୁକାନ୍ତ ଚାହିଁ ରହିଥିଲା ସେହି ମୁହଁଟାକୁ ଯାହାକୁ ନେଇ ସେ ଗଢି ଉଠିଥିଲା ସ୍ୱପ୍ନର ସଂସାର । ତା'ର କଳ୍ପନାର ଅଟ୍ଟାଳିକା ଭାଙ୍ଗି ଧୂଳିସାତ୍ ହୋଇଗଲା ।

ଚିରଦିନ ପାଇଁ ସନ୍ଧ୍ୟା ଚାଲିଗଲା ପୃଥିବୀରୁ । ଏଇ ପୃଥିବୀକୁ ସେ କେତେ ଭଲ ପାଉଥିଲା । ଏଇ ସଂଧ୍ୟା ପହର ଗୁଡାକ ତା'ର କେତେ ପ୍ରିୟ । ଆକାଶରେ ଜହ୍ନ ଉଠିବ । କିନ୍ତୁ ତାକୁ ଚାହିଁ ସନ୍ଧ୍ୟା ଆଜି ଆଉ ଗଢିଚାଲିବନି ତା'ର ସୁନାର ଭବିଷ୍ୟତ । ପୋଡି ପାଉଁଶ ହୋଇଗଲା ସବୁ । ସୁକାନ୍ତ ନେଇ ଢାଳି ଦେଇ ଆସିଲା ଖାନ୍ ନଗରରେ, ନିଜ ହାତରେ ସେଇ ସୁନାର ମୁହଁରେ ନିଆଁ ଧରାଇ । ସେଇ କାଠଯୋଡୀ ପାଣିରେ ଜହ୍ନପଡି ଚିକ୍‌ଚିକ୍ କରୁଛି, ବାଲି ଉପରେ ଜହ୍ନ ପଡ଼ି କିମ୍ଭୁତ ଏକ ଦୃଶ୍ୟ । କିନ୍ତୁ ତା' କୂଳରେ ବସି ବସି ସୁକାନ୍ତ ଉପରେ ଭରା ଦେଇ ସନ୍ଧ୍ୟା ଆଜି କହିବନି "ମୁଁ ତୁମକୁ ଭାରି ଭଲପାଏ ।"

ପୁଣି ରବିବାର ଆସିବ । କିନ୍ତୁ ସନ୍ଧ୍ୟା ଆଉ ଆସିବନି ନିଜ ହାତଅଙ୍କା ଚିତ୍ରଟିଏ ଧରି ସୁକାନ୍ତ ପାଇଁ । ସୁକାନ୍ତ ଆଉ ଗପ ଲେଖି ପାରିବ ନାହିଁ । କାହାପାଇଁ ସେ ଗପ ଲେଖିବ ? କାହା ଆଖିରୁ ଲୁହ ଟୋପେ ଗଡ଼ିଲେ ତା'ର ଛାତି କରତି ହୋଇଯିବ ?

ଅନେକ ସମୟ ସେ ବସିଲା କାଠଯୋଡ଼ି କୂଳରେ । ରାତି ଗଭୀର ହେଲା । ଫେରି ଆସିଲା ଶ୍ୟାମମଉସାଙ୍କ ଘରକୁ, ସମସ୍ତେ ଜାଣିଥିଲେ ସନ୍ଧ୍ୟାର ମୃତ୍ୟୁ । ତା'ଆଗରୁ ସମସ୍ତେ ହୁଏତ ଜାଣିଥିଲେ ତା'ର ସନ୍ଧ୍ୟାର ସଂପର୍କ । କେହି କିନ୍ତୁ ସନ୍ଧ୍ୟାର ମୃତ୍ୟୁପାଇଁ ସହାନୁଭୂତି ଦେଖାଇଲେ ନାହିଁ । ସେ ଚାହିଁ ନଥିଲା ସେ କଥା, ତାର ଦରକାର ଥିଲା ଗୋଟିଏ କୋଠରୀ ଯେଉଁଠି ସେ ମନଖୋଲି କାନ୍ଦି ପାରନ୍ତା ।

ଭାବିଥିଲା ଘରକୁ ଚାଲିଯିବ । ଶ୍ୟାମ ମଉସା କହିଲେ ତା'ର ବାପା ଆସିବେ ତେଣୁ ସେ ଅପେକ୍ଷା କଲା ।

ବାପା ଆସିଲେ । ସାଥିରେ ମାଆ ମଧ । ଦିନେ ବାପା ତାକୁ ଡାକି ନେଲେ ସାଥିରେ । କାଠଯୋଡୀ କୂଳରେ ଦୁହେଁ ଯାଇ ବସିଲେ, ପଚାରିଲେ "ସବୁ, ତୁ ସନ୍ଧ୍ୟାକୁ ଖୁବ୍ ଭଲ ପାଉଥିଲୁ ନା" ?

Digitized by PPRACHIN, SOA

"ହଁ" ।

"ମୋତେ କହି ନ ଥିଲୁ କାହିଁକି ?"

"ଭାବିଥିଲି ପରୀକ୍ଷା ପରେ କହିବି ।" ଏହା କହିଲା ବେଳକୁ ଆଖିରୁ ଲୁହ ଧାର ଧାର ଧାର ବୋହିଗଲା । "ଦେଖ, ଯାହା ହେବାର ହେଲାଣି । କାନ୍ଦିଲେ କ'ଣ ସଂଧ୍ୟା ଫେରିଆସିବ ? ତୋର ଜୀବନଟା ଖୁବ୍ ମୂଲ୍ୟବାନ୍ । ସଂଧ୍ୟାର ସ୍ମୃତିକୁ ମନରେ ରଖି, ଯାହା କରିଥିଲେ ସେ ଖୁସି ହୋଇଥାଆନ୍ତା ସେଇଆ କର । ମୁଁ ତୋତେ ଜନ୍ମ ଦେଇଛି । ମୁଁ ଜାଣେ ତୋ ପକ୍ଷରେ ଏଇଟା କେଡ଼େ ବିରାଟ ଧକ୍କା । ଯେଉଁଟା ତୋ ପାଇଁ ଧକ୍କା, ଏ ବୁଢ଼ା ବୟସରେ ସେଇଟା ମୋ ପାଇଁ ମଧ ଧକ୍କା । ସଂଧ୍ୟାକୁ ପାଇଥିଲେ ନିଜେ ଯାହା ଖୁସି ହୋଇଥାଆନ୍ତୁ, ତୋର ମାଆ ଆଉ ମୁଁ ସେଥିରୁ ତିଳେ ହେଲେ କମ୍ ଖୁସି ହୋଇ ନ ଥାନ୍ତୁ । ସେଇ ହେଲା ଜୀବନ । ଏଇ କଷଟୀ ପଥରରେ ଘୋରି ହୋଇ ମଣିଷ ମାଡ଼ି ଚାଲେ ଜୀବନ ପଥରେ । ତୁ ଜାଣୁନା, ମୁଁ କାହିଁକି ପାଠ ସାରି ଚୁପ୍ ଚାପ୍ ଘରକୁ ଫେରି ଆସିଲି । ପାଠ ପଢୁଥିଲା ବେଳେ ଆମେ ଥିଲୁ ତିନି ଜଣ ସାଙ୍ଗ – ଥ୍ରୀ ମସ୍କେଟିୟର୍‌ସ, ରବିଶଙ୍କର, ଶ୍ୟାମବନ୍ଧୁ ଓ ମୁଁ । ଦିନେ ଯୋବ୍ରାର ଗାଧୋଇଲା ବେଳେ ରବିଶଙ୍କର ବୁଡ଼ିଗଲା । ମୁଁ ପ୍ରତିଜ୍ଞା କଲି ପଢ଼ାସାରିଲେ କଟକ ମାଡ଼ିବି ନାହିଁ ବୋଲି । ହୋଇ ପାରିଲା କୁଆଡ଼େ କହିଲୁ ? ଶ୍ୟାମବନ୍ଧୁଟା ଯେ ଏଣେ ରହିଗଲା ।"

ବାପାଙ୍କଠାରୁ ଏପରି ସିଧାସଳଖ କଥା ଶୁଣିବ ବୋଲି ସୁକାନ୍ତ କଳ୍ପନା କରି ନ ଥିଲା । ଆଖିରୁ ଲୁହ ପୋଛିଲା । କହିଲା "ଚାଲ ବାପା, ଯେତେ ଶୀଘ୍ର ଗାଁଆକୁ ଫେରିଯିବା । ଗତ ଚାରିବର୍ଷ ଧରି ମୁଁ ଗାଁଆକୁ ଅବହେଳା କରିଛି । ପୁଣି ଥରେ ତା'ରି ଦେହରେ ନିଜକୁ ଢ଼ାଳି ଦେବି ।"

ବାପ ଓ ପୁଅ ଦୁହେଁ ନଈକୂଳରୁ ଫେରିଲେ । ତା' ଆରଦିନ ଫେରିଲେ ତା'ର ଗାଁଆକୁ ।

ହସ ଖୁସିର କଲେଜ ଜୀବନ ଏପରି ଇତି ହେବ ବୋଲି ସୁକାନ୍ତ କେବେ କଳ୍ପନା କରି ନ ଥିଲା ।

(ତିନି)

ଗାଁଆରେ ପହଞ୍ଚିଲା ବେଳକୁ ଆସିଛି ଶରତର ଲମ୍ୱା ଚିଠି । ତା'ର ବାପା ଭୀଷଣ ବେମାର । ହୁଏତ ଆଉ ବଞ୍ଚିବେନି । ଜମିଦାରୀ ଉଠିବାର ସଂବାଦ ଶୁଣି ତାଙ୍କର ଦ୍ୱିତୀୟ ଆଟାକ୍ ହୋଇଯାଇଛି । ମା ଶଯ୍ୟାଶାୟୀନୀ । ସେ ବି ହୁଏତ ଆଉ ବଞ୍ଚିବେ ନାହିଁ । ହଠାତ୍ ଯେପରି ତା'ର ପାଦ ତଳୁ ମାଟି ଖସି ପଡୁଛି । ଭାଇ ଭଉଣୀମାନେ ତାକୁ କେହି କଥା କହୁନାହାନ୍ତି । ସେ ଅତି ମର୍ମାହତ ।

ସତ୍ୟ ଚିଠି ଲେଖିଛି । ତାଙ୍କ ଘରେ ଭାରି ହସ ଖୁସି ଚାଲିଛି । ତା ଭଉଣୀମାନେ ଆସିଛନ୍ତି । କିଶୋର ଗୀତ ଗାଇ ସମସ୍ତଙ୍କୁ ଶୁଣାଉଛି । ମୀନୁ ତା ଭାଇକୁ ଦେଖି ଭାରି ଖୁସି ଅଛି ।

ମାଧବ ଲେଖିଛି ଘରେ ଯାଇ ଖାଲି ଶୋଉଛି । ଯେତେ ପରିଶ୍ରମ କରିଥିଲା ତା'ର ପ୍ରତିଶୋଧ ନେଉଛି । ତା'ର ବାପା ଜବରଦସ୍ତୀ କରୁଛନ୍ତି ଇଞ୍ଜିନିୟରିଂ ପଢ଼ିବାକୁ । ସେ କିନ୍ତୁ ଇଚ୍ଛା କରେ ଏମ୍.ଏସ୍.ସି. ପଢ଼ିବ ।

Digitized by PPRACHIN, SOA

ସୁକାନ୍ତ କାହା ପାଖକୁ ଏ ଯାଏଁ ଚିଠି ଲେଖିନାହିଁ । କ'ଣ ଲେଖିବ ଠିକ୍ କରି ପାରୁନି । ସଂଧ୍ୟା ସହିତ ତା'ର ସଂପର୍କ ସମସ୍ତେ ହୁଏତ ଜଣା ଅଧିକେ ଜାଣିଥିଲେ । ସତ୍ୟ ଅବଶ୍ୟ ଭଲ କରି ଜାଣେ । ସତ୍ୟ କିନ୍ତୁ ଏ ବିଷୟରେ କାହାକୁ କିଛି କହେନି । ସେଇଟା ତା'ର ଭଲଗୁଣ । ଭାବିଲା ମନ ଖୋଲି ସତ୍ୟପାଖକୁ ଲେଖିବ ବୋଲି । କାଗଜ କଲମ ଧରିଲା । ଆଖିରୁ ଲୁହ ବହି ଚାଲିଥାଏ ଓ ସେ ଲେଖି ଚାଲିଥାଏ ଫର୍ଦ୍ଦ ପରେ ଫର୍ଦ୍ଦ । କିଛି ହୁଏତ ନାହିଁ ତା ଭିତରେ । ସବୁ ହୁଏତ ରିପିଟିଶନ୍, ତେବେ ବି ଲେଖିଲା ସବୁ କଥା । ଚିଠିଟା ଚୁପ୍ ଚାପ ପକାଇଦେଲା । ମନର କୋହ ଅନେକଟା କମିଗଲା ।

ଗାଁଆର ସେଇ ଜମିବାଡ଼ି, ଘର, ବଗିଚା, ମୂଲିଆ ବାଉରୀ, ତା'ରି ସାଙ୍ଗରେ ନିଜକୁ ମିଶାଇ ଦେବାକୁ ଚେଷ୍ଟା କଲା ଠିକ୍ ଯେପରି ଚାରିବର୍ଷ ଆଗେ କରୁଥିଲା । ବାଉରିମାନେ ତାଙ୍କ ଭିତରେ ସାନ ସାଆନ୍ତଙ୍କୁ ଦେଖି ଭାରି ଖୁସି । ତାଙ୍କୁ ଆଉ ଡ଼ାକିବାକୁ ଯିବାକୁ ପଡୁନାହିଁ । ସେମାନେ ଆସି ତାକୁ ଡ଼ାକି ନେଉଛନ୍ତି । ପରିଆ ନୂଆ କଦଳୀ ବଗିଚାରେ ଘୁରି ଘୁରି ତାକୁ ଦେଖାଇ ଦେଉଛି ଏଇଟା ପାଟକପୁରା, ଏଇଟା ସିଙ୍ଗାପୁରୀ କି ଏଇଟା ମର୍ତ୍ତମାନ ଇତ୍ୟାଦି । ପୁରୁଣା ବଳଦ ଦୁଇଟା ମରିଗଲେଣି । ନୂଆ ବଳଦ କିଣା ହୋଇଛନ୍ତି । ଏବର୍ଷ ସେମାନେ ଡ଼ାଇଚୁଙ୍ଗ୍ ଧାନ ଲଗାଇବେ । ବିଲାତି ପିଡ଼ିଆ (chemical fertiliser) ଦେଲେ ଫଳ ଭଲ ହେଉଛି ଇତ୍ୟାଦି । ସତେ ଯେପରି ଦେଶର ସ୍ୱାଧୀନତା ମୂର୍ଖ ବାଉରୀମାନଙ୍କ ଭିତରେ ବି ନୂଆ ଜାଗରଣ ଆଣି ଦେଲାଣି ।

ଦିନେ ବସି ଖବର କାଗଜଟା ଦେଖୁଥିଲା । ପୋଷ୍ଟମ୍ୟାନ୍ ଆସି ଚିଠିଖଣ୍ଡେ ଦେଇଗଲା । ସରକାରୀ ଚିଠି, ସୁକାନ୍ତ ଖୋଲିଲା । ଆସିଛି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟରୁ । ବହୁଦିନ ପୂର୍ବେ ଜର୍ମାନୀରେ ପଢ଼ିବାପାଇଁ ଯେଉଁ ଦରଖାସ୍ତ ଦେଇଥିଲା ତା'ର ଇଣ୍ଟରଭିଉ ପାଇଁ ଦିଲ୍ଲୀରୁ ଡ଼ାକରା । ବାପା ଭାରି ଖୁସି ହେଲେ । ଦିଲ୍ଲୀ ବୁଲି ଆସିଲେ ପୁଅର ମନ ହୁଏତ ପରିବର୍ତ୍ତନ ହୋଇପାରେ । ତାକୁ କହିଲେ ଆଗ୍ରା, ଫତେପୁର ସିକ୍ରି ଇତ୍ୟାଦି ବୁଲି ଆସିବାକୁ । ବାପା ସବୁ ବେଳେ ଫତେପୁର ସିକ୍ରିର ଗୁଣାଗାନ କରନ୍ତି । ତାଙ୍କ ମତରେ ଆଗ୍ରାର ତାଜମହଲଠାରୁ ଫତେପୁର ସିକ୍ରିର ସ୍ଥାନ ଅନେକ ଉଚ୍ଚରେ । ହାତରେ ତାର ପ୍ରଚୁର ପଇସା ଦେଲେ ମନଇଚ୍ଛା ଖର୍ଚ୍ଚ କରିବାକୁ । ଦୁଇଦିନ ମଧ୍ୟରେ ସୁକାନ୍ତ ଦିଲ୍ଲୀ ବାହାରିଲା ।

ଇଣ୍ଟରଭିଉଟା ଭାରି ସହଜ । ଆଗେ ସବୁବେଳେ ଭାବୁଥିଲା ସରକାରୀ ଇଣ୍ଟରଭିଉରେ ବହୁତ କଷ୍ଟପ୍ରଶ୍ନ ପଚରାଯାଏ । କିନ୍ତୁ ଯାହା ସବୁ ପ୍ରଶ୍ନ ପଚରାଗଲା ତା ବି.ଏସ୍.ସି. ପାଶ୍ କୋର୍ଶପରି ସହଜ । ନୂଆ ହୋଇ ଅନର୍ସ ପରୀକ୍ଷା ଦେଇଛି । ସବୁ ପ୍ରଶ୍ନର ଉତ୍ତର ତୁଣ୍ଡ ଆଗରେ । ଗୋଟିଏ କଷ୍ଟ ପ୍ରଶ୍ନ ପଚାରିଥିଲେ "ସେ ଫିଜିକ୍ସରେ ପୋଷ୍ଟଗ୍ରାଜୁଏଟ କରିବ କିମ୍ବା ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢ଼ିବ ?" ସେ ମାଗିଥିଲା ଗୋଟିଏ ମିନିଟ୍ । ଷାଠିଏ ସେକେଣ୍ଡ ମଧ୍ୟରେ ସେ ଠିକ୍ କରିନେଲା "Good Bye Physics and Welcome Electrical Engineering" ଅତି ସ୍ଥିର ଚିତ୍ତରେ ଉତ୍ତର ଦେଲା ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢ଼ିବ ବୋଲି । ପୁଣି ପ୍ରଶ୍ନ ହେଲା କାହିଁକି ସେ ଫିଜିକ୍ସ ପଢ଼ିବ ନାହିଁ । ତାର ଉତ୍ତର ଦେଲା ସତ୍ୟ ଓ ସେ ଫିଜିକ୍ସ ପଢୁଥିଲେ । ସତ୍ୟ ଚାହେଁ ଫିଜିକ୍ସରେ M.Sc., Ph.D ଇତ୍ୟାଦି କରିବ । ସେ ଚାହେଁନି ସତ୍ୟର ପ୍ରତିଦ୍ୱନ୍ଦ୍ୱୀ ହେବାକୁ । ଆଉ ସେଇ ପାଞ୍ଚଜଣ ବନ୍ଧୁମାନଙ୍କ

Digitized by PPRACHIN, SOA

ମଧ୍ୟରୁ କେହି ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ପଢୁନାହାନ୍ତି । ତେଣୁ ସେ ପଢ଼ିବ । ଏହା ଶୁଣି ଚେୟାରମ୍ୟାନ୍ ପାଞ୍ଚ ବନ୍ଧୁଙ୍କ ବିଷୟରେ ପଚାରିଲେ । ନିଜ ମାନଙ୍କ ବିଷୟରେ ସଂକ୍ଷେପରେ ସେ କହିଲା । ଶେଷରେ ସେଇଠାରେ ତାକୁ ଜଣାଇଦେଲେ ଯଦି ବି.ଏସ୍.ସି ପରୀକ୍ଷାରେ ପ୍ରଥମଶ୍ରେଣୀ ପାଇବ ତେବେ ଫଳ ଟେଲିଗ୍ରାମ କରି ପଠାଇବ । ତା'ର ଠିକ୍ ଦୁଇ ମାସ ମଧ୍ୟରେ ତାକୁ ଜର୍ମାନୀ ଯିବାକୁ ହେବ । ସେଥିପାଇଁ ପାଶପୋର୍ଟ ଇତ୍ୟାଦିର ଯୋଗାଡ଼ କରିବାକୁ ହେବ ତାକୁ ।

ଇଣ୍ଟରଭିଉ ଛାଡ଼ିଦେଲେ ଦିଲ୍ଲୀ ରହଣୀଟା ବେଶ୍ ଭଲ ହେଲା । ପ୍ରତ୍ୟେକ ସଂଧ୍ୟାକୁ ସେ ଚାଲିଯାଏ ରାଜଘାଟ । ଖୁବ୍ ପିଲାଦିନୁ ସେ ବାପୁଜୀଙ୍କ ଭକ୍ତ । ସ୍କୁଲରେ ପଢ଼ିବା ଦିନୁଁ ତାଙ୍କର ଜୀବନୀ ପଢ଼ିବା, ଖବର କାଗଜରେ ତାଙ୍କର ବକ୍ତବ୍ୟ ପଢ଼ିବା ତା'ର ଝୁଙ୍କ ଥିଲା । ରାଜଘାଟରେ ସେ ବସେ ଘଣ୍ଟା ଘଣ୍ଟା ଧରି । ଆଖିଆଗରେ ଭାସିଯାଏ କେଉଁ ଯୁଗର କାହାଣୀ ସବୁ, ମହାଭାରତଠାରୁ ଆରମ୍ଭ କରି । ଯେଉଁଦିନ ପୃଥ୍ୱୀରାଜ ରାଠୋର ମହମ୍ମଦ ଘୋରୀଙ୍କ ଦ୍ୱାରା ପରାଜିତ ହେଲେ ସେଇଦିନୁ ଲିଭିଗଲା ସ୍ୱାଧୀନତାର ଆଲୋକ । ବିଭିନ୍ନ ରାଜବଂଶ ଦେଖାଗଲେ ଦିଲ୍ଲୀରେ । ସବୁର ସ୍ଥାପନା ହତ୍ୟା, ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତାରେ । ଏହି ସବୁ ପରେ ଆସିଲେ ମୋଗଲ । ତାଙ୍କର ଭିତରୁ ବାହାରିଲେ ଆକବରଙ୍କ ଭଳି ଉଜ୍ଜଳ ରତ୍ନ । କେତୋଟି ସମ୍ରାଟଙ୍କର କୀର୍ତ୍ତିମୟ ରାଜତ୍ୱକୁ ଛାଡ଼ିଦେଲେ ଦିଲ୍ଲୀରେ ଚାଲିଲା ଅଦ୍ଭୁତ ଶାସନ । ଯେପରି ରକ୍ତରେ ଗଢ଼ିଉଠିଥିଲା ଏ ମୂଳଦୁଆ ସେପରି ରକ୍ତ ହିଁ ଭାଙ୍ଗିଦେଲା ସବୁ । ହଜାର ହଜାର ମାଇଲ ଦୂରରୁ ବିଦେଶୀ ବଣିକ ଆସି ଦେଶକୁ ଅଧିକାର କରିନେଲେ ମିର୍ଜାଫରଙ୍କ ଭଳି କେତେକ ସ୍ୱାର୍ଥାନ୍ଧ ଦେଶଦ୍ରୋହୀମାନଙ୍କ ସାହାଯ୍ୟରେ । ଦୁଇ ଶହ ବର୍ଷର ଶୃଙ୍ଖଳିତ ଶାସନ ଓ ପରାଧୀନତା – ସେଥିରୁ ମୁକ୍ତି ପାଇବାର ପନ୍ଥା କ'ଣ ? ଜାତୀୟ କଂଗ୍ରେସ ଗଢ଼ିଉଠିଲା । ସେଥିରେ ବଡ଼ ବଡ଼ ପଣ୍ଡିତମାନେ ଓଜସ୍ୱିନୀ ବକ୍ତୃତା ଦେଲେ । କିନ୍ତୁ ଦେଶବାସୀଙ୍କୁ ଆହ୍ୱାନ ଦେଇ ପାରିଲେନି ଏଇ ଅନିଶ୍ଚିତ ପରିସ୍ଥିତି ଭିତରେ ଆସିଲେ ଭାରତର ରାଜନୀତି କ୍ଷେତ୍ରରେ ଗାନ୍ଧିଜୀ । ଦେଖାଇ ଦେଇଗଲେ ନୂତନ ପନ୍ଥା । ସମଗ୍ର ଦେଶ ମାତି ଉଠିଲା ଲଢ଼େଇ ପାଇଁ – ଅନ୍ୟର ରକ୍ତ ମାଗିଲେନି ସେମାନେ – ଦେଇଗଲେ ନିଜର ରକ୍ତ ।

ଭାରତ ସ୍ୱାଧୀନ ହେଲା । ଆଉ ସ୍ୱାଧୀନତାର କିଛି ଦିନ ପରେ ଆତତାୟୀର ଗୁଳିରେ ଚାଲିଗଲା ସେଇ ମହାନ ଜୀବନ – କହିଗଲା ଦୁନିଆକୁ ଶେଷ କଥା "ହେ ରାମ ! – –" ସେଇ ମୃତ୍ୟୁକାଳୀନ ଦୁଇ ପଦେ କଥାରେ ପୂରା ଜୀବନଟା ଜଗତ ଆଗରେ ଦେଖାଇ ଦେଲା । ଆଜି ସବୁ କାହାଣୀ ଭଳି ଲାଗେ । କିନ୍ତୁ ଏ ସବୁ ଘଟି ଯାଇଛି ଏହି ଦିଲ୍ଲୀରେ ।

ରାଜଘାଟରେ ବେଶୀ ଲୋକ ନ ଥାନ୍ତି । ନଗରୀର କୋଳାହଳରୁ ଦୂରରେ ସେ ପାଇପାରେ ସଂଧ୍ୟାରେ ସାନିଧ୍ୟ । ଭାବିଯାଏ ସଂଧ୍ୟା ଚାଲିଯାଇଛି ସେ ପୁରକୁ ଯେଉଁଠାରେ ବାପୁଜୀ ମଧ୍ୟ ଅଛନ୍ତି । ଦୁଃଖ ଆଉ ଆସେନି । ଖାଲି ଭାବି ବସେ କେଉଁଦିନ ସେ ମଧ୍ୟ ସେଠାକୁ ଚାଲିଯିବ, ଆଉ ଛାଡ଼ିଯିବ ଏ ପ୍ରିୟ ପୃଥିବୀକୁ ।

x x x x x x x x

ଦିଲ୍ଲୀରୁ ଆଗ୍ରା ଆସିଲା । ଦେଖିଲା ବିଶ୍ୱବିଖ୍ୟାତ ତାଜମହଲ ଓ ମୋଗଲ ସମ୍ରାଟଙ୍କର ପ୍ରାସାଦ ଆଗ୍ରାଫୋର୍ଟ । ଗଲା ଫତେପୁର ସିକ୍ରି । ସବୁ ତିଆରି ହୋଇଛି

Digitized by PPRACHIN, SOA

ମୋଗଲ ସମ୍ରାଟମାନଙ୍କର ଝୁଙ୍କିରୁ । କୋଟି କୋଟି ଟଙ୍କା ବ୍ୟୟରେ ଗଢ଼ା ଗୋଟିଏ ଗୋଟିଏ ସ୍ମୃତି ମନ୍ଦିର । କିଏ ଗଢ଼ିଛି ଏ ସବୁ । ଦେଶର ବୁଭୁକ୍ଷୁ ଜନତା କିମ୍ବା ଏହି ବାଦଶାହାମାନେ ? ସେଇ ବୁଭୁକ୍ଷୁ ଜନତା ଆଜି ବିସ୍ମୃତ । ଆଉ ବାହଶାହାମାନେ ହୋଇଛନ୍ତି ପ୍ରାତସ୍ମର । ସୁକାନ୍ତ ଦୁଇଦିନରୁ ବେଶୀ ରହିପାରିଲାନି ଆଗ୍ରାରେ । ଫେରି ଆସିଲା ।

ବାଲେଶ୍ୱରରେ ମାଧବ ଥାଏ । ତା'ର ବାପା ଦୁଇବର୍ଷ ହେଲା ସମ୍ବଲପୁରରୁ ବଦଳି ହୋଇ ବାଲେଶ୍ୱର ଆସିଥା'ନ୍ତି । ଭାବିଲା ଦିନେ ଦୁଇଦିନ କଟାଇଦେବ ବାଲେଶ୍ୱରରେ ।

ବାଲେଶ୍ୱର ଷ୍ଟେସନକୁ ମାଧବ ଆସିଥିଲା । ଗାଡ଼ି ପ୍ଲାଟଫର୍ମରେ ରହୁ ନ ରହୁଣୁ ମାଧବ ସୁକାନ୍ତର କମ୍ପାର୍ଟମେଣ୍ଟ ଭିତରକୁ ପଶିଆସି କହିଲା, "Congratulation Brother, ତୁ Best Graduate ହୋଇଛୁ । ଫିଜିକ୍ସ ଅନର୍ସରେ ଫାଷ୍ଟକ୍ଲାସ ଫାଷ୍ଟ, ସତ୍ୟ ସେକେଣ୍ଡ, କେମିଷ୍ଟ୍ରିରେ ମୁଁ ଫାଷ୍ଟ ଓ ଶରତ୍ ସେକେଣ୍ଡ, ଆଉ ଗଣିତରେ କିଶୋର ଫାଷ୍ଟ । ଦୁଇ ଦିନ ତଳେ ଫଳ ବାହାରିଲା । ମୁଁ ଶରତ୍, କିଶୋର ଓ ସତ୍ୟକୁ ଚିଠି ଲେଖିଛି । ସେମାନେ ଆଜି ଆସୁଛନ୍ତି । ତତେ ଏଠାରେ ରହିବାକୁ ପଡ଼ିବ ।" ଦୁଇବନ୍ଧୁ ମାଧବ ଘରକୁ ଆସିଲେ । ସେଦିନ ସଂଧ୍ୟାରେ ଆଉ ତିନି ବନ୍ଧୁ ଜୁଟିଗଲେ । ସମସ୍ତଙ୍କର ମନ ଖୁସି, ପଞ୍ଚୁପାଣ୍ଡବ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ର । ସୁକାନ୍ତ ନିଜ ଇଣ୍ଟରଭିଉ କଥା କହିଲା । ପୂର୍ବକଥା ଅନୁଯାୟୀ ଦିଲ୍ଲୀକୁ ଟେଲିଗ୍ରାମଟିଏ ପଠାଇଦେଲା ।

ପାଞ୍ଚଟା ସାଇକେଲ ଧରି ପାଞ୍ଚଜଣ ବନ୍ଧୁ ସକାଳୁ ବାହାରି ପଡ଼ନ୍ତି । ଚାନ୍ଦିପୁର ସମୁଦ୍ରକୂଳ, ରେମୁଣାର କ୍ଷୀରଚୋରା ଗୋପୀନାଥ, କିମ୍ବା ବଳଙ୍ଗ କୂଳ । ଖାଲି ଖୁସି ଗପ - ଦୁଇ ତିନି ଦିନର ମଜା । ଏହା ଭିତରେ ସମସ୍ତେ ଭୁଲିଯାଇଛନ୍ତି ସୁକାନ୍ତର ପ୍ରିୟତମା ସଂଧ୍ୟା ଆଉ ଦୁନିଆରେ ନାହିଁ, ଶରତ୍‌ର ବାପା ଓ ମାଆ ମୃତ୍ୟୁଶଯ୍ୟାରେ, କିଶୋରର ଦୁନିଆଁରେ ଆଉ କେହି ନାହିଁ ଆଉ ସତ୍ୟର ମାଆ ବହୁତ ବୁଢ଼ୀ ।

ଚାରିଦିନ ପରେ ସମସ୍ତେ ନିଜ ନିଜ ଘରକୁ ଫେରିଆସିଲେ । ସୁକାନ୍ତ ଘରେ ପହଁଞ୍ଚିଲା ବେଳକୁ ଶ୍ୟାମ ମଉସା, ମାଉସୀ, ଶାନ୍ତା, ସତୀଶ୍ ଓ ଚତୁ ଆସି ଘରେ । ଶାନ୍ତା ଦ୍ୱିତୀୟ ଶ୍ରେଣୀରେ ଆଇ.ଏ. ପାଶ୍ କରିଛି । ବାପା କହିଲେ ସୁମୀ ମଧ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍ ପାଶ୍ କରିଛି । ସେମାନେ ମଧ ଛୁଟୀ ନେଇ କିଛିଦିନ ଏଠାରେ କଟାଇବେ । ଶାନ୍ତାର ମନ ଭାରି ଖୁସି । ସେ ସୁକୁଭାଇ ସଂଗେ ଘଣ୍ଟା ଘଣ୍ଟା ଧରି ଗପ କରେ । କହେ ସଂଧ୍ୟା ମଧ ଦ୍ୱିତୀୟ ଶ୍ରେଣୀ ପାଇଛି । ସଂଧ୍ୟା ନା' ପଡୁ ପଡୁ ସୁକାନ୍ତର ଆଖିରୁ ଧାର ବୋହିଯାଏ । ଶାନ୍ତା ସବୁ ବୁଝେ ।

ଶ୍ୟାମ ମଉସା ଭାର ନେଲେ ସୁକାନ୍ତର ପାର୍ଶପୋଟ ଯୋଗାଡ଼ କରିବା ପାଇଁ । ଏହା ଭିତରେ ସରକାରୀ ଚିଠି ଆସି ଯାଇଛି । ସୁକାନ୍ତ ଜର୍ମାନୀର ବର୍ଲିନ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢ଼ିବ । ଚାରିବର୍ଷ ପାଠ ପଢ଼ିବ । ଏହି ପଢ଼ିବା ସମୟରେ ମାସିକ ୩୦୦ ଟଙ୍କା ବୃତ୍ତି ପାଇବ ଓ ବହିପତ୍ର କିଣା କିଣିର ଖର୍ଚ୍ଚ ପାଇବ । ଜୁଲାଇମାସ ପହିଲା ତାରିଖରୁ ତାକୁ ଜର୍ମାନ ଭାଷା ଶିଖିବା ପାଇଁ ମ୍ୟୁନିକ୍ ନିକଟବର୍ତ୍ତୀ ଗ୍ରାଫିଙ୍ଗ୍ ସହରରେ ରହିବାକୁ ପଡ଼ିବ । ସେଠାରେ

Digitized by PPRACHIN, SOA

ଦୁଇମାସରେ ଜର୍ମାନ ଭାଷା ଶିଖିଲେ ସେପ୍ଟେମ୍ବର ମାସଠାରୁ କ୍ଲାସ୍ ଆରମ୍ଭ ହେବ ।

ହସ ଖୁସିରେ ଦିନ ଗୁଡ଼ାକ କଟିଯାଉଥାଏ । ଦିନେ ଚିଠି ପାଇଲା ଶରତଠାରୁ । ତା'ର ମାଆ ମରିଯାଇଛନ୍ତି । ମାଆଙ୍କ ମୃତ୍ୟୁ ସଂବାଦ ବାପାଙ୍କୁ ଜଣାଇ ଦିଆଯାଇନଥିଲା । କିନ୍ତୁ ଶରତ୍‌ର ବଡ଼ ଭାଇ କହିଦେଲେ । ତାଙ୍କର ତୃତୀୟ ଓ ଶେଷ ହାର୍ଟ ଆଟାକ୍ ହେଲା, ସେ ଏଇ ପୃଥିବୀର ଦୁଃଖ କଷ୍ଟରୁ ଦୂରେଇଗଲେ ।

ତାଙ୍କର ଶୁଦ୍ଧିକ୍ରିୟା ଶେଷ ହେବା ଆଗରୁ ଘରେ ବିପ୍ଳବ । ଭାଇ, ଭଉଣୀଙ୍କ ମଧ୍ୟରେ କଳି ତକରାଳ ସଂପତ୍ତି ବଣ୍ଟା ନେଇ । ଜମିଦାରୀ ଉଠିବା ଭୟରେ ଅନେକ ଜମି ବାପା ନିଜ ଚାଷ ଦେଖାଇ ବେନାମୀ କରି ଦେଇଥିଲେ । ସେ ଗୁଡ଼ିକୁ ତିନି ଭଉଣୀ ମାଡ଼ି ବସିଛନ୍ତି । ଭାଗବଣ୍ଟା ଜମି ସହିତ ମିଶାଇ ନାହାନ୍ତି । ଶରତ୍‌ର ମୁଣ୍ଡ ଖରାପ ହେଲାଣି ଏ ସବୁ କଳି ତକରାଳରେ । ସେ ଚାହୁଁଛି ସୁକାନ୍ତ ଯାଇ ଏ ବିପଦ ବେଳେ ସାହାଯ୍ୟ କରୁ ।

କାଳ ବ୍ୟୟ ନ କରି ସୁକାନ୍ତ ଗଲା । ସେଇ ବିରାଟ କୋଠା, ଜମିଦାରୀ କାଇଦା ସବୁ ଅଛି । କିନ୍ତୁ ଜମିଦାରୀ ଉଠିଯାଇଛି । ଯାହାଙ୍କ ନା' ପଡ଼ିଲେ ପାଖ ଗାଁଆ ଗଣ୍ଡାର ଲୋକମାନେ ଥରହର ହେଉଥିଲେ ମୃତ୍ୟୁପରେ ତାଙ୍କର ଘର ହୋଇଯାଇଛି ବିବାଦର ମୂଳ । ଶରତ୍ ବିଚରା ଅଧେ ଶୁଖିଯାଇଛି । ଯେଉଁ ଭାଇ ଭଉଣୀମାନେ ଦିନ ପନ୍ଦରଟା ଆଗରୁ ଏତେ ପାଖାପାଖି ଥିଲେ ସେଇମାନଙ୍କ ଭିତରେ କଥାବାର୍ତ୍ତା ନାହିଁ । ଭଉଣୀମାନେ ଅଧେରୁ ବେଶୀ ଜମିବାଡ଼ି ମାରି ନେଇଛନ୍ତି । ବଡ଼ଭାଇ ଜ୍ୟେଷ୍ଠାଂଶ ଦାବି କରି ଜମିଦାରୀଙ୍କ Compensation ଟଙ୍କା ସବୁ ବାପାଙ୍କ ହାତରୁ ନିଜ ନାଁରେ ଉଇଲ୍ କରାଇ ନେଇଛନ୍ତି । ମଝିଆଁ ଭାଇ ସବୁଠାରୁ ବେଶୀ ଗୁଣ୍ଡା । କହୁଛନ୍ତି ଗାଁଆର ନିଜ ଚାଷ ଜମିରେ ଯିଏ ହାତ ଦେବ ତା'ର ମୁଣ୍ଡ ଫଟାଇ ଦେବେ । ବିଚରା ନିରୀହ ଶରତ୍, ମୁଣ୍ଡରେ ହାତ ଦେଇ ବସିଛି । ସେ ପାଠପଢ଼ିବ କିପରି, ମଣିଷ ହେବ କିପରି କେହି ସେଥିପାଇଁ ଚାହୁଁନାହାନ୍ତି ।

ସୁକାନ୍ତ ଯାଇ ଭାଇମାନଙ୍କୁ ବସାଇବାକୁ ଚେଷ୍ଟାକଲା, କେହି ଶୁଣିଲେ ନାହିଁ । ଗୁହାରି କଲା, କହିଲା ଆଗେ ଶୁଦ୍ଧିକ୍ରିୟା ସରିଯାଉ, ପରେ ଯାହା ହେବ । ବହୁତ କଷ୍ଟରେ ଶୁଦ୍ଧିକ୍ରିୟା ସରିଗଲା । ଶରତ୍‌କୁ ସାଙ୍ଗରେ ଧରି ସୁକାନ୍ତ ନିଜ ଘରକୁ ଚାଲି ଆସିଲା ।

ଜର୍ମାନୀ ଯିବାର ସମୟ ପାଖେଇ ଆସିଲା । ଅଳ୍ପଦିନ ଭିତରେ ଲୁଗାପଟା ଠିକ୍ କରିବାକୁ ପଡ଼ିବ । ଦୀର୍ଘ ଚାରିବର୍ଷ ସକାଶେ ସବୁ କିଛି ଯୋଗାଡ଼ କରି ନେବାକୁ ହେବ । ଟିକିଏ ଫୁରୁସତ୍ ନାହିଁ । ଦୁଇ ବନ୍ଧୁ ମିଶି ସବୁ କାମ ଆରମ୍ଭ କରି ଦେଲେ । ଯିବାର ସାତଦିନ ଆଗରୁ ସତ୍ୟ, ମାଧବ ଓ କିଶୋର ପହଞ୍ଚିଯାଇଛନ୍ତି । ମଉସା, ମାଉସୀ ଓ ସୁମୀ ମଧ ଆସିଗଲେଣି । ଘରେ ରୀତିମତ୍ ଗହଳ ।

x x x x x x x x

Digitized by PPRACHIN, SOA

ପୁରୀ ଏକ୍ସପ୍ରେସ୍‌ରେ ସମସ୍ତେ ଗଲେ କଲିକତା । କଲିକତାରୁ ଉଡ଼ାଜାହାଜ ଯୋଗେ ସୁକାନ୍ତ ଯିବ ଫ୍ରାଙ୍କ୍‌ଫୁର୍ଟ୍ । ସେଇ ଶେଷ ମୁହୂର୍ତ୍ତଗୁଡ଼ାକ କି ମର୍ମସ୍ପର୍ଶୀ ତା ସୁକାନ୍ତ ବୁଝି ପାରୁଥାଏ ।

ସଂଧ୍ୟା ଛଅଟାରେ ଲୁଫ୍‌ହାଂସାର ସୁପର କନ୍‌ଷ୍ଟେଲେଶନ୍ ବିମାନ ଦମ୍ ଦମ୍ ବିମାନଘାଟୀରେ ଲାଗିଲା । ଦମ ଦମ ପୂର୍ବଭାରତର ଆନ୍ତର୍ଜାତିକ ବିମାନଘାଟୀ । ହଜାର ହଜାର ମାଇଲ ଦୂରରୁ ବିମାନ ସବୁ ନେଇ ଆସେ ଯାତ୍ରୀ ଆଉ ନେଇଯାଏ ଯାତ୍ରୀ ହଜାର ହଜାର ମାଇଲ୍ ଦୂରକୁ । ଶହଶହ ଲୋକ, ସମସ୍ତେ ଚଞ୍ଚଳ, ସମସ୍ତେ ବ୍ୟଗ୍ର କିଭଳି ଶୀଘ୍ର କାମ ସାରିବେ ।

ଇମିଗ୍ରେସନ୍ ଓ କଷ୍ଟମ କାମ ସାରିବା ଆଗରୁ ବିଦାୟ ନେଲା ପିତା, ମାତା, ବନ୍ଧୁ ସୋଦର ମାନଙ୍କଠାରୁ । ସେତେବେଳେ ଶରତ୍ କହିଲା ସେଦିନ ରାତିଗାଡ଼ିରେ ନିଜ ଘରକୁ ଫେରିଯିବ । ସୁକାନ୍ତର ବାପା କହିଲେ "ଶରତ୍, ତୁ ବାପା ଆଉ କେଉଁଆଡ଼େ ପାଇପାରିବୁ ନାହିଁ । ସୁକୁ ଚାଲି ଯାଉଛି । ତା ସ୍ଥାନ ଖାଲି ରଖିବାକୁ ଦେବିନାହିଁ ମୁଁ ମୋ ଘରେ । ଆଜିଠାରୁ ତୁ ଆମ ଘରର, ଆଉ କୁଆଡ଼ର ନୁହେଁ ।" ଶରତ୍ ଆଖିରୁ ଟୋପା ଟୋପା ଲୁହ ଗଡୁଥାଏ । କିଶୋର କାନ୍ଦୁଥାଏ, ଅବଶ୍ୟ କିଶୋରଟା ଟିକିଏ କଥାରେ ସବୁବେଳେ କାନ୍ଦି ପକାଏ । ସୁକାନ୍ତ ଆଉ ସମ୍ଭାଳି ପାରିଲା ନାହିଁ । ସମସ୍ତଙ୍କଠାରୁ ବିଦାୟ ନେଇ ଆସିଲା ବେଳକୁ ତା ଆଖିରୁ ମଧ ଟୋପା ଟୋପା ଲୁହ ଗଡ଼ି ପଡ଼ିଲା ।

ଇମିଗ୍ରେସନ୍ ଓ କଷ୍ଟମ୍‌ର କାମ ସରି ବିଶ୍ରାମଗାରକୁ ଆସିଲା ବେଳକୁ ଲାଉଡ୍‌ସ୍ପିକରରେ କୁହାଯାଉଛି ବିମାନ ଛାଡ଼ିବା ସମୟ ହୋଇଗଲା, ଯାତ୍ରୀଗଣ ନିର୍ଦ୍ଧାରିତ ଫାଟକ ପାଖକୁ ଆସିଯାଅ । ପାଞ୍ଚମିନିଟ୍ ମଧ୍ୟରେ ସେ ଯାଇ ବସିଲା ବିମାନରେ । ପଛରେ ରହିଗଲେ ତା'ର ବାପା ମାଆ, ମଉସା ମାଉସୀ, ଶ୍ୟାମମଉସା ମାଉସୀ, ଭାଇ ଭଉଣୀ ଓ ବନ୍ଧୁମାନେ - ଯେଉଁମାନଙ୍କୁ ସେ ନିଜର ବୋଲି ଭାବିଥିଲା । ଆଉ ଆଗରେ ରହିଲା ଏକ ନୂତନ ଦୁନିଆ, ଏକ ନୂତନ ପରିସ୍ଥିତି ଏବଂ ନୂତନ ଦେଶ ଓ ଦେଶବାସୀମାନେ ଯେଉଁଠାରେ ସେ ହେବ ଏକବାରେ ଅପରିଚିତ, ଅଜ୍ଞାତ କୁଳଶୀଳ ଭଳି ହୁଏତ ଅଲୋଡ଼ା, କଳ୍ପନା କରି ପାରିଲାନି ସେ ଆଗାମୀ ଦିନଗୁଡ଼ାକ କଥା । ସେ କିନ୍ତୁ ଦମ୍ଭ ହରାଇବ ନାହିଁ, ସାହସ ହରାଇବ ନାହିଁ । ତା'ର ଆତ୍ମବିଶ୍ୱାସ ଅଟଳ । ସେ ଉଚ୍ଚଶିକ୍ଷା ପାଇଁ ଯାଉଛି । ସମଗ୍ର ଭାରତରେ ଏଇ ବୃତ୍ତି ପାଇଛନ୍ତି ମାତ୍ର ଦଶଜଣ ଓ ସେ ଏଇ ଦଶଜଣଙ୍କ ମଧ୍ୟରେ । ସେ ଭଲ ଛାତ୍ର, ସେ ପରିଶ୍ରମ କରିପାରେ । ମାଧବ ଓ ଶରତ୍‌ର ପ୍ରରୋଚନାରେ ସେ ଅନେକ ଖେଳାଖେଳି କରିଛି ଓ ତା'ର ସ୍ୱାସ୍ଥ୍ୟଭଲ ଅଛି । ନିଶ୍ଚୟ ସେ ନିଜକୁ ସମ୍ଭାଳି ପାରିବ ।

ପାଖରେ ମିଠା ମିଠା କଥା, ଧ୍ୟାନ ଭାଙ୍ଗିଗଲା । ଏଆର ହୋଷ୍ଟେସ୍ ପାଖରେ ଠିଆ ହୋଇ କହୁଛନ୍ତି "ବର୍ତ୍ତମାନ ସିଟ୍ ବେଲ୍ଟ ବାନ୍ଧି ନିଅନ୍ତୁ ।" ଥାଳୀଟିଏ ହାତରେ, ସେଥିରେ ଚକୋଲେଟ୍ ଓ ଗୋଟିଏ ପାଖରେ ଇଉଡ଼ିକୋଲନ୍ ଦିଆଯାଇଥିବା କାଗଜର ତଉଲିଆ । ଉଡ଼ାଜାହାଜର ପ୍ରଥମ ଅଭିଜ୍ଞତା ସୁକାନ୍ତର । ଧୀରେ ଧୀରେ କହିଲା, "ଏଇଟା ମୋର ପ୍ରଥମ ଅଭିଜ୍ଞତା, ତେଣୁ କେତେବେଳେ କ'ଣ କରିବାକୁ ହେବ ଶିଖାଇ ଦେବେ ।" ଅତି ମଧୁର ଭାଷାରେ ଉତ୍ତର ମିଳିଲା ଯେବେ ଯାହାର ଦରକାର ଘଣ୍ଟି ବଜାଇ ଡ଼କାଇଲେ ସେ ବତାଇଦେବେ ।

Digitized by PPRACHIN, SOA

ବିମାନ ଦମ୍ ଦମ୍ ଛାଡ଼ିଲା । ଏଆରହୋଷ୍ଟେସ୍ କିଛି ସମୟ ପରେ ଆସି କହିଲେ ଏଥର ସିଟବେଲ୍ଟ ଖୋଲି ଆରାମ କରି ପାରିବ ବୋଲି । କାଗଜର ତଉଲିଆରେ ମୁହଁକୁ ପୋଛି ଗୋଟିଏ ଚକୋଲେଟ ପାଟିକୁ ନେଲା । ଉଡ଼ାଜାହାଜକୁ ଥରେ ଚାହିଁନେଲା । ସୁନ୍ଦର ବସ୍ ଭଳି । ଚଉକି ଗୁଡ଼ିକରେ ମୋଟା ଗଦି, ଚଉକିର ପଛ ବାଡ଼କୁ ଆଗକୁ କିମ୍ବା ପଛକୁ କରି ଦିଆଯାଇପାରେ ଆରାମ କରିବା ପାଇଁ । ତଳେ ଗାଲିଚା ପଡ଼ିଛି । ପ୍ରତ୍ୟେକ ସିଟ୍ର ଆଗରେ ଗୋଟିଏ ଗୋଟିଏ ଟେବୁଲ୍ । ଇଚ୍ଛା କଲେ ତାକୁ ଭାଙ୍ଗି ଦେଇ ସାମନାସିଟ୍ର ପଛରେ ଲଗାଇ ଦେଇ ହେବ । ବିମାନର ମଝିରେ ଗୋଟିଏ କାନ୍ଥ ପରି Separator ଏହାର ଗୋଟିଏ ଦିଗରେ ତା ଭଳି ଇକନମି କ୍ଲାସର ଯାତ୍ରୀ ଓ ଅନ୍ୟ ଦିଗରେ ପ୍ରଥମ ଶ୍ରେଣୀ ଯାତ୍ରୀ । ପ୍ରଥମ ଶ୍ରେଣୀ ଯାତ୍ରୀଙ୍କ ସିଟ୍ ସବୁ ଆଉରି ବଡ଼ ଓ ଆରାମ ଦାୟକ ଏବଂ ଖାଇବା ସାଙ୍ଗରେ ଚାହିଁଲେ ମଦ ଦିଆଯାଏ । ଇକନମି କ୍ଲାସ୍ରେ ଚା କଫି କିମ୍ବା ସରବତ୍ ଦିଆଯାଏ । ଲୋକମାନେ ବସିଛନ୍ତି ଖଣ୍ଡେ ଖଣ୍ଡେ ବହି କିମ୍ବା ମାଗାଜିନ୍ ଧରି । ସୁକାନ୍ତ ଖଣ୍ଡେ ପତ୍ରିକା ଆଣି ବସିଲା । କିନ୍ତୁ କିଛି ପଢ଼ିବା ପାଇଁ ଇଚ୍ଛା ହେଲାନି । ଥରେ ପଛପଟୁ ବୁଲି ଆସିବା ପାଇଁ ବାହାରିଲା । ଦେଖିଲା ଏଆର ହୋଷ୍ଟେସ୍ ଯାତ୍ରୀମାନଙ୍କ ପାଇଁ ଖାଇବା ଯୋଗାଡ଼ କରୁଛନ୍ତି । ସମୁଦାୟ ବିମାନରେ ୬୦-୬୫ ଜଣ ଯାତ୍ରୀଙ୍କ ପାଇଁ ସ୍ଥାନ, ତା ସାଙ୍ଗରେ କ୍ୟାପ୍ଟେନ୍ , ସହକାରୀ କ୍ୟାପ୍ଟେନ୍, ନାଭିଗେଟର, ଷ୍ଟିଓ୍ୟାର୍ଡ ଇତ୍ୟାଦି । କିନ୍ତୁ ସେଦିନର ବିମାନରେ ମାତ୍ର ୩୦ ଜଣ ଯାତ୍ରୀ । ଗୋଟିଏ ଗ୍ରୁପ୍ କାଇରୋରୁ ଉଠିବେ । କିଛି ସମୟ ସୁକାନ୍ତ ତାଙ୍କ ସାଙ୍ଗରେ କଥାବାର୍ତ୍ତା ହେଲା । ଏୟାର ହୋଷ୍ଟେସ୍ ଜର୍ମାନ୍ ଲଳନା, ଘରେ ତାଙ୍କର ବାପା, ମାଆ ଓ ଗୋଟିଏ ଭାଇ । ଇଚ୍ଛା କିଛି ଦିନ ଚାକିରୀ କରିବେ ଓ ପରେ ବିବାହ କରି ଘରଦ୍ୱାର କରିବେ । ସେ ତରତର ହେଲେ ସମସ୍ତଙ୍କୁ ଖାଇବାକୁ ଦେବାକୁ । ସୁକାନ୍ତ ନିଜ ସିଟ୍କୁ ଫେରି ଆସିଲା ।

ଉଡ଼ାଜାହାଜର ଖାଇବା ପୂରାପୂରି ୟୁରୋପୀୟ । ପ୍ରଥମ କରି ପୂରା ୟୁରୋପୀୟ ଖାନା ସେଠାରେ ଖାଇଲା । ଆଗାମୀ ୪ ବର୍ଷ ତାକୁ କିଭଳି ଖାଇବାକୁ ପଡ଼ିବ ସେଥିପାଇଁ ନିଜକୁ ପ୍ରସ୍ତୁତ କରିନେଲା ।

ଖାଇସାରି ସେ ଶୋଇପଡ଼ିଛି । କାହାର ସ୍ପର୍ଶରେ ତା'ର ନିଦ ଭାଙ୍ଗିଲା । ଦେଖିଲା ଏୟାର ହୋଷ୍ଟେସ୍ ତାକୁ ଉଠାଇ କହିଦେଉଛନ୍ତି Safety Belt ବାନ୍ଧିନେବାକୁ । କାରଣ ଆଗାମୀ ଦଶ ମିନିଟ୍ ମଧ୍ୟରେ ବିମାନ କରାଚୀ ବିମାନଘାଟୀରେ ଅବତରଣ କରିବ ।

କରାଚୀରେ ବିମାନ ଘଣ୍ଟାଏ ରହିଲା । ବିମାନରୁ ଓହ୍ଲାଇ ସମସ୍ତେ ଗଲେ ରେଷ୍ଟୋରାଁ ଆଡ଼େ । ସୁକାନ୍ତକୁ ଡ଼ାକି ଏୟାର ହୋଷ୍ଟେସ୍ ନେଇଗଲେ । କ୍ୟାପ୍ଟେନ୍ ହସି ହସି ତାଙ୍କୁ ପଚାରିଲେ "ଏ କ'ଣ ତୁମର ନୂତନ ପ୍ରେମିକ ?" ସୁକାନ୍ତ ଚମକି ପଡ଼ିଲା । କିଛି କହିବା ପୂର୍ବରୁ ଭଦ୍ରମହିଳା କହିଲେ "ମୋର ଏ ଭଦ୍ର ବ୍ୟକ୍ତି ତରୁଣ ପ୍ରେମିକ । କଥା ବି କହି ଶିଖିନାହାନ୍ତି ।" ଏହା କହି ହସିବାକୁ ଲାଗିଲେ । କ୍ୟାପ୍ଟେନ୍ ଓ ସହ କ୍ୟାପ୍ଟେନ୍ ମଧ୍ୟ ହସିଲେ । ଅତି ଅଳ୍ପ ସମୟରେ ସୁକାନ୍ତ ସେମାନଙ୍କ ସାଙ୍ଗରେ ମିଶିଗଲା । କ୍ୟାପ୍ଟେନ୍ ନୁରେମ୍ବର୍ଗ ସହରର ଅଧିବାସୀ, ପୋଖତ ଉଡ଼ାଜାହାଜ ଚାଳକ, ଲୁଫ୍ଥହାଂସା କମ୍ପାନୀର ପୁରୁଣା କ୍ୟାପ୍ଟେନ୍ । ହସ ଖୁସିରେ ସେମାନେ ବାହାରିଲେ ବିମାନକୁ । ସେତେବେଳକୁ ରାତି ପ୍ରାୟ ସାଢ଼େ ବାର । ସୁକାନ୍ତ ଶୋଇ ପଡ଼ିଲା ।

Digitized by PPRACHIN, SOA

ତା ଆରଦିନ ସକାଳଟା ଜୀବନର ନବୀନ ଅଭିଜ୍ଞତା । ସ୍କୁଲରେ ପଢ଼ିଲା ବେଳେ ସେ ପଢ଼ିଥିଲା ଆରବୀୟ ମରୁଭୂମି କଥା । ସକାଳୁ ବିମାନ ସେହି ମରୁଭୂମି ଉପର ଦେଇ ଉଡ଼ିଯାଉଛି । ତଳେ ବାଲି, ବାଲି ଓ ବାଲି । ମଝିରେ ମଝିରେ ଛୋଟ ଛୋଟ ମରୁଦ୍ୟାନ, ପୁଣି ତା ପରେ ମାଇଲ ମାଇଲ ଧରି ଖାଲି ବାଲି । ମରୁଭୂମି ଉପରେ ଉଡ଼ିବାର କିଛି ସମୟ ପରେ ବିମାନ ସୁଏଜ କେନାଲ ଉପର ଦେଇ ଗଲା । ତଳେ ଦେଖାଗଲା ପୋର୍ଟ ସୁଏଜ୍ । କ୍ୟାପ୍‌ଟେନ୍ ବିମାନ ଟିକିଏ ତଳକୁ କରିଦେଲେ । ମାଳ ମାଳ ଜାହାଜ ରହିଛି ପୋର୍ଟ ସୁଏଜରେ । ସେଠାରେ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ । ଦିନକେ ଦୁଇଥର ଜାହାଜର କାଫଲା ଯାଏ ପୋର୍ଟ ସଏଦ୍ ଉଦ୍ଦେଶ୍ୟରେ, ଭୂମଧ୍ୟ ସାଗର ଆଡ଼େ । ଏଇ ସୁଏଜ୍ କେନାଲ୍ ଉନବିଂଶ ଶତାବ୍ଦୀରେ ବିଜ୍ଞାନର ଏକ ବିରାଟ ଦାନ । ତା ଯୋଗୁଁ ଆଜି ୟୁରୋପ ଓ ଏସିଆର ଦୂରତ୍ୱ ଅନେକ କମିଯାଇଛି । ବାଣିଜ୍ୟ ପଥରେ ବହୁ ସହାୟକ ହୋଇଛି । ସ୍ଥାନୀୟ ସମୟ ଆଠଟା ବେଳକୁ ବିମାନ ଆସି କାଇରୋରେ ଅବତରଣ କଲା । ବିଭିନ୍ନ ଆନ୍ତର୍ଜାତିକ ବିମାନଘାଟୀ ଗୁଡ଼ିକ ମଧ୍ୟରେ ସେ ବେଶୀ ତାରତମ୍ୟ ଦେଖିଲା ନାହିଁ । ସବୁ ପ୍ରାୟ ଏକା ପରି । କାଇରୋ ଛାଡ଼ି ପୁଣି ଚାଲିଲେ ରୋମ୍ ପଥରେ । ମଝିରେ ନୀଳ ନଦୀର ଉପତ୍ୟକା, ଯେଉଁଠାରେ ତିନି ଚାରି ସହସ୍ର ବର୍ଷ ପୂର୍ବେ ଗଢ଼ିଉଠିଥିଲା ବିରାଟ ସଭ୍ୟତା । ତା ଅନେକ ଥର ଭାଙ୍ଗିଛି, ପୁଣି ଗଢ଼ିଛି । ଏହି ଉପତ୍ୟକା ଦେଖିଛି ସିଜରଙ୍କର ଦିଗ୍‌ବିଜୟୀ ସେନାବାହିନୀ, ଏଠାରେ କିଓପାଟ୍ରା ସାମ୍ରାଜ୍ୟ ସ୍ଥାପନ କରିଛନ୍ତି ଓ ଆଣ୍ଟୋନୀଙ୍କ ସହିତ ପ୍ରେମରେ ଜଡ଼ିତ ହୋଇ ଜୀବନକୁ ଉପଭୋଗ କରିଛନ୍ତି । ଏଇ ଉପତ୍ୟକାରେ ଗଢ଼ି ଉଠିଛି ପ୍ରସିଦ୍ଧ ପିରାମିଡ୍ ସବୁ । କିନ୍ତୁ କୁଆଡ଼େ ଚାଲିଯାଇଛି ସେ ଦିନଗୁଡ଼ାକ । ଆଜିର ଆରବ ଜାତି ଦିଗ୍‌ବିଜୟୀ ନୁହେଁ । ସେମାନେ ମଧ୍ୟ ପର ପଦାନୁସରଣକାରୀ । କିଙ୍ଗ୍ ଫାରୁକ୍‌ଙ୍କଭଳି ସ୍ୱାର୍ଥଲୋଭୀ, ସୁଖବାଦୀ ୟୁରୋପୀୟ ନାଇଟ୍ କ୍ଲବ୍‌ମାନଙ୍କର ପ୍ଲେ ବୟ ସବୁ ଶୋଷି ନେଇଛନ୍ତି ଏଇ ଦେଶଗୁଡ଼ାକୁ । ଧନ୍ୟ ୟୁରୋପୀୟ ବଣିକ ଜାତି । ବାଣିଜ୍ୟ କରିବାକୁ ଯାଇ ସବୁଦେଶକୁ ତୁମେମାନେ ଅନ୍ତଃଶୂନ୍ୟ କରିଦେଇଛି ।

ଭୂମଧ୍ୟ ସାଗର ପାର ହୋଇ ବିମାନ ଚାଲିଲା ରୋମ ପଥରେ । ୟୁରୋପର ପ୍ରଥମ ରହଣୀ ରୋମରେ । ରୋମର ବିମାନଘାଟୀରୁ ଜଣାଯାଏ ଏସିଆ ଓ ୟୁରୋପ ମଧ୍ୟରେ ପାର୍ଥକ୍ୟ । ଏଠାରୁ କିଛି ସମୟ ପରେ ବିମାନ ଚାଲିଲା ଉତ୍ତରାଭିମୁଖେ । ଆଲ୍‌ପସ୍ ପର୍ବତମାଳା ଦେଇଗଲା ବେଳେ ସୁକାନ୍ତ ପ୍ରଥମ ଥର ପାଇଁ ତୁଷାର ଦେଖିଲା । ଚିର ତୁଷାରାବୃତ୍ତ ଆଲ୍ପସ୍ ପର୍ବତମାଳା, ମଝିରେ ମଝିରେ ଘନ ଜଙ୍ଗଲ ଭରା ଅଧିତ୍ୟକା, କେଉଁଠାରେ ସୁନ୍ଦର ସୁନ୍ଦର ହ୍ରଦସବୁ କିନ୍ତୁ ସର୍ବୋପରି ତୁଷାରାବୃତ ଗିରିଶୃଙ୍ଗ ତା ହୃଦୟରେ ଆଣି ଦେଲା ଏକ ଅଦ୍ଭୁତ ଶାନ୍ତି ।

ସ୍ଥାନୀୟ ସମୟ ସାଢ଼େ ପାଞ୍ଚଟାରେ ବିମାନ ଲାଗିଲା ଫ୍ରାଙ୍କ୍‌ଫୁର୍ଟ୍ ବିମାନଘାଟିରେ ଯାତ୍ରାର ପ୍ରଥମ ପର୍ଯ୍ୟାୟ ଶେଷ ହେଲା । ଏୟାର ହୋଷ୍ଟେସ୍ ସାଙ୍ଗରେ ନେଇଗଲେ ଅପେକ୍ଷମାନ ଜଣେ ଭଦ୍ରବ୍ୟକ୍ତିଙ୍କ ପାଖକୁ । ତାଙ୍କର ନାମ୍ ଶ୍ରୀ ଷ୍ଟୋମର । ସେ କାର୍ଲ ଡୁଇସ୍‌ବୁର୍ଗ କମ୍ପାନୀରେ କାମ କରନ୍ତି । ଏହି କମ୍ପାନୀର କାମ ହେଲା ବିଦେଶୀ ଛାତ୍ରଙ୍କର ଦାୟୀତ୍ୱ ନେବା । ସେଥିପାଇଁ ଜର୍ମାନ ସରକାର ଏମାନଙ୍କୁ ଅର୍ଥ ସାହାଯ୍ୟ କରନ୍ତି । ଶ୍ରୀ ଷ୍ଟୋମର ଖୁବ୍ ଅମାୟିକ । ସୁକାନ୍ତଠାରୁ

Digitized by PPRACHIN, SOA

ପାର୍ଶପୋର୍ଟ ଓ ହେଲ୍‌ଥ କାର୍ଡ ଇତ୍ୟାଦି ନେଇଗଲେ ଏବଂ ଅପେକ୍ଷା କରିବାକୁ କହିଲେ । ପାଞ୍ଚମିନିଟ୍ ମଧ୍ୟରେ କଷ୍ଟମ୍ ଓ ଇମିଗ୍ରେଶନ୍ ଫରମାଲିଟି ଶେଷ । ତାର ସୁଟ୍‌କେଶ୍ ଯାଇ ମ୍ୟୁନିକ୍ ଯିବା ବିମାନରେ ରଖାଯାଇଛି । ସେଠାରେ ରାତ୍ରିଭୋଜନ କଲେ ଦୁଇ ଜଣ । ତା' ପରେ ମ୍ୟୁନିକ୍ ଉଦ୍ଦେଶ୍ୟରେ ଚାଲିଲା ସୁକାନ୍ତ । ସେଠାରେ କାର୍ଲଡୁଇସବୁର୍ଗ କମ୍ପାନୀର ଶ୍ରୀ ଶୁମାଖର ତାକୁ ଭେଟିଲେ । ସେଇ ରାତିରେ ସେ ଯାଇ ଗ୍ରାଫିଙ୍ଗ୍‌ରେ ପହଞ୍ଚିଲା । ଜଣେ ଭଦ୍ରବ୍ୟକ୍ତିଙ୍କ ଘରେ ପେଇଙ୍ଗ୍ ଗେଷ୍ଟ ଭାବରେ ସେ ରହିବ । ଘରଭଡ଼ା ମାସିକ ଚାଳିଶ ମାର୍କ । ସେଥିରେ ସପ୍ତାହକେ ଥରେ ଗରମ ପାଣି ଛାଡ଼ । ଆଉ ଯେତେଥର ଗାଧୋଇବ ଥରକୁ ଗୋଟିଏ ମାର୍କ ଅଧିକା ଦେବାକୁ ପଡ଼ିବ । ସକାଳୁ ଭାଷା ଶିକ୍ଷା ସ୍କୁଲର ଅଧ୍ୟକ୍ଷ ତା ପାଖକୁ ଆସିବେ । ଏହା କହି ଶ୍ରୀ ଶୁମାଖର· ଚାଲିଗଲେ ।

ବର୍ତ୍ତମାନ ସୁକାନ୍ତ ରହିଲା ଏକ ଛୋଟ ସହରର ଗୋଟିଏ ଅଜଣା ଅଶୁଣା ପରିବାରରେ । ତାଙ୍କ ଭାଷା ସେ ଜାଣେନି । ବିଶ୍ୱାସ କରିହୁଏନି ଗତକାଲି ସେ କଲିକତାରେ ଥିଲା ଓ ତା ପାଖରେ ଥିଲେ ତା'ର ସବୁ ନିଜ ଲୋକ ।

ବିଗତ ଦୁଇଦିନର କ୍ଳାନ୍ତି ତା ଆଖିକୁ ନିଦରେ ଭରି ଦେଇଥିଲା । ଶୋଇପଡ଼ିଲା ସେ ।

(ଚାରି)

ଆଖି ଖୋଲିଲା ବେଳକୁ ମୁହଁରେ ଖରା ପଡୁଛି । ଘଡ଼ିକୁ ଚାହିଁଲା । ବାଜିଛି ସାଢ଼େ ଏଗାର । ବିଶ୍ୱାସ କରିପାରିଲା ନାହିଁ । ଦୁଆରେ ଖଟ୍ ଖଟ୍ ଶୁଭୁଛି । ଦୁଆର ଖୋଲିଲା । ଶ୍ରୀମତୀ ସ୍ମିଥ୍ ଠିଆ ହୋଇଛନ୍ତି । ସେ କ'ଣ କହୁଛନ୍ତି ତା'ର ବୁଝିବା ବାହାରେ । ଏତିକି ଠଉରାଇଲା ଯେ ସେ ଯୋତା ମାଗୁଛନ୍ତି ପଲିଶ୍ କରିବାକୁ । ତାଙ୍କୁ ସମୟ ପଚାରିଲା । ସେ ଘଡ଼ି ଦେଖାଇଦେଲେ, ବାଜିଛି, ମାତ୍ର ୭ଟା । ତାର ମନେ ପଡ଼ିଗଲା ଏଇଟା ଜର୍ମାନୀ, ଘଣ୍ଟାକୁ ସାଢ଼େ ଚାରିଘଣ୍ଟା ପଛେଇବାକୁ ପଡ଼ିବ । କାମ ଦାମ ସାରି ପୋଷାକ ପତ୍ର ପିନ୍ଧିଲା, ହୁଏତ ଅଧ୍ୟକ୍ଷ ଯେ କୌଣସି ମୁହୂର୍ତ୍ତରେ ଆସିପାରନ୍ତି । ଭୋକ ହେଉଥାଏ । ଶ୍ରୀମତୀ ସ୍ମିଥ୍ ପୁଣି ଥରେ ଆସି କ'ଣ କହିଲେ । ସୁକାନ୍ତ ନ ବୁଝି କେଉଁଠାରେ ରେଷ୍ଟୋରାଁ ଅଛି ପଚାରିଲା । ସେ କଣ ବୁଝିଲେ କେଜାଣି ନିର୍ଦ୍ଧୁମ ହସିଲେ । ହାତ ଧରି ନେଇଗଲେ ଖାଇବା ଘରକୁ । ଶ୍ରୀଯୁକ୍ତ ସ୍ମିଥ୍ ଅଭ୍ୟର୍ଥନା ଜଣାଇଲେ । ଟେବୁଲ୍ ଉପରେ ସବୁଥୁଆ ହୋଇଛି ଖାଇବା ଜିନିଷ । ତିନିହେଁ ବସି ଖାଇଲେ । ପ୍ରାୟ ଆଠଟା ବେଳକୁ ଅଧ୍ୟକ୍ଷ ଆସିଲେ । ତାଙ୍କ ସାଙ୍ଗରେ ସେ ଗେଟେ ଇନ୍‌ଷ୍ଟିଚ୍ୟୁଟ୍ ଗଲା, ଜର୍ମାନୀରେ ଶିକ୍ଷା ଲାଭର ପ୍ରଥମ ପର୍ଯ୍ୟାୟରେ ଅୟମାରମ୍ଭ ।

ଶିକ୍ଷାନୁଷ୍ଠାନରେ ବିଭିନ୍ନ ଦେଶର ପିଲା, କେହି କେହି ଇଂରାଜୀ ବୁଝନ୍ତି, ଅନେକ ବୁଝନ୍ତି ନାହିଁ । ଶିକ୍ଷାର ପ୍ରକାର ଅଲଗା । ଅଧ୍ୟାପକମାନେ ଜର୍ମାନ ବ୍ୟତୀତ ଅନ୍ୟ ଭାଷା କୁହନ୍ତି ନାହିଁ । ବ୍ୟାକରଣ, ଶବ୍ଦ ସଂଯୋଜନା, ବାକ୍ୟରଚନା ଇତ୍ୟାଦି ଭଲ ଭାବରେ ଶିକ୍ଷା ଦିଆଯାଏ ଯେପରି ଖୁବ୍ ଅଳ୍ପ ଦିନରେ ଛାତ୍ରର ମୂଳଦୁଆ ଭଲ ହେବ । ତା'ପରେ ସେ ନିଜେ ପରିଶ୍ରମ କଲେ ଭଲ ଭାବରେ ଭାଷା ଶିଖି ପାରିବ ।

Digitized by PPRACHIN, SOA

ଗ୍ରାଫିଙ୍ଗ୍ ମ୍ୟୁଜିକ୍ ଉପକଣ୍ଠରେ ଗୋଟିଏ ଛୋଟିଆ ସହର । ମେଘୁଆ ପାଗ ନ ହୋଇଥିଲେ ସୁକାନ୍ତ ନିଜ ଝରକା ପାଖେ ବସି ତୁଷାରାବୃତ୍ତ ଆଲ୍ପସ୍ ପର୍ବତମାଳା ଦେଖିପାରେ । ଜୁଲାଇ ମାସର ଦୀର୍ଘ ଦିନ ଗୁଡ଼ାକ କ୍ଲାସ୍‌ପରେ ଘୁରି ଘୁରି କଟିଯାଏ । ସନ୍ଧ୍ୟା ହେଲେ ଫେରିଆସେ କୋଠାରୀକୁ । ଶ୍ରୀମତୀ ସ୍ମିଥ୍ ତାକୁ ବସିବାକୁ ଦିଅନ୍ତି ନାହିଁ, ଟାଣି ନିଅନ୍ତି ବୈଠକ ଖାନାକୁ । ବସି ଟେଲିଭିଜନ ଦେଖିବାକୁ ବାଧ କରନ୍ତି । ଅତି ଅଳ୍ପ ସମୟ ମଧ୍ୟରେ ସୁକାନ୍ତ ତାଙ୍କ ପରିବାରର ଜଣେ ହୋଇଗଲା ।

ସତ୍ୟ ଚିଠି ଲେଖିଛି । ସେ ଏମ୍.ଏସ୍.ସିରେ ନାଁ ଲେଖାଇଛି । ଶରତ୍ ଓ କିଶୋର ମଧ ଏମ୍.ଏସ୍.ସିରେ ଯୋଗ ଦେଇଛନ୍ତି । ମାଧବ ଚାଲିଯାଇଛି ବାଙ୍ଗାଲୋର ମେଟାଲର୍ଜି ପଢ଼ିବା ପାଇଁ, ସତ୍ୟ ମଧ ସିଟ୍ ପାଇଥିଲା । କିନ୍ତୁ ସେ ଚାହେଁ ପଦାର୍ଥ ବିଜ୍ଞାନ ପଢ଼ିବା ପାଇଁ, ମାଧବ ବାଙ୍ଗାଲୋର୍‌ରୁ ଚିଠି ଦେଇଛି । ତାକୁ ସେଠାରେ ବିଲ୍‌କୁଲ୍ ଭଲ ଲାଗୁନି । ସେ ଚାହେଁ ଫେରି ଆସିବାକୁ । କିନ୍ତୁ ତା'ର ବାପା ରାଜି ହେଉନାହାନ୍ତି । ବାପା ଘରୁ ଚିଠି ଲେଖିଛନ୍ତି । ନିତୁର ଏବର୍ଷ ମାଟ୍ରିକ ପରୀକ୍ଷା, ଶରତ୍ ପାଇଁ ଶ୍ୟାମ ମଉସା ମକୋଦ୍ଦମା କରିବାକୁ ପ୍ରସ୍ତୁତ । କିନ୍ତୁ ଶରତ୍ ଭାଇମାନଙ୍କ ବିରୁଦ୍ଧରେ ମକୋଦ୍ଦମା କରିବାକୁ ଅନିଚ୍ଛୁକ । ତା'ର ବାପା ଶରତ୍ ନାଆଁରେ କଟକରେ ବେଶ୍ କିଛି ଟଙ୍କା ଜମା କରିଛନ୍ତି । ସେ ଚାହେଁ ସେଥିରୁ ପାଠ ପଢ଼ିବ ବୋଲି । କିନ୍ତୁ ବାପା କହନ୍ତି ସେ ତ ବୃତ୍ତି ପାଉଛି । ଆଉ କେତେ ବା ଟଙ୍କା ଦରକାର । ଯାହା ହେଉ ସେ ନିଜେ ଶରତ୍‌କୁ ଆଗକୁ ପଢ଼ାଇବେ । ଲେଖିଛନ୍ତି ସୁକାନ୍ତକୁ ଶରତ୍‌କୁ ବାଧ କରିବା ପାଇଁ । ଶାନ୍ତ ଚିଠି ଲେଖିଛି । ସେ ଇକନ୍‌ମିକ୍ସ ଅନର୍ସ ନେଇଛି । ଆଜି କାଲି ସତ୍ୟ ବେଳେବେଳେ ତାଙ୍କ ଘରକୁ ଆସୁଛି । ସାଙ୍ଗରେ ଶରତ୍ ଓ କିଶୋର ମଧ । ଶରତ୍ ବଡ଼ ଧୀର ସ୍ଥିର ହୋଇ ଯାଇଛି । ସୁମୀ ଲେଖିଛି ସମ୍ବଲପୁରରୁ । ସେ ଆଇ.ଏସ୍.ସି ପଢୁଛି, ତା'ମନ ଆଇ.ଏସ୍.ସି ପରେ ଡାକ୍ତରୀ ପଢ଼ିବ ।

ଚିଠି ସବୁ ପାଇଲେ ମନଟା ଓଲଟ ପାଲଟ ହୋଇଯାଏ । କେତେଦୂରରେ ସେ ସେମାନଙ୍କଠାରୁ । ସନ୍ଧ୍ୟା ଥିଲେ ହୁଏତ ଲେଖୁଥା'ନ୍ତା । ପ୍ରିୟ ମୋର, ଏତେ ଦୂରରେ ରହିଲ, ମୋ କଥା କ'ଣ ମନେ ପଡ଼େ ? ନା ସେ ଦେଶର ଚାକଚକ୍ୟ ଭିତରେ ଏ ଓଡ଼ିଆ ଝିଅଟିକୁ ଭୁଲିଗଲ ? କିନ୍ତୁ ସନ୍ଧ୍ୟା ଆଜି ନାହିଁ । ତେଣୁ ଏଭଳି ଚିଠି କାହିଁକି ଆସିବ । ଜୀବନର ପ୍ରଭାତରେ ସନ୍ଧ୍ୟା ବିଦାୟ ନେଲା । ଗୋଟିଏ କବିତାଭଳି ସେହି ଜୀବନଟି । ତା'ର ହାତ ଅଙ୍କା ଛବି ଗୁଡ଼ିକ ସାଇତି ରଖିଛି । ଯେତେବେଳେ ଖୁବ୍ ଏକୁଟିଆ ଲାଗେ, ସନ୍ଧ୍ୟାର ଫଟୋଟି କାଢ଼ି ଦେଖେ ଓ ଚିତ୍ର ଗୁଡ଼ିକୁ ଥର ଥର କରି ଦେଖେ । ସୁକାନ୍ତକୁ ବଞ୍ଚିରହିବାକୁ ହେବ ହୁଏତ ଅନେକ ଗୁଡ଼ାଏ ଦିନ ସେଇ ସ୍ମୃତିକୁ ମନର ଗଭୀରତମ ପ୍ରଦେଶରେ ସାଇତି ରଖି ।

ଗେଟେ ଇନ୍‌ଷ୍ଟିଚ୍ୟୁଟ୍ ଗୋଟିଏ ଆଦର୍ଶ ବିଦ୍ୟାଳୟ । ପାଠପଢ଼ା, ହସ ଖୁସି, ପ୍ରତ୍ୟେକ ପନ୍ଦର ଦିନରେ ଥରେ ଲେଖାଏଁ ପର୍ଯ୍ୟଟନ । ଗୋଟିଏ କ୍ଲାସ୍‌ପରେ ପନ୍ଦର ମିନିଟ୍ ବିଶ୍ରାମ । ସୁକାନ୍ତ ଦୌଡ଼ିଯାଏ ଟେବୁଲ୍‌ଟେନିସ୍ ଖେଳିବାକୁ । ମାଧବ ତାକୁ ଭଲ କୋଚିଙ୍ଗ୍ ଦେଇଛି । ଏଠାରେ ସବୁବେଳେ ସମସ୍ତଙ୍କ ହରାଏ । ଦିନେ ଦିନେ ସମସ୍ତେ ମିଶି ୮୦୦ ମିଟର୍ ଦୌଡ଼ନ୍ତି । ସୁକାନ୍ତ ମଧ ଦୌଡ଼େ ।

Digitized by PPRACHIN, SOA

ସମସ୍ତଙ୍କୁ ହରାଏ । ପାଞ୍ଚ ପାଣ୍ଡବଙ୍କ ସାଥିରେ ରହି ସେ ଏକ ପ୍ରକାର ଖେଳଓ୍ୟାଡ଼୍ ହୋଇଯାଇଛି ।

ଥରେ ଅଧକ୍ଷ ଠିକ୍ କଲେ ଖ୍ରିମ୍ ସେ ଯିବାକୁ । ଖ୍ରିମ୍ ସେ ଆଲ୍ପସ୍ ଉପକଣ୍ଠରେ ଏକ ବିରାଟ ହ୍ରଦ । ରୋଜେନ୍ ହାଇମ୍ ଦେଇ ଯିବାକୁ ହେବ । କିନ୍ତୁ ଠିକ୍ ସେଇଦିନ ସକାଳୁ ଆରମ୍ଭ ହେଲା ବର୍ଷା । ସମସ୍ତଙ୍କର ମନ ଦୁଃଖ । ମାତ୍ର ସୁକାନ୍ତ ସମସ୍ତଙ୍କୁ ଉତ୍ସାହିତ କଲା । ନଅଟା ବେଳକୁ ବ୍ରେକ୍‌ଫାଷ୍ଟ ସାରି ବାହାରିଲେ ସମସ୍ତେ । ଅଳ୍ପ ସମୟ ମଧ୍ୟରେ ବର୍ଷା ଛାଡ଼ିଗଲା । ହ୍ରଦ କୂଳରେ ପହଞ୍ଚିଲା ବେଳକୁ ବେଶ୍ ଖରା ପାଗ । ଏମାନଙ୍କୁ ଦିଆଯାଇଥାଏ ଦୁଇଘଣ୍ଟା ସମୟ । ତା' ଭିତରେ ସେମାନେ ବୁଲାବୁଲି କରିବେ ଓ ଖାଇବେ । ତା ପରେ ଆରମ୍ଭ ହେବ ନୌ ଯାତ୍ରା ।

ସୁକାନ୍ତର ଅତି ପ୍ରିୟ ପହଁରା କଥା ମନେ ପଡ଼ିଲା । ସେ ପଶିଲା ପହଁରିବାକୁ ଜର୍ମାନମାନେ ଖୁବ୍ ଭଲ ପହଁରନ୍ତି । ସେ ବି କିଛି ଖରାପ୍ ପହଁରେ ନାହିଁ । ଏକାଦି କ୍ରମେ ଅନେକ ସମୟ ପାଣିରେ ରହିପାରେ । କିନ୍ତୁ ଏଠାରେ ପାଣି କି ଥଣ୍ଡା । ଦେହ ଏକବାରେ କୋଲ ମାରିଯାଉଥାଏ । ତେବେ ବି ସେ ଅନେକ ଭିତରକୁ ଚାଲିଗଲା । ପହଁରି ପହଁରି କ୍ଲାନ୍ତ ଲାଗିବାରୁ ଫେରିଲା । ଏଇ ସମୟରେ ଜଣେ ଜର୍ମାନ ଭଦ୍ରଲୋକ ତାକୁ ପଚାରିଲେ "ତୁମେ କ'ଣ ଟ୍ୟାନିଙ୍ଗ୍ କରିଛ ନିଜକୁ ?" ତାକୁ ହସ ମାଡ଼ିଲା । କହିଲା "ଆମେ ଭାରତୀୟ । ଭଗବାନ ଆମକୁ ଟ୍ୟାନିଙ୍ଗ୍ କରି ପଠାଇଛନ୍ତି । ଖରାରେ ପଡ଼ି ରହି ଆମକୁ ଟ୍ୟାନିଙ୍ଗ୍ କରିବା ଦରକାର ହୁଏ ନାହିଁ ।" ଦୁହେଁ ହସିଲେ । ଭଦ୍ରଲୋକଙ୍କ ସାଙ୍ଗରେ ଚିହ୍ନା ପରିଚୟ ହେଲା । ସେ ଜଣେ ଇଞ୍ଜିନିୟର । ବର୍ଲିନ୍‌ରେ କାମ କରନ୍ତି । ଦୁହେଁ ଦୁହିଁଙ୍କର ଠିକଣା ରଖିଲେ । ଭଦ୍ରଲୋକ ତାକୁ ଖାଇବାକୁ ନିମନ୍ତ୍ରଣ କଲେ । ଦୁହେଁ ଯାଇ ରେଷ୍ଟୋରାଁରେ ବସିଲେ । ସେଠାରେ ସେ ତାକୁ ବିଅର ପିଇବାକୁ କହିଲେ । ସେ କେବେ ଜୀବନରେ ବିଅର ଛୁଇଁନାହିଁ । ପାନ କିମ୍ବା ତମାଖୁ ମଧ୍ୟ ଖାଇନାହିଁ । ସେ ଅନେକ ମନା କଲା । କିନ୍ତୁ ଶ୍ରୀଯୁକ୍ତ ମ୍ୟୁଲର୍ ଶୁଣିବାକୁ ନାରାଜ୍ । ସେ କହିଲେ ଜର୍ମାନୀରେ ପାଣି ପିଇଲେ ପେଟ ଖରାପ ହୁଏ । ତେଣୁ ପାଣି ବଦଳରେ ସମସ୍ତେ ବିଅର ପିଅନ୍ତି । ତେଣୁ ବାଧ ହୋଇ ପିଇଲା । ମୁଣ୍ଡଟା ଟିକିଏ ଝାଙ୍କି ଦେଉଥାଏ । ତାଙ୍କୁ ଧନ୍ୟବାଦ ଦେଇ ଆସି ଅଧକ୍ଷଙ୍କ ପାଖରେ ପହଞ୍ଚିଲା । ମନରେ ସବୁତକ ପାପ । ତାଙ୍କୁ ଧୀରେ ଧୀରେ କହିଲା "ମୋତେ କ୍ଷମା କରିବେ । ମୁଁ ବଡ଼ ଦୋଷ କରିଛି । ସମସ୍ତଙ୍କ ସାଥିରେ ଥାଇ ଚୁପ୍‌ଚାପ୍ ବିଅର ପିଇ ନେଇଛି ।" ଅଧ୍ୟକ୍ଷ ହୋ ହୋ ହସିଲେ । କହିଲେ "ଯାଅ ଦେଖିବ, ତୁମର ସବୁ ବନ୍ଧୁ ବିଅର ପିଉଛନ୍ତି, ଅଧାପକମାନେ ମଧ୍ୟ ବିଅର ପିଉଛନ୍ତି । ସମସ୍ତେ କଣ ଦୋଷ କରୁଛନ୍ତି ? ଯାହାକୁ ଶୋଷ ହୁଏ ସେ ବିଅର ପିଏ । ଏଥିରେ ପାପ କଣ ?" ଏତିକି ଶୁଣି ମନେ ମନେ ଭାବିଲା When in Rome, be a Roman.

ସେଠାରୁ ସମସ୍ତେ ଯାଇ ଷ୍ଟିମରରେ ହେରେନ୍ ଖ୍ରିମ୍ ସେ ଗଲେ । ବହୁଦିନ ତଳେ ଅଷ୍ଟାଦଶ ଶତାବ୍ଦୀରେ ବାଭେରିଆର ରାଜା ଏଇ ମନୋଜ୍ଞ ପ୍ରାସାଦ ତିଆରି କରାଇଥିଲେ । ଦେଖିବାକୁ ଯେପରି ସୁନ୍ଦର ସ୍ଥାନଟି ସେପରି ମନୋହର । ହ୍ରଦ ମଧ୍ୟରେ ଗୋଟିଏ ଦ୍ୱୀପ । ତା'ର ସୁରକ୍ଷିତ ଜଙ୍ଗଲ ମଧ୍ୟରେ ବିରାଟ ପ୍ରାସାଦ । ତା'

Digitized by PPRACHIN, SOA

ଭିତରେ ଦର୍ପଣ ହଲ, ଯେଉଁଠାରେ ହୁଏତ ଷ୍ଟ୍ରାଉସ୍‌ଙ୍କର ଓ୍ୟାଲସର ସଙ୍ଗୀତ ବାଜୁଥିଲା ଓ ବାଭେରିଆର ଖ୍ୟାତିସମ୍ପନ୍ନ ନରନାରୀମାନେ ନାଚି ଯାଉଥିଲେ ସଙ୍ଗୀତର ତାଳେ ତାଳେ । କେଉଁଠାରେ ବିରାଟ ଫାଉଣ୍ଟେନ୍, କିଆରି କିଆରି ଗୋଲାପ ଫୁଲ । ଏଇଠାରେ ଦିନେ ଡ଼ିଉକ୍‌ମାନେ, ହେରସ୍ତୋଗ୍ ମାନେ ଘୁରି ବୁଲୁଥିବେ ପ୍ରଜାପତି ପରି । ଯାଇଛି ସେ ସବୁଦିନ । ଆଜି ଏହି ଯାନ୍ତ୍ରିକ ଯୁଗରେ ଅର୍ଥ ଏମାନଙ୍କ ହାତରୁ ଯାଇ ରହିଛି କ୍ରୁପ୍, ସିମେନ୍ସ ପ୍ରଭୃତିଙ୍କ ହାତରେ । ସେମାନେ ଆଜି ଜର୍ମାନୀର ଭାଗ୍ୟବିଧାତା । ହିଟ୍‌ଲର୍ ମହାଯୁଦ୍ଧରେ ହାରି ନ ଥିଲେ ହୁଏତ ଏଇମାନେ ସାରା ପୃଥିବୀରେ ଗଢ଼ି ଚାଲିଥାଆନ୍ତେ ଶିଳ୍ପ ସାମ୍ରାଜ୍ୟ ଯାହା ଆଜି କରିଛନ୍ତି ଆମେରିକାର ଫୋର୍ଡ କିମ୍ବା ରକେଫେଲର୍ । ଓଡ଼ିଶାରେ ଯେପରି ଜମିଦାରୀ ଚାଲିଯାଇଛି ସେଭଳି ଆଜି ଜର୍ମାନୀରେ ହେର୍‌ସ୍ତୋଗ୍‌ମାନେ ମଣିହରା ଫଣି ।

ସମୟ ହୋଇଗଲା । ଏମାନେ ଫେରିଆସିଲେ ଗ୍ରାଫିଙ୍ଗ୍ । ଖୁବ୍ ମଜାରେ ଦିନଟା କଟିଲା ଏତେ ହସ ଖୁସି ମଧ୍ୟରେ ସୁକାନ୍ତ ଜର୍ମାନ କହିପାରିଲାଣି ଶୁଦ୍ଧ ଓ ପ୍ରାଞ୍ଜଳ ଭାବରେ । ସୁନ୍ଦର ଲେଖି ବି ପାରିଲାଣି । ଅଧ୍ୟକ୍ଷ ଆଶ୍ଚର୍ଯ୍ୟ ହୁଅନ୍ତି ଏତେ ଅଳ୍ପ ଦିନରେ ସେ କିପରି ପାରୁଛି । କିନ୍ତୁ ନ ପାରି ଯିବ କୁଆଡ଼େ । ସକାଳେ ସାଢ଼େ ଛଅଟାରେ ଶ୍ରୀମତୀ ସ୍ମିଥ୍ ଗୋଡ଼ଧରି ଟାଣିବେ ଶେଯରୁ ଉଠିବାକୁ ଆଉ ତାଙ୍କ ସାଙ୍ଗରେ କଥୋପକଥନ କରିବାକୁ । ରାତିରୁ ଯୋତା ଯଦି କୋଠରୀ ବାହାରେ ରଖା ନ ଯାଇଛି ତେବେ ରାଗୀ ଅସ୍ଥିର । କ'ଣ ବିନା ପଲିଶ୍ ଯୋତା ପିନ୍ଧି କ୍ଲାସ୍‌କୁ ଯିବ । ଅଦ୍ଭୁତ ଶ୍ରୀମତୀ ସ୍ମିଥ୍ । ଏକା ଏକା ଦିନସାରା ଲାଗିଥିବେ ଘରେ । ବାଥ୍‌ରୁମ୍ ସବୁ ଅସମ୍ଭବ ପରିଷ୍କାର । ଆଉ ଭଉଣୀ ଭଳିଆ ସୁକାନ୍ତ ଉପରେ ହାକିମୀ । ସେ ପୁଣି ରେଡ୍‌କ୍ରସ୍ କମିଟିର ମେମ୍ବର । ସନ୍ଧ୍ୟାବେଳେ ପୁଅକୁ ବସି ପାଠ ପଢ଼ାଇବେ । ତା' ପରେ ସ୍ୱାମୀଙ୍କ ସାଙ୍ଗରେ ବସି ଟେଲିଭିଜନ ଦେଖିବେ । ସବୁ ରାନ୍ଧିବେ ନିଜ ହାତରେ । ଶନିବାର ରବିବାର କେକ୍ କରିବେ । ସବୁ କାମ କରି ଯାଉଥିବେ, କ୍ଲାନ୍ତି ନାହିଁ । କିନ୍ତୁ ନିଜ ଦେଶରେ କ'ଣ ଅବସ୍ଥା ? ସମସ୍ତଙ୍କର ଚାକର ପୂଜାରୀ ଦରକାର । ନ ହେଲେ ଘର ଅଚଳ । ଶ୍ରୀଯୁକ୍ତ ସ୍ମିଥ୍ ଅଫିସ୍‌ରୁ ଫେରି ଲାଗି ପଡ଼ିବେ ଛୋଟ ବଗିଚାରେ । ତାଙ୍କର ଗୋଟିଏ ଓ୍ୱାର୍କରୁମ୍ ଅଛି । ସେଠାରେ ବସି ବଢ଼େଇ କାମ କରନ୍ତି । ସମୟଟା ଯେପରି ଏଇମାନଙ୍କ ପାଇଁ । ଆଉ ନିଜ ଦେଶରେ, ଖାଲି ବସିବା, ପରଚୁଗୁଲି କରିବା ଓ ଶୋଇବା, ଏହାହିଁ ପୁରୁଷ ମାନଙ୍କର ପାଶ୍ ଟାଇମ୍ । ମନେ ମନେ ଭାବେ ତା ନିଜ ଦେଶରେ କାହିଁକି ଏ ଭଳି ହେବନାହିଁ ? କାମକୁ ଲୋକେ କାହିଁକି ଡ଼ରିବେ ? ସବୁ ତ ନିଜର କାମ । କିନ୍ତୁ ଏ ସବୁ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ତା'ର ସମୟ ନ ଥାଏ । ପାଠପଢା ହସ ଖୁସିରେ ସମୟ ଚାଲିଗଲା । ପରୀକ୍ଷା ହେଲା, ସେ ଖୁବ୍ ଭଲଭାବରେ କୃତକାର୍ଯ୍ୟ ହେଲା ଜର୍ମାନ ଭାଷାର ଡିପ୍ଲୋମା ପାଇଲା । ଗ୍ରାଫିଙ୍ଗ୍‌ର ରହଣୀ ଶେଷ ହେଲା । ଗ୍ରାଫିଙ୍ଗ୍ ଛାଡ଼ିବାକୁ କିନ୍ତୁ ତାର ମନ ହେଉନଥାଏ । ଏଇ ମାସ ଦି'ଟାରେ ସେ ହୋଇପଡ଼ିଛି ଗ୍ରାଫିଙ୍ଗ୍‌ର ଅତି ଆପଣାର । ମଣିଷକୁ ସବୁବେଳେ ମାଡ଼ି ଚାଲିବାକୁ ହୁଏ । ପଛେଇ ରହି ପାରିବନି ସେ । ତାକୁ ବର୍ଲିନ ଯିବାକୁ ହେବ । ନିଜର କର୍ତ୍ତବ୍ୟ ପଥରେ ମାଡ଼ି ଚାଲିବାକୁ ହେବ । ଯିବା ଦିନ ସକାଳୁ ଶ୍ରୀମତୀ ସ୍ମିଥ୍ ବିରାଟ କେକ୍ କାଟିଲେ । କହିଲେ "ସୁକାନ୍ତ, ତୁ ମୋର ଭାଇ ଭଳି । ଏତେ ସ୍ନେହ କରୁଥିଲି କ'ଣ ମାସ ଦି'ଟା

Digitized by PPRACHIN, SOA

ପାଇଁ । କେବେ ନୁହେଁ । ପ୍ରତ୍ୟେକ ବର୍ଷ ବଡ଼ ଦିନକୁ ଏ ଘର ହେବ ତୋର ।" ଏହା କହି କାନ୍ଦି ପକାଇଲେ । ସୁକାନ୍ତର ଆଖି ମଧ ଛଳ ଛଳ ହୋଇଗଲା । ଭାବିଲା ମନେ ମନେ । ସମସ୍ତେ କହନ୍ତି ଜର୍ମାନ ଗୁଡ଼ାକ ବଡ଼ଗର୍ବୀ । ନିଜର ଆତ୍ମସମ୍ମାନ ଉପରେ ଟିକିଏ ଆସିଲେ ଛାଡ଼ି ଦେବେନି କାହାକୁ । କାହିଁ ଏସବୁ କିଛି ତ ଦେଖୁନାହିଁ ଏଠାରେ । ସ୍ମିଥ୍ ପରିବାର ଭଳି ଶହ ଶହ ପରିବାର । ଟିକିଏ କଥାରେ ସତେବା ନିଜର କରି ପକାଇବେ । ଏତେଦୂରରେ ବିଦେଶୀ ଭାବରେ କେହି ତ ଦିନେ ତାକୁ ହତାଦର କରିନାହିଁ ।

ନିର୍ଦ୍ଦିଷ୍ଟ ସମୟରେ ଶ୍ରୀଯୁକ୍ତ ଶୁମାଖର ଆସି ପହଞ୍ଚିଲେ । ଦୁହେଁ ବାହାରିଲେ ମ୍ୟୁନିକ୍ ଆଡ଼େ । ମ୍ୟୁନିକ୍‌ରେ ରହିବାକୁ ହେବନାହିଁ - ସିଧା ଯିବାକୁ ପଡ଼ିବ ବିମାନଘାଟୀ ଓ ସେଠାରୁ ବର୍ଲିନ ।

ମ୍ୟୁନିକ୍ ସହରରେ ଅନେକ ଦିନ ଛୁଟୀ ସମୟ କଟାଇଛି । ବାଭେରି ଆର ରାଜଧାନୀ ମ୍ୟୁନିକ୍ ଜର୍ମାନୀର ତୃତୀୟ ବୃହତ୍ତମ ନଗରୀ । ଏଠାରେ ଥିବା ଡଏଚ୍ ମୁଜିୟମ୍ ବା ଜର୍ମାନ ଯାଦୁଘର ୟୁରୋପ ପ୍ରସିଦ୍ଧ । ସେଠାରେ ସେ ପ୍ରଥମେ ପ୍ଲାନେଟୋରିଅମ୍ ଦେଖିଥିଲା । ଏହି ମ୍ୟୁଜିୟମ୍ ବୁଲି ଦେଖିବାକୁ ଅତି କମ୍‌ରେ ପୁରା ଦିନଟିଏ ଦରକାର । ମୋଟର ଗାଡ଼ି ଡିଭିଜନରେ ପୃଥିବୀର ସର୍ବପ୍ରଥମ ମୋଟର ଗାଡ଼ିଠାରୁ ଆରମ୍ଭ କରି ଏକବାରେ ନୂଆ ମଡେଲ ଓପେଲ୍ କାପିଟେନ ମଧ ଅଛି । ସେହିପରି ସବୁ ଲାଇନ୍‌ରେ । କ୍ଷୁଦ୍ରତମ ଇଲେକ୍ଟ୍ରିକ୍ ମୋଟରକୁ ସେଠାରେ ମାଇକ୍ରୋସ୍କୋପ୍ ଦେଇ ଦେଖା ହୁଏ । ଗୋଟିଏ ୟୁନିଟ୍ ଇଲେକ୍‌ଟ୍ରିକ୍ ଶକ୍ତି କେତେ ସାଇକେଲ୍ ଚଳାଇ ଜାଣି ହେବ ସେଠାରେ । ଚାଲି ଚାଲି ଗୋଡ଼ ଥକି ଗଲେ ଜୋତାମୋଜା ଖୋଲି ଇଲେକ୍ଟ୍ରିକ୍ ମାସାଜର ଉପରେ ଠିଆ ହୋଇଗଲେ ଆରାମ ଲାଗିବ । ସେହି ମ୍ୟୁଜିୟମ୍ ଭିତରେ ରେସ୍ତୋରାଁ, ବିଅର ସ୍ଟୁବେ ବା ବିଅର ହଲ । ଗୋଟିଏ ଛୋଟ ସହର କହିଲେ ଚଳେ । ପ୍ରଥମେ ଯେତେବେଳେ ସେ ମ୍ୟୁନିକ୍ ଆସିଥିଲା ଗୋଟିଏ ଟ୍ରାଞ୍ଜିଷ୍ଟର ରେଡିଓ କିଣିଥିଲା ସଂବାଦ ଶୁଣିବା ପାଇଁ ବିବିସିରୁ କାରଣ ଜର୍ମାନ ଖବର କାଗଜ ପଢି ବୁଝି ପାରୁ ନଥିଲା । ସେ ଟ୍ରାଞ୍ଜିଷ୍ଟରଟି ଏତେ ବର୍ଷ ପରେ ବି ପାଖରେଅଛି ।

ମ୍ୟୁନିକ୍ ବିମାନଘାଟୀରେ ପହଞ୍ଚିଲା ବେଳକୁ ପାନ୍‌ଆମ୍ ଭାଇକାଉଣ୍ଟ ବିମାନ ଛାଡ଼ିବାକୁ ମାତ୍ର ଅଧଘଣ୍ଟାଏ ବାକି । ବିମାନରେ ବସିଲା । ବିମାନ ମ୍ୟୁନିକ୍ ଛାଡ଼ିଲା । ପଛରେ ରହିଗଲା ଦୁଇମାସର ହସ ଖେଳ, ଖୁସି ବାସି, ସ୍ମିଥ୍ ପରିବାର ଓ ଗେଟେ ଇନ୍‌ଷ୍ଟିଚ୍ୟୁଟ । ଆଗରେ ଅଛି ବର୍ଲିନ ବିଶ୍ୱବିଦ୍ୟାଳୟ ଆଉ ତା'ର ଜୀବନ ।

ଦିନ ଚାରିଟାରେ ବର୍ଲିନର ଟେମ୍ପେଲ୍‌ହଫ୍ ବିମାନ ବନ୍ଦରରେ ବିମାନ ଲାଗିଲା । ତଳକୁ ଓହ୍ଲାଇ ଆସିଲା, ତା'ର ପାଦ ପଡ଼ିଲା ବର୍ଲିନ୍ ମାଟିରେ । ଏହି ବର୍ଲିନ ଦୁଇ ଦୁଇଟା ମହାସମର ଲଢିଛି । ପୃଥିବୀ ସାଙ୍ଗରେ ଜୁଆ ଖେଳିଛି ଓ ଶେଷକୁ ହାରିଛି । ଆଜି ଏଇ ବର୍ଲିନ୍ ଶୀତଳ ଯୁଦ୍ଧର କେନ୍ଦ୍ର ହୋଇ ପଡ଼ିଛି । ଏହାକୁ ନେଇ ଷ୍ଟାଲିନ୍ ଓ ଟ୍ରୁମାନ୍ କେତେ ସତରଞ୍ଜ ଖେଳ ଖେଳିଛନ୍ତି । ଏହି ନଗରୀ କୌଣସି ଏକ କୋଠରୀରେ ବସି ଗେସ୍ଟାପୋର ମୁଖ୍ୟ ରାଇସଫ୍ୟୁରର୍ ହିମ୍‌ଲର୍ ଲକ୍ଷ ଲକ୍ଷ ୟାହୁଦୀଙ୍କର ପ୍ରାଣଦଣ୍ଡ ଆଦେଶ କରିଛନ୍ତି । ଆଉ ମହାଯୁଦ୍ଧ

Digitized by PPRACHIN, SOA

ଶେଷ ପ୍ରହରରେ ଏହାର କୌଣସି ଏକ ବଙ୍କରରେ ବସି ହାଇଲ୍ ହିଟ୍‌ଲର୍ ତାର ବାଚଳତାଭରା ଆଦେଶ ସବୁ ଦେଇଯାଇଛି । ସବୁ ଦେଖିଛି ବର୍ଲିନ୍ । ଥର ଥର ହୋଇ ଭାଙ୍ଗି ଯାଇଛି, ପୁଣି ଗଢ଼ିଛି ନିଜକୁ । ମନଟା ତା'ର ଭାରି ଲାଗିଲା ।

ଧୀରେ ଧୀରେ ଗଲା ରିସିପ୍‌ଶନ୍‌କୁ । ସେଠାରେ କାର୍ଲଡୁଇସ୍ ବର୍ଗ କମ୍ପାନୀର ଶ୍ରୀଯୁକ୍ତ ବେକ୍‌ମ୍ୟାନ୍ ତା'ପାଇଁ ଅପେକ୍ଷା କରିଛନ୍ତି । ସୁଟକେଶ୍‌ଟି ଧରି ଚାଲିଲା ତାଙ୍କ ସାଙ୍ଗରେ । ତାକୁ ରହିବାକୁ ହେବ ସିମେନ୍‌ଷ୍ଟାଟ୍‌ରେ ଶ୍ରୀମତୀ ମୋରିସ୍‌ଙ୍କ ଘରେ । ଘର ଭଡ଼ା ୭୫ ମାର୍କ । ଶୀତଦିନେ କୋଠରୀ ଗରମ କରିବାକୁ ଖର୍ଚ୍ଚ ୧୦ ମାର୍କ । ଭାବିଲା ହୁଏତ ପଇସା ଅଣ୍ଟି ନପାରେ । ତେବେ ବି ଦେଖାଯାଉ । "ଆଗତଂତୁ ଭୟଂବୀକ୍ଷ ପ୍ରତିକୁର୍ଯ୍ୟାତ୍ ଯଥୋଚିତମ୍" । ପ୍ରାୟ ଦୀର୍ଘ ତିରିଶ୍ ମିନିଟ୍ ପରେ ଆସି ପହଞ୍ଚିଲେ ତାଙ୍କ ଘରେ । ଶ୍ରୀମତୀ ମୋରିସ୍ ବୁଢ଼ୀ ବିରାଟ ଘର ତାଙ୍କର । ଗୋଟିଏ କୋଠରୀରେ ଜଣେ ଗ୍ରୀକ୍ ଛାତ୍ର ଥାଏ । ଆଉ ଗୋଟିଏ କୋଠରୀ ସୁକାନ୍ତ ପାଇଁ । ସୁନ୍ଦର ବିରାଟ କୋଠରୀ । ନିଜ ପାଇଁ ଅଲଗା ବାଥ୍ ରୁମ୍ । ସେ ନିଜ ଇଛା ମତେ ଯେତେଥର ଗାଧୋଇପାରେ । ସାଧାରଣ ଜର୍ମାନଘର ଠାରୁ ଏହା ଏକ ବ୍ୟତିକ୍ରମ ।

ତା ଆରଦିନ ସକାଳୁ ଶ୍ରୀଯୁକ୍ତ ବେକ୍‌ମାନ୍ ଆସି ବିଶ୍ୱବିଦ୍ୟାଳୟକୁ ନେଇଗଲେ ଓ ତାକୁ ପରିଚିତ କରାଇଦେଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଙ୍ଗ୍‌ର ମୁଖ୍ୟ ଅଧ୍ୟାପକ ଡକ୍ଟର ହଏଜର୍‌ଙ୍କ ସାଙ୍ଗରେ । ତା'ପରଦିନ ଠାରୁ ଆରମ୍ଭ ହେଲା ବର୍ଲିନ୍ ବିଶ୍ୱବିଦ୍ୟାଳୟର ଜୀବନ - ସୁଦୀର୍ଘ ଚାରିବର୍ଷ ।

ବିଶ୍ୱବିଦ୍ୟାଳୟରେ ପ୍ରଥମ କେତେ ଦିନ ତାକୁ ଏକଦମ୍ ଖାପଛଡ଼ା ଲାଗିଲା । ଧରାବନ୍ଧା କଲେଜ ଜୀବନରୁ ପୂରାପୂରି ଅଲଗା । ମନ ଥିଲେ ଛାତ୍ର ବସି ଲେକ୍‌ଚର୍ ଶୁଣିଛି । ନଚେତ୍ ଯାଇ ଲାଇବ୍ରେରୀରେ ବସି ପଢ଼ୁଛି । ତାକୁ ଲେକ୍‌ଚର୍ ବୁଝିଲା ପ୍ରଥମେ ବଡ଼ ଅସୁବିଧା ହେଲା । କିନ୍ତୁ ଅଧ୍ୟବସାୟୀ ସୁକାନ୍ତ ପକ୍ଷରେ କୌଣସି ପାଠ୍ୟ ଦୁରୂହ ନୁହେଁ । ସକାଳୁ ଉଠି ନିଜ ହାତରେ ଜଳଖିଆ ତିଆରି କରେ । ପାଉଁରୁଟି, ବଟର, ଜାମ୍, ଜେଲି, ସିଝାଅଣ୍ଡା, ଭିନ୍ନ ଭିନ୍ନ ପ୍ରକାରର ସସେଜ୍ ଓ ଟିଣରେ ରଖା ଖାଦ୍ୟଦ୍ରବ୍ୟ ଯେ କୌଣସି ଗ୍ରୋସେରି ଦୋକାନରେ ମିଳେ । କେହି ଦେବାକୁ ନାହିଁ । ନିଜ ହାତରେ ଯାଇ ଜିନିଷ ଉଠାଅ ଓ କାଉଣ୍ଟରରେ ପଇସା ଦେଇଆସ । ସବୁଠାକୁ ସମସ୍ତଙ୍କୁ ଛାଡ଼ । କେହି ଠକି ନେଇ ଯାଉନାହିଁ । ଗୋଟିଏ ପ୍ୟାକେଟ୍ ଲହୁଣୀ ଯାଗାରେ ଦୁଇ ପ୍ୟାକେଟ୍ କେହି ନେଇଯାଉନାହିଁ । ସମସ୍ତେ ସଚ୍ଚୋଟ । ଦରକାର ପଡ଼ିଲେ କେହି ଯାଇ ପଚାରୁଛନ୍ତି କର୍ମଚାରୀମାନଙ୍କୁ - ସେମାନେ ସବୁ ବାଳିକା । ପାଟି ତୁଣ୍ଡ ନାହିଁ । ଜିନିଷ ପ୍ରଚୁର । ଚାହିଦା ମୁତାବକ ନେଇଯାଅ । କେତେ ତଫାତ୍ ନିଜ ଦେଶଠାରୁ । ସମସ୍ତଙ୍କର ଅନ୍ୟପ୍ରତି ଅବିଶ୍ୱାସ । କେହି ଅନ୍ୟ ଉପରେ ଭରସି ପାରୁନାହିଁ । ଛୋଟ ଛୋଟ କଥାରେ କଳି ତକରାଳ !

ତାର ଯାହା ଖୁସି ସପ୍ତାହକ ପାଇଁ କିଣିଆଣେ । ରୁମ୍‌ରେ ଛୋଟିଆ ରେଫ୍ରିଜରେଟରଟିଏ ଥାଏ ଓ ଇଲେକ୍ଟ୍ରିକ୍ ରେଞ୍ଜ୍ ମଧ୍ୟ । ପ୍ରତ୍ୟେକ ସକାଳୁ ଦୁଧ ଅଧ ଲିଟର ବୋତଲ ପାଇଯାଏ । ବଡ଼ ସ୍ୱାସ୍ଥ୍ୟକର ଖାଇବା ଏ ସବୁ । ସକାଳୁ ଖାଇ ସାରି ପଢ଼ିବସେ । ଆଜିକାଲି ଜର୍ମାନ ଖବରକାଗଜ "ଦି ଓ୍ୱେଲ୍ଟ" ଆଣି

Digitized by PPRACHIN, SOA

ପଢୁଛି । ନିଜର ଦେଶର ଷ୍ଟେଟସ୍‌ମ୍ୟାନ ପରି କାଗଜ । ବଡ଼ ସୁନ୍ଦର ଭାଷା । ପାଠ ପଢ଼ିସାରି ଚାଲି ଯାଏ ବିଶ୍ୱବିଦ୍ୟାଳୟ । ଯେତେବେଳେ ଖୁସି ଯାଇ ଲାଇବ୍ରେରୀରେ ବସି ପଢ଼େ । କିମ୍ବା ପାଗ ଭଲ ଥିଲେ ନିଜର ସମୟରେ ରାସ୍ତାରେ ଘୁରି ଘୁରି କଟାଇଦିଏ ।

ଇଲେକ୍ଟ୍ରିକ୍ ସର୍କିଟ୍ ଥିଓରୀ ଓ ଆନାଲିଟିକାଲ୍ ଆପ୍ଲାଇଡ୍ ମ୍ୟାଥମେଟିକ୍‌ସ୍ ତାର ଅତି ପ୍ରିୟ ବିଷୟ । ମେକାନିକ୍ସ ଓ ହାଇଡ୍ରୋଲିକ୍ସର ଅଧିକାଂଶ ବିଷୟବସ୍ତୁ ଅନର୍ସ କୋର୍ସର ପୁନରାବୃତ୍ତି । ମନ୍ଦ ଲାଗେ ନାହିଁ । ବସ୍ତୁର ସାଧାରଣ ଧର୍ମ ତାର ଅତି ପ୍ରିୟ ଥିଲା । ଏଠାରେ ମଧ୍ୟ ଏଗୁଡ଼ିକ ଅତି ପ୍ରିୟ ହୋଇପଡ଼ିଲା । ଗୋଟାଏ ଜିନିଷ ତାକୁ ସବୁବେଳେ ଅସୁବିଧାରେ ପକାଇଦିଏ । ଅଧ୍ୟାପକ ମାୟାର ବର୍ଲିନ୍ ଡ଼ାଇଲେକ୍ଟରେ ବକ୍ତୃତା ଦେଇଯାଆନ୍ତି । ତା ପକ୍ଷରେ ବୁଝିବା ମୁଷ୍କିଲ୍ ହୋଇପଡ଼େ । ଦିନେ କ୍ଲାସ୍‌ରୁ ଫେରିଲା ବେଳକୁ ରାସ୍ତାରେ ତାଙ୍କ ସାଙ୍ଗେ ଭେଟ ହେଲା । ସେ ପଚାରିଲେ କ୍ଲାସ୍ ସବୁ କିଭଳି ଲାଗୁଛି । ସୁକାନ୍ତ କହିଲା ତାକୁ ବୁଝିବାକୁ ବେଳେ ବେଳେ ଅସୁବିଧା ହେଉଛି କାରଣ ସେ ବର୍ଲିନ୍ ଡ଼ାଇଲେକ୍ଟ ସମ୍ୟକ୍ ବୁଝିପାରୁନାହିଁ । ଅଧ୍ୟାପକ ତାର ଇଙ୍ଗିତ ବୁଝିପାରିଲେ । ତା ପରଠାରୁ ଶୁଦ୍ଧ ଜର୍ମାନରେ ସେ ବକ୍ତୃତା ଦେବାକୁ ଆରମ୍ଭ କଲେ ।

ପାଠ ପାଇଁ ତା'ର ପୁଣି ଥରେ ଫେରିଆସିଲା ଗଭୀର ଶ୍ରଦ୍ଧା । ଜର୍ମାନୀରେ ଛାତ୍ରମାନେ ନିଜ ଦେଶ ଛାତ୍ରଙ୍କଠାରୁ ପୂରା ଅଲଗା । ଅତି ଭଲ ଛାତ୍ର ନ ହୋଇଥିଲେ ସେମାନେ ବିଶ୍ୱବିଦ୍ୟାଳୟକୁ ଆସନ୍ତି ନାହିଁ । ଚାରିବର୍ଷ ପ୍ରାଥମିକ ଓ ଛଅବର୍ଷ ମାଧ୍ୟମିକ ସ୍କୁଲରେ ପଢ଼ିଲାପରେ ପିଲାମାନେ ବିଭିନ୍ନ ପଲିଟେକ୍‌ନିକ୍‌ରେ ପଢ଼ିପାରନ୍ତି । ସେହି ପଢ଼ିବା ସଂଗେ ସଂଗେ ଯେ କୌଣସି ସଂସ୍ଥାରେ ଟ୍ରେନିଙ୍ଗ୍ ନେବେ ଓ ସେଥିପାଇଁ ପାରିଶ୍ରମିକ ମଧ୍ୟ ପାଇବେ । ସେମାନଙ୍କର ଟ୍ରେନିଙ୍ଗ୍ ଅତି ଉଚ୍ଚକୋଟୀର । ସମସ୍ତଙ୍କୁ ନିଜ ନିଜ ବିଷୟରେ କାମ ଦିଆଯାଏ । ଉପସ୍ଥିତ ତାଲିମ୍‌ପ୍ରାପ୍ତ କାରିଗରମାନଙ୍କ ପାଖରୁ କାମ ସବୁ ଶିଖନ୍ତି । ଭୁଲ୍ ହେଲେ ନିଜେ ସୁଧାରନ୍ତି । ଥିଓରୀ କ୍ଲାସ୍‌ରେ ଯାହା ପଢ଼ାହୁଏ କାରଖାନାରେ ଇଞ୍ଜିନିୟର କିମ୍ବା ଫୋର୍‌ମ୍ୟାନ୍‌ଙ୍କୁ ପଚାରିବାକୁ ହେଳା କରନ୍ତିନାହିଁ । ଏପରି ତିନିବର୍ଷ କଟିଲେ ପରୀକ୍ଷା ହୁଏ ଓ ସେଥିରେ ଉତ୍ତୀର୍ଣ୍ଣ ହେଲେ ସେମାନେ ତାଲିମ୍ ପ୍ରାପ୍ତ କାରିଗର ହିସାବରେ ଗଣତି ହେବେ । ଯଦି ଆଉ ପାଞ୍ଚବର୍ଷ କାମକରି ଏବଂ ସାନ୍ଧ୍ୟକ୍ଲାସ କରି ମାଇଷ୍ଟର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ତେବେ ସେମାନେ ଫୋର୍‌ମ୍ୟାନ ହୋଇ ପାରିବେ । ପ୍ରତ୍ୟେକ କାରିଗରୀ ବିଦ୍ୟାପାଇଁ ଏପରି ଟ୍ରେନିଙ୍ଗ ଦରକାର । ଏପରିକି ବାଳକାଟିବା, ଲଣ୍ଡ୍ରିକାମ କରିବା, ଦୋକାନରେ ବିକ୍ରି କରିବା ପର୍ଯ୍ୟନ୍ତ । ତା' ନ ହେଲେ ଭଲ ଚାକିରୀ ମିଳିବ ନାହିଁ । କିନ୍ତୁ ଯେ ଏପରି କାରିଗର ହୋଇଗଲା ତାକୁ ଚାକିରୀ ଖୋଜିବାକୁ ପଡ଼େ ନାହିଁ । ମାତ୍ର ୧୯ ବର୍ଷ ବୟସରେ ସେ ହୋଇପଡ଼େ ପୂରାପୂରି ସ୍ୱାଧୀନ । ସେଠାରେ ସମସ୍ତେ ଚାହାନ୍ତି ଯେତେ ଶୀଘ୍ର ସ୍ୱାଧୀନ ହେବାକୁ । ସେଥି ସକାଶେ ଖୁବ୍ କମ୍ ଛାତ୍ର ଚାହାନ୍ତି ବିଶ୍ୱବିଦ୍ୟାଳୟ ଯିବାକୁ । ବିଶ୍ୱବିଦ୍ୟାଳୟ ଶିକ୍ଷା ପୂର୍ବରୁ ୪ ବର୍ଷ ପ୍ରାଥମିକ ସ୍କୁଲ ଓ ନଅବର୍ଷ ହାଇସ୍କୁଲରେ ପଢ଼ିବାକୁ ହୁଏ ଓ ତା' ପରେ ୪ ବର୍ଷ ବିଶ୍ୱବିଦ୍ୟାଳୟରେ ପଢ଼ିଲେ ଡ଼ିଗ୍ରୀ ମିଳେ । ଡ଼ିଗ୍ରୀ ପରେ ପୁଣି ୩ ବର୍ଷ ପଢ଼ିଲେ ଡ଼କ୍ଟରେଟ୍ ମିଳିଯାଏ । ସେଥି ସକାଶେ ବିଶ୍ୱବିଦ୍ୟାଳୟକୁ ଆସିଲେ ୨୪ ବର୍ଷ ପୂର୍ବରୁ ସ୍ୱାଧୀନ ହେବା ସମ୍ଭବ ନୁହେଁ ।

Digitized by PPRACHIN, SOA

ସେ ଦେଶର ଉଚ୍ଚ ଶିକ୍ଷା ଖୁବ୍ ବ୍ୟୟ ସାପେକ୍ଷ । ନିଜ ଦେଶ ପରି ହଷ୍ଟେଲ୍ ସବୁ ନାହିଁ । ଛାତ୍ରମାନଙ୍କୁ ନିଜର ରହିବାର, ଖାଇବା ପିଇବାର ବନ୍ଦୋବସ୍ତ ନିଜକୁ କରିବାକୁ ପଡ଼େ । ସେଥିପାଇଁ ପ୍ରଚୁର ଅର୍ଥ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼େ । ତେଣୁ ସାଧାରଣତଃ ଉଚ୍ଚ ମଧ୍ୟବିତ୍ତ ପରିବାରର ଲୋକମାନେ ପିଲାଙ୍କୁ ବିଶ୍ୱବିଦ୍ୟାଳୟକୁ ପଠାଇ ପାରନ୍ତି । ଏ ଦୃଷ୍ଟିରୁ ଛାତ୍ରମାନଙ୍କର ସାଧାରଣମାନ ସେଠାରେ ଖୁବ୍ ଉଚ୍ଚ ଥିଲା । ସୁକାନ୍ତ ଯଦି କ୍ଲାସ୍‌ରେ Sehr Gut (ଆମ ଦେଶର ପ୍ରଥମଶ୍ରେଣୀ ପରି) ରଖିବାକୁ ଚାହେଁ ତେବେ ତାକୁ ପ୍ରଚୁର ପରିଶ୍ରମ କରିବାକୁ ପଡ଼ିବ । ଏଠାରେ ଘୋଷି ଦେଇ ପାଶ୍ କରିଯିବା ସମ୍ଭବ ନୁହେଁ । ପ୍ରତ୍ୟେକ ଜିନିଷକୁ ସମ୍ୟକ ବୁଝିବାକୁ ହେବ । ସମୟ ଏତେ ଅଳ୍ପ, ପାଠ୍ୟ ଏତେ ବେଶୀ । କିନ୍ତୁ ସେ ପାଠକୁ ଡ଼ରିବା ପିଲା ନୁହେଁ ।

ପ୍ରତ୍ୟେକ ଗୁରୁବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ହଲ୍‌ରେ ହସଖେଳ, ନାଚ ଗୀତ ଇତ୍ୟାଦି ହୁଏ । ସବୁରି ଭଳି ସେ ମଧ୍ୟ ସେଥିରେ ମିଶିବାକୁ ଚେଷ୍ଟାକରେ । ପ୍ରଥମେ ପ୍ରଥମେ ସବୁ ଲାଗେ ଖାପ୍ ଛଡ଼ା ଓ ଭାବେ ନିଜେ ଯେପରି ଅଲୋଡ଼ା । ଦିନ ଯେପରି ଆଗକୁ ମାଡ଼ି ଯାଏ ନୂଆ ପୁରୁଣା ହୋଇଯାଏ ଓ ପୁରୁଣା ସାଙ୍ଗରେ ମିଶିଯାଏ । ଦିନେ ତାକୁ ସମସ୍ତେ କହିଲେ ଗୋଟିଏ ଭାରତୀୟ ଗୀତ ଗାଇବାକୁ । ସେ ନିଜେ କେବେ ଗୀତ ଗାଏନି । ବେଳେ ବେଳେ ସିନେମା ଗୀତ ଗୁଣୁ ଗୁଣୁ ହୁଏ । ଯାହା ହେଉ. ଗାଇଲା ଗୋଟିଏ ସିନେମା ଗୀତ ଓ ସେଇ ଗୀତରେ ଛାତ୍ର ଛାତ୍ରୀମାନେ ବଲ୍‌ଡ୍ୟାନ୍ସ ଆରମ୍ଭ କଲେ । ପରେ ପରେ ଇଟାଲୀୟ, ସ୍ପେନିୟ ଓ ଅନ୍ୟ ବିଭିନ୍ନ ଦେଶର ଗୀତ ଗାଇବା ଚାଲିଲା । ନାଚ ଗୀତରେ ହଲ୍‌ଟି ମୁଖରିତ ହୋଇଉଠିଲା । ତାକୁ ନାଚ ଜଣାନାହିଁ । ଚୁପ୍‌ଚାପ୍ ବସିଥାଏ । ଏଇ ସମୟରେ ଜଣେ ଛାତ୍ରୀ ଆସି ଟାଣିଲା ନାଚିବାକୁ । ସେ ମନାକଲା । ତେବେ ବି ସେ ଛାଡ଼ିଲା ନାହିଁ । କହିଲା "ସମସ୍ତେ ଯାଇ ନାଚ ସ୍କୁଲ୍‌ରେ ନାଚ ଶିଖନ୍ତି ନାହିଁ । ଯେ ନ ଜାଣନ୍ତି ଏଠାରେ ଶିଖନ୍ତି । ତୁମକୁ ମୁଁ ନାଚ ଶିଖାଇ ଦେବି ।" ସୁକାନ୍ତର ବଲ୍ ଡ୍ୟାନ୍ସ ଶିଖିବା ଆରମ୍ଭ ହୋଇଗଲା । ତା ପରେ ଆଉ ବେଶୀ ଦିନ ଲାଗିଲା ନାହିଁ ସମସ୍ତଙ୍କ ସାଙ୍ଗରେ ମିଶିବା ପାଇଁ । ଆଉ ସେ ରହିଲା ନାହିଁ ହେର୍ ଦାସ୍ ହୋଇ । ହୋଇଗଲା ସେଇ ପୁରୁଣା ସୁକାନ୍ତ । ଏଠାରେ ବନ୍ଧୁମାନଙ୍କ ମଧ୍ୟରେ ହେଲ୍‌ମୁଟ୍, ଓ୍ୟାଲ୍‌ଟର୍ ଓ ଥିଓଡ଼ୋର୍ ଥିଲେ ବେଶୀ ଘନିଷ୍ଠ । ଆଉ ତଥାକଥିତ ନାଚ ଶିକ୍ଷୟତ୍ରୀ ଗିସେଲା ଓ ତାର ଦୁଇ ବାନ୍ଧବୀ ଇଙ୍ଗେ ଆଉ ଇରେନେ ।

ଏବେ ଲିଜର ପିରିୟଡ୍‌ରେ ବେଳେ ବେଳେ କ୍ୟାଣ୍ଟିନ୍‌ରେ ଆଡ୍ଡାଚାଲେ । ମଜା କଥା କହିବାରେ ଓ୍ୟାଲ୍ଟର୍‌କୁ କେହି ପାରିବେ ନାହିଁ । ଇରେନେ ପ୍ରାଞ୍ଜଳ ଇଂରାଜୀ କହିପାରେ । ହେଲ୍‌ମୁଟ୍ ଖୁବ୍ ବୁଦ୍ଧିମାନ୍ ଛାତ୍ର । ଥିଓଡ଼ୋର ଭଲ ପେଣ୍ଟିଙ୍ଗ୍ କରେ । ଆଉ ସୁକାନ୍ତ କରେ କ'ଣ ? ପାଠପଢ଼ା, ଟେବୁଲ ଟେନିସ୍ ଖେଳିବା ଆଉ ଭଲ ପାଗ ଥିଲେ ପହଁରିବାକୁ ଯିବା ।

x x x x x x x x x

କିଶୋର ଚିଠି ଦେଇଛି । ସେ ଚାହେଁନି ଆଉ ପାଠ ପଢ଼ିବାକୁ । ବିନୋବାଙ୍କର ଭୂଦାନ ତାକୁ ଆହ୍ୱାନ କରିଛି । ସେ ଚାହେଁ ଗ୍ରାମେ ଗ୍ରାମେ ବୁଲି ଭିକ୍ଷାମାଗିବ ମାଣେ ଦି ମାଣ ଜମି । ମାଣେ ଦି ମାଣରୁ ବାଟୀ ବାଟୀ ଜମି ହେବ । ଆଉ ବାଣ୍ଟିଦେବ ସେଇ ଜମି ସବୁକୁ ଦରିଦ୍ର ଭୂମିହୀନ

Digitized by PPRACHIN, SOA

ଚାଷୀମାନଙ୍କୁ, ଯେଉଁ ମାନେ ଦିନରାତି ଖଟି ଖଟି ଭଲ କରି ଖାଇବାକୁ ମୁଠେ ଭାତ ପାଉନାହାନ୍ତି । ସେ ଚାହେଁ ନିଜର ଦେହ ମିଶେଇ ଦେବାକୁ ଏହି ମଳିମୁଣ୍ଡିଆ ଲୋକଙ୍କ ସାଙ୍ଗରେ । ଗଣିତ ଶାସ୍ତ୍ରରେ ଆଉ ତା'ର ଉତ୍ସାହ ଆସୁନାହିଁ । ସେ ଚାହେଁନି ନିଜର ଜୀବନକୁ ଗାଣିତିକ ଫର୍ମୁ୍ୟଲାରେ ହରାଇ ଦେବାକୁ । ମାଗିଛି ସୁକାନ୍ତର ମତାମତ ।

ସୁକାନ୍ତ ଦେଶର ଦୈନିକ ଖବର କାଗଜ ପାଏନି । ସାପ୍ତାହିକ ହିନ୍ଦୁ ପାଏ । ସେଥିରେ ସେ ପଢ଼େ ଗାନ୍ଧୀଙ୍କ ଶିଷ୍ୟ ବିନୋବା କିପରି ଦରିଦ୍ର ନାରାୟଣଙ୍କ ସେବା ପାଇଁ ବାହାରିଛନ୍ତି ଏକ ଅଭିନବ ପନ୍ଥାରେ । ସୋସାଲିଷ୍ଟ ନେତା ଜୟପ୍ରକାଶ ନାରାୟଣ ତାଙ୍କୁ ଅନୁସରଣ କରୁଛନ୍ତି । ପ୍ରଥମେ ଭାବିଲା ଏ ସବୁ ବିରାଟ ଆଦର୍ଶ । କିନ୍ତୁ ସେ ଭ୍ରାନ୍ତି ନାହିଁ ଆଉ ତା'ର । ସେ ଜାଣେ ଏ ସବୁ ମୂଳରେ କ'ଣ । ଏହା ମୂଳରେ ଏକ ମାତ୍ର ସତ୍ୟତା - ରାଜନୈତିକ Frustration । ଯେଉଁ ଦେଶରେ ଲୋକ ସରକାର ପ୍ରତିଷ୍ଠିତ, ସେ ଦେଶର ସାମାଜିକ ପରିବର୍ତ୍ତନ ଏଭଳି ଆସେନା । କୌଣସି ଦେଶରେ ଏହା ହୋଇପାରିନାହିଁ । ଲୋକମାନଙ୍କୁ ଖାଇବାକୁ ଦେବାପାଇଁ ହାତ ପତାଇବା ଦରକାର ନାହିଁ । ଏଇ ଜର୍ମାନୀ, ଦୁଇ ଦୁଇଟା ମହାଯୁଦ୍ଧ ଲଢ଼ିଛି, ଥର ଥର କରି ଦୁଇଥର ଧ୍ୱଂସ ହୋଇ ଛିନ୍ନଭିନ୍ନ ହୋଇଯାଇଛି । ତେବେ ବି ଏଠାରେ ଲୋକ ହାତ ପତାଇ ଜମି ବାଣ୍ଟି ବସିନି । ତା ବଦଳରେ ଲହୁ ଲୁହ କରି ଗଢିଛି ନୂତନ ଜର୍ମାନୀ । ଫେରେଇ ଆଣିଛି ଜର୍ମାନୀକୁ ୟୁରୋପର ସର୍ବଶ୍ରେଷ୍ଠ ଶିଳ୍ପ ପ୍ରଧାନ ଦେଶ ଭାବରେ । ଭିକ ମାଗି କେହି ବଡ଼ ହୋଇପାରେ ନାହିଁ । ଉତ୍ତମ ପନ୍ଥାର ଅନୁସରଣ କରି, ରକ୍ତକୁ ପାଣି କରି, ପରିଶ୍ରମ କରି ହିଁ ଜାତି ବଡ଼ ହୋଇପାରେ । ଛୋଟ ଇସ୍ରାଇଲ୍ ରାଜ୍ୟଟି । ଚାରିଆଡ଼େ ଶତ୍ରୁ । ଦୂର ବିଦେଶରୁ ବିତାଡ଼ିତ ସଂପଦହୀନ ୟିହୁଦୀମାନେ ଆସିଲେ । ମାତ୍ର ବର୍ଷ କେତୋଟାରେ ଆଜି ଇସ୍ରାଏଲ୍ କ'ଣ ହୋଇପାରିଛି ଭାବିଲେ ମୁଣ୍ଡ ନଇଁଯାଏ । ଆଉ ଭାରତରେ ଭିକ ମାଗି ବିନୋବା ଗଢିବେ ରାମରାଜ୍ୟ ଓ କିଶୋର ଅନୁପ୍ରାଣିତ ହୋଇଛି ଯୋଗ ଦେବ ସେଥିରେ । ଇଡିୟଟ୍ କେଉଁଠିକାର । ସତ୍ୟଟା ତା ମୁଣ୍ଡରେ ବୁଦ୍ଧି ଟିକିଏ ପୁରେଇ ପାରୁନି ନା କ'ଣ ?

ତା ଦେଶର ପ୍ରଧାନମନ୍ତ୍ରୀ ନେହେରୁ । ସେ ଗଢ଼ି ଚାଲିଛନ୍ତି ପଞ୍ଚବାର୍ଷିକ ଯୋଜନା । ଟେନିସି ଭ୍ୟାଲି ଅଥରିଟିର ଅନୁକରଣରେ ଦାମୋଦର ଭ୍ୟାଲି କର୍ପୋରେସନ୍ । ହୀରାକୁଦ ବନ୍ଧ, ଭାକ୍ରା ବନ୍ଧ । ଭାରତୀୟ କୃଷକର ଶତ୍ରୁ ଅନାବୃଷ୍ଟି ଓ ଅତି ବୃଷ୍ଟି । ବର୍ଷକରେ କଷ୍ଟେ ମଷ୍ଟେ ଗୋଟିଏ ଫସଲ କରେ ସେ । ଯଦି ଅତିବୃଷ୍ଟି କି ଅନାବୃଷ୍ଟି ହେଲା ତେବେ ଦେଶରେ ଦୁର୍ଭିକ୍ଷ ଆସେ । କୃଷକକୁ ମରୁଡ଼ି ଓ ବନ୍ୟାରୁ ବଞ୍ଚାଇବା ପାଇଁ ପଡ଼ିବ । ବର୍ଷରେ ଦୁଇଟା ଫସଲ କିଭଳି କରିପାରିବ ସେଥିପାଇଁ ପାଣି ଯୋଗେଇ ଦେବାକୁ ହେବ । ସେହି ବୁଦ୍ଧ ମହାବୀରଙ୍କ ଅମଳର କୃଷି ପଦ୍ଧତି ବଦଳାଇବାକୁ ପଡ଼ିବ । ଆଧୁନିକ ପ୍ରଣାଳୀରେ କୃଷି ଶିକ୍ଷା ଦେବାକୁ ହେବ । ତେଣୁ ତା'ର ଅଭାବ ଦୂର ହେବ । ଭୂ-ସଂସ୍କାର ଆଇନ ପ୍ରଣୋୟନ କରି ଯେ ଯେତିକି ଜମି ଚାଷ କରିପାରିବ ତାର ବନ୍ଦୋବସ୍ତ କରିବାକୁ ପଡ଼ିବ । ଭାରତର ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ଅଧିକ କଳ କାରଖାନା ଖୋଲିଲେ ଲୋକମାନେ କୃଷିରୁ ଯାଇ କଳ କାରଖାନାରେ କାମ କରିବେ । ତେବେ ଯାଇ ଦେଶର

Digitized by PPRACHIN, SOA

ଉତ୍ପାଦନ ବଢ଼ିବ ଓ ମଙ୍ଗଳ ହେବ । ଏ ସବୁ ଫଳ ହୁଏତ ମ୍ୟାଜିକ୍ ପରି କାଲି ମିଳିବ ନାହିଁ । ହୁଏତ ଦଶବର୍ଷ କି ପନ୍ଦରବର୍ଷ ଲାଗିପାରେ । ଗୋଟିଏ ଦେଶ ପକ୍ଷରେ ଗୋଟିଏ ଦିଓଟି ଦଶନ୍ଧି କିଛି ନୁହେଁ । କିନ୍ତୁ ଭିକ ମାଗିଲେ ଶହ ଶହ ବର୍ଷରେ ମଧ୍ୟ ଦେଶ ଆଗକୁ ଯାଇ ପାରିବନାହିଁ । ଆଜି ଏହି ମହାନ୍ ଦେଶ ଅମା ଅନ୍ଧାର ଠେଲି ବାହାରକୁ ଚାଲି ଆସୁଛି । ତାର ଅଗ୍ରଗତି ପାଇଁ ଦେଶ ଚାହେଁ ପ୍ରଚୁର ପରିଶ୍ରମ, ରକ୍ତ ଦାନ ଓ ଶତାବ୍ଦୀ ଶତାବ୍ଦୀ ବ୍ୟାପି ରହିଆସିଥିବା କୁସଂସ୍କାରକୁ ଭୁଲି ଯିବା ପାଇଁ । କିନ୍ତୁ ନେହେରୁଙ୍କ ପରି ଦିଗ୍‌ଦ୍ରଷ୍ଟା ଭାରତର ରାଜନୀତି ଆକାଶରେ ଦେଖା ଯାଉ ନାହାନ୍ତି । ତାଙ୍କ ବଦଳରେ ଆସୁଛନ୍ତି ତଥା କଥିତ ଭିକ ମଗା ନେତା । ଶସ୍ତା ଆଦର୍ଶ ଦେଖାଇ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଜନ ସମାଜ ଆଗରେ ବଡ଼ ହେବାର ପ୍ରଚେଷ୍ଟା । ଧନ୍ୟ ଭାରତବର୍ଷ । ତୁମେ ବୁଦ୍ଧ, ଶଙ୍କର, ଗାନ୍ଧୀ ପ୍ରଭୃତିଙ୍କୁ ଜନ୍ମ ଦେଇଛି । ଏମାନଙ୍କର ଉଦାର ବୁଦ୍ଧିରେ ଯୁଗ ଯୁଗର କାଳିମା ପୋଛି ପାରି ନାହିଁ । ସୁକାନ୍ତ କଣ କରିବ ବୁଝି ପାରିଲା ନାହିଁ । ଯାହା ମନେ ମନେ ଭାବିଗଲା ଖଣ୍ଡିଏ ବିରାଟ ଚିଠି ଲେଖିଲା କିଶୋର ପାଖକୁ । ସତ୍ୟକୁ ଲେଖିଲା କିଶୋରକୁ ବୁଝାଇବାକୁ । ଶାନ୍ତାକୁ ବି ଲେଖିଲା କିଶୋରକୁ କହିବାକୁ ।

ସେଦିନ ଗୁରୁବାରେ ସନ୍ଧ୍ୟାରେ ଗୋଟିଏ ସଭା ବସିଲା । ଛାତ୍ରମାନେ ଗୋଟିଏ ପତ୍ରିକା ବାହାର କରିବେ । ସମସ୍ତେ ନିଜ ଶକ୍ତି ଅନୁସାରେ କିଛି କିଛି ଲେଖିବେ । ହେଲମୁଟ୍ ସୁକାନ୍ତକୁ କହିଲା କିଛି ନା କିଛି ଗୋଟାଏ ଲେଖା ଦେବାକୁ ।

ଶୁକ୍ରବାର ସନ୍ଧ୍ୟାଟା ସବୁଠାରୁ ନିରସ ଲାଗେ । ପାଠ ପଢ଼ିବାକୁ ଇଚ୍ଛା ହୁଏନି । ଅନ୍ୟମାନେ ହୁଏତ ବିଭିନ୍ନ ରେଷ୍ଟୋରାଁରେ ଘୁରି ବୁଲନ୍ତି, ନାଚି ନାଚି ହାଲିଆ ହୋଇ ଯାଆନ୍ତି । କିନ୍ତୁ ମାତ୍ର ତିନିଶହମାର୍କର ବୃତ୍ତିରେ ମନଇଚ୍ଛା ଖର୍ଚ୍ଚ କରିବା ସମ୍ଭବପର ହୁଏନା, ଏକୁଟିଆ ବସିଲେ ମନେ ପଡିଯାଏ ଘରକଥା । ଆଉ ସାଙ୍ଗ ମାନଙ୍କ କଥା । ସେଇମାନଙ୍କ ଭିତରେ ମୁଣ୍ଡ ଟେକି ଠିଆ ହୁଏ ସନ୍ଧ୍ୟା । ତା'ର ହସ ହସ ମୁହଁ, ତା'ର ଖିଅଛଡ଼ା କଥା ଗୁଡାକ ପୁଣି ଆସିଯାଏ ମନ ଭିତରକୁ । ସବୁ ହୋଇଯାଏ ଓଲଟପାଲଟ । ବିଶ୍ୱାସ କରିପାରେ ନାହିଁ ସନ୍ଧ୍ୟାକୁ ନିଜ ହାତରେ ନେଇ ସେ ପୋଡ଼ି ଦେଇ ଆସିଛି । ନିଜ ଆଖିରେ ଦେଖିଛି ଚିତାର ଧୂ ଧୂ ନିଆଁ । କାହିଁ, କାଲି ଭଳି ଲାଗୁଛି, ସବୁ ଯେପରି ସ୍ୱପ୍ନର ଖେଳ । ସେଦିନ କଲମ ଧରି ଏଣୁ ତେଣୁ କ'ଣ ଲେଖୁ ଲେଖୁ ଲେଖି ପକାଇଲା ଗୋଟିଏ କବିତା - ଜୀବନର ପ୍ରଥମ କବିତା - Der Abend (ସନ୍ଧ୍ୟା), ତା ପୁଣି ଜର୍ମାନ ଭାଷାରେ ।

ଶନିବାର ଦିନ ସକାଳୁ ଓ୍ୟାଲ୍ଟର ଆସିଥାଏ । ବେଶ୍ ଥଣ୍ଡା ପଡ଼ିଲାଣି ଏବେ । ସେମାନେ ଠିକ୍ କରିଥିଲେ ଆର୍ଟ ଗ୍ୟାଲେରୀ ଯିବେ ବୋଲି । ଓ୍ୱାଲ୍ଟର ଟେବୁଲ୍‌ରେ ଥିବା କବିତାଟି ପଢ଼ି ଦେଲା । ପଚାରିଲା କାହା ଲେଖା । ସୁକାନ୍ତ ନିଜର ବୋଲି ଉତ୍ତର ଦେଲା । ସେ ବିଶ୍ୱାସ କଲାନି । "ଅସମ୍ଭବ, ତୁ ଏପରି କବିତା ନିଜେ ଲେଖିଛୁ । ଜର୍ମାନଭାଷା ଶିଖିବା ମାସ ଚାରି ପାଞ୍ଚଟାରେ ଏଭଳି କବିତା କେହି ଲେଖିପାରେ ।" ଏହା କହି ପକେଟରେ କବିତାଟି ପୁରାଇ କହିଲା "ତୁ ପ୍ରସ୍ତୁତ ହେଉଥା । ମୁଁ ଅଧ ଘଣ୍ଟା ମଧ୍ୟରେ ଆସିବି ।" ପ୍ରାୟ ପଞ୍ଚାଳିଶ

Digitized by PPRACHIN, SOA

ମିନିଟ ପରେ ଟେଲିଫୋନ୍ ଆସିଲା । ଓ୍ୱାଲ୍ଟର ଡାକୁଛି ସାପ୍ତାହିକ ପତ୍ରିକା "ଝର କଲମ" ଅଫିସ୍‌ରୁ । ନିର୍ଦ୍ଦେଶ ସୁକାନ୍ତ ସେଠାକୁ ଯିବ, ସମ୍ପାଦକ ଗାଡ଼ି ପଠାଉଛନ୍ତି ।

ଏକ ବିରାଟ ମର୍ସେଡିସ୍ ଆସି ପହଞ୍ଚିଲା । ଯନ୍ତ୍ର ଚାଳିତ ପରି ସୁକାନ୍ତ ଚାଲିଲା "ଝର କଲମ" ଅଫିସ୍‌କୁ । ସମ୍ପାଦକ ମହାଶୟ ଏକ ବିରାଟ ଟେବୁଲ୍ ପଛରେ ବସିଛନ୍ତି ତାଙ୍କ ହାତରେ ଅଯତ୍ନ ଲିଖିତ କବିତାଟି "Der Abend" । ଓ୍ୱାଲ୍ଟର ପରିଚୟ କରାଇଦେଲା । ସଂପାଦକ ଗଭୀର ସ୍ୱରରେ ପଚାରିଲେ "ଆପଣ ଲେଖିଛନ୍ତି ?"

"ଆଜ୍ଞା ହଁ"

"ଆପଣ କ'ଣ କବିତା ଲେଖନ୍ତି ?"

"ଏଇଟା ପ୍ରଥମ ପ୍ରଚେଷ୍ଟାର ଫଳ ।"

"ଆଗରୁ କେବେ ଲେଖି ନଥିଲେ ?"

"ନା, ବେଳେ ବେଳେ ଓଡ଼ିଆ ଭାଷାରେ କ୍ଷୁଦ୍ରଗଳ୍ପ ଲେଖୁଥିଲି ।"

"ଏଇଟିକୁ ପ୍ରକାଶ କରାଇବାକୁ ଚାହାନ୍ତି ?"

ଓ୍ୱାଲ୍ଟର ପାଟି କରି ଉଠିଲା "ନିଶ୍ଚୟ, ଏତେ ସୁନ୍ଦର କବିତା, ଆପଣ ନିଶ୍ଚୟ ପ୍ରକାଶ କରାନ୍ତୁ ।"

ସୁକାନ୍ତ ଓ ଓ୍ୱାଲ୍ଟର ଫେରି ଆସିଲେ । ରବିବାର "ଝରକଲମରେ" କବିତାଟି ପ୍ରକାଶ ପାଇଲା । ତା ପୂର୍ବରୁ ଓ୍ୱାଲ୍ଟର ସବୁ ବନ୍ଧୁ ମାନଙ୍କୁ ଏ ବିଷୟରେ କହି ସାରିଛି । କ୍ଲାସ୍‌ରେ ଏକ ପ୍ରକାର ଚହଳ । କେତେ କିଏ ଅଭ୍ୟର୍ଥନା ଜଣାଉଛନ୍ତି । ମନେ ମନେ ହସି ସୁକାନ୍ତ ଗ୍ରହଣ କରି ନେଉଛି । ଏହା ଏକ ନୂତନ ଅଭିଜ୍ଞତା । ସ୍କୁଲ ଓ କଲେଜ ଜୀବନରେ ଭଲ ଛାତ୍ର ବୋଲି ଅଭିବାଦନ ପାଉଥିଲା, ଏଠାରେ ସେ ପରିଚିତ ହେଲା କବି ଭାବରେ ।

ତାପରେ ପ୍ରାୟ ନିୟମିତ କବିତା ଲେଖି ପଠାଏ "ଝର କଲମକୁ" । ସବୁ ସତ୍ତ୍ୱେ ସେ ପାଠକୁ ଅବହେଳା କରେ ନାହିଁ । ଭୁଲ୍‌ରେ ମଧ୍ୟ ।

ବାପାଚିଠି ଲେଖିଛନ୍ତି । ପ୍ରତ୍ୟେକ ସପ୍ତାହରେ ସେ ଚିଠି ଲେଖନ୍ତି । ଗାଁଆର ତାରିଣୀ ଆପଣେ ମରିଗଲେ । ଗୋପାଳ ତିଆଡ଼ିଙ୍କର ପୁଅ ଦୀନୁ ଡେପୁଟି କଲେକ୍ଟରରୁ ପ୍ରମୋଶନ ପାଇ ଏସ୍.ଡି.ଓ. ହେଲା ଏବେ । କୃଷ୍ଣ ଚାକିରୀ ଛାଡ଼ି ଗାଁଆରେ ଚାଷ ବାସ ବୁଝୁଛି । ଏଇ ସବୁ କଥା, ଛୋଟ ଗାଁଆଟିର ଛୋଟ ବଡ କଥା ସବୁ ।

ସତ୍ୟ ଚିଠି ଲେଖିଛି । ସେ ସ୍ପେଶାଲ୍ ସବ୍‌ଜେକ୍ଟ ସ୍ପେକ୍ଟ୍ରୋସ୍କୋପି ନ ନେଇ ନିଉକ୍ଲିଆର ଫିଜିକ୍ସ ନେଉଛି । ମା'ର ଦେହ ବହୁତ ଖରାପ ଥିଲା । କଟକ ହସ୍ପିଟାଲରେ ୮/୧୦ ପଡି ଏବେ ଭଲ ହୋଇ ଗାଆଁକୁ ଯାଇଛି । ଭଉଣୀ ଓ ଭିଣୋଇଙ୍କର ବ୍ୟବହାରରେ ବହୁତ ପରିବର୍ତ୍ତନ ଦେଖାଦେଇଛି । ମୀନୁ କଥା ନେଇ ସେ ଚିନ୍ତିତ । ଇଡ଼ିୟଟ୍ କିଶୋର ପାଠଶାଠ ଛାଡ଼ିବାକୁ ବସିଥିଲା । ଗାଳି ଶୁଣି ମୁଣ୍ଡରେ ବୁଦ୍ଧି ପଶିଲାଣି । ଶାନ୍ତା ଭଲ କରୁଛି ଇକନମିକ୍ସ ଅନର୍ସରେ । ଶରତ୍ ୟୁନିଭରସିଟି ପାଇଁ କ୍ରିକେଟ୍ ଖେଳିବାକୁ ବାଙ୍ଗାଲୋର୍ ଯାଇଛି । ମାଧବ ସାଙ୍ଗରେ ମଜା କରୁଥିବ....... ଇତ୍ୟାଦି ।

Digitized by PPRACHIN, SOA

ମାଧବ ମଧ୍ୟ ଲେଖିଥିଲା । ତାକୁ ଏବେ ଇଞ୍ଜିନିୟରିଂ ପାଠ ଭଲ ଲାଗିଲାଣି । ପ୍ରଥମ କେତେ ଦିନର Homesickness ଛାଡ଼ି ଗଲାଣି । Indian Institute of Science ସୁନ୍ଦର ବାତାବରଣ ତାକୁ ଖୁବ୍ ଭଲ ଲାଗୁଛି । ସେଠାକାର ଶିକ୍ଷା ପଦ୍ଧତି ଅନ୍ୟଠାରୁ ପୂରା ଅଲଗା । ପୂରାପୂରି prepared ହୋଇ ଯିବାକୁ ପଡୁଛି । ଯେଉଁ ଇଚ୍ଛା ସେଇ କ୍ଲାସ୍‌ରେ surprised Test । ଏ ସବୁ ନମ୍ବର ଶେଷ ପରୀକ୍ଷାରେ ମିଶା ଯାଉଛି । ତା'ର ସବୁ Problem ଓ Solution.

ସେଇ ସାଙ୍ଗମାନେ, ଜୀବନରେ ସବୁଠାରୁ ବେଶୀ ପାଖାପାଖି ଏଇମାନେ । ସବୁଠାରୁ ବେଶୀ ସ୍ନେହ ଏଇମାନଙ୍କ ଠାରୁ ପାଇଛି । କେତେ ଦୂରରେ ସେ ସେମାନଙ୍କ ଠାରୁ, ତେବେ ବି କେତେ ପାଖରେ !

ପ୍ରଥମ ଶୀତ ଦିନିଆ ଛୁଟରେ କ'ଣ କରିବ ବୁଝିପାରୁ ନଥିଲା । ଦେଖିଲା ସମସ୍ତେ କିଛି କିଛି କାମ କରୁଛନ୍ତି । ପଇସା ରୋଜଗାର କରୁଛନ୍ତି । କାହିଁକି ଏ ସୁବିଧା ଛାଡ଼ିବ ସେ ? ବର୍ଲିନ୍‌ର ଏକ କାରଖାନାରେ ଗୋଟିଏ କାମ ନେଲା ସେ । କାମ୍ ଠିକ୍ ଅର୍ଦ୍ଧଶିକ୍ଷିତ କାରିଗର ଭଳି । ଏମାନଙ୍କୁ କାରଖାନାରେ ପ୍ରାକ୍ଟିକାଣ୍ଟ କୁହାଯାଏ । ମାସକୁ ଅଢେଇଶହ ମାର୍କ ବେତନ । ବାସ୍ତବିକ କହିବାକୁ ଗଲେ ଏକ ପ୍ରକାର ଟ୍ରେନିଙ୍ଗ୍ । ଶନିବାର ଓ ରବିବାର ଛୁଟି । ବାକି ସପ୍ତାହକେ ୪୪ ଘଣ୍ଟା କାମ । ତା'ର କ୍ଲାସ୍‌ରୁ ଆଉ କେତେଜଣ ମଧ୍ୟ ସେଠାରେ କାମ କରୁଥାଆନ୍ତି । ଖୁସି ବାସିରେ ସମୟ କଟିଯାଏ ।

ବଡ଼ଦିନ ଅଛି ଅଳ୍ପ ଦିନ । ଶ୍ରୀମତୀ ସ୍ମିଥ୍ ଲେଖିଛନ୍ତି ଗ୍ରାଫିଙ୍ଗ୍ ଯିବାକୁ । ଚିଠିର ତଳେ ଦୁଇଧାଡ଼ି ଶ୍ରୀଯୁକ୍ତ ସ୍ମିଥ୍‌ଙ୍କ ଅକ୍ଷର "ନ ଆସିଲେ ପୁଲିସ୍‌ରେ ଖବର ଦେବି ।" ଜର୍ମାନୀରେ ବଡଦିନ ପର୍ବ ବଡ଼ ଉପଭୋଗ୍ୟ । ଏଥିପାଇଁ ଦିନ ଦିନ ଧରି ପରିକଳ୍ପନା, ଯୋଗାଡ଼ଯନ୍ତ୍ର । ସାରାବର୍ଷରେ ଦୋକାନମାନଙ୍କରେ ଯାହା ବିକ୍ରି ହୁଏ ଏଇ ଦିନ ପନ୍ଦରରେ ହୁଏତ ତା'ର ଅର୍ଦ୍ଧେକ ବିକ୍ରି ହୁଏ । ଦୋକାନ ବଜାର ସବୁ ସୁନ୍ଦର ସଜା ହୋଇ ଆଲୋକପୁରୀ ଭଳି ଦେଖା ଯାଉଛି । ରାସ୍ତାଘାଟ କେଉଁଠି ଟିକିଏ ଜାଗା ନାହିଁ । ସବୁଠାରେ ଲୋକ । ସବୁରି ମୁହଁରେ ହସ, ଆଉ ଆଗାମୀ ପର୍ବର ଉଦ୍ଦେଶ୍ୟରେ ବ୍ୟଗ୍ରତା । ନିଜ ଦେଶର ପୂଜା ବଜାର ପରି ଅନେକଟା । ଦୁର୍ଗାପୂଜା ଗୋଟିଏ ସାର୍ବଜନୀନ ପୂଜା । କିନ୍ତୁ ବଡ଼ଦିନ ଗୋଟିଏ ପାରିବାରିକ ପର୍ବ ।

ଡିସେମ୍ବର ଚବିଶ୍ ତାରିଖ ସକାଳେ ଯାଇ ସୁକାନ୍ତ ପହଞ୍ଚିଲା ଗ୍ରାଫିଙ୍ଗ୍‌ରେ । ଷ୍ଟେସନ୍‌ରେ ଶ୍ରୀଯୁକ୍ତ ଓ ଶ୍ରୀମତୀ ସ୍ମିଥ୍ ତା ପାଇଁ ଅପେକ୍ଷା କରିଥାଆନ୍ତି । ଶ୍ରୀମତୀ ସ୍ମିଥ୍ ତାଙ୍କୁ କୁଣ୍ଢାଇ ପକାଇଲେ । ସତେ ଯେପରି ସାନ ଭାଇ ନିଜର ଫେରି ଆସିଛି । ସୁକାନ୍ତକୁ ଘରକୁ ଫେରିଲା ଭଳି ଲାଗୁଥାଏ । ଏଣୁ ତେଣୁ ଗପି ଗପି ଘରକୁ ଆସିଲେ । ଘରେ ଗୋଟିଏ ବିରାଟ କ୍ରିସ୍‌ମାସ୍ ଟ୍ରି, ଛୋଟ ଛୋଟ ବଲ୍‌ବରେ ସଜଡ଼ା ହୋଇଛି, ଲମ୍ବା ଲମ୍ବା ଷ୍ଟକିଂରେ ଝୁଲା ଯାଇଛି ଛୋଟ ଛୋଟ ଉପହାର ।

ସେଦିନ ସକାଳ ଖାଇବାଟା ଅନେକ ଦିନ ପରେ ବେଶ୍ ଉପଭୋଗ୍ୟ ହେଲା । ଗ୍ରାଫିଙ୍ଗ୍‌ର ରୂପ ବଦଳି ଯାଇଛି । ଲମ୍ବା ଲମ୍ବା ସବୁଜ ପଡ଼ିଆ ଓ

Digitized by PPRACHIN, SOA

ହଳଦିଆ ଘାସ ଫୁଲ ଲୁଚି ଯାଇଛି ବରଫର ଆସ୍ତରଣ ତଳେ । ଚାରିଅଡ଼େ ଧଳା ପରଦା ବିଛା ଯାଇଛି ଯେପରି, କି ଅପୂର୍ବ, କି ସୁନ୍ଦର ହୋଇପଡ଼େ, ପୃଥିବୀଟା ବେଳେବେଳେ । ଆଉ ତା'ରି ଭିତରେ ଛୋଟ ମଣିଷ, ବାପ, ମାଆ, ଭାଇ ଭଉଣୀ, ସାଙ୍ଗସାଥୀ, ସ୍ନେହ ସୌହାର୍ଦ୍ଦ ନେଇ ମଣିଷ କେତେ ଖୁସିରେ ରହି ପାରନ୍ତା । ଏଠାରେ, କିନ୍ତୁ କାହିଁ ? ଛୋଟ ଛୋଟ କଥା ନେଇ ମଣିଷ କଳି ତକରାଳ କରେ, ନିଜୁ ବଡ଼ ବୋଲି ଭାବି ଅନ୍ୟକୁ ଘୃଣା କରେ କିଂମ୍ବା ଛୋଟ ନଜରରେ ଦେଖେ, ସ୍ୱାର୍ଥପରତାର ବଶବର୍ତ୍ତୀ ହୋଇ ଅନ୍ୟଠାରୁ ଧନ ଛଡ଼ାଇ ନିଏ । କାହିଁକି ଆସିଲା ଏସବୁ ? ମଣିଷ ପାରେ ନାହିଁ କାହିଁକି ସବୁରି ସାଥିରେ ସମାନ ହୋଇ ସବୁରି ସୁଖ ଦୁଃଖରେ ଭାଗୀ ହୋଇ ଚଳିବାକୁ । ମାତ୍ର କେତୋଟି ବର୍ଷ ପୃଥିବୀରେ, ମହାବିଶ୍ୱ ଆଗରେ କି ନଗଣ୍ୟ । ତେବେ ବି ହେଉଛି କେଉଁଠି । କେଉଁଠାରେ ଧଳାକଳା ଭିତରେ ତଫାତ୍, କେଉଁଠାରେ ଉତ୍ତର ଓ ଦକ୍ଷିଣ ଭିତରେ କଳିତକରାଳ, କେଉଁଠାରେ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ମରାମରି । ଏହାହିଁ ହୋଇ ପଡ଼ିଛି ଏ ଦୁନିଆର ରୀତି ।

ସନ୍ଧ୍ୟାବେଳେ ଖାଇବସିବା ପୂର୍ବରୁ ସେ ତିନୋଟି ପ୍ୟାକେଟ୍ କାଢ଼ିଲା । ପ୍ରଥମଟଇ ଅନା ବା ଶ୍ରୀମତୀ ସ୍ମିଥ୍‌ଙ୍କ ପାଇଁ ଦ୍ୱିତୀୟଟି ଶ୍ରୀଯୁକ୍ତ ସ୍ମିଥ୍‌ଙ୍କ ପାଇଁ ଓ ତୃତୀୟଟି ମାର୍ଟିନ ପାଇଁ । ସବୁଗୁଡ଼ିକ ଭାରତୀୟ ଜିନିଷ, ମଗେଇଛି ନିଜ ଦେଶରୁ । ଆନା ଶାଲ୍‌ଟି ଦେଖି ଖୁସିରେ ବିଭୋର, ଶ୍ରୀଯୁକ୍ତ ସ୍ମିଥ୍‌ଙ୍କ ପାଇଁ ଥିଲା କୁମ୍ଭୀର ଚମଡ଼ାର ଚପଲ ହଳେ ଓ ମାର୍ଟିନ୍ ପାଇଁ କାଶ୍ମୀରୀ କାଠ ଖେଳନା । ତା' ପାଇଁ ସେମାନେ ରଖିଥିଲେ ଗୋଟିଏ ସୁନ୍ଦର ଇଲେକ୍‌ଟ୍ରିକ୍ ଶେଭର । ସାନ୍ତାକ୍ଲଉସ୍‌ର ଉପହାର ବଣ୍ଟନ ପରେ ଡ଼ିନ୍ନର୍ ଓ ହସ ଖୁସି । ରାତିରେ ଚର୍ଚ୍ଚକୁ ଯିବା, ତା ଆର ଦିନଟା ବୁଲାବୁଲି କରିବା, ପରିବାର ମାନଙ୍କୁ ଯାଇ ଗପ କରିବା, ବଡ଼ ଖୁସିରେ କଟିଗଲା ଦିନ ଦୁଇଟା । ଫେରି ଆସିଲା ବର୍ଲିନ୍ ।

ଶୀତ ଛୁଟୀ ସରିଗଲା । ନବ ବର୍ଷ ନେଇ ଆସିଲା ନୂତନ ଆଶା ସବୁ । ନିତି ଦିନିଆ ଦୁନିଆ ମାଡ଼ି ଚାଲିଲା ଆଗକୁ ସେହି ଚିରାଚରିତ ଗତିରେ । ଦିନ ପରେ ଦିନ, ମାସ ପରେ ମାସ, ସେଇ ଅଧ୍ୟାପକ ମାନେ, ସେଇ ସାଥୀ ସହଚରମାନେ, ସେଇ ଗୁରୁବାର ସନ୍ଧ୍ୟାର ମଉଜ ମଜଲିସ୍ ସୁକାନ୍ତ ଜୀବନର ଅଂଶ ବିଶେଷ ହୋଇପଡ଼ିଲା ।

ବେଳେ ବେଳେ ଶ୍ରୀଯୁକ୍ତ ମ୍ୟୁଲର୍‌ଙ୍କ ଘରକୁ ଯାଏ । ସେ ଅବିବାହିତ । ତାଙ୍କ ମତରେ ବିବାହ ଏକ ଅଦରକାରୀ ବନ୍ଧନ । ତାଙ୍କର ଲୋଡ଼ା ପ୍ରଚୁର ଅର୍ଥ, ସ୍ପୋର୍ଟସ୍ କାର୍, ଖୁବ୍ ଭଲ ଖାଇବା ଓ ସନ୍ଧ୍ୟାରେ ଯାଇ ବଡ଼ ବଡ଼ ରେଷ୍ଟୋରାଁରେ ଆଡ୍ଡା ମାରିବା । ତାଙ୍କର ଡ୍ରଇଁରୁମ ଗୋଟିଏ ଛୋଟ କାଟିଆ ବାର୍ କହିଲେ ଚଳେ । ଯିଏ ତାଙ୍କ ଘରକୁ ଯିବ କିଛି ନ ହେଲେ ଗ୍ଲାସ୍‌ଟିଏ ଓ୍ୟାଇନ୍ ପିଇବାକୁ ବାଧ୍ୟ । ଦୁହେଁ ଦୁହିଁଙ୍କର ମତକୁ ସମର୍ଥନ ନ କଲେ ମଧ୍ୟ ସମାଲୋଚନା କରନ୍ତି ନାହିଁ ।

ଶ୍ରୀଯୁକ୍ତ ମ୍ୟୁଲର୍‌ଙ୍କ ସଙ୍ଗେ ବନ୍ଧୁତା ବଢ଼ିବା ସଙ୍ଗେ ସଙ୍ଗେ ସେ ଶ୍ରୀଯୁକ୍ତ ମ୍ୟୁଲର୍‌ରୁ ଆସି କାର୍ଲ ହେଲେଣି । ଆଉ ସୁକାନ୍ତ ସବୁରି 'ସୁକାନ୍ତ' । କଲେଜ ଜୀବନର ଚାରୋଟି ସାଙ୍ଗଙ୍କୁ ଛାଡ଼ି ଦେଲେ ଆଉ କାହା ଆଗରେ "ସୁକୁ" ହେବାକୁ ଚାହେଁ ନାହିଁ ।

Digitized by PPRACHIN, SOA

କାର୍ଲ ସମାଜବାଦ ନୀତିକୁ ପସନ୍ଦ କରେନାହିଁ । ତା ମତରେ ଏଗୁଡ଼ାକ ଖାଲି ଧପ୍ପାବାଜି । ଯଦି ଜଣେ ଲୋକ କିଛି କାମ କରୁଛି ତା'ର ଫଳ ନିଜକୁ ଭୋଗ ନ କରିବାକୁ ହୁଏ ତେବେ ସେ କାମର ଯତ୍ନ ନେବନି । State ବା Community Ownership ଖାଲି ଆଦର୍ଶ । ଏଥିରେ ବାସ୍ତବତା ନାହିଁ । ମଣିଷ ମାତ୍ରେ ହିଁ ସ୍ୱାର୍ଥପର । ଯେଉଁଠାରେ ତା'ର ସ୍ୱାର୍ଥନାହିଁ ସେଠାରେ ସେ ଆଗ୍ରହ ନିଏନା । ମଣିଷ ଭଗବାନ ହୋଇ ପାରିବନି, କିମ୍ବା ସମସ୍ତେ ବୁଦ୍ଧ, ଖ୍ରୀଷ୍ଟ ବା ଗାନ୍ଧୀ ହୋଇପାରିବେ ନାହିଁ । ସବୁ ରାଜନୀତିର ଭିତ୍ତି ସ୍ୱାର୍ଥରେ । ତେଣୁ ସେ ଏ ସବୁରେ ବିଶ୍ୱାସ କରନ୍ତି ନାହିଁ । ଖାଅ, ପିଅ, ମଉଜ କର, କେତୋଟା ଦିନ ଏ ଦୁନିଆରେ । କାହିଁକି ଛାଡ଼ିବ ଏ ସୁବିଧା । ଥରେ ମଲେ ଗଲ ଆଉ ପୁରକୁ ଯେଉଁଠାରେ କେହି ନାହାନ୍ତି ।

ମଣିଷ ଜୀବନଟା କ'ଣ ଖାଇ ପିଇ ମଉଜ କରିବାକୁ ? କାହିଁଗଲା ସବୁ ଧର୍ମର ବ୍ୟାଖ୍ୟା, ଯୀଶୁ ଓ ବୁଦ୍ଧଙ୍କ ବାଣୀ । ମଣିଷ କଣ ଏ ଦୁନିଆ ଭିତରେ ରହି ଏତେ ସହଜରେ ତା'ର ମୋହ ମମତା ଛାଡ଼ି ପାରେ ? ନିଜର ବନ୍ଧୁ ବାନ୍ଧବ, ସଖା ସହୋଦର ସବୁ କିଛି ନୁହନ୍ତି ? କଣ ଶଙ୍କରଙ୍କ ସେଇ ବାଣୀ "କାତବ କାନ୍ତା କସ୍ତେ ପୁତ୍ରଃ, ସଂସାରୋୟଂ ଅତୀବ ବିଚିତ୍ର । କ୍ଷଣମିହ ସଜ୍ଜନ ସଙ୍ଗତ ରେକା, ଭବତି ଭବାର୍ଣ୍ଣବ ତରଣେ ନୌକା ।" ଖାଲି ପ୍ରବ୍ରଜ୍ୟ ମଣିଷ ପାଇଁ । ତେବେ ଏହି ବିଚିତ୍ର ସଂସାରରେ ସଜ୍ଜନ କିଏ, ଯାହା ସାଙ୍ଗରେ ରହି ମଣିଷ ଧନ୍ୟ ହୋଇପାରିବ । ସାଧାରଣ ଲୋକଙ୍କ ପାଇଁ ପନ୍ଥା କ'ଣ ? "ମହାଜନୋ ଯେନ ଗତଃ ସ ପନ୍ଥୀ ।" ସେହି ମହାଜନ ଜଣକ କିଏ ? ଇତିହାସ ଓ ପୁରାଣ ଖୋଜି ବସିଲେ ଶହ ଶହ ମହାଜନ ଦେଖାଯାଏ । ସବୁରି ପନ୍ଥା ଭିନ୍ନ । ଲକ୍ଷ୍ୟ ହୁଏତ ଏକ ହୋଇପାରେ । ତେବେ ସୁକାନ୍ତ ଭଳି ଲୋକଙ୍କ ପାଇଁ ପନ୍ଥା କଣ ହୋଇପାରେ ? କାର୍ଲ ଓ ସୁକାନ୍ତ ଘଣ୍ଟା ଘଣ୍ଟା ଧରି ଯୁକ୍ତି କରନ୍ତି, ଖାଆନ୍ତି, ପିଅନ୍ତି, ଗାଡ଼ି ଧରି ବର୍ଲିନରେ ବୁଲନ୍ତି । ତା'ରି ଭିତରେ ସୁକାନ୍ତ ମନରେ ରହିଯାଏ ପ୍ରଶ୍ନ 'ପନ୍ଥା କଣ', ରହିଯାଏ କେଉଁ ଗଭୀରତମ ପ୍ରଦେଶରେ ମନର, ନିତିଦିନିଆ ହସ ଖୁସିରେ ଯାହା ସେ ଭୁଲିଯାଇଥାଏ ।

ବାର୍ଷିକ ପରୀକ୍ଷା ସରିଲା । ଖରାଛୁଟୀ ଆରମ୍ଭ ହେଲା । ସୁକାନ୍ତ ଉତ୍ତର ଜର୍ମାନୀର ଲ୍ୟୁବେକ୍ ସହରରେ ଗୋଟିଏ କାମ ନେଇଛି ଖରାଛୁଟୀ ପାଇଁ । ଏଇ ସମୟଗୁଡ଼ିକରେ ଯେତେ ଘୁରି ବୁଲିପାରିବ ସେଥିରେ ହିଁ ତାର ଆନନ୍ଦ । ବସି ରହି ପାରିବ ନାହିଁ । ବସିଲେ ପ୍ରଶ୍ନ ଆସେ ମନରେ ପନ୍ଥା କ'ଣ ।

ଲ୍ୟୁବେକ୍ ନଗରୀର ଇତିହାସ ଅତି ପୁରାତନ । ଜର୍ମାନୀର ଚାରୋଟି ହାନ୍ସେନଗରୀରୁ ଏହା ଗୋଟିଏ । ଦିନ ଥିଲା ଏଠାରେ ବଣିକମାନେ ପୃଥିବୀମାନେ ଜାହାଜରେ ଘୁରିଘୁରି ଭରି ଆଣୁଥିଲେ ଧନ ସମ୍ପତ୍ତି । ପ୍ରାଚୀନ ଉତ୍କଳର ତାମ୍ରଲିପି ପରି ତା'ର ଗୌରବ ଆଜି ଇତିହାସର ପୃଷ୍ଠା ତଳେ ଲୁଚିଯାଇନାହିଁ । ଆଜି ଲ୍ୟୁବେକ୍‌ରେ ବିରାଟ ବିରାଟ ଜାହାଜ ତିଆରି କରିବା କାରଖାନା ଓ ଜର୍ମାନୀର ଏହା ଏକ ବିଶିଷ୍ଟ ବନ୍ଦର ।

ଲ୍ୟୁବେକ୍ ଆସି ସେ କିଛିଦିନ Junge Evangelishe Gruppe ବା ଯୁବକ ଏଫାଙ୍ଗେଲିୟ ସଙ୍ଘ ସହିତ ଖୁବ୍ ମିଶିଲା । ତାଙ୍କର ନେତା ସୁକାନ୍ତକୁ

Digitized by PPRACHIN, SOA

ଅନେକ ଚେଷ୍ଟା କରିଛନ୍ତି ଧର୍ମାନ୍ତର କରିବାକୁ । ଅନେକ ଯୁକ୍ତ ତର୍କ ହୁଏ ଧର୍ମ ବିଷୟରେ । ଶ୍ରୀଯୁକ୍ତ ବାଉଅର ଅନେକ ଧର୍ମ ପୁସ୍ତକ ପଢ଼ିଛନ୍ତି । କହି ବସନ୍ତି ଯିଶୁଙ୍କର ଉପଦେଶ ସବୁ । କିନ୍ତୁ ଗୋଟିଏ ପ୍ରଶ୍ନ ତା'ର ମନରେ ସବୁବେଳେ ରହିଯାଏ, ଏଇ ପନ୍ଥା କ'ଣ ସର୍ବୋତ୍କୃଷ୍ଟ । ଥରେ ଚିଠି ଲେଖିଥିଲା ମନୁମଉସା ପାଖକୁ ଏ ବିଷୟରେ । ସେ ପଠାଇଥିଲେ କେତେ ଖଣ୍ଡ ବହି ।

ତା ଭିତରେ ଥିଲା ଟୀକା ସହିତ ଶ୍ରୀମଦ୍ ଭଗବତ୍ ଗୀତା । ପ୍ରତ୍ୟେକ ଦିନ କିଛି କିଛି ପଢ଼େ । ମୂଳରୁ ଶେଷ ଯାଏ ପଢ଼ିନେଲା । ଅନେକଟା ବୁଝିପାରିଲା ନାହିଁ । ପୁଣି ଥରେ ମନ ଦେଇ ପଢ଼ିଲା । ସେଥିରୁ ସେ ମୋଟାମୋଟି ଏଇଆ ବୁଝିଲା । ଦୁନିଆ ଭିତରେ ରହି କର୍ତ୍ତବ୍ୟରୁ ଦୂରରେ ରହନା । କାମ ସବୁ କରି'ଯାଅ । କିନ୍ତୁ କେଉଁଥିରେ ବନ୍ଧନ ରଖନା । ବନ୍ଧନଠାରୁ ଦୂରେଇ ରହ । ମୋହ ମାୟା କାଟି ମୁକ୍ତ ଆକାଶର ପକ୍ଷୀଟି ସମ ନିଜର କାମ କରିଯାଅ । ଦୁନିଆରେ ଅନେକ ଲୋକ ଅନେକ କିଛି କାମ କରି ଯାଇଛନ୍ତି । ତାହାର ଫଳ ତୁମେ ପାଉଛ । ସେଥିପାଇଁ କିଛି କାମ କରିଯାଅ ଯାହାର ଫଳ ମାନବ ସମାଜ ପକ୍ଷରେ ହିତକର ହେବ । ଦୁନିଆଠାରୁ ଦୂରେଇ ରହିଲେ ତୁମେ ହାରିଯିବ । ପଳାୟନ ପନ୍ଥା ଭୀରୁର ପନ୍ଥା । ହୁଏତ ଏହାହିଁ ସତ୍ୟ । ସୁକାନ୍ତ ଚେଷ୍ଟା କରିବ ଦୁନିଆର ଜଂଜାଳରୁ ମୋହ ମାୟା କାଟି ଦେବାକୁ । କିନ୍ତୁ ତା' କ'ଣ ସମ୍ଭବ ? ଛୋଟ ମଣିଷର ଛୋଟ ବଡ଼ ସୁଖ ଦୁଃଖ, ଛୋଟ ଛୋଟ ଦେଣନେଣ କଥା, ସ୍ନେହ ସୌହାର୍ଦ୍ଦ୍ୟ; ଏହାକୁ ତ ନେଇ ମଣିଷର ଜୀବନ ଗଢ଼ା । ଏଥିପାଇଁ ତ ମଣିଷ ଜୀବନ ପାଇବାକୁ ଦେବତା ମଧ ଇଚ୍ଛା କରି ଆସିଛି । ଏ ସବୁ ଛାଡ଼ି ପାରିବ କିପରି ?

ଭାବନାର ଖିଅ ବଦଳେ । ସଂଧ୍ୟା ଥିଲେ ହୁଏତ କହନ୍ତା "ଏ ସବୁ ଚିନ୍ତା କରିବା ପାଇଁ ମୁନି ଋଷିମାନେ ଅଛନ୍ତି । ଆମେ ମଣିଷ । ଜୀବନଟାକୁ ଆମେ ନେବା ଯେପରି ତାକୁ ଦେଖୁଛୁ । ଯେତେବେଳେ ମଣିଷର ବୟସ ବଢ଼ିଯାଏ, ମୃତ୍ୟୁ ଆସି ଡ଼ାକ ଦିଏ, ସେ ଭାବେ ଯାହା ସେ କରିଯାଇଛି ଭ୍ରାନ୍ତିମୟ । କିନ୍ତୁ ସେ ବୟସ ଅନେକ ଡ଼େରି ଅଛି ଆମର । କାହିଁକି ନିଜକୁ ଜାଳି ପୋଡ଼ି ମାରିବା ଆଜିଠାରୁ । ମୋ ମୁହଁଟାହଁ – କଣ ଆଦର କରିବାକୁ ଇଚ୍ଛା ହେଉନି ତୁମର, ନିଶ୍ଚୟ ହେଉଛି । ଆଦର୍ଶ ବୋଲି ବଡ଼ ବଡ଼ କଥା କହି ନିଜକୁ ଜାଳି ପୋଡ଼ି ମାରିବ କାହିଁକି ?" ସେ ଜାଣେନି ସଂଧ୍ୟା ଏକଥା କହି ଥାଆନ୍ତା କି ନାହିଁ । ହୁଏତ ନିଜ ମନକୁ ପ୍ରତିଫଳିତ କରୁଛି ସେ । କିନ୍ତୁ ସେଥିରେ ମଧ ସତ୍ୟତା ଅଛି ।

ଦିନ ପରେ ଦିନ ଗଡ଼ିଯାଏ । ଉତ୍ତର ଜର୍ମାନୀର ଗ୍ରୀଷ୍ମବାସ ସବୁ ଟ୍ରାଭେମୁଣ୍ଡେ, ନିନ୍‌ଡ଼ର୍ଫ, ଟିମେନ୍ ଡ଼ର୍ଫ, ସାର୍ବଏସ ପ୍ରଭୃତି ଛୋଟ ଛୋଟ ସହରରେ ଘୁରି ଘୁରି ସମୟ କଟିଯାଏ । ପାଗ ଭଲ ଥିଲେ ସମୁଦ୍ରରେ ମନଇଚ୍ଛା ପହଁରେ । ନିଜକୁ ସବୁବେଳେ କର୍ମମୁଖର କରି ରଖେ । ଖରାଛୁଟି ଶେଷ ହୁଏ, ସେ ବର୍ଲିନ ଫେରିଆସେ, ପୁଣି ସେଇ ବିଶ୍ୱବିଦ୍ୟାଳୟ ଓ ସହପାଠୀଗଣ ।

ବେଳେବେଳେ ସୁକାନ୍ତର କବିତା ଉପରେ ସମାଲୋଚନା ବାହାରେ । ଏଥର ସେ ପଢ଼ିଥିଲା, ହସ ଲାଗିଲା ତାକୁ । 'ଯେଉଁ ଯୁବକ ବର୍ଷେକ ତଳେ ପ୍ରେମମୟ କବିତାସବୁ ଲେଖୁଥିଲେ ତାଙ୍କର ଅଦ୍ଭୁତ ପରିବର୍ତ୍ତନ ହୋଇଛି । ତାଙ୍କର ମାନସୀଙ୍କ ସ୍ଥାନ ଅଧିକାର କରି ନେଲେଣି ଅବିନଶ୍ୱର ଭଗବାନ । ଯେଉଁ ଦେଶ ବୁଦ୍ଧ, ଶଙ୍କର ଓ ଗାନ୍ଧୀଙ୍କୁ ଜନ୍ମ ଦେଇଛି ସେ ଦେଶରେ କବିର ଯେ

Digitized by PPRACHIN, SOA

ଏ ପରିବର୍ତ୍ତନ ହେବ ଏଥିରେ ଅବଶ୍ୟ ନୂତନତା କିଛି ନାହିଁ ।' କାହିଁକି ଏ ପରିହାସ, କାହିଁକି ଏ ଛଳନା । ଯେ ନିଜର ପନ୍ଥା କ'ଣ ଜାଣେନି ତାକୁ କାହିଁ ଏତେ ପ୍ରଶଂସା । ସେ ରହିଯାଉଛି ଦୌଡ଼ରେ ବହୁତ ପଛରେ । ଋଷିଆ ମହାଶୂନ୍ୟକୁ ଉପଗ୍ରହ ପଠାଇଲାଣି । ଆମେରିକା ହୁଏତ ପଠାଇବ । ଦିନ ଆସିବ ଉଡ଼ାଜାହାଜ ପରି ଚାଲିବ ମହାଶୂନ୍ୟ ପୋତ ସବୁ ବିଶ୍ୱର ବିଭିନ୍ନ ଗ୍ରହ ଉପଗ୍ରହକୁ । ଆଉ ଏ ସବୁ ଭିତରେ ସୁକାନ୍ତ ଧରି ବସିବ ସେଇ ପୁରାତନ ଚିନ୍ତାଧାରାକୁ ନେଇ । ନା, ଦୁନିଆ ସାଥିରେ ପାଦ ଦେଇ ଚାଲିବ, ଶନିବାର ରାତିରେ କାର୍ଲ ସାଙ୍ଗେ ନାଇଟ୍ କ୍ଲବ୍‌ରେ ବଲ୍‌ଡ଼ାନ୍ସ କରିବ ପଛେ ଏ ସବୁକୁ ମନରୁ ଦୂରେଇ ଦେବ । କିମ୍ବା ଆଉରି ମନ ଦେଇ ପାଠ ପଢ଼ିବ । ଗୋଟିଏ ଯାଗାରେ ଦୁଇଟି ସ୍ପେଶାଲ୍ ସବ୍‌ଜେକ୍ଟ ନେବ ।

ସେ ଠିକ୍ କଲା ତୃତୀୟ ବର୍ଷରେ ଦୁଇଟି ସ୍ପେଶାଲ୍ ସବ୍‌ଜେକ୍ଟ ନେବ । ପ୍ରଥମ ହେଲା ସର୍ଭୋମେକାନିଜମ୍ ଓ ଅଟୋମେଶନ୍; ଦ୍ୱିତୀୟଟି ମେସିନ୍ ଡ଼ିଜାଇନ୍ ଓ ମେସିନ୍ କଣ୍ଟ୍ରୋଲ୍ । ଅଧ୍ୟାପକ ମନା କରୁଥିଲେ । କହୁଥିଲେ ପ୍ରତ୍ୟେକ ବିଷୟଟି ଯଥେଷ୍ଟ କଷ୍ଟ । ତେଣୁ ଦୁଇଟାରେ ପାରିଉଠିବା ସହଜ ନୁହେଁ । ସେ ଶୁଣିଲାନି, ଅନୁରୋଧ କରି ତାଙ୍କୁ ରାଜି କରାଇଲା ।

ସତ୍ୟ ଚିଠି ଲେଖିଛି । ସେ ପଦାର୍ଥ ବିଜ୍ଞାନରେ ଏମ୍.ଏସ୍.ସି.ରେ ସ୍ୱର୍ଣ୍ଣପଦକ ପାଇବ ଶରତ୍ ଓ କିଶୋର ମଧ୍ୟ ପାଇବେ ରସାୟନ ଶାସ୍ତ୍ର ଓ ଗଣିତରେ । ଶାନ୍ତା ସେକେଣ୍ଡ କ୍ଲାସ ଅନର୍ସ ପାଇଛି, ଡ଼ିଷ୍ଟିଙ୍କ୍‌ସନ୍ ମଧ୍ୟ ପାଇଛି । ସତ୍ୟ, ଶରତ୍ ଓ କିଶୋର ସେଇ କଲେଜରେ ଜଏନ୍ କରିବେ ଲେକ୍‌ଚରର ହୋଇ । ହୁଏତ ରିସର୍ଚ୍ଚ କାମ ଆରମ୍ଭ ମଧ୍ୟ କରିବେ ଚାକିରୀ ସହିତ । ଶାନ୍ତା ଏମ୍.ଏ. ଇକନମିକ୍ସରେ ଜଏନ୍ କରିଛି ।

ମାଧବ ଇଞ୍ଜିନିୟରିଂ ପାଶ୍ କଲାଣି । ସରକାରୀ ଇସ୍ପାତ୍ କାରାଖାନାରେ ଜଏନ୍ କରିଛି । ଟ୍ରେନିଙ୍ଗ୍ ସକାଶେ ଆମେରିକା ଯିବ ।

ଶ୍ୟାମ ମଉସା ଲେଖିଛନ୍ତି । ଶାନ୍ତାକୁ ବିବାହ କରାଇଦେଲେ ସେ ଖୁସି ହୁଅନ୍ତେ । ପାତ୍ର ଠିକ୍ କରୁଛନ୍ତି । କିନ୍ତୁ ଶାନ୍ତା ରାଜି ହେଉନାହିଁ ।

ବାପା ଚିଠି ଲେଖିଛନ୍ତି । କିଶୋର, ଶରତ୍ ଓ ସତ୍ୟ ଗୋଟିଏ ଘର ଭଡ଼ା ନେଇଛନ୍ତି କଟକରେ । ନିତୁ ତାଙ୍କ ପାଖରେ ରହି କଲେଜରେ ପଢୁଛି । ମୀନୁ ଆସି ସେଠାରେ ରହି ସ୍କୁଲରେ ପଢୁଛି । ଆଜିକାଲି ଘରେ କେହି ନାହାନ୍ତି ।

ସୁମୀ ଚିଠି ଲେଖିଛି । ସେ ବୁର୍ଲା ମେଡ଼ିକାଲ କଲେଜରେ ନାଁ ଲେଖାଇଛି । ଆନାଟମୀ ପାଠଟା କି କଦର୍ଯ୍ୟ । କାହିଁକି ଏ ପାଠ ପଢ଼ିଲା ତା'ର ମନଦୁଃଖ ।

ଶାନ୍ତା ପାଖକୁ ଚିଠି ଲେଖିଲା । ଅନୁରୋଧ କଲା ବାପାଙ୍କ ପ୍ରସ୍ତାବରେ ରାଜିହେବାକୁ ଶାନ୍ତା ଉତ୍ତର ଦେଇଛି । ଖୁବ୍ ହୃଦୟସ୍ପର୍ଶୀ ଚିଠିଟା । ସେ ସତ୍ୟକୁ ଭଲପାଏ । ସତ୍ୟ ତାକୁ ମଧ୍ୟ ଖୁବ୍ ଭଲ ପାଏ । ସତ୍ୟର ଭଉଣୀମାନେ ଚାହାନ୍ତି ନାହିଁ ସେ ଶାନ୍ତାକୁ ବିବାହ କରୁ । ସେଥିପାଇଁ ତା' ମାଆ ରାଜି ହେଉନାହାନ୍ତି । ସତ୍ୟ ଚାକିରି କଲେ ସ୍ୱାଧୀନ ହେଲେ, ଦୁହେଁ ବିବାହ କରିବେ ।

Digitized by PPRACHIN, SOA

ବାପାଙ୍କୁ ଏ କଥା ଜଣାଇ ଦେଇନି । ଦୁହେଁ ସମୟକୁ ଚାହିଁ ବସିଛନ୍ତି । ଆଉ ବର୍ଷ ଦୁଇଟାରେ ଶାନ୍ତା ଏମ୍.ଏ. ପାଶ୍ କରିବ । ଦୁହେଁ ଚାକିରି କରିବେ । ସୁଖରେ ଘର କରିବେ ।

ଶାନ୍ତା କିଛି ଭୁଲ୍ କରିନି । ସତ୍ୟ ଭଳି ବୁଦ୍ଧିମାନ ଓ ସୁନ୍ଦର ପିଲାପ୍ରତି ଢ଼ଳି ପଡ଼ିବା କିଛି ଅସମ୍ଭବ କଥା ନୁହେଁ । ସତ୍ୟର ଭଉଣୀମାନେ ରାଜି ହେଉନାହାନ୍ତି କାହିଁକି ? ଶାନ୍ତା ସୁନ୍ଦରୀ, ଭଦ୍ର ପରିବାରର ଝିଅ । ସୁକାନ୍ତ ସତ୍ୟ ପାଖକୁ ସବୁ କଥା ପଚାରି ଲେଖିଲା । ସତ୍ୟର ଚିଠି ଆଉରି ବ୍ୟଥା ଦାୟକ । ତା'ର ଭଉଣୀମାନଙ୍କ ସାଙ୍ଗରେ ଭଲ ପଡୁନି । ସେମାନେ ମାଆ ପାଖରେ ରହି ଘରର ସବୁ ସୁନା ନେଇଗଲେଣି । ଯାହା ସବୁ ଜମି ମଆଙ୍କ ନାମରେ କିଣା ଯାଇଥିଲା ସେ ସବୁ ମଧ ଉଇଲ୍ କରାଇ ନେଇଛନ୍ତି । ମାଆ ବହୁତ ବୁଢ଼ୀ ହୋଇଗଲାଣି । ବେଳେ ବେଳେ ବିଲ୍‌କୁଲ୍ ଅବୁଝା ହେଉଛି । ଦେହ ମଧ ତାର ଆଜି କାଲି ଭଲ ରହୁନି । ସେମାନେ ଚାହାନ୍ତି ନାହିଁ ସତ୍ୟ କଲେ ପାଠ ପଢୁଆ ଝିଅ ବାହାହେଉ । ଏଇ ସବୁ କଥା । କି ଛୋଟ, ଏଇ ଟଙ୍କା ପଇସା, ଜମିବାଡ଼ି ନେଇ ଭାଇ ଭାଇ, ଭାଇଭଉଣୀ ଭିତରେ ଅପଡ଼ । ସତ୍ୟ ଅବଶ୍ୟ ଦୁଃଖିତ ନୁହେଁ । ବାପା ସବୁ ସମ୍ପତ୍ତି ହାତରେ କରିଥିଲେ । ସେ ବି ନିଜକୁ ନିଜ ହାତରେ ଗଢ଼ିବ । ହୁଏତ ଆସନ୍ତା ବର୍ଷ ସେ ଓ ଶାନ୍ତା ବିବାହ କରିବେ । ଭବିଷ୍ୟତର ପଥଟା ଆଜିଠାରୁ ଏତେ ପରିଷ୍କାର ଦେଖାଯାଉନାହିଁ । କିନ୍ତୁ ସେ ଫାଇଟର, ଜୀବନ ସଂଗ୍ରାମରେ ହାରିଯିବ ନାହିଁ । କାହା ପାଖରେ ମୁଣ୍ଡ ନୋଇଁବା ସତ୍ୟ ଜାତକରେ ନାହିଁ ।

ସତ୍ୟର ଚିଠି ପାଇ ସୁକାନ୍ତ ଅନେକ ଭାବିଲା । ଠିକ୍ କଲା ତା'ର ଦୁଇ ଭଉଣୀଙ୍କ ପାଖକୁ ଚିଠି ଲେଖିବ । ତାର ଉତ୍ତର ପାଇଥିଲା ସେମାନଙ୍କ ଘର ବିଷୟରେ ମୁଣ୍ଡ ପୁରାଇ ସୁକାନ୍ତ କିଛି ଭଲ କାମ କରୁନାହିଁ ।

ମନଟା ଏକବାରେ ମରିଗଲା । ଗୋଟିଏ ଦିଗରେ ଶରତ୍ । ଏତେ ବଡ଼ ଜମିଦାରଙ୍କର ପୁଅ ହୋଇ ସେ ଆଜି ନିଃସ୍ୱ । ଆଉ ସରଳମତି ସତ୍ୟବ୍ରତ । ବାପା ମାଆଙ୍କର ଅତି ଗେହ୍ଲାପୁଅ ସେ ଆଜି ଘରର କେହି ନୁହେଁ । କିଶୋରର ଦୁନିଆରେ କେହି ନାହାନ୍ତି । କ'ଣ ହୋଇଗଲା ଏ ଦୁନିଆଟା । କି ପରିବର୍ତ୍ତନ ହୋଇଗଲା ସବୁରି । ଆଜି ବି ମନେ ପଡ଼େ କଲେଜର ପ୍ରଥମ କେତେଟା ବର୍ଷ କଥା । ଶରତ୍ ଘରୁ ଆସୁଥିବା ପିଠାପଣା, ଘିଅ, ଆଚାର, ସତ୍ୟର ଦୁଷ୍ଟାମୀ - ଆଉ ଆଜି ସବୁ ଓଲଟ ପାଲଟ । ହଜାର ହଜାର ମାଇଲ ଦୂରରେ ରହି ସରକାରୀ ବୃତ୍ତିପ୍ରାପ୍ତ ସୁକାନ୍ତ ଆଜି କିଛି ବାଟ ଖୋଜି ପାଉନାହିଁ । ମାଧବ ଅଳ୍ପ ଦିନରେ ଆମେରିକା ଚାଲିଯିବ । ଲୁଚି ହଜିଯିବ ତା'ର ତରୁଣ ଜୀବନର ପଞ୍ଚପାଣ୍ଡବଙ୍କର ମହାଭାରତ ।

x x x x x x x x x

ସର୍ଭୋ ମେକାନିଜିମ୍ ବିଷୟଟି ସୁକାନ୍ତର ଅତି ପ୍ରିୟ ପାଠ୍ୟ ହୋଇପଡ଼ିଲା । ବିଭିନ୍ନ ସର୍କିଟରି ଉପରେ ଅଙ୍କ ପରେ ଅଙ୍କ କଷିଯାଏ । ଅଟୋମାଟିକ୍ କଣ୍ଟ୍ରୋଲ୍ ସର୍କିଟ୍‌ରେ ଲଜିକାଲ୍ ଏଲିମେଣ୍ଟର ଉପସ୍ଥିତି ମନକୁ ଆଉରି ଉନ୍ମାଦ କରିନିଏ । ଗୋଟିଏ ଗୋଟିଏ ସର୍କିଟ୍ କାମ କରିବ କେତେ କେତେ ଶ୍ରମିକଙ୍କର । ଏହି ସର୍କିଟ୍ କଣ୍ଟ୍ରୋଲ୍ କରିବ ଡ୍ରାଇଭ୍ ମେକାନିଜିମ୍ । ସେଥିପାଇଁ ଡ୍ରାଇଭ୍ ମେକାନିଜିମ୍‌ର ଡ଼ିଜାଇନ୍ ସବୁ ମନ ଦେଇ କରୁଛି । ଯଦି ମର୍କ୍ୟୁରୀ ଆର୍କ ରେକ୍ଟିଫାଇଅର

Digitized by PPRACHIN, SOA

ରୋଟାରୀ କନ୍‌ଭଟରକୁ ପୂରାପୂରି ବିତାଡ଼ିତ କରି ଦେଉଛି ତେବେ ସେମି କଣ୍ଡକ୍ଟର କାହିଁକି ନ ପାରିବ ? ନୂଆ ନୂଆ ପ୍ରବ୍ଲେମ୍‌, ନୂଆ ନୂଆ ପାଠ୍ୟ । ବହି ପରେ ବହି ପଢ଼ି ଚାଲେ ସୁକାନ୍ତ । ସୀମା ନାହିଁ ତାର । ଆଜି ସିମେନ୍ସ କମ୍ପାନୀର ଲାବରେଟରୀରେ ସିଲିକନ୍‌ କଣ୍ଟ୍ରୋଲଡ୍‌ ରେକ୍ଟିଫାୟାର ଉପରେ ଚାଲିଛି ବିରାଟ ଗବେଷଣା, ଏ.ଇ.ଜି. ଲାବରେଟରୀରେ ମଧ୍ୟ । ଆମେରିକାରେ ଜି.ଇ ଓ ଓ୍ୱେଷ୍ଟିଙ୍ଗହାଉସ୍‌ ତାଙ୍କର ଗବେଷଣା ପରିସର ଆଉରି ବଢ଼ାଇ ଦେଇଛନ୍ତି । ହୁଏତ ଅଳ୍ପ ଦିନରେ ଥାଇରିଷ୍ଟର ବଜାରକୁ ଆସିବ, ମର୍କୁରୀ ଆର୍କ ରେକ୍ଟିଫାୟାର ହୋଇଯିବ ପୁରୁଣା । ଟ୍ରାଞ୍ଜିଷ୍ଟର ଆଜି ଅଟୋମେଶନ୍‌ର ଅଙ୍ଗ ବିଶେଷ ହୋଇ ପଡ଼ିଲାଣି । ଆଉ ମିଲ୍‌ଡ୍ରାଇଭ୍‌ ପାଇଁ କେହି ଆମ୍ପ୍ଲିଡ୍ରାଇନ୍‌ ବ୍ୟବହାର କରିବେ ନାହିଁ । ଟ୍ରାଞ୍ଜିଷ୍ଟର ଓ ମ୍ୟାଗ୍ନେଟିକ୍‌ ଆମ୍ପ୍ଲିଫାୟାର ଆଗାମୀ ଦୁନିଆର କଣ୍ଟ୍ରୋଲ୍‌ ସର୍କିଟ୍‌ର ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡ଼ିବ ।

ସେଦିନ ଗୋଟିଏ ଡ଼ିଜାଇନ୍‌ କାମ କରୁଥିଲା । ଆସି ପହଞ୍ଚିଲା ଗୋଟିଏ ନୂଆ ପ୍ରବ୍ଲେମ୍‌ । ବଡ଼ ବଡ଼ ମେସିନ୍‌ର ରିଜେନେରେଟିଭ୍‌ ବ୍ରେକିଙ୍ଗ୍‌ ସେମିକଣ୍ଡକ୍ଟର ଦେଇ କିଭଳି କରାଯାଇପାରିବ । ଅଧ୍ୟାପକଙ୍କ ପାଖକୁ ଗଲା । ସେ ଗଣିତର ସୂତ୍ରରେ ବତାଇ ଦେଲେ ତା'ର ସମାଧାନ । କିନ୍ତୁ ଏ ସମାଧାନ ବାସ୍ତବ କ୍ଷେତ୍ରରେ କରାଯାଇ ପାରୁନାହିଁ । ସେଥି ସକାଶେ ଅନେକ ବର୍ଷର ଗବେଷଣା ଆଉରି ଦରକାର ।

ବେଳେ ବେଳେ ମନରେ ଦ୍ୱନ୍ଦ୍ୱ ଆସେ । ସତେ କଣ ଏଇ ଅଟୋମେସନ୍‌ ଦ୍ୱାରା ଶହ ଶହ ଶ୍ରମଜୀବି ବେକାର ହୋଇଯିବେ ? ତେବେ କ'ଣ ଏହା ଶହ ଶହ ଶ୍ରମିକଙ୍କ ମୁହଁରୁ ଦାନା ପାଣି କାଢ଼ି ନେବ ? କିନ୍ତୁ ଆଜି ସାରା ଦୁନିଆ ପାଗଳ ଅଟୋମେସନ୍‌ ପାଇଁ । ତା'ର ଫଳାଫଳ କ'ଣ ହେବ ? ଦେଶର ଅର୍ଥନୈତିକ କ୍ଷେତ୍ରରେ ଏହାର ପରିଣାମ କ'ଣ ହେବ କେହି କେବେ ଚିନ୍ତା କରିଛି କି ? ବୋଧହୁଏ କରିଛନ୍ତି । ଯେଉଁ ଅଟୋମେସନ୍‌ ଏତେ ଶ୍ରମଜୀବିଙ୍କୁ ବେକାର କରିଦେବ ତା'ର ରକ୍ଷଣାବେକ୍ଷଣ ପାଇଁ ଅନେକ ଶ୍ରମିକ ଦରକାର ହେବେ । ତା' ସପକ୍ଷରେ ଆଉ ଗୋଟିଏ କଥା । ଯେଉଁ କାମ କରିବା ପାଇଁ ମଣିଷ ଇଚ୍ଛା କରେ ନାହିଁ, ଯେଉଁ କାମ କରିବାକୁ ଗଲେ ମଣିଷର ଜୀବନ ସଂକଟାପନ୍ନ ହେବ ହୁଏତ ସେଇ କାମରେ ଅଟୋମେସନ ନିହାତି ଆବଶ୍ୟକ । ପୁଣି, ପ୍ରତିଯୋଗିତାମୂଳକ ବଜାରରେ ମଣିଷର ମୂଲ୍ୟ କିଛି ନାହିଁ । ଅଟୋମେସନ୍‌ ସାହାଯ୍ୟରେ ଅଳ୍ପ ସମୟରେ ବହୁତ ମାଲ ତିଆରି ହୋଇପାରିବ । ସବୁରି ମାନ ଉଚ୍ଚ ହେବ । ମଣିଷର HUMAN ERROR ସକାଶେ କୌଣସି ମାଲ୍‌ର ମାନ କମ୍‌ ହେବ ନାହିଁ । ଫଳରେ ମାଲ୍‌ର ଦାମ୍‌ କମିଯିବ । କାଟ୍‌ତି ବେଶୀ ହେବ । ଏହାହିଁ ଆଜିର ଶିଳ୍ପପତିର ଅର୍ଥନୀତି ବିଚାର । ସେ ଚାହେଁନି ବୁଝିବାକୁ ତା'ର ପ୍ରତିଫଳ ସମାଜ ଉପରେ କ'ଣ ହେବ । ହୁଏତ ସମାଜ ସବୁ ସହିନେବ । ଶିଳ୍ପ ବିପ୍ଳବର ପ୍ରାରମ୍ଭରେ ଠିକ୍‌ ଏଇ ପରି ପ୍ରଶ୍ନ ସମାଜପତିଙ୍କ ମୁଣ୍ଡରେ ଖେଳିଥିଲା । କିନ୍ତୁ ଶିଳ୍ପ ବିପ୍ଳବ ଏମାନଙ୍କୁ ଚାହିଁ ବସିଲାନି । ପୃଥିବୀ ମଧ୍ୟଯୁଗର ଅନ୍ଧକାରରୁ ଚାଲିଆସିଲା ଆଧୁନିକ ଯୁଗର ଆଲୋକକୁ । ସେଇପରି ସର୍ଭୋମେକାନିଜିମ୍‌ ଓ ଅଟୋମେସନ୍‌ ହୁଏତ ଜଗତ୍‌କୁ ଏକ ଅତ୍ୟାଧୁନିକ ପରିସ୍ଥିତିକୁ ନେଇଯିବ । ସମାଜ ପାଇଁ ଏ ସବୁ ଗୋଟିଏ ଗୋଟିଏ ଛୋଟ ପରୀକ୍ଷା । କି ସୁନ୍ଦର ଏ ପାଠ । ସୁକାନ୍ତ ଆତ୍ମ ହରା ହୋଇପଡ଼େ ।

Digitized by PPRACHIN, SOA

ଏଇ ପାଠ ପଢ଼ା, ହସ ଖେଳ ଓ ନାଚ ଗୀତରେ ଚାରୋଟି ବର୍ଷ ଅତିବାହିତ ହୋଇଗଲା ଜର୍ମାନୀରେ । ତା'ର କବିତାଗୁଡ଼ିକ ସଂକଳନ କରି "ଝରକଲମ"ର ସଂପାଦକ ଗୋଟିଏ କବିତା ବହି ଛପାଇ ଦେଇଛନ୍ତି । ବେଳେବେଳେ କୌଣସି ସଂଗଠନ ତାକୁ ନିମନ୍ତ୍ରଣ କରନ୍ତି ବକ୍ତୃତା ଦେବାପାଇଁ । ତାର ଭାବନା କିମ୍ୱା ବକ୍ତୃତାରେ ଆଜିକାଲି ନୂତନ ସଂଘର୍ଷର ସଙ୍କେତ । ଧର୍ମ ଲୁଚିଯାଇଛି । ଅତି ଏକ ଜ୍ୱଳନ୍ତ ପ୍ରଶ୍ନ, ଅଟୋମେସନ୍ ଓ ଶ୍ରମଜୀବୀର ସଂଘର୍ଷ । ସେ ଏଇ ପ୍ରଶ୍ନ ସବୁବେଳେ ପଚାରେ, କିନ୍ତୁ ଠିକ୍ ଉତ୍ତର ପାଏନା ।

କାର୍ଲ ଏବେ ପ୍ରମୋଶନ ପାଇଛି । ସେ ଆଜିକାଲି ଜଣେ ଓବର୍ ବେଆମ୍‌ଟର । ଶନିବାର ସଂଧ୍ୟାରେ କେବେ କେବେ ସୁକାନ୍ତକୁ ଧରି କୌଣସି ନାଇଟ୍ କ୍ଲବ୍‌କୁ ଚାଲିଯାଏ । ସେଠାରେ ଯୁବତୀ ମାନଙ୍କର ନଗ୍ନ ଅଙ୍ଗଭଙ୍ଗୀ ଦେଖି ଦୁହେଁ ବିଭୋର ହୋଇ ପଡ଼ନ୍ତି । ମନରେ ଜାଗି ଉଠେ ଆଦିମ ପ୍ରବୃତ୍ତି । କିନ୍ତୁ ସଂଯତ କରି ସୁକାନ୍ତ ଫେରି ଆସେ ନିଜ ଘରକୁ ।

ଏହା ଭିତରେ ତାର ଆର୍ଥିକ ଅବସ୍ଥା ଅନେକ ଭଲ ହୋଇଯାଇଛି । ବର୍ଷକେ ଚାରିମାସ କାମ, 'ଝର କଲମ' ସମ୍ପାଦକଙ୍କ ଦୟାରେ କବିତା ସଂକଳନ ସକାଶେ ଯଥେଷ୍ଟ ପାରିଶ୍ରମିକ ତା'ର ଅବସ୍ଥା ଅନେକ ସ୍ୱଚ୍ଛଳ କରିଦେଇଛି । ବ୍ୟାଙ୍କ୍‌ରେ ବେଶ୍ କିଛି ଅର୍ଥ ଗଛିତ କଲାଣି ସେ ।

ଶେଷ ପରୀକ୍ଷାରେ ସେ 'SEHR GUT' ବା ଅତି ଭଲ ଭାବରେ ପାଶ୍ କଲା । ଜର୍ମାନୀର 'SEHR GUT' ଆମ ଦେଶର ପ୍ରଥମ ଶ୍ରେଣୀ ଭଳି । କ୍ଲାସର ପ୍ରଥମ ତିନିଜଣଙ୍କ ମଧ୍ୟରେ ସେ । ବିଶ୍ୱବିଦ୍ୟାଳୟରେ ସୁନାମ । ଅନେକ ପ୍ରାଇଜ୍ ଓ ଅଭିବାଦନ । ଫଳ ବାହାରିଲା ଦିନ ଶ୍ରୀଯୁକ୍ତ ସ୍ମିଥ୍ ଓ ଆନା ବର୍ଲିନ୍ ଆସିଥାଆନ୍ତି । ହେଲ୍‌ମୁଟ୍, ୱାଲ୍ଟର, ଥିଓଡ଼ୋର, ଗିସେଲା, ଇଙ୍ଗେ, ଇରେନେ ଓ କାର୍ଲ ମିଶି ସେଇ ଦିନ ତିନିଚାରିଟା ବେଶ୍ ଉପଭୋଗ କଲେ । ବର୍ଲିନ୍‌ର ରେଜି ଓ ଅନ୍ୟ ବଡ଼ ବଡ଼ ରେଷ୍ଟୋରାଁରେ ପାଇବା, ପିଇବା ଓ ନାଚିବା ହେଲା ।

ସ୍ମିଥ୍ ପରିବାର ଚାଲିଗଲେ । ଆଉ ସାଥିମାନେ ବସି ବିଚାର କଲେ କ'ଣ କରିବେ । ଏତେ ଶୀଘ୍ର ଭାରତ ଫେରିଯିବା ପାଇଁ ସୁକାନ୍ତର ଇଚ୍ଛା ନୁହେଁ । କିଛିଦିନ ଚାକିରି କରି ଏଠାରେ ରହିବାକୁ ଚାହେଁ । ଅନ୍ୟ ଜର୍ମାନ ବନ୍ଧୁମାନେ ମଧ୍ୟ ଚାକିରି ଖୋଜିଲେଣି । ଜର୍ମାନୀରେ ଚାକିରି ପାଇବା ଖୁବ୍ ସୁବିଧା । କାର୍ଲ ନିଜ କମ୍ପାନୀରେ ଏମାନଙ୍କୁ ଭର୍ତ୍ତି କରିଦେଲା ।

ଏହା ଭିତରେ ମାଧବ ଆମେରିକାରୁ ଫେରିଆସିଛି । ମଉସାଙ୍କ ଝିଅ ସୁମୀକୁ ବିବାହ କରିଛି । ସୁମୀ ଆଉ ପାଠ ପଢ଼ିବ କି ନାହିଁ ଠିକ୍ କରିପାରୁନି । ହୁଏତ କଷ୍ଟେମଷ୍ଟେ ମେଡ଼ିକାଲ୍ ପାଠଟା ସାରିବ । ମାଧବ ସରକାରୀ ଇସ୍ପାତ୍ କାରଖାନାରେ କାମ କରୁଛି । ଦରମା ସେତେ ଭଲ ନୁହେଁ, ଯଦିଓ ସତ୍ୟ, ଶରତ୍ ଓ କିଶୋରଙ୍କଠାରୁ ଯଥେଷ୍ଟ ବେଶୀ । ତା'ର ମନ କିନ୍ତୁ ଭଲ ନାହିଁ । କୁଲି ସର୍ଦ୍ଦାରଙ୍କ ଭଳି କାମ । କାମରେ ଇଣ୍ଟରେଷ୍ଟ ଆସୁନାହିଁ ।

ସତ୍ୟର ପି.ଏଚ୍.ଡ଼ି. କାମ ଜୋର ସୋର୍‌ରେ ଚାଲିଛି । ଏଇ ବର୍ଷ ଥିସିସ୍ ଲେଖି ସବ୍‌ମିଟ୍ କରିବ ନିଶ୍ଚୟ । ତା'ର ମାଆ ମରିଗଲେ । ଶୁଦ୍ଧକ୍ରିୟା ସାରି ଫେରି ଆସିଛି । ଆଉ ତା ପାଇଁ ଘରର ଦ୍ୱାର ପ୍ରାୟ ବନ୍ଦ କହିଲେ ଚଳେ । ଶାନ୍ତା

Digitized by PPRACHIN, SOA

ଏହା ଭିତରେ ଏମ୍.ଏ.ରେ ଫାଷ୍ଟକ୍ଲାସ୍ ପାଇ କଲେଜରେ ଲେକ୍‌ଚରର୍ ହୋଇ ଜଏନ୍ କଲାଣି । ଦୁହେଁ ଠିକ୍ କରିଛନ୍ତି ଆସନ୍ତା ୨/୩ ମାସ ଭିତରେ ରେଜିଷ୍ଟର୍ଡ ମ୍ୟାରେଜ୍ କରିବେ ।

ଶରତ ମଧ ରିସର୍ଚ୍ଚ କାମ ଜୋର୍‌ସୋର୍‌ରେ କରୁଛି । ସେ ବି ଏ ବର୍ଷ ଥିସିସ୍ ଦାଖଲ କରିବ । ଶ୍ୟାମ ମଉସା ତା' ପାଇଁ ଦୁଇତିନି ଜାଗାରେ ବିବାହ ପ୍ରସ୍ତାବ ପକାଇଲେଣି । ସେ କିନ୍ତୁ ବିବାହ କରିବାକୁ ନାରାଜ ।

କିଶୋରର ପାଗଲାମୀ କମିନାହିଁ । ସତ୍ୟର ଧମକରେ ଓ ନିତୁ ଆଉ ମୀନୁଙ୍କ ଅଳିରେ ସେ ଚାକିରୀ ରଖିଛି, ନଚେତ୍ ଭୂଦାନରେ ଯୋଗ ଦିଅନ୍ତାଣି । ମୀନୁ ଏବେ କଟକରେ ତା' ପାଖରେ ।

ସତୀଶ୍ ବି.ଏ. ପଢୁଛି । ସରିଲେ ଓକିଲାତି ପଢ଼ିବ ବୋଲି ଶ୍ୟାମ ମଉସା ଲେଖିଥିଲେ ।

ବାପା ଓ ମାଆ ଚାହିଁ ବସିଛନ୍ତି କେବେ ସୁକାନ୍ତ ଘରକୁ ଫେରିବ । ନିତୁ ଯିବା ପରେ ଘରେ ଆଉ କେହି ନାହାନ୍ତି । ଘରଟା ଏକବାରେ ଖାଲି !

x x x x x x x x x

ଚାକିରିର ପ୍ରଥମ ଛଅମାସ ଟ୍ରେନିଙ୍ଗ୍ । କମ୍ପାନୀର ବିଭିନ୍ନ କାରଖାନରେ ବୁଲି ତା'ର ଉତ୍ପାଦନ ଦେଖିବା, କାରଖାନାର ଇଞ୍ଜିନିୟମାନଙ୍କ ସାଙ୍ଗରେ ଆଲୋଚନା କରିବା ଓ ଟେକ୍‌ନିକାଲ ଲେକ୍‌ଚର୍ ଶୁଣିବା ହେଲା ମୁଖ୍ୟ କାମ । ପ୍ରତ୍ୟେକ କାରଖାନାରେ ସୁନ୍ଦର ବ୍ୟବହାର ମିଳେ, ଶସ୍ତାରେ ରହିବା ଓ ଖାଇବାର ଯୋଗାଡ଼ କରାହୁଏ । ଚାରିବର୍ଷର ପରିଶ୍ରମ ପରେ ଏଇ ମାସ ଛଅଟା ଏକ ପ୍ରକାର ଲମ୍ବା ବିଶ୍ରାମ ।

ଠିକ୍ ଛଅମାସ ପରେ ପୁଣି ଫେରି ଆସିଲା ବର୍ଲିନ୍ । ଏଥର ଆଉ ବୁଲାବୁଲି ନାହିଁ, ଫାଙ୍କି ଦେବା ନାହିଁ, ପୂରା ଦାୟୀତ୍ୱପୂର୍ଣ୍ଣ କାମ । ତା'ର ପ୍ରଥମ କାମ ହେଲା ଗୋଟିଏ ଗଭୀର କୋଇଲାଖଣି ପାଇଁ ୱାଇଣ୍ଡିଙ୍ଗ୍ ମେସିନ୍ ଡ଼ିଜାଇନ୍ କରି କୋଟେଶନ୍ କରିବା ଏବଂ ଚେଷ୍ଟା କରି ଅର୍ଡର ଆଣିବା । ଯଦି ସେ ଅର୍ଡର ମିଳିଯାଏ ତେବେ ମେସିନ୍‌କୁ ନିଜ ଡ଼ିଜାଇନ୍ ଅନୁସାରେ କାରଖାନାରେ ତିଆରି କରେଇବା ଓ ପରେ କୋଇଲା ଖଣିରେ ନେଇ ବସାଇବା । ଯଦି ସେ ଅର୍ଡର୍‌ଟା ନେଇଆସେ ତେବେ ତା'ର ଦରମା ଦୁଇଶହ ମାର୍କ ବଢ଼ିଯିବ । ଏଇଟା ଏକ ବିରାଟ ଚାଲେଞ୍ଜ - ଜଣେ ଅନଭିଜ୍ଞ ଇଞ୍ଜିନିୟର ପାଇଁ ।

ଅଫିସ୍‌କୁ ଯାଇ ଲାଗିପଡ଼େ ଡ଼ିଜାଇନ୍ କାମରେ । ଯେଉଁଠାରେ ଅଟକିଯାଏ, ଚୁପ୍‌ଚାପ୍ ଲାଇବ୍ରେରୀରେ ବସି ପଢ଼େ ନୂଆ ନୂଆ କଣ୍ଟ୍ରୋଲ୍ ସର୍କିଟ୍ । ସେ ନିଜେ ଜଣେ ଅଟୋମେଶନ୍ ଇଞ୍ଜିନିୟର । ଦୁଇଥର ବିଭିନ୍ନ ସର୍କିଟ୍ କରି କାରଖାନାକୁ ପଠାଇଲାଣି । ସେମାନେ ତାକୁ କରିବାକୁ ନାରାଜ । ଥରେ ଯାଇ ତାଙ୍କ ଗ୍ରୁପ୍ ଲିଡ଼ରଙ୍କୁ କହିଲା ଏ ବିଷୟରେ । ସେ କହିଲେ "ଏତେ ବ୍ୟସ୍ତ କାହିଁକି ? ତୁମର ସର୍କିଟାରୀକୁ ଡ଼େଭଲପ୍‌ମେଣ୍ଟ ଡ଼ିପାର୍ଟମେଣ୍ଟକୁ ପଠାଇଦିଅ । ଯଦି ସେମାନେ ରାଜି ହୋଇଯିବେ ତେବେ କାରଖାନା କରିବାକୁ ବାଧହେବ ।

ଡ଼େଭଲପ୍‌ମେଣ୍ଟ ଡ଼ିପାର୍ଟମେଣ୍ଟ ଗୋଟିଏ ବିରାଟ ଲାବୋରେଟରୀ । ଅଧ୍ୟାପକ ବର୍ଗହାଇମର୍ ତାର ମୁଖ୍ୟ । ସେଦିନ ସକାଳେ ତାଙ୍କ ପାଖକୁ କାଗଜପତ୍ର

Digitized by PPRACHIN, SOA

ନେଇ ଗଲା । ଅଧ୍ୟାପକ ସବୁ ଦେଖି ଟିକିଏ ହସିଲେ । ପଚାରିଲେ, "ତୁମେ କଣ ବର୍ଲିନ ବିଶ୍ୱବିଦ୍ୟାଳୟର ଅଟୋମେଶନ୍ କରିଛ ?"

"ଆଜ୍ଞା ହଁ, ମାତ୍ର କାହିଁକି ?"

"ଏସବୁ ସର୍କିଟ ଅଧ୍ୟାପକ କ୍ଲାଇନ୍‌ଙ୍କ ଝୁଙ୍କି, ନୁହେଁ କି ?"

"ହଁ, ମାତ୍ର ଏଥିରେ ଭୁଲ୍ କ'ଣ ଅଛି ?"

"ଭୁଲ୍ କିଛି ନାହିଁ । କିନ୍ତୁ ଜାଣ, କ୍ଲାଇନ୍ ମୋ ଛାତ୍ର । ତେଣୁ ତୁମେ ହେବ ମୋ ଛାତ୍ରର ଛାତ୍ର । ଠିକ୍ ଅଛି ତୁମର ମନ ବୁଝିବା ପାଇଁ ଏହାକୁ ପରୀକ୍ଷା କରାଇ ନେବା ।"

କିଛିଦିନ ପରେ ସେହି ଡ଼ିପାର୍ଟମେଣ୍ଟର ଶ୍ରୀଯୁକ୍ତ ଶୁତ୍‌ସ୍ ତାକୁ ଡ଼କାଇଲେ ଓ କହିଲେ ଯଦି ଲଜିକାଲ୍ ଏଲିମେଣ୍ଟରେ କିଛିଟା ପରିବର୍ତ୍ତନ କରିଦିଆଯାଏ ତେବେ ଏହା ଠିକ୍ କାମ କରିବ । ସୁକାନ୍ତକୁ ବୁଝାଇଦେଲେ କ'ଣ ପରିବର୍ତ୍ତନ କରିବାକୁ ହେବ । ତା ପରେ ଗୋଟିଏ ପ୍ରୋଟୋଟାଇପ୍ ତିଆରି କରାଗଲା କିଛିଦିନ ଧରି । ଏକ୍ସପେରିମେଣ୍ଟ ସଫଳ ହେଲା । ସୁକାନ୍ତର ପ୍ରଥମ ସର୍କିଟ୍ ଡ଼ିଜାଇନ୍ ବ୍ୟବହାର କରାଯାଉ ବୋଲି କାରଖାନା ରାଜି ହୋଇଗଲା । ଚାକିରି ଜୀବନର ପ୍ରଥମ ପାହାଚରେ ସେ ଉଠିଲା ।

ଡ଼ିଜାଇନ୍‌ଟି ସାରିବା କଷ୍ଟକର ହେଲାନାହିଁ । କିନ୍ତୁ ତା ପର ସମୟ ତକ ବେଶ୍ କଷ୍ଟଦାୟକ । ଡ଼ିଜାଇନ୍‌କୁ ଏଭଳି କରିବାକୁ ପଡ଼ିବ ଯେପରି ତାର ମୂଲ୍ୟ ହେବ ସବୁଠାରୁ କମ୍ । କଷ୍ଟିଙ୍ଗ୍ କରିବାକୁ ପଡ଼ିବ । ତା'ପରେ କମର୍ସିଆଲ୍ କଣ୍ଡିଶନ୍ ସବୁ ରଖିବାକୁ ପଡ଼ିବ । ଏଥିରେ ସବୁ ସେ ସିନିଅର୍ ଇଞ୍ଜିନିୟରମାନଙ୍କଠାରୁ ଅନେକ ସାହାଯ୍ୟ ପାଇଲା । ସେଇଠାରେ ସେ ଶିଖିଲା କୋଟେଶନ୍ କିପରି ଲାଞ୍ଚ ଦେବାର ବ୍ୟବସ୍ଥା ରଖା ଯାଇଥାଏ । କୋଟେଶନ୍ ତିଆରି ସରିଲା । ତା' ଡ଼ିପାର୍ଟମେଣ୍ଟର ଅଧକ୍ଷ ତାକୁ ଡ଼ାକି କହିଲେ, "ସବୁ ଠିକ୍ ଲାଗୁଛି । ଆସନ୍ତାକାଲି ସକାଳେ ତୁମେ ଡୁଇସ୍‌ବୁର୍ଗ ଚାଲିଯାଅ । ଯାହାଙ୍କ ପାଇଁ ଏଇ କୋଟେଶନ୍ ତାଙ୍କର ଅଫିସ୍ ସେଠାରେ । ତାଙ୍କର ଡ଼ିରେକ୍ଟରଙ୍କ ସାଙ୍ଗେ ଦେଖା କରି ହାତେ ହାତେ କୋଟେଶନ୍ ଦେବ । ଯଦି କିଛି ଆଲୋଚନା ହୁଏ କରିବ । ଦରକାର ପଡ଼ିଲେ ମୋତେ ଖବର ଦେବ । ଟେକ୍‌ନିକାଲ୍ ଡ଼ିସ୍‌କଶନ୍‌ରେ ଯେତେ ପାରି ସେତେ ବେଶୀ ସମୟ ନେବ । ତାଙ୍କର ଯେପରି ମନେ ହେବ ଯେ ଟେକ୍‌ନିକାଲି ଏଇଟା ଖୁବ୍ ଉତ୍କୃଷ୍ଟ ଡ଼ିଜାଇନ୍ । ରୁର୍ ଅଞ୍ଚଳର ପ୍ରତ୍ୟେକ ଡ଼ିରେକ୍ଟର ଚାହାନ୍ତି କଣ୍ଟ୍ରାକ୍ଟ ସବୁ ନାଇଟ୍ କ୍ଲବରେ ଦସ୍ତଖତ୍ କରିବାକୁ । କାରଣ, ସେମାନେ ଭାବନ୍ତି ଅନ୍ୟ ପକ୍ଷର ଲୋକଙ୍କୁ ବେଶୀ ମଦ ପିଆଇ ଅବଚେତନ ଅବସ୍ଥାକୁ ଆଣି ତାଙ୍କଠାରୁ ବେଶ୍ ପର୍‌ସେଣ୍ଟ ଡ଼ିସ୍‌କାଉଣ୍ଟ ମାରିନେବାକୁ । ଯାହାଙ୍କୁ ତୁମେ ଦେଖାକରିବାକୁ ଯାଉଛ ତାଙ୍କ ନାମ W. LANG ବା WERNER LANG । ଆମେ ସବୁ କିନ୍ତୁ ତାଙ୍କୁ WHISKY LANG ବୋଲି ଡ଼ାକୁ । ଦୁଇଘଣ୍ଟା ଭିତରେ ଗୋଟିଏ ବୋତଲ ସ୍କଚ୍ ହୁଇସ୍କି ପିଇଯିବେ । ମାତ୍ର ଟିକିଏ ବି ଟିପ୍‌ସି ହେବେ ନାହିଁ । ବୁଝିଲ, ଖୁବ୍ ସାବଧାନରେ ଥିବ । ଆଚ୍ଛା, କେତେ ପର୍‌ସେଣ୍ଟ ରଖିଛ ହାତରେ ?"

"ପାଞ୍ଚ ପରସେଣ୍ଟ" ।

Digitized by PPRACHIN, SOA

"ବେଶ୍, ଅଫିସ୍‌ରେ ଆଲୋଚନା ବେଳେ ବେଶୀ ଜୋର୍‌ରେ ଦୁଇ ପର୍‌ସେଣ୍ଟ ଦେବ । ସେ ନିଶ୍ଚୟ ରାତିରେ ନାଇଟ୍ କ୍ଲବ୍ ଡ଼ାକିବେ । ସେଠାରେ ସାବଧାନ ରହିବ । କିଛି ସମୟ ପରେ ଅଭିନୟ କରିବ ଯେ ତୁମେ ବେଶ୍ ଟିପ୍‌ସୀ । ଯଦି ଦରକାର ପଡ଼େ ବାକି ଯାହା ପର୍‌ସେଣ୍ଟ ଡ଼ିସ୍‌କାଉଣ୍ଟ ଦେବ । ହଁ ମୁଁ ଆଜି ତାଙ୍କୁ ଫୋନ୍‌ରେ କହି ଦେଇଛି ଯେ ତୁମେ ଏ ପ୍ରୋଜେକ୍ଟ ହ୍ୟାଣ୍ଡଲ୍ କରୁଛ । ବୁଝିଲ ? Any questions?

ସୁକାନ୍ତ ଯେଭଳି ସ୍ଥାଣୁ ହୋଇଗଲା । ଏଭଳି କ'ଣ ବ୍ୟବସାୟ ହୁଏ ଜର୍ମାନୀରେ ? ସମସ୍ତେ ଚାହୁଁଛନ୍ତି ଅନ୍ୟକୁ ଠକି ଦେବା ପାଇଁ । ଯେ ବେଶୀ ଠକି ପାରିଲା ସେ ଜିତିଲା ଏ ଦେଶରେ । ସାଧାରଣ ଜୀବନରେ ଜର୍ମାନ ଜାତି ଯେତେ ସଚ୍ଚୋଟ୍ ହୁଏତ ବ୍ୟବସାୟରେ ସେତିକି ଠକ ନା' କଣ ? ବୋଧହୁଏ ପୃଥିବୀରେ ସବୁ ଜାଗାରେ ଏହିପରି ବ୍ୟବସାୟ କରାଯାଏ । ଏଇଟା ତ ପ୍ରଥମ ଅଭିଜ୍ଞତା । କାଗଜପତ୍ର ସବୁ ବ୍ରିଫ୍‌କେଶ୍‌ରେ ଧରି ଚାଲିଲା ଘରକୁ । ରୁମ୍‌ରେ ଚୁପ୍‌ଚାପ୍ ପୁଣି ଥରେ ପଢ଼ି ନେଲାଣି । ପୂରା ପ୍ରୋଜେକ୍ଟଟା ତା'ର ପ୍ରାୟ ମୁଖସ୍ଥ ହୋଇଗଲାଣି । ସେଦିନ ସନ୍ଧ୍ୟାରେ ଗୋଟିଏ ଭଲ ପିକ୍‌ଚର୍ ଥାଏ ଟେଲିଭିଜନରେ । ଭାବିଲା ପିକ୍‌ଚର୍‌ଟା ଦେଖାଯାଉ ଆଗେ ।

ସକାଳୁ ଉଠି ଚାଲିଲା ଟେମ୍ପେଲ୍‌ହଫ । ଛାତିଟା ଖାଲି ଦୁକୁଦୁକୁ । ଚାକିରି ଜୀବନର ପ୍ରଥମ ପରୀକ୍ଷା । ବିମାନ ଡୁସେଲ୍‌ଡ଼ର୍ଫରେ ଲାଗିଲା । ସେଠାରୁ ଜିନିଷପତ୍ର ନେଇ ଟ୍ୟାକ୍ସିରେ ଡୁଇସ୍‌ବୁର୍ଗରେ ନିର୍ଦ୍ଧାରିତ ହୋଟେଲ୍‌ରେ ଯାଇ ପହଞ୍ଚିଲା । ସେଠାରୁ ଡ଼ିରେକ୍ଟର ଲାଙ୍ଗ୍‌କୁ ଟେଲିଫୋନ୍‌ରେ କହିଲା ତାଙ୍କ ସାଙ୍ଗରେ ଦେଖା କରିବାକୁ ଚାହେଁ । ଡ଼ିରେକ୍ଟର ଲାଙ୍ଗ ଟେଲିଫୋନ୍‌ରେ ଏତେ ସହଜ ବ୍ୟବହାର କଲେ ଯେ ସେ ଭାବିଲା ତା'ର ପ୍ରୋକୁରିଷ୍ଟ ନିଟ୍‌ମ୍ୟାନ ଯାହା କହୁଥିଲେ ସେଥିରେ ହୁଏତ ସତ୍ୟତା ନାହିଁ ।

ତାଙ୍କ ଅଫିସ୍‌ଟି ଖୁବ୍ ସୁନ୍ଦର । ବିରାଟ କୋଠରୀ, ବିରାଟ ଗାଲିଚା ପଡ଼ିଛି ସେଥିରେ । ଗୋଟିଏ ପାଖରେ ତାଙ୍କର ଟେବୁଲ ଓ ଚେୟାର ସବୁ । ଅନ୍ୟ ପାଖରେ ସୋଫା ସବୁ ପଡ଼ିଛି । ବେଶ୍ ବଡ଼ ସେଣ୍ଟର ଟେବୁଲ । ତା ଉପରେ ଓ୍ୟାଇନ୍ ଗ୍ଲାସ୍ ସବୁ ରଖାଯାଇଛି । ତାଙ୍କ ପାଖରେ ବସିଛନ୍ତି ତିନି ଜଣ ଭଦ୍ରବ୍ୟକ୍ତି, ଜଣେ ଚିଫ୍ ଆକାଉଣ୍ଟାଣ୍ଟ ଓ ଅନ୍ୟ ଦି ଜଣ ବରିଷ୍ଠ ଇଞ୍ଜିନିୟର । ସମସ୍ତଙ୍କର ମନଖୋଲାହସ ଓ ସହଜ ବ୍ୟବହାର । ସତେ ଯେପରି ବହୁଦିନର ପରିଚୟ । ଡ଼ିରେକ୍ଟର କଥା ଆରମ୍ଭ କଲେ "ଆପଣଙ୍କର ବୟସ କେତେ ?"

ଚିଫ୍ ଆକାଉଣ୍ଟାର୍ଣ୍ଟ କହିଲେ, "ନିଶ୍ଚୟ ବାଇଶି ହୋଇଥିବ ?"

ସୁକାନ୍ତ କହିଲା "ଚବିଶ୍' ।

ଡ଼ିରେକ୍ଟର କହିଲେ "ତା ହେଲେ ମୁଁ ଆପଣ ବୋଲି ନ ଡ଼ାକି ତୁମେ ବୋଲି ଡ଼ାକିବି । ମୋ ପୁଅର ବୟସ ଅଠେଇଶି । ଆପତ୍ତି ଅଛି ?"

"ନିଜକୁ ଭାଗ୍ୟବାନ୍ ମନେ କରିବି" ସୁକାନ୍ତ କହିଲା ।

"ଆଚ୍ଛା, ସେ ଭାରତୀୟ ଟୋକାଟା ବର୍ଲିନ୍‌ରେ ଥାଇ କବିତା ଲେଖେ ତାକୁ ତୁମେ ଜାଣିଛ ?"

Digitized by PPRACHIN, SOA

"ହଁ, ଜାଣିଛି, କାରଣ ସେ ଟୋକା ହିଁ ମୁଁ ।"

"ଏଁ, କବିତା ଲେଖିବା ଟୋକା ମୋତେ ଓ୍ୱାଇଣ୍ଡର ବିକ୍ରି କରିବାକୁ ଆସିଛି । ନିଚ୍‌ମ୍ୟାନ୍‌ର ମୁଣ୍ଡଖରାପ ନାହିଁ ତ ?"

"ନା, ଖରାପ କାହିଁକି ହେବ ? ସେ ମୋତେ ଇଞ୍ଜିନିୟର ଭାବରେ ଜାଣନ୍ତି । କବିତା ଲେଖେ ବୋଲି ନୁହେଁ ।"

"ତେବେ କୋଟେଶନ୍‌ର ଭାଷା ବ୍ୟବସାୟିକ ହୋଇଥିଲେ ମୁଁ ଗ୍ରହଣ କରିବି ନାହିଁ ତୁମଠାରୁ ।"

"ତାହାହେଲେ ଆପଣ କ'ଣ ଚାହାନ୍ତି କବିତା ଲେଖି କରିଦେଲେ ମୋତେ ଅର୍ଡରଟା ଦେବେ ? ତେବେ ତ ଅର୍ଡର ପାଇବାଟା ଖୁବ୍ ସହଜ ହୋଇ ପଡ଼ିବ ।"

ସମସ୍ତେ ହୋ ହୋ ହସିବାକୁ ଆରମ୍ଭ କଲେ ।

ଡିରେକ୍ଟର ପୁଣି କହିଲେ "ଏଇଟା କ'ଣ ତୁମର ପ୍ରଥମ ଡିଜାଇନ୍ ।"

"ଆଜ୍ଞା ହଁ ।"

"ତେବେ ଏଇ ଓ୍ୱାଇଣ୍ଡର କେବେ ଚାଲିବନାହିଁ ।"

"ପରୀକ୍ଷା କରି ଦେଖନ୍ତୁ କ'ଣ ଅଛି ଏ ଡିଜାଇନ୍‌ରେ ।"

"କାହା ସର୍କିଟ୍ ବ୍ୟବହାର କରିଛ ? ସେ ପାଗଲା କ୍ଲାଇନ୍‌ର ନା ବୃଦ୍ଧ ବର୍ଗହାଇମ୍‌ର ?"

"ଅଧ୍ୟାପକ କ୍ଲାଇବ୍‌ଙ୍କର ।"

"ସେଇଟା ମସ୍ତ ପାଗଲ୍ । ମୋ ସାଙ୍ଗରେ ପାଠ ପଢୁଥିଲା । ଏକ ଦମ୍ ଗଧ । ଝିଅଟାଏ ଯାଇ ଡାକିଲେ ବି ଡ୍ୟାନ୍ସ ଫ୍ଲୋର୍‌କୁ ଆସିବ ନାହିଁ । ଆଚ୍ଛା । ତୁମର କେତେ ଜଣ ବାନ୍ଧବୀ ଅଛନ୍ତି ବର୍ଲିନ୍‌ରେ ଶୁଣିବା ।"

କି ପ୍ରଶ୍ନ । ସୁକାନ୍ତର ଆଖି ଛଳ ଛଳ ହୋଇଗଲା । ଆଖି ଆଗରେ ଦେଖାଗଲା ସନ୍ଧ୍ୟାର ମୃତ୍ୟୁକାଳୀନ ମୁହଁଟା । ନିଜକୁ ସମ୍ଭାଳି ରଖି କହିଲା "କ୍ଷମା କରିବେ । ଏ ଦେଶର ଝିଅମାନେ ଆମ ଭଳି ଲୋକଙ୍କୁ ଧରା ଦିଅନ୍ତି ନାହିଁ ।"

"ଅସମ୍ଭବ । ଆଜି ରାତିରେ ଦେଖିବା ତ । ସମସ୍ତେ ମିଶିଯିବା ରାଇନ୍ କୂଳରେ ଗୋଟାଏ ଜାଗାକୁ । ଦେଖିବା ଜର୍ମାନ ଝିଅମାନଙ୍କର ଟେଷ୍ଟ ।"

ଏସବୁ ପ୍ରାରମ୍ଭିକ ପରେ ଟେକ୍‌ନିକାଲ୍ ଡିସ୍‌କଶନ୍ ଚାଲିଲା । ଦୀର୍ଘ ସମୟ ଧରି । ତା'ପରେ ଚାଲିଲା ଓ୍ୱାଇନ୍ । ଗିଲାସ ପରେ ଗିଲାସ ଓ୍ୱାଇନ୍ ଚାଲିଥାଏ, ଗପ ମଧ ଚାଲିଥାଏ । ଏହା ମଧରେ କମର୍ସିୟାଲ୍ ଆଲୋଚନା ସରିଗଲା । ଟେକ୍‌ନିକାଲ୍ ଓ କମର୍ସିଆଲ୍ ଆଲୋଚନାର ସଂକ୍ଷିପ୍ତ ବିବରଣୀ ତିଆରି ହୋଇ ଟାଇପ୍ ସରି ଦସ୍ତଖତ୍ ସରିଲାଣି । ସବୁ ଆଲୋଚନା ପରେ ସେ ପଚାରିଲେ "କଷ୍ଟିଙ୍ଗ୍‌ଟା କ'ଣ ତୁମେ କରିଛ ? ନା ସେ ୟିହୁଦୀ ନିଚ୍‌ମ୍ୟାନ୍ କରିଛି ?"

Digitized by PPRACHIN, SOA

"ମୁଁ କରିଛି । କିନ୍ତୁ ପ୍ରୋକୁରିଷ୍ଟ ନିଟ୍‌ମ୍ୟାନ୍‌ତ ଯିହୁଦୀ ନୁହଁନ୍ତି ।" ଆଶ୍ଚର୍ଯ୍ୟ ହୋଇ ପଚାରିଲା ସୁକାନ୍ତ ।

"ଓହୋ, ତେବେ ବି ଯିହୁଦୀଙ୍କଠାରୁ ବେଶୀ ଚିପା । ମୁଁ ଯଦି ନାଜିପାର୍ଟିର ହୋଇଥାଆନ୍ତି ଗେଷ୍ଟାପୋଙ୍କୁ କହି ତାକୁ କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପରେ ଚାରିବର୍ଷ ଖଟାନ୍ତି । ସିଗାରେଟ୍‌ଟାଏ ଦେବନି କାହାକୁ । ତୁମକୁ କ'ଣ ଦରମା ପତ୍ର ଦେଉଛି ନା ଅନରାରୀ ? ଏତେ ଦାମ୍ କାହିଁକି ଚଢାଇଛ କହିଲ ବାବୁ । କ'ଣ ଏଥିରୁ କିଛି ପର୍‌ସେଣ୍ଟ୍ ପାଇବ ?" "ଆଜ୍ଞା, ବେଶୀ ପର୍‌ସେଣ୍ଟ୍ ମାର୍ଜିନ୍ ରଖିଲେ ଆପଣ ମୋତେ ଅର୍ଡର ଦେବେ ନାହିଁ । ମୋର ପ୍ରଥମ ପ୍ରୋଜେକ୍ଟକୁ ଏପରି ହରାଇବାକୁ ମୁଁ ଚାହେଁ ନାହିଁ । ତେଣୁ ରେଡ୍ ଲାଇନ୍‌କୁ ବଂଚଇ କଷ୍ଟିଙ୍ଗ୍ କରିଛି । ଯଦି ଚାହିଁବେ ମୋର କାଗଜପତ୍ର ସବୁ ଦେଖି ପାରନ୍ତି । ଏଇଟା ମୋ ପାଇଁ ପ୍ରଥମ ଚାଲେଞ୍ଜ୍ ।

"ଠିକ୍ ଅଛି । କାଗଜପତ୍ର ସବୁ ଦେଖିବା । ସମୟ କଣ କୁଆଡ଼େ ପଳାଉଛି । କହିଲ ବାବା, ରେଡ୍ ଲାଇନ୍‌କୁ ନଯାଇ ମୋତେ କେତେ ଡିସ୍‌କାଉଣ୍ଟ୍ ଦେଇ ପାରିବ ?"

"ଆଜ୍ଞା ବ୍ୟବସାୟରେ ଏପରି ମୂଲଚାଲ ହୁଏ ବୋଲି ମୁଁ ଆଗରୁ ଜାଣି ନଥିଲି, କିନ୍ତୁ ଆପଣ ମୋତେ ପୁଅ ଭାବରେ ଦେଖୁଛନ୍ତି, ନ ଦେଇ ବା ଯିବି କୁଆଡ଼େ । ଏକ ପର୍‌ସେଣ୍ଟ୍ ଡିସ୍‌କାଉଣ୍ଟ୍ କେବଳ ଆପଣଙ୍କ ପାଇଁ ଦେଉଛି ।"

ଧେତ୍, ତୁମେ ସବୁ ଭାରତୀୟ ଟୋକା ଗୁଡ଼ାକ ବ୍ୟବସାୟ ଜାଣି ନାହଁ । ନିଟ୍‌ମ୍ୟାନ୍ ବୁଦ୍ଧି ଟିକିଏ ଶିଖାଇନାହିଁ ତୁମକୁ ? ହଉ, ଆଜି ସନ୍ଧ୍ୟାରେ ଆମେ ସବୁ ତୁମ ହୋଟେଲ୍‌ରୁ ତୁମକୁ ଡାକି ନେଇଯିବୁ । ଖାଇବା ପିଇବା ହେବ, ଆଉ ଦେଖିବା ଜର୍ମାନ ଝିଅମାନେ ତୁମ ପଛରେ କିଭଳି ଦୌଡ଼ିବେ । ହଁ, କଣ୍ଟ୍ରାକ୍ଟ ଡକୁମେଣ୍ଟ ସେଇଠାରେ ସାଇନ୍ କରାଯିବ, କାଗଜପତ୍ର ସବୁ ଦେଇଆସିଥିବ ।"

ସୁକାନ୍ତ ସେଥିପାଇଁ ଅପେକ୍ଷା କରିଥିଲା । ଜାଣିଥିଲା ଶେଷରେ ତାହାହିଁ ଆସିବ । ଦେଖାଯାଉ କୋଉ ପାଣି କୁଆଡ଼େ ଯାଉଛି । ସେଠାରୁ ହୋଟେଲ୍‌କୁ ଫେରିଲା । ଗୁଡ଼ାଏ ୱାଇନ୍ ପିଇ ତା'ର ମୁଣ୍ଡ ଟିକିଏ ଝୁଙ୍କି ଦେଉଥାଏ । ବ୍ଲାକ୍ କଫି ଦୁଇ କପ୍ ପିଇ ଟିକିଏ ବିଶ୍ରାମ କଲା । ଖାଇବାକୁ ଭୋକ ନାହିଁ । ମନରେ ଡର । ରାତିରେ କ'ଣ ହେବ । ପ୍ରକୃତ କଷ୍ଟିଙ୍ଗ୍ କାଗଜ ଗୁଡ଼ାକ କାଢି ନେଲା । କିଛି କାଗଜ ଜାଲ୍ କରି ସେଥିରେ ଏଭଳି ଫିଗର୍ ସବୁ ନେଇ ଆସିଲା ଯେ ସେଥିରୁ ଜଣା ପଡ଼ିବ ମାତ୍ର ଏକ ପର୍‌ସେଣ୍ଟ୍ ଅଧିକା ମାର୍ଜିନ୍ ଅଛି । ଏଇ ଜାଲ କାଗଜସବୁ ଫାଇଲ୍‌ରେ ରଖିଲା । ତା'ପରେ କିଛି ଟୋଷ୍ଟ୍ ଓ ଲହୁଣୀ ମଗାଇ ଖାଇନେଲା । ଭାବିଲା· ଚାଲି ଚାଲି କିଛି ବାଟ ବୁଲିବ ।

ଡୁଇସ୍‌ବର୍ଗ ରୁର୍ ଅଞ୍ଚଳର ଏକ୍ ବୃହତ୍ ନଗରୀ । ରୁର୍ ଜର୍ମାନୀର ଶିଳ୍ପ କେନ୍ଦ୍ର । ଏଠାରେ ଖାଲି କୋଇଲା ଖଣି, ଲୁହା ଓ ଇସ୍ପାତ୍ କାରଖାନା ଓ ଯନ୍ତ୍ରପାତି ତିଆରି କାରଖାନା । ପ୍ରକୃତି ଏଠାରୁ ବିଦାୟ ନେଉଛି ଯେପରି । ତେବେ ବି ଆଦ୍ୟ ବସନ୍ତର ସ୍ପର୍ଶ ଆସିଥାଏ ଏହି ଯାନ୍ତ୍ରିକ ରୁର୍‌କୁ । ସନ୍ଧ୍ୟା ହେଲା । ହୋଟେଲ୍ ଫେରିଲା । ଭଲ କରି ଗାଧୋଇ ପୋଷାକ ପତ୍ର ପିନ୍ଧି ପ୍ରସ୍ତୁତ ହୋଇ ରହିଲା ।

Digitized by PPRACHIN, SOA

ସନ୍ଧ୍ୟା ଆଠଟାରେ ଡିରେକ୍ଟର ଲାଙ୍ଗ୍ ତାଙ୍କର ସହକର୍ମୀମାନଙ୍କୁ ନେଇ ଆସି ପହଞ୍ଚିଲେ । ସମସ୍ତେ ମିଶିଗଲେ ଗୋଟିଏ ପ୍ରସିଦ୍ଧ ବାର୍‌କୁ । ରୁର୍ ଅଞ୍ଚଳର ବାର୍ ଗୁଡ଼ିକ ବର୍ଲିନ୍‌ର ସାଧାରଣ କାର୍‌ମାନଙ୍କଠାରୁ ବେଶୀ ବ୍ୟୟ ସାପେକ୍ଷ । କିନ୍ତୁ ଆଜି ସମସ୍ତେ ଡିରେକ୍ଟର ଲାଙ୍ଗ୍‌ଙ୍କର ଅତିଥି । ସନ୍ଧ୍ୟାର ଆସରଟା ନିଶ୍ଚୟ ଜମିବ । ଏଥିରେ ସନ୍ଦେହ ନାହିଁ ।

ଖାଇବା ପାଇଁ ବରାଦ ଦିଆଗଲା । ଏହା ମଧରେ ମଦ ଆସି ପରଶା ଗଲାଣି । ସମସ୍ତେ ପ୍ରୋଷ୍ଟ କଲେଣି । ସୁକାନ୍ତର ପରୀକ୍ଷାର ସମୟ ଆସିଗଲା । ଏହି ସମୟରେ ଆରମ୍ଭ ହେଲା ବଲ୍‌ଡ୍ୟାନ୍ସ ସଙ୍ଗୀତ । ଯୋଡି ଯୋଡ଼ି ହୋଇ ପୁରୁଷ ଓ ସ୍ତ୍ରୀ ବଲ୍‌ଡ୍ୟାନ୍ସ ଆରମ୍ଭ କଲେ । ସୁକାନ୍ତ ଭାବିଲା ସୁବିଧା ମିଳିଲେ ସେ ଯାଇ ମନଇଛା ନାଚନ୍ତା ପଛେ ଏହି ମଦ୍ୟପମାନଙ୍କଠାରୁ ଦୂରରେ ରହନ୍ତା । ଡିରେକ୍ଟର ଲାଙ୍ଗ୍ ଇଙ୍ଗିତ ଦେଲେ । ସେ ପାଖ ଟେବୁଲ୍‌ରେ ଦୁଇଟି ଝିଅ ବସି ୱାଇନ୍ ଚାଖୁଛନ୍ତି । ସୁକାନ୍ତ ଚେଷ୍ଟା କରିବ କି ? ନାହିଁ ନାହିଁ କରି ସୁକାନ୍ତ ବାହାରିଲା ନାଚିବା ସକାଶେ ଅନୁରୋଧ କରିବାକୁ । ତାଙ୍କ ଭିତରୁ ଜଣେ ବାହାରି ପଡ଼ିଲା । ସେମାନେ ଯାଇ ଡାନ୍ସ ଫ୍ଲୋର୍‌ରେ ମିଶିଗଲେ ଆଉ ସବୁରି ସାଥୀରେ । ଏଠାରେ ନାଚ ଥରେ ଆରମ୍ଭ ହେଲେ ପ୍ରାୟ ଦଶ ମିନିଟ୍ ଚାଲେ ଓ ପରେ ଦୁଇ ମିନିଟ୍ ବିଶ୍ରାମ । ପରେ ପୁଣି ଦଶ୍ ମିନିଟ୍ ଡାନ୍ସ । ଏହିପରି ଅଧଘଣ୍ଟାଏ ପରେ ପନ୍ଦର ମିନିଟ୍ ବିଶ୍ରାମ । ଜାଣି ଜାଣି ଏଇ ଅଧଘଣ୍ଟାଟି ସେ ତରୁଣୀ ଦୁହିଁଙ୍କ ପାଖରେ ରହିଲା ନାଚିବା ବାହାନାରେ । ଏହି ସମୟ ମଧରେ ଚିଫ୍ ଆକାଉଣ୍ଟାଣ୍ଟ୍ ତା'ର ବ୍ୟାଗ୍‌ରୁ ଫାଇଲ୍‌ଟି ନେଇ ପଢି ସାରିଛନ୍ତି । ସେ ଲୁଚି ଲୁଚି ଦେଖି ନେଇଛି ଓ ହସିଛି । ନାଚ ସରିଲାରୁ ଯାଇ ଡିରେକ୍ଟରଙ୍କ ପାଖରେ ପହଞ୍ଚିଲା । ତାଙ୍କ ମୁଖରେ ପ୍ରଶଂସା "ତୁମେ ଅଦ୍ଭୁତ ସୁକାନ୍ତ ! କି ସୁନ୍ଦର ନାଚି ପାରୁଛ ! ମୁଁ ଯଦି ଏଭଳି ନାଚିପାରୁ ଥାଆନ୍ତି ତ୍ରିଇସ୍‌ବୁର୍ଗର ଅଧେ ଝିଅ ମୋ ପିଛା ଧରନ୍ତେଣି ।" ସମସ୍ତେ ହସିଲେ । ଡିରେକ୍ଟର କହିଲେ "ଏଥର ଖାଇବା ଆସିଲାଣି । ୱାଇନ୍‌ରେ ଆରମ୍ଭ କରାଯାଉ । ୱାଇନ୍ ପରଶାଗଲା ଓ ତା'ପରେ ପରେ ଖୁବ୍ ସୁସ୍ୱାଦ ଖାଦ୍ୟ । ତାପରେ ୱାଇନ୍, ପୁଣି ୱାଇନ୍ । ବାରର୍ ଆସର ଜମି ଆସିଲାଣି । ଏଥର ଫ୍ଲୋର୍ ଶୋ ହେବ । ଯୌବନରେ ଭରପୂର ସୁନ୍ଦର ରମଣୀମାନେ ଏମାନଙ୍କ ଆଗରେ ଅଙ୍ଗରୁ ଆବରଣ ଖୋଲିଦେବେ । ସଙ୍ଗୀତର ତାଳେ ତାଳେ ନାଚି ଉଠିବ ସେଇ ପୁରାତନ ସୁରା ଓ ସାକୀର ଆହ୍ୱାନ । ଆଉ ଏଇ ଯୁବତୀମାନେ ନିଜର ଯୌବନକୁ ଦେଖାଇଦେବେ ଉପଭୋଗ ଲୋଭୀ ହତବାକ୍ ହୋଇ ବସିଥିବା ତଥା କଥିତ ସଭ୍ୟ ସମାଜର ଅଗ୍ରଗଣ୍ୟ ଲୋକମାନଙ୍କୁ । ଧନ୍ୟ ମଣିଷର ରୁଚି ।

ଏତିକି ବେଳେ ଡ଼ିରେକ୍ଟର ଲାଙ୍ଗ୍ ଆରମ୍ଭ କଲେ । ତାହା ହେଲେ ଶେଷରେ "କେତେ ପର୍‌ସେଣ୍ଟ୍‌ରେ କଣ୍ଟ୍ରାକ୍ଟ ଦସ୍ତଖତ୍ କରାଯିବ ?"

"ଆପଣଙ୍କୁ କହିଥିଲି । ଯଦି ଚାହାନ୍ତି କାଗଜ ପତ୍ର ସବୁ ଦେଖି ନିଅନ୍ତୁ । ତେବେ ବି ଆପଣଙ୍କ ଅତିଥି ପରାୟଣତା ପାଇଁ ଆଉ ଗୋଟିଏ ପର୍‌ସେଣ୍ଟ୍ ଦେବାକୁ ରାଜିଅଛି । ଅବଶ୍ୟ ଏଥିପାଇଁ ମୋତେ କାଲି ସକାଳେ ପ୍ରୋକୁରିଷ୍ଟ ନିଟ୍‌ମ୍ୟାନ୍‌ଙ୍କୁ ଫୋନ୍ ଯୋଗେ କ୍ଷମା ମାଗିବାକୁ ପଡ଼ିବ । କିନ୍ତୁ ଗୋଟିଏ ପର୍‌ସେଣ୍ଟ୍ ପାଇଁ ମୋର ଜୀବନର ପ୍ରଥମ ପ୍ରୋଜେକ୍ଟଟିକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ । ଏଥର ଯାହା ଆପଣଙ୍କର ଇଚ୍ଛା", ଏକା ନିଶ୍ୱାସରେ ସୁକାନ୍ତ କହିଗଲା ସବୁ । ପ୍ରଚୁର

Digitized by PPRACHIN, SOA

ମଦ ପିଇ ତା'ର ମୁଣ୍ଡ ଗରମ ହୋଇ ଆସିଲାଣି । ଏଣେ ସଙ୍ଗୀତର ତାଳେ ତାଳେ ଷ୍ଟ୍ରିପ୍‌ଟିଜ୍ ନାଚ ଚାଲିଛି ଷ୍ଟେଜ୍‌ରେ । କି ଯେ ପରୀକ୍ଷା । ସତେ ଯେପରି ସେ ଭାଙ୍ଗି ପଡ଼ିବ । ନା, ବର୍ତ୍ତମାନ ଭାଙ୍ଗି ପଡ଼ିବାର ବେଳ ନୁହେଁ । ଡିରେକ୍ଟର ହସିଲେ । କହିଲେ "ତୁମେ କଣ୍ଟ୍ରାକ୍ଟ ପାଇଲ ।" ଆକାଉଣ୍ଟାଣ୍ଟ କାଗଜସବୁ ବାହାର କଲେ । ଡିରେକ୍ଟର ଦସ୍ତଖତ କରି ବଢ଼େଇ ଦେଲେ ତା ହାତକୁ । ଜୀବନର ଏକ ବିରାଟ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହେଲା । ଠିଆ ହୋଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କହିଲା "ବର୍ତ୍ତମାନ ମୋ ତରଫରୁ ସମସ୍ତଙ୍କୁ ଶାମ୍ପେନ୍ ପିଇବାକୁ ହେବ । ଶାମ୍ପେନ୍ ଆସିଲା, ପିଇବାର ବନ୍ଦ ନଥାଏ । ଷ୍ଟେଜ୍ ଉପରେ ଯୁବତୀଙ୍କର ଅଶ୍ଳୀଳ ଭାବଭଙ୍ଗୀ ମୁଣ୍ଡକୁ ଆଉରି ଗରମ କରି ଦେଉଥାଏ । ବାତାବରଣ ହୋଇପଡୁଥାଏ ସଂଯମର ଶେଷ ସୀମାରେ । ସଂଗୀତ ବନ୍ଦ ହେଲା । ଅଧଘଣ୍ଟାଏ ବିଶ୍ରାମ । ପୁଣି ଆରମ୍ଭ ହେଲା ବଲ୍‌ଡାନ୍ସ । ସୁକାନ୍ତ ଆଉରି ନାଚିଲା । ନାଚି ନାଚି ଦେହରୁ ଝାଳ ବୋହିଲା । ଫେରି ଆସିଲା ନିଜ ଜାଗାକୁ । ଡିରେକ୍ଟର ମନ୍ତ୍ରମୁଗ୍ଧ ବତ୍ ଚାହିଁ ରହିଛନ୍ତି ତାକୁ । ବସି ପଡ଼ି ଝାଳ ପୋଛିଲା । କହିଲା "ମୁଁ ଦୁଃଖିତ ଏଭଳି ବ୍ୟବହାର କଲି ବୋଲି । କିନ୍ତୁ ଯେତେବେଳେ ଷ୍ଟ୍ରାଉସ୍‌ର ଓ୍ୟାଲ୍‌ସର ଆରମ୍ଭ ହୁଏ ମୁଁ ନିଜକୁ ସଂଯତ ରଖିପାରେ ନାହିଁ । ଜର୍ମାନୀ ଦେଶ ପାଇଁ ମୋର ମୁଣ୍ଡ ନଇଁ ଯାଏ । ଏଇ ଦେଶରୁ ବେଥୋଭେନ୍, ଷ୍ଟ୍ରାଉସ୍, ବାଖ୍, ବ୍ରାମ୍‌ସ୍ ପ୍ରଭୃତିଙ୍କର ସଙ୍ଗୀତର ଉଦ୍ଭବ । ସଂଗୀତର ସାମ୍ରାଜ୍ୟ ଏଇଟା" । ଡିରେକ୍ଟର କହିଲେ "ତୁମେ ରହିଯାଅ ଏ ଦେଶରେ । ଆସ, ମୋ ପାଖରେ କାମ କର । ଜାଣେନି ନିଚ୍‌ମ୍ୟାନ୍ ତୁମକୁ ଛାଡ଼ିବକି ନାହିଁ । କିନ୍ତୁ ଦେଶକୁ ଫେରି ଯାଆନି ।"

ରାତି ବଢ଼ିଲା । ଫେରି ଆସିଲେ ସମସ୍ତେ । ତା' ଆରଦିନ ସକାଳେ ଟେଲିଫୋନ୍ ସାହାଯ୍ୟରେ ନିଚ୍‌ମ୍ୟାନଙ୍କୁ କହିଲା ଯେ ତିନିପର୍‌ସେଣ୍ଟ ଅଧିକା ମାର୍ଜିନ୍ ରଖି କଣ୍ଟ୍ରାକ୍ଟ ପାଇ ଯାଇଛି । ପ୍ରୋକ୍ୟୁରିଷ୍ଟ ବିଶ୍ୱାସ କରିପାରିଲେ ନାହିଁ । ଲୋଭି ଲାଗଁକୁ ଏ ଟୋକା ଇଞ୍ଜିନିୟର ଠକି ଦେଇ ପାରିଲା । କଣ୍ଟ୍ରାକ୍ଟର ଶତକଡ଼ା ଏକଭାଗ ସୁକାନ୍ତକୁ ମିଳିଗଲା ବୋନସ୍ ଭାବରେ । ତା'ର ଦରମା ମଧ୍ୟ ବଢ଼ିଗଲା ଦୁଇଶହ ମାର୍କ । ହଠାତ୍ ସୁକାନ୍ତ ଧନୀ ହୋଇଗଲା । ସେ ନିଜକୁ ନିଜେ ବିଶ୍ୱାସ କରିପାରିଲା ନାହିଁ ।

ତାପରେ ସେ ଅନେକ ପ୍ରୋଜେକ୍ଟ ଡିଜାଇନ୍ କରିଛି । ଫ୍ରାନ୍ସ ଅଷ୍ଟ୍ରିଆ, ଇଟାଲୀ, ବେଲ୍‌ଜିୟମ୍ ଓ ସୁଇଡେନ୍ ପ୍ରଭୃତି ଦେଶରେ ମଧ୍ୟ ନିଜ ଡିଜାଇନ୍ ଓ ପ୍ରୋଜେକ୍ଟ ବିକ୍ରି କରିଛି । ସେ ସବୁର ହିସାବ ରଖିବା ହୁଏତ ସମ୍ଭବ ନୁହେଁ । ପାଇବା ଭିତରେ ସେ ପାଇଛି ପ୍ରଚୁର ଅର୍ଥ, ଯାହାବି ସେ ଖର୍ଚ୍ଚ କରିବାକୁ ସମର୍ଥ ନୁହେଁ ।

ସେ କିନ୍ତୁ ଚାହେଁ ନାହିଁ ଆଉ ବେଶୀଦିନ ଜର୍ମାନୀରେ ରହିବାକୁ । ବର୍ଷ ବର୍ଷ ହୋଇ ଅନେକ ବର୍ଷ ହୋଇଗଲାଣି, ସରକାରଙ୍କଠାରୁ ଦୁଇଖଣ୍ଡ ଚିଠି ପାଇଲାଣି ଫେରିଯିବାକୁ । ବାପାମାଆ ବ୍ୟସ୍ତ ହେଉଛନ୍ତି । ପ୍ରତ୍ୟେକ ଚିଠିରେ ପଚାରୁଛନ୍ତି କେବେ ଫେରିବ ସେ ।

ସତ୍ୟ ଚିଠି ଲେଖିଛି । ପି.ଏଚ୍.ଡ଼ି. ପରେ ସେ ଚେଷ୍ଟା କରୁଛି ଆମେରିକା ଯାଇ ପୋଷ୍ଟ ଡ଼କ୍ଟରେଟ୍ ଫେଲୋଶିପ୍ କରିବ ବୋଲି । ଶରତ୍ ମଧ୍ୟ ଚାହୁଁଛି କିଛି ଦିନ ଆମେରିକାରେ ପୋଷ୍ଟ ଡ଼କ୍ଟରେଟ୍ ଫେଲୋଶିପ୍ କରିବାକୁ । ହଁ, ସତ୍ୟ ଓ ଶାନ୍ତା ରେଜିଷ୍ଟର୍ଡ ମ୍ୟାରେଜ୍ କରିଛନ୍ତି । ଶ୍ୟାମମଉସା କଟକରେ ସେଥିପାଇଁ

Digitized by PPRACHIN, SOA

ଗୋଟିଏ ବଡ଼ ଚା ଭୋଜି ଦେଇଥିଲେ । ମାଧୁରୀ ନାନୀର ବିବାହ ପରି ଏଥିରେ ନ ଥିଲା ଆଭିଜାତ୍ୟ କିମ୍ବା ଆଡ଼ମ୍ବର । ସେମାନେ ପାଇଛନ୍ତି କଟକରେ ଗୋଟିଏ ଘର ଶ୍ୟାମ ମଉସାଙ୍କଠାରୁ । ଶରତ୍, କିଶୋର, ନିତୁ ଓ ମୀନୁ ସମସ୍ତେ ଆଜି ତାଙ୍କ ପାଖରେ ରହୁଛନ୍ତି । ସୁକାନ୍ତ ଭାବିଲା – ସ୍କୁଲ୍, କଲେଜ ସମୟ ହୋଇଗଲେ ସମସ୍ତେ ଚାଲି ଯାଉଥିବେ, ଆଉ ଘର ପଡ଼ିଥିବ ଖାଲି, ଠିକ୍ ଛାତ୍ରାବାସ ପରି । ଶ୍ୟାମ ମଉସା ଓ ସତ୍ୟ ଲେଖିଥିଲେ ଶରତ୍ ବିବାହ କରିବାକୁ ବିଲ୍ କୁଲ୍ ରାଜି ହେଉନାହିଁ ।

ଶାନ୍ତା ଖୁବ୍ ଖୁସୀରେ ଅଛି । ତା' ଜୀବନର ସବୁ ଆଶା ରୂପରେଖ ପାଉଛି । ସେ ନିଶ୍ଚୟ ପି.ଏଚ୍.ଡ଼ି. କରିବ, ହୁଏତ ଆମେରିକାରେ । ଏଠାରେ ତାକୁ ସୁବିଧା ହେଉନାହିଁ ।

କିଶୋର ଏଥର ପାଠପଢ଼ାରେ ମନ ଦେଲାଣି । ଥିସିସ୍ କାମ ଆରମ୍ଭ କଲାଣି । ବୋଧହୁଏ ବର୍ଷକ ଭିତରେ ପିଏଚ୍‌ଡ଼ି ପାଇଯିବ । ସମସ୍ତେ ଆଗକୁ ମାଡ଼ି ଚାଲିଛନ୍ତି । ସତ୍ୟ, ଶରତ୍ ଓ କିଶୋର ସମସ୍ତେ ପାଠରେ ରହିଲେ । ମାଧବ କାରଖାନାରେ ପଶିଲା । ପଇସା ରୋଜଗାର କରିବା ପାଇଁ ସୁକାନ୍ତକୁ ନାଇଟ୍ କ୍ଲବରେ ମଦ ପିଇ ବଲ୍ ଡ଼ାନ୍ସ କରିବାକୁ ପଡ଼ିଲା । ଆଉ ସୁକାନ୍ତ ଥିଲା ସବୁଠାରୁ ଭଲ ଛାତ୍ର । ମନଟା ଦୁଃଖରେ ବୁଡ଼ିଯାଏ । ଚାହିଁଥିଲେ ସେ ପି.ଏଚ୍.ଡ଼ି. କରିପାରି ଥାଆନ୍ତା । କିନ୍ତୁ ପାଇଥାଆନ୍ତା କ'ଣ ? ସେ ଚାହେଁ ନାହିଁ ଅଧ୍ୟାପକ ହେବାକୁ । ସେ ନିଜେ ନିଜ ଡ଼ିଜାଇନ୍‌ରେ ଯନ୍ତ୍ର ଗଢ଼ିବ । ସେ ଡ଼ିଜାଇନର୍ । କିନ୍ତୁ ଡ଼ିଜାଇନର୍ ପାଇଁ ଚାକିରୀ କାହିଁ ଭାରତରେ ? ସବୁ ଡ଼ିଜାଇନ୍ ଅନ୍ୟ ଦେଶରୁ କିଣା । କିଛି ନୂଆକରି ଗଢ଼ିବାକୁ ହେଲେ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ । ସେଥିପାଇଁ ଅର୍ଥ ଖର୍ଚ୍ଚ କରିବ କିଏ ?

ମନେ ମନେ ସେ ଭାବେ କ'ଣ କଲେ ସେ ଫେରିପାରିବ ନିଜ ଦେଶକୁ ? ଯେତେ ପ୍ରାଞ୍ଜଳ ଜର୍ମାନ ଭାଷା କହିଲେ ମଧ୍ୟ ସେ ବିଦେଶୀ, ସେ ଭାରତୀୟ । ନା, ତାକୁ ନିଜ ଦେଶକୁ ଫେରିଯିବାକୁ ହିଁ ପଡ଼ିବ ।

ଦିନେ ଖବରକାଗଜରେ ଦେଖିଲା ଗୋଟିଏ ବଡ଼ ଜର୍ମାନ କମ୍ପାନୀ ଭାରତରେ ନୂଆ କାରଖାନା ବସାଇବେ । ତାଙ୍କର ଜଣେ ଅଭିଜ୍ଞ ଡ଼ିଜାଇନ୍‌ର୍ ଦରକାର ଯେ କି ସମସ୍ତ ଡ଼ିଜାଇନ୍‌ର ଭାର ନେଇ ପାରିବ ଓ ସେଠାକାର ଇଞ୍ଜିନିୟରମାନଙ୍କୁ ତାଲିମ୍ ଦେଇପାରିବ । ପ୍ରଥମ ଥର ପାଇଁ ପାଞ୍ଚବର୍ଷ ପାଇଁ କଣ୍ଟ୍ରାକ୍ଟ । ଦରମା ଖୁବ୍ ଭଲ, ଅନ୍ୟାନ୍ୟ ସୁବିଧା ସୁଯୋଗ ହିସାବ କଲେ ଭାରତର ଦରମାହାର ଅନୁସାରେ ଅସମ୍ଭବ ଭାବରେ ବେଶୀ । ସେ ଖଣ୍ଡେ ଦରଖାସ୍ତ ଲେଖିଲା । ପ୍ରାୟ ପନ୍ଦର ଦିନ ପରେ ତାକୁ ଡ଼ାକରା ଆସିଲା ଇଣ୍ଟରଭିଉ ପାଇଁ । ସେମାନେ ତାକୁ ମନୋନୀତ କଲେ । ଭାରତ ଉଦ୍ଦେଶ୍ୟରେ ଯିବା ପୂର୍ବରୁ ତାକୁ ଜର୍ମାନୀର ଥିବା ସେମାନଙ୍କ କାରଖାନାରେ ତିନି ମାସ କଟାଇବାକୁ ପଡ଼ିବ । ସେ ରାଜି ହେଲା ।

ନିଜର କମ୍ପାନୀରୁ ଇସ୍ତଫା ଦେଇ ବର୍ଲିନ ଛାଡ଼ିଲା ସେ । ଯେଉଁ କମ୍ପାନୀରେ ବ୍ୟବସାୟ କରିବାର ପ୍ରଥମ ବୁଦ୍ଧି ଶିଖିଥିଲା ତାକୁ ଛାଡ଼ିଲା ବେଳେ ମନରେ

Digitized by PPRACHIN, SOA

ବେଶ୍ ଦୁଃଖ ହେଲା । ବନ୍ଧୁ ଓ ବାନ୍ଧବମାନେ ତାକୁ ଏକ ବିରାଟ ବିଦାୟ ଭୋଜି ଦେଲେ । ଅନେକ ଜିନିଷ ସେ ପାଇଲା ଉପହାରରେ ।

ବର୍ଲିନ ଛାଡ଼ି ରୁର୍ ଅଞ୍ଚଳରେ ତିନି ମାସ କଟାଇଲା । ବେଳେବେଳେ ଡ଼ିରେକ୍ଟର ଲାଙ୍ଗ୍‌ଙ୍କ ସାଥିରେ ଦେଖାହୁଏ । ସେ ସବୁବେଳେ କହନ୍ତି ତାଙ୍କ କମ୍ପାନୀରେ ଯୋଗ ଦେବାପାଇଁ । ବେଳେବେଳେ ଟାଣି ନିଅନ୍ତି କୌଣସି ଏକ ନାଇଟ୍ କ୍ଲବ୍‌କୁ । ଆଜିକାଲି ନାଇଟ୍ କ୍ଲବ୍ ତାକୁ ଉନ୍ମାଦନା ଦେଉନାହିଁ । ସବୁ ଦେହ ସହା ହୋଇଗଲାଣି ।

ଆନା ଚିଠି ଲେଖେ । ଯିବା ପୂର୍ବରୁ ତା' ଘରେ ନିଶ୍ଚୟ ଦୁଇତିନି ଦିନ କଟାଇ ଯିବାକୁ ହେବ । ବର୍ଷ ବର୍ଷ ହୋଇ ସାତବର୍ଷର ବଡ଼ ଦିନ ସେ ଆନାର ଘରେ କଟାଇ ଦେଇଛି । ସେ ଆଜି ଆନାର ପରିବାରର ଲୋକ ହୋଇପଡ଼ିଛି ।

କାର୍ଲ ଲେଖିଛି ଯିବାର ଦୁଇଦିନ ଆଗରୁ ସେ ଫ୍ରାଙ୍କଫୁଟ୍ ଆସିବ ଓ ଦୁହେଁ ସାଙ୍ଗ ହୋଇ କଟାଇବେ ।

ଦେଶ ବିଦେଶ ଘୁରି ବୁଲିବାର ଶ୍ରଦ୍ଧା ଆଉ ନାହିଁ ତା'ର । ବିଗତ ଏତେ ବର୍ଷ ଧରି ସେ ପାରିସ୍, ଭିଏନା, ବ୍ରୁସେଲ୍‌ସ୍, ଆମଷ୍ଟରଡ୍ୟାମ, ଲଣ୍ଡନ, ରୋମ, ମିଲାନ - ସବୁ ଜାଗା ଘୁରି ବୁଲିଛି । ସବୁ ସେଇ ଏକା ସହର, ସେଇ ଲୋକ, ସେଇ ଟୁରିଷ୍ଟ, ମଟରଗାଡ଼ି, ଅପେରା, ଥିଏଟର, ଆର୍ଟ ଗ୍ୟାଲେରୀ, ମ୍ୟୁଜିୟମ୍ କିମ୍ବା ନାଇଟ୍ କ୍ଲବ । ନୂତନତ୍ୱ କିଛି ନାହିଁ । ସବୁଠାରେ ସେ ବିଦେଶୀ, କ୍ୟାମେରା ଧରି ଫଟୋ ଉଠାଇଛି । ବେଳେବେଳେ ନିଜକୁ ଖୋଜି ପାଇନି । ମଦ ପିଇ ପିଇ ଟିପ୍‌ସୀ ହୋଇଛି, ରାତି ରାତି ଅନିଦ୍ରା କଟାଇଛି । ଏଇ କେତୋଟି ବର୍ଷ ଭିତରେ ନିଜ ପାଇଁ କରିଛି ଆଉ ଗୋଟିଏ ଜିନିଷ । ଆଉ ଗୋଟିଏ କବିତା ସଂକଳନ "ଝର କଲମ"ର ସଂପାଦକ ପ୍ରକାଶ କରାଇଛନ୍ତି । କବିତାର ଧାରା ଏବେ ବଦଳିଗଲାଣି । ସବୁବେଳେ ଆଖି ଆଗରେ ନୈରାଶ୍ୟଭରା ବ୍ୟର୍ଥତା । ନୈରାଶ୍ୟଭରା କବିତାର ସମାଲୋଚନା ବାହାରିଛି - କବି ଏପରି ବୟସରେ ହଠାତ୍ ନୈରାଶ୍ୟବାଦୀ ହୋଇପଡ଼ିଛନ୍ତି କାହିଁକି ! ତା'ର ଉତ୍ତର ସେ ନିଜେ ଜାଣେ ନାହିଁ ।

ଯିବା ଦିନ ପାଖେଇ ଆସିଲା । ସେ ଗଲା ଗ୍ରାଫିଙ୍ଗ୍ । ଭାରତ ଛାଡ଼ିଲା ପରେ ଗ୍ରାଫିଙ୍ଗ୍ ଆଣି ଦିଏ ନିଜ ଗାଁର ସ୍ମୃତି । ଆଉ ଆନା ଓ ଶ୍ରୀଯୁକ୍ତ ସ୍ମିଥ୍‌ଙ୍କର ସୁନ୍ଦର ଅମାୟିକ ବ୍ୟବହାର, ସବୁ ଯେପରି ତା'ର ଅଙ୍ଗବିଶେଷ ହୋଇପଡ଼ିଲାଣି । କିନ୍ତୁ ଛାଡ଼ିଯିବ ସେ ଏସବୁ ଏଠାରେ । ହୁଏତ ଜୀବନରେ ଆଉ ଆସିପାରିବ ନାହିଁ ଏଠାକୁ । ଜର୍ମାନ ଭାଷାର ବିଦାୟଟି ମର୍ମସ୍ପର୍ଶୀ "ଆଉଫ ଉଇଦରସେହେନ" ବା "ଆଉ ଥରେ ଦେଖା ହେବା ପର୍ଯ୍ୟନ୍ତ" । କିନ୍ତୁ ସେ କଣ ଏହି ସ୍ମିଥ୍ ପରିବାର ସାଙ୍ଗରେ ଆଉ ଥରେ ଦେଖା କରି ପାରିବ ? ବୋଧହୁଏ ନୁହେଁ । ରହିଯିବ ହୃଦୟ ଭିତରେ କେଉଁ ଗଭୀର କୋଣରେ ସ୍ମୃତି ଟିକିଏ, ଖୁବ୍ ଏକୁଟିଆ ବେଳେ ଉଙ୍କି ମାରି ମୁଣ୍ଡ ଟେକିବ ଉପରକୁ । ସେଇ ଦୁଇଟା ଦିନ ଖୁବ୍ ଆନନ୍ଦରେ କଟିଗଲା । ଫେରିଲା ବେଳକୁ ସବୁରି ଆଖିରେ ଲୁହ । କାହିଁକି ? ଏଇ ସ୍ମିଥ୍ ପରିବାର, କ'ଣ ଦେଇଛି ସେ ତାଙ୍କୁ । ତାଙ୍କ ସାଥିରେ ଯେତେବେଳେ ଦେଖାହୁଏ, ସେତେବେଳେ ସେ ଏ ଦେଶରେ ପୂରା ଏକୁଟିଆ, ସାଙ୍ଗ ସାଥୀ ନାହିଁ, ଭାଷା

Digitized by PPRACHIN, SOA

ମଧ୍ୟ ଜାଣି ନାହିଁ ସେ । ମଣିଷ ମଣିଷ ଭିତରେ ଯେଉଁ ସ୍ନେହ, ମାୟା, ମମତା ଖାଲି ଦେଣ ନେଣ ଉପରେ ନୁହେଁ – ତା ଆସେ ବିନା ଦେଣ ନେଣରେ – ତା ଆସେ ହୃଦୟ ଭିତରୁ ।

ଶେଷ ଦୁଇଟି ଦିନ ଫ୍ରାଙ୍କ୍‌ଫୁଟ୍‌ରେ । କାର୍ଲ ଆସିଥାଏ, ୱାଲ୍ଟର ମଧ୍ୟ ଆସିଥାଏ । ସେ ୱାଲ୍ଟର ପାଖରେ ଚିରଋଣୀ । ତା ଯୋଗୁ ତାର କବିତା "ଝର କଲମ" ସମ୍ପାଦକ ପାଇଥିଲେ ଓ ତାର କବିତା ପ୍ରକାଶ ପାଇଥିଲା । କିନ୍ତୁ ୱାଲ୍ଟର ଏକଥା କାହାକୁ କହେନାହିଁ । କାର୍ଲ ପାଖରେ ମଧ୍ୟ ସେ ଋଣୀ । କାର୍ଲ ଯୋଗୁ ସେ ପ୍ରଥମ ଚାକିରି ପାଇଥିଲା ।

କାର୍ଲ ଗୋଟିଏ ଟ୍ରାଭେଲ୍ ଏଜେନ୍ସି ଠିକ୍ କରିଥିଲା । ସେମାନେ ତାର ଦୀର୍ଘ ସାତବର୍ଷର ସଂଗୃହିତ ଜିନିଷ ପତ୍ର, ବହି ଓ ଡକୁମେଣ୍ଟ ସବୁ ନେଇ ପ୍ୟାକିଙ୍ଗ୍ କରି ଭାରତକୁ ଜାହାଜ ସାହାଯ୍ୟରେ ପଠାଇ ଦେଇଛନ୍ତି । ବମ୍ବେରେ ଜିନିଷ ସବୁ ପହଞ୍ଚିବ । ସେ ଆସିଥିଲା ଗୋଟିଏ ସୁଟ୍‌କେଶ୍ ନେଇ, ଯିବ ଦୁଇଟି ସୁଟ୍‌କେଶ୍ ଧରି । ଆସିଥିଲା ସୁପର କନ୍‌ଷ୍ଟେଲେସନ୍ ବିମାନରେ । ସେତେବେଳେ କଲିକତାରୁ ଫ୍ରାଙ୍କ୍‌ଫୁଟ୍‌କୁ ଆସିବାକୁ ଲାଗୁଥିଲା ତିରିଶ ଘଣ୍ଟା । ଏବେ ବମ୍ବେ ଯିବାକୁ ଲାଗିବ ମାତ୍ର ୧୦ ଘଣ୍ଟା ଜେଟ୍ ବିମାନ ବୋଇଙ୍ଗ୍ ୭୦୭ରେ । ସେତେବେଳେ ସେ ପ୍ରଥମ ଥର ପାଇଁ ଉଡ଼ାଜାହାଜରେ ବସିଥିଲା । ଆଜିକାଲି ଉଡ଼ାଜାହାଜରେ ଯିବାଟା ଦେହସହା ହୋଇଗଲାଣି । ସେ ଆସିଥିଲା ସରକାରୀ ବୃତ୍ତିପ୍ରାପ୍ତ ଛାତ୍ର ଭାବରେ ଇକନମି କ୍ଲାସ୍‌ରେ । ଏବେ ସେ ପ୍ରଥମ ଶ୍ରେଣୀରେ ଯିବ ଜର୍ମାନ କମ୍ପାନୀର ଡ଼ିଜାଇନ୍ ବିଶେଷଜ୍ଞ ହୋଇ । ଯିବାରେ କିଛି ଉନ୍ମାଦନା ନାହିଁ । ନାହିଁ ଆସିବା ସମୟର ଥ୍ରୀଲ୍ । ସେ ଚାଲିଯାଉଛି ଯେପରି ଏହି ଦେଶରୁ ଚାଲିଯିବା ପାଇଁ ମାତ୍ର । ଭାବି ବସିଲେ କେତେ ଆଉ କେତେ କଥା ମନେପଡ଼ିଯାଏ । ଏଇ ଶେଷ ଦିନଗୁଡ଼ାକ ହୋଇପଡ଼େ ସବୁଠାରୁ ବେଶୀ କଷ୍ଟଦାୟକ ।

କାର୍ଲ ଠିକ୍ ଆଗପରି । କାଇଜର ଆଲେର କେଉଁ ବାର୍ ସବୁଠାରୁ ଭଲ ବାଛି ନେଇଛି । ସମସ୍ତେ ବସି ଶାମ୍ପେନ୍ ପିଇଛନ୍ତି, ଡ଼ାନ୍ସ କରିଛନ୍ତି ଓ ଡ଼େରିରେ ହୋଟେଲକୁ ଫେରିଛନ୍ତି । ଦିନବେଳେ ମାଇନ୍ କୂଳରେ ଘୁରି ବୁଲିଛନ୍ତି । ଗପି ଯାଉଛନ୍ତି ଦୁନିଆର ସବୁ କଥା । ସେଇ ଚାଲିଯାଇଥିବା ଦିନଗୁଡ଼ିକର ଇତିବୃତ୍ତି । ହେ ଲାଙ୍ଗଫେଲୋ, ତୁମର Psalm of life ଦୂରରେ ରହୁ, Let the dead past bury its head ମଣିଷକୁ ଖୁସି ରଖିପାରିବ ନାହିଁ । ମଣିଷ ଚାହେଁ ଏହି ମୁହୂର୍ତ୍ତଗୁଡ଼ିକରେ ଗାଇ ବସିବ ସେଇ ସୁରର ସଙ୍ଗୀତ ଯେଉଁ ସଂଗୀତ ସେ ଦିନେ ଗାଇଥିଲା ଅନ୍ୟ ପରିବେଶରେ । ଛୋଟ ମଣିଷ ପାଇଁ କିଛି ମୃତ ନୁହେଁ । ସବୁ ଏକ ଜୀବନ୍ତ ସ୍ମୃତି । ଏହାହିଁ ଜୀବନ ସଙ୍ଗୀତ ।

ଶେଷ ଦିନ ଆସିଗଲା । ମନଟା ଦବି ଯାଇଛି ଢ଼େର ବେଶୀ । ଭଲ ଚାକିରି ପାଇଛି ସେ, ସମ୍ମାନର ସହିତ ଫେରି ଯାଉଛି ନିଜ ଦେଶକୁ । ତେବେ ବି ସୁକାନ୍ତର ମୁହଁରେ ହସ ନାହିଁ । ନିଜ ଦେଶର ଯେଉଁ ବାସ୍ତବତା ତାକୁ କ'ଣ ସେ ସମ୍ମୁଖୀନ ହୋଇପାରିବ ? ସତ୍ୟ ଭଳି କ'ଣ ପାରିପାର୍ଶ୍ୱିକ ଘଟଣାବଳୀ ସାଙ୍ଗରେ ଲଢ଼ିପାରିବ ? ନା କିଶୋର ଭଳି ଭାଗ୍ୟବାଦୀ ହେବ ? କିମ୍ବା ଶରତ୍

Digitized by PPRACHIN, SOA

ଭଳି ନିର୍ବିକାର ଚିତ୍ତରେ ସବୁ ସହିନେବ, ଅବା ମାଧବ ଭଳି ସବୁରେ ଅସନ୍ତୋଷ । କଣ ହେବ ସେ ?

ସମସ୍ତେ ମିଶି ଗଲେ ଫ୍ରାଙ୍କଫୁଟ୍ ବିମାନଘାଟୀକୁ । ସେଠାରେ ଦଶଟି ଟେଲିଗ୍ରାମ । ସବୁରେ ସେହି ଗୋଟିଏ କଥା "GUTE REISE" ବା ଯାତ୍ରା ସୁଖମୟ ହେଉ । ଖାଲି ଡ଼ିରେକ୍ଟର ଲାଙ୍ଗ୍‌ଙ୍କର ଗୋଟିଏ ଟେଲିଗ୍ରାମ୍, "ଘରେ ଭଲରେ ପହଞ୍ଚ ଓ ଶୀଘ୍ର ବିବାହ କର ।" ବିବାହ କରିବ ସୁକାନ୍ତ ? ନା ! ତା'ର ଜୀବନଟା ଏଇ ପରି ଚାଲିଯିବ ।

ସମୟ ହୋଇଗଲା । ଇମିଗ୍ରେଶନ୍ କ୍ଲିଆର କରିବାକୁ ହେବ, କଷ୍ଟମ୍‌ସ କ୍ଲିଅର କରିବାକୁ ହେବ । ବିଦାୟ ନେଲା କାର୍ଲ ଓ ୱାଲ୍ଟର୍‌ଙ୍କଠାରୁ । କାର୍ଲ ଖାଲି ଏତିକି କହିଲା "ସୁକାନ୍ତ, ତୁ ଭଲ ପହଁରାଳି । ଖାଲି ମନେ ରଖିଥା, ନିଜ ମୁଣ୍ଡକୁ ସବୁବେଳେ ପାଣି ଉପରେ ରଖିଥିବୁ ।" ଇମିଗ୍ରେଶନ୍ କାଉଣ୍ଟର ଡେ଼ଇଁଲା ବେଳକୁ ତା'ର ଆଖିରୁ ଲୁହ ଦୁଇଟୋପା ପଡ଼ିଯାଇଥିଲା ଏକ୍‌ବାରେ ଆଜାଣତରେ ।

ଲାଉଡ୍‌ସ୍ପିକରରେ କହିଦିଆଗଲା ଏୟାର ଇଣ୍ଡିଆର ବୋଇଙ୍ଗ୍ ୭୦୭ର ଯାତ୍ରୀମାନେ ଆସି ପ୍ରସ୍ଥାନ ତୋରଣ ପାଖରେ ପହଞ୍ଚନ୍ତୁ । ଦୂରରୁ କାର୍ଲ ଓ ୱାଲ୍ଟର ହାତ ହଲାଉ ଥାଆନ୍ତି । ପାଞ୍ଚମିନିଟ୍ ମଧ୍ୟରେ ଯାଇ ବିମାନରେ ବସିଲା । କେହି ଆସି ପାଖରେ ଠିଆ ହୋଇ କହୁନାହିଁ 'ସେଫ୍‌ଟି ବେଲ୍ଟ ବାନ୍ଧି ନିଅ ବୋଲି' । ସିଟ୍ ଉପରେ ଛପା ଅକ୍ଷରେ ଉପରେ ଲାଇଟ୍ ଜଳୁଛି "Tighten Safety Belt ଓ No smoking" । ଟେପ୍ ରେକର୍ଡରରୁ ସୁନ୍ଦର ସଂଗୀତ ଆସୁଛି - କେଥୋଭେନ୍‌ର ପଞ୍ଚମ ସିମ୍ଫୋନୀ । ସଂଗୀତ ବନ୍ଦ ହୋଇଗଲା ଏବଂ ଉଡ଼ାଜାହାଜ ଟାକ୍ସି କରିବାକୁ ଚାଲିଲା ଛାଡ଼ିବାକୁ ଫ୍ରାଙ୍କଫୁଟ୍ ବିମାନଘାଟୀ ।

(ପାଞ୍ଚ)

ବମ୍ବେ ସାନ୍ତାକ୍ରୁଜ୍ ବିମାନଘାଟୀରେ ବିମାନ ଲାଗିବାର କିଛି ସମୟ ଆଗରୁ ତା'ର ନିଦ ଭାଙ୍ଗିଲା । ଯାତ୍ରାର ସମାପ୍ତି । ଏତେ ଦିନ ଧରି ଘୁରି ବୁଲିବାର କ୍ଳାନ୍ତିକୁ ମନରୁ ଦୂର କରି, ଶହ ଶହ ଘଟଣାର ସ୍ମୃତିକୁ ଭୁଲି ନିଜକୁ ନିଜେ ଠିଆ ହେବାକୁ ଚେଷ୍ଟା କଲା । କ୍ୟାପ୍‌ଟେନ୍ ଲ୍ୟାଣ୍ଡିଙ୍ଗ୍ ଗିଅର ଡ଼ାଉନ କଲେ, ରନୱେ଼ରେ ବିମାନ ଲାଗିଲା, ପାର୍କିଙ୍ଗ୍ ପ୍ଲେସ୍‌ରେ ଠିଆହେଲା । ସହ ଯାତ୍ରୀମାନେ ଉଠିଲେଣି । ସେ ବି ଉଠିଲା ।

ସକାଳର ସୂର୍ଯ୍ୟ ବମ୍ବେ ଆକାଶର ଅମା ଅନ୍ଧାରକୁ ଦୂରେଇ ଦେଇ ବାହାରି ଆସୁଥିଲା । ନବୀନ ଦିବସର ପ୍ରଥମ ପ୍ରହରରେ ଦେଖିଲା ଦୂରରେ ଠିଆ ହୋଇଛନ୍ତି ତାର ସବୁ ନିଜ ଲୋକ । ବାପା, ମା, ମଉସା, ମାଉସୀ, ଶ୍ୟାମ ମଉସା, ମାଉସୀ, ସତ୍ୟ, ଶାନ୍ତା, ମାଧବ, ସୁମୀ ଆଉ ଶରତ୍ ଓ କିଶୋର । ଗୋଟିଏ ବଗି ରିଜର୍ଭ କରି ଆସିଛନ୍ତି ନା କ'ଣ ? କଷ୍ଟମ ଓ ଇମିଗ୍ରେଶନ୍‌ରେ ବେଶୀ ସମୟ ଲାଗିଲା ନାହିଁ । ଆସି ମିଶିଲା ସବୁରି ସାଙ୍ଗରେ । ଦୀର୍ଘ ଏତେ ବର୍ଷପରେ ସେ ଫେରି ଆସିଛି ନିଜ ଲୋକମାନଙ୍କ ପାଖକୁ । ବାପାଙ୍କ ବାଳ ଟିକିଏ ଧଳା ପଡ଼ିଲାଣି, ମାଆ ବି ଆଉ ଆଗର ନାହାନ୍ତି, ବେଶ୍ ବଦଳି ଗଲେଣି । ସେହିପରି

Digitized by PPRACHIN, SOA

ମଉସା, ମାଉସୀ, ଶ୍ୟାମ ମଉସା ଓ ମାଉସୀ । ଶାନ୍ତା ଖୁବ୍ ସୁନ୍ଦର ଦେଖାଯାଉଛି । ଆଗରୁ ସେ ଏତେ ସୁନ୍ଦର ଦେଖାଯାଉନଥିଲା । ସୁମୀ ମଧ୍ୟ ବେଶ୍ ଗୋଲ୍‌ଗାଲ୍ ଦେଖାଯାଉଛି । ସତ୍ୟ, ମାଧବ, ଶରତ ଓ କିଶୋର - ଏମାନଙ୍କର ମଧ୍ୟ ଅନେକ ପରିବର୍ତ୍ତନ ହୋଇଯାଇଛି । କେତେ କେତେ କଥା କହିବାକୁ ଅଛି ତାର ସୀମା ନାହିଁ । ଆଜି ସେ ଦୁନିଆରେ କେତେ ସୁଖୀ କଳ୍ପନା କରିପାରୁ ନାହିଁ ।

ଶାନ୍ତା ଆଉ ସୁମୀ କହୁଛନ୍ତି ବମ୍ବେ ଆସିଛନ୍ତି ଯେତେବେଳେ ଅଜନ୍ତା ଓ ଏଲୋରା ନ ଦେଖି ଫେରି ଯିବେନି । ସେମାନେ ଚାହାନ୍ତି ଏଇଟା ହେଉ ଛୁଟୀର ସମୟ । ସିଧା ଘରକୁ ଯାଇ ଘର ଭିତରେ ପଶିବ କିଏ ?

ବିମାନ ଘାଟୀକୁ ଆସିଥିଲେ ତା'ର ନୂତନ କମ୍ପାନୀର ଜଣେ ବିଶିଷ୍ଟ କର୍ମଚାରୀ ତାକୁ ସ୍ୱାଗତ ଜଣାଇବାକୁ - ସୁକାନ୍ତ ଅଧୀନରେ କାମ କରିବେ । ତାଙ୍କ ଜରିଆରେ ଗାଡ଼ି ତିନିଖଣ୍ଡ ଠିକ୍ କରାଗଲା ଏଠାରେ ଘୁରି ବୁଲିବା ପାଇଁ । ସେଦିନ ଯାଇ ଅଫିସ୍‌ରେ ବୁଲି ଆସିଲା । କେତେ ଆଦର ଅଭ୍ୟର୍ଥନା ତାକୁ । ସେ ଆଜି ଜର୍ମାନ ବିଶେଷଜ୍ଞ ଭାବରେ ପରିଚିତ । ମ୍ୟାନେଜ୍‌ମେଣ୍ଟର ଜଣେ ପଦସ୍ଥ ବ୍ୟକ୍ତି । ସେ ସମସ୍ତଙ୍କୁ କହି ରଖିଲା ଯେ ଠିକ୍ ମାସକ ପରେ ଆସି କାମରେ ଜଏନ୍ କରିବ ।

ଶାନ୍ତା ତାକୁ ଛାଡ଼ିବାକୁ ନାରାଜ । ସେଇ ପିଲାଦିନର ଶାନ୍ତା ସେ ତା ସୁକୁଭାଇ ପାଖରେ । ସମସ୍ତଙ୍କୁ କହୁଛି "ମୋ ସୁକୁଭାଇ ଆସିଲା ବୋଲି ଅଧଘଣ୍ଟାରେ ସବୁ ଯୋଗାଡ଼ ହୋଇଗଲା । ସତ୍ୟ ଭାରି ଖୁସି । ତା ମନେ ମନେ କିଶୋର ଓ ଶରତ୍‌ଙ୍କ କଥା ସୁକୁ ଏବେ ବୁଝୁ । ଏତେ ବର୍ଷ କାଳ ଏ ପଞ୍ଚାଙ୍କ ସାଙ୍ଗରେ ବେଶ୍ ହଇରାଣ ହେଲାଣି । ବାପା ମାଆଙ୍କର ଗୋଡ଼ ତଳେ ପଡୁନି । ଶ୍ୟାମ ମଉସା କହୁଛନ୍ତି "ଏଥର ତୁମମାନଙ୍କ କାରବାର ତୁ ବୁଝ । ମୁଁ ରିଟାୟାର୍ କରିବି । ସତିଶ୍ ଓକିଲାତି ଆରମ୍ଭ କଲାଣି । ଚତୁଟା ହାତରେ ପାଠଶାଠ ହେବନାହିଁ । ତାକୁ ତୁ ଏଥର ସମ୍ଭାଳ ।" ସୁମୀ ନୂଆ ଡ଼ାକ୍ତରାଣୀ ହୋଇଛି । ମାଧବ ଆଉ ପଇସା ପତ୍ର ଅଣ୍ଟୁନାହିଁ ବୋଲି କହୁନି । ଶରତ୍ ଓ କିଶୋରଙ୍କର ଖୁସୀ ଯେ କାହିଁରେ କଣ । ସେମାନଙ୍କର ଅଭିଯୋଗ ସତ୍ୟ ସେମାନଙ୍କୁ ସ୍ଲେଭ୍ ଡ୍ରାଇଭିଙ୍ଗ୍ କରୁଛି ।

ଅଜନ୍ତା, ଏଲୋରା, ରାଉରକେଲାରେ ମାଧବର ଘର, କଟକ ଓ ଗାଁଆ । ସବୁ ଗୋଟାଏ ବିରାଟ ଆନନ୍ଦ, ହସ ଖୁସି । ଗାଁଆରେ ତାରିଣୀ ଆପଣେ ଆଉ ନାହାନ୍ତି । ଗୋପାଳ ତିଆଡ଼ି ବହୁତ ବୁଢ଼ା ହୋଇଗଲେଣି । ପରିଆ ବାଉରି ମରିଗଲାଣି । ସମୟ ବସିନି କାହାକୁ ଅପେକ୍ଷା କରି, ମାଡ଼ି ଚାଲିଛି ଦ୍ରୁତ ବେଗରେ ଆଗକୁ ।

ମାସଟା ଏ ଚାହୁଁ ଚାହୁଁ କଟିଗଲା । ସମସ୍ତଙ୍କୁ ଛାଡ଼ି ଦେଇ ସେ ଚାଲିଲା ତାର ନୂତନ କର୍ମକ୍ଷେତ୍ରକୁ । ସେଠାରେ ସେ ଆଉ ସୁକାନ୍ତ ନୁହେଁ । ଜର୍ମାନ ସହକର୍ମୀଙ୍କ ପାଖରେ ସେ ହେର୍‌ଡ଼ିପ୍ଲୋମ୍ ଇଞ୍ଜିନିୟର ଦାସ ଓ ଭାରତୀୟମାନଙ୍କ ପାଖରେ ଚିଫ୍ ଡ଼ିଜାଇନ୍ ଓ ପ୍ରୋଜେକ୍ଟ ଇଞ୍ଜିନିୟର । ତା ଅଧୀନରେ କାମ କରିବେ ଦୁଇଜଣ ଅଭିଜ୍ଞ ଇଞ୍ଜିନିୟର- ଜଣେ ଡ଼ିଜାଇନ୍‌ରେ ଓ ଜଣେ ପ୍ରୋଜେକ୍ଟରେ । ଆଉ ଆଠଜଣ ନୂଆ ଇଞ୍ଜିନିୟର । ତାଙ୍କୁ ତାଲିମ୍ କରିବାକୁ ହେବ ।

Digitized by PPRACHIN, SOA

କାରାଖାନା ବାସ୍ତବରେ ବମ୍ବେରେ ନୁହେଁ । ବମ୍ବେ ଉପକଣ୍ଠରେ ଗୋଟିଏ ଖୋଲା ଜାଗାରେ ଫ୍ଲୋରାଫାଉଣ୍ଟେନ୍‌ରୁ ମଟରଗାଡ଼ିରେ ଯିବାକୁ ହେଲେ ଗୋଟିଏ ଘଣ୍ଟା ଲାଗିବ । କାରଖାନା ପାଖରେ ଛୋଟ କଲୋନୀଟି । ସେଠାରେ ତା'ର ଘର – ସୁନ୍ଦର ଘରଟି । ଅଦୂରରେ ମହାରାଷ୍ଟ୍ରର ନ୍ୟାସନାଲ୍ ପାର୍କ ଓ ତା ପଛରେ ଛୋଟ ଛୋଟ ପାହାଡ଼ । ତା ଘର ପାଖରେ ଓ୍ୱାର୍କସ୍ ମ୍ୟାନେଜର ବେକରଙ୍କର ଘର ଓ ତା ପାଖରେ ଜେନେରାଲ୍ ମ୍ୟାନେଜର ସ୍ନାଇଡ଼ରଙ୍କର ଓ ତା' ପରେ ଚିଫ୍ ଆକାଉଣ୍ଟାଣ୍ଟ ନିସ୍‌ଓ୍ୟାଣ୍ଡ । ଏମାନଙ୍କ ଘର ଆଗରେ ଛୋଟ ଛୋଟ ବଗିଚା । ତାକୁ ଦେଖ ରେଖ କରିବା ପାଇଁ ମାଳି ଅଛନ୍ତି । ପୂରା ଜର୍ମାନ କାଇଦାରେ ଘରଗୁଡ଼ିକର ସାଜସଜ୍ଜା । ପ୍ରତ୍ୟେକ ଘରେ ଏୟାର କଣ୍ଡିସନର୍, ରେଫ୍ରିଜରେଟର, କୁକିଙ୍ଗରେଞ୍ଜ, କିଚେନ୍ ମେସିନ୍ ଓ ଓ୍ୱାଶିଙ୍ଗ୍ ମେସିନ୍ ଇତ୍ୟାଦି ଆଧୁନିକ ଯୁଗର ଅତ୍ୟାଧୁନିକ ଆବଶ୍ୟକତା ସବୁ । ସମସ୍ତଙ୍କର ଛୋଟ ଛୋଟ ପରିବାର । ସ୍ନାଇଡରଙ୍କୁ ଛାଡ଼ିଦେଲେ ଅନ୍ୟମାନେ ପାଖପାଖ ବୟସର । ନିମ୍‌ଓ୍ୟାଣ୍ଡର ଗୋଟିଏ ଝିଅ – ଦେଢ଼ ବର୍ଷର – ନାମ ଡ଼ୋରା । ବେକର ନବ ବିବାହିତ । ସ୍ନାଇଡ଼ରଙ୍କର ପିଲାମାନେ ଜର୍ମାନୀରେ ପାଠ ପଢ଼ନ୍ତି । ଏଠାରେ ଖାଲି ସ୍ୱାମୀ ସ୍ତ୍ରୀ ଦି ଜଣ ।

ସୁକାନ୍ତ ଏମାନଙ୍କ ସଙ୍ଗରେ ଏକବାରେ ମିଶିଯାଏ । ସଂଧ୍ୟାବେଳେ ସମସ୍ତେ ମିଶି ବସନ୍ତି । ବିଅର ପିଅନ୍ତି, ତାସ୍ ଖେଳନ୍ତି । ଏଇଟା ଯେପରି ଗୋଟିଏ ଛୋଟ ଜର୍ମାନ ପଡ଼ା ।

ବେଳେବେଳେ ଯାଇ ଭାରତୀୟ ସହକର୍ମୀଙ୍କ ଘରୁ ବୁଲି ଆସେ । ସେମାନେ ତା ସାଥିରେ ସହଜରେ ମିଶନ୍ତି ନାହିଁ । ସବୁବେଳେ ଦୂରେଇ ରହିବାକୁ ଚେଷ୍ଟା କରନ୍ତି । ସମ୍ମାନ ପ୍ରଦର୍ଶନ କରନ୍ତି । ପର୍ବ ପର୍ବାଣୀକୁ ଡ଼ାକନ୍ତି – କିନ୍ତୁ ସହଜରେ ସାଥିରେ ମିଶନ୍ତି ନାହିଁ । ଅଫିସ୍‌ରେ କିଏ କାହା ହାକିମ, ଘରେ ମଧ୍ୟ ସେମାନେ ଚାହାନ୍ତି ସେଇ ଦୂରତ୍ୱ ରହୁ । ଶହ ଶହ ବର୍ଷର ଦାସତ୍ୱ ପରେ ଏଠାରେ ସମସ୍ତେ ହୋଇ ପଡ଼ିଛନ୍ତି ଦାସ । ସେଇ ଘୃଣ୍ୟ ମନୋବୃତ୍ତି କାହା ମୁଣ୍ଡରୁ ଯାଉନାହିଁ । ଏଇ ଜର୍ମାନ ମାନେ । ଅଫିସ୍ ଭିତରେ ଯେତେ ଯିଏ ହାକିମୀ କରୁ ପଛେ, ଅଫିସ୍ ବାହାରେ ସମସ୍ତେ ସମାନ, ପରସ୍ପରକୁ ଡ଼ାକିବା ପାଇଁ ସାର୍ କହିବାକୁ ଆବଶ୍ୟକତା ନ ଥାଏ । ସମେସ୍ତ ଏଇ ମାଟିର ମଣିଷ, ଯେତେଦିନ ବଞ୍ଚିଛନ୍ତି ହସଖୁସିରେ ମିଳିମିଶି ନ ଚଳି ଦୂରେଇ ରହିବେ କାହିଁକି ? ଏତୋଟି ବର୍ଷ ସେଇ ଦେଶରେ କଟାଇ ସୁକାନ୍ତ ଅନେକଟା ତାଙ୍କର ଗୁଣ ଅନୁକରଣ କରି ନେଇଛି ।_ଅନୁକରଣ କରି ନେଇଛି କହିଲେ ହୁଏତ ଠିକ୍ ହେବ ନାହିଁ । ସେ ହୁଏତ ନିଜ ଜୀବନକୁ ସେଇ ଛାଞ୍ଚରେ ଗଢି ନେଇଛି ।

କାରଖାନାରେ କାମ ଜୋର ସୋର୍‌ରେ ଚାଲିଛି । ତା'ର ଦାୟୀତ୍ୱ ପ୍ଲାନିଙ୍ଗ୍ । ସକାଳୁ ସଞ୍ଜଯାଏ ବ୍ୟସ୍ତ ରହେ । କାନ୍ଥରେ ଟାଙ୍ଗିଥାଏ ବିରାଟ ବିରାଟ ଚାର୍ଟ । ପୂରା କାରଖାନାକୁ ଗଢିବାକୁ ହେବ ଦେଢବର୍ଷ ଭିତରେ । ବିଭିନ୍ନ ଜିନିଷ ସବୁ କିଣାକିଣି କରିବାକୁ ପଡ଼ିବ । ଅନେକ ପରଶ୍ରମ କରି ନବ ଆବିଷ୍କୃତ ପର୍ଟଚାର୍ଟ ସମ୍ବନ୍ଧରେ (Pert Chart) ପାରଦର୍ଶୀତା ଲାଭ କଲାଣି । କେଉଁଠାରେ କାମ ଅଟକି ଯିବ ତାର ପୂରା ତାଲିକା କରି ରଖିଛି । ସେଥିପାଇଁ ଲାଗିପଡ଼ିଛି ମନପ୍ରାଣ ଦେଇ ଯେପରି ଏ ସବୁ ଜିନିଷ ଯଥା ସମୟରେ ପହଞ୍ଚିଯବ । ଭାରତୀୟ କର୍ମଚାରୀମାନଙ୍କୁ ବେଶ୍ ଲଗାଇ ଦିଏ । ନିଜେ ମଧ୍ୟ ଘୁରି ଘୁରି କାମ ଦେଖୁଥାଏ ।

Digitized by PPRACHIN, SOA

ନିଜ ଏୟାର୍ କଣ୍ଡିସନ୍ ଅଫିସ୍‌ରେ ମାତ୍ର ଦୁଇତିନି ଘଣ୍ଟା ଥାଏ । କିନ୍ତୁ ସହକର୍ମୀମାନେ ଏ ସବୁର ମହତ୍ୱ ବୁଝି ପାରନ୍ତି ନାହିଁ । ଘୋଟ୍‌ବୋଲେ ଥରେ ଥଟ୍ଟା କଲା ଭଳି କହିଲା ଆସନ୍ତାବର୍ଷ ଅକ୍ଟୋବର ମାସରେ ଯେ ଆମକୁ ଏ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ଏ ବର୍ଷ ଜୁନ୍ ମାସରେ ମୁଁ ମାନିବାକୁ ନାରାଜ । ସୁକାନ୍ତ ଯୁକ୍ତି କଲା ନାହିଁ । କିନ୍ତୁ ବୁଝାଇବାକୁ ଲାଗିଲା । ଘୋଡବୋଲେ ସରକାରୀ କାମ କରୁଥିଲା । ବେଶୀ ଦରମା ଲୋଭରେ ଏଠାକୁ ଆସିଛି । ବୟସରେ ବେଶ୍ ବଡ଼ । କିନ୍ତୁ ତାର ଚିନ୍ତାଧାରା ସୀମିତ । ସେ ବଡ଼ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ଅନିଚ୍ଛୁକ । କିନ୍ତୁ ବହୁତ ପରିଶ୍ରମ କରିପାରେ ।

ଠିକ୍ ଓଲଟା ଶର୍ମା । ଖୁବ୍ ବୁଦ୍ଧିମାନ । ବୟସରେ ସୁକାନ୍ତଠାରୁ ଅଳ୍ପ ବଡ଼ । ତାର ଚିନ୍ତାଧାରା ଉନ୍ନତ । ସେ ଭବିଷ୍ୟତ କଥା କଳ୍ପନା କରିପାରେ ଓ ଜଟିଳ ସମସ୍ୟା ସବୁ ନିଜ ହାତକୁ ନେବାକୁ ଚେଷ୍ଟା କରେ । ଫଳରେ ବେଶୀ କଷ୍ଟକର କାମସବୁ ଶର୍ମା ହାତରେ । ତାର ଆଉ ଗୋଟିଏ ଭଲ ଗୁଣ । କାମ କରିବାକୁ ନୂଆ ରୀତି ଶିଖିବାକୁ ପ୍ରସ୍ତୁତ ।

ନୂଆ ଇଞ୍ଜିନିୟରମାନେ କଲେଜରୁ ଆସିଛନ୍ତି । ଅନେକ ଜିନିଷ ପଢିଛନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ କାମ କରିନାହାନ୍ତି । ଏଇଟା ତାଙ୍କର ଦୋଷ ନୁହେଁ । ଦୋଷ ଦେଶର ଶିକ୍ଷା ପଦ୍ଧତିରେ, ସାମାଜିକ ପରିସ୍ଥିତିର । ନିଜ ହାତରେ କାମ କରିବାକୁ ଏମାନେ କୁଣ୍ଠିତ । କାରଣ ତା ଦ୍ୱାରା ନିଜର ସମ୍ମାନ ଚଳକୁ ହୋଇଯିବ । ଏଇ ଇଞ୍ଜିନିୟରମାନେ ବୁଦ୍ଧିମାନ । ସୁକାନ୍ତର ଝୁଙ୍କ ଉଠିଲା ଏମାନଙ୍କୁ ଖୁବ୍ ଭଲ ଭାବରେ ଗଢିବ ବୋଲି । ଟେବୁଲ୍ ବଦଳରେ ଡ୍ରାଫ୍‌ଟିଙ୍ଗ୍ ମେସିନ୍ ଅଣାଇଲା । ଯାହାର ଯେଉଁ ଡ୍ରଇଁ ଦରକାର ସେ ନିଜ ହାତରେ କରିବେ । ତାଙ୍କୁ ଡ୍ରାଫ୍‌ଟ୍‌ସ୍‌ମ୍ୟାନ ଦିଆଯିବ ନାହିଁ । ସମସ୍ତଙ୍କୁ ଗୋଟିଏ ଗୋଟିଏ ସମସ୍ୟା ଦିଆଯାଉଛି ସମାଧାନ କରିବା ସକାଶେ, ସାହାଯ୍ୟ ମାଗିଲେ ମିଳିବ । କିନ୍ତୁ ସମାଧାନ ସେଇମାନଙ୍କୁ ହିଁ କରିବାକୁ ପଡିବ । ସେମାନେ ଗୋଟିଏ ଗୋଟିଏ ବିଭାଗର ପର୍ଟଚାର୍ଟ ପାଖରେ ରଖିବେ ଓ କାରଖାନାରେ ଘୁରିବୁଲି ସବୁ ଠିକ୍ ଚାଲିଛି କି ନାହିଁ ଦେଖିବେ । ଯେଉଁଠାରେ ସନ୍ଦେହ ହେବ ସୁକାନ୍ତକୁ କହିବେ, ସେ ଯାଇ ବେକରଙ୍କ ସାଙ୍ଗରେ ଆଲୋଚନା କରିବ ଓ ଦୁହେଁ ତାର ସମାଧାନ କରିବେ । ଏମାନଙ୍କୁ ସାହାଯ୍ୟ କରିବାକୁ ସ୍ନାଇଡରକୁ ଛାଡିଦେଲେ ଆଉ କେହି ନାହିଁ ।

ସବୁଦିନ ସନ୍ଧ୍ୟାରେ ସେ ନିଜ ଡିପାର୍ଟମେଣ୍ଟର ଗୋଟିଏ ମିଟିଂ ଡାକେ । ସବୁରି ସୁବିଧା ଅସୁବିଧା, ପରସ୍ପରର ସମସ୍ୟା ସବୁ ଆଲୋଚନା ହୁଏ । ସମସ୍ତେ ମିଶି ସମାଧାନ କରିବାକୁ ଚେଷ୍ଟା କରନ୍ତି । ସବୁ ଏକ ନୂତନ ପ୍ରଣାଳୀ, ନୂତନ ବାତାବରଣ ସୃଷ୍ଟି କରି ସେଥିରୁ ସେ ବହୁତ ଆନନ୍ଦପାଏ । ନୂତନ ମ୍ୟାନେଜ୍‌ମେଣ୍ଟ ଜାର୍ଗନ୍‌ରେ ପାଟିସିପେଟିଭ୍ ମ୍ୟାନେଜ୍‌ମେଣ୍ଟ ।

ଏତେ କାମ ଭିତରେ ସେ ପହଁରା ଛାଡି ନାହିଁ । ସପ୍ତାହରେ ଅତି କମ୍‌ରେ ଦୁଇଥର ବେକର ପରିବାର ଓ ସେ ଯାଆନ୍ତି ହୁହୁ ବିଚ୍‌କୁ । ସନ୍ଧ୍ୟାଟା କଟିଯାଏ ପହଁରି ପହଁରି । ବେକର ଓ ଶ୍ରୀମତୀ ବେକର ଦୁହେଁ ମଧ୍ୟ ଖୁବ୍ ଭଲ ପହଁରନ୍ତି । ସମୟ ପାଇଲେ ସ୍ନାଇଡର ଦମ୍ପତି ଓ ନିସ୍‌ଓ୍ୱାଣ୍ଡ୍ ଦମ୍ପତି ମଧ୍ୟ ଯୋଗ ଦିଅନ୍ତି ।

Digitized by PPRACHIN, SOA

କାରଖାନାର ଚାରିଜଣ ମୁଖ୍ୟ ଅଫିସର୍ । ସବୁରି ଭିତରେ ଖୁବ୍ ସଦ୍ଭାବ । ଗୋଟିଏ ବଡ଼ ପରିବାର ପରି ଚଳି ଯାଆନ୍ତି ।

ଘରୁ ଚିଠି ପାଏ । ମାଆ ପଚାରିବସନ୍ତି ସେ କେବେ ବିବାହ କରିବ । ବାପା କିନ୍ତୁ ପଚାରନ୍ତି ନାହିଁ । ଶାନ୍ତା ଚିଠି ଦିଏ । ଲେଖି ପଠାଏ ସତ୍ୟ ଆଜି କାଲି ବହୁତ ପଢାପଢି କରୁଛି । ଘରେ ଟିକିଏ ବସିବାକୁ ସମୟ ପାଉନାହିଁ । କିଶୋର ଥିସିସ୍ ଲେଖୁଛି । ସୁମୀ ଚିଠି ଦେଇଛି । ତାକୁ ଡାକ୍ତରଖାନାଟା ବିଷ ପରି ଲାଗୁଛି । ଖାଲି ସବୁବେଳେ କିଚିରି ମିଚିରି କରୁଛନ୍ତି ତା'ର ଏ ରୋଗୀ ଗୁଡ଼ାକ । ମାଧବ ପ୍ରମୋଶନ ପାଇଛି । ତା'ର ମନ ଉତ୍‌ଫୁଲ୍ଲ ଅଛି । କିନ୍ତୁ ଗୋଟିଏ ଲୋକ ଶରତ୍ । ସବୁ ଭିତରେ ଥାଇ ମଧ୍ୟ ନିର୍ବିକାର । କଲେଜ ଯାଏ, ଭଲ ପାଠ ପଢାଏ, କିନ୍ତୁ ସବୁଠାରୁ ସେ ଯେପରି ଦୂରରେ । ଖାଲି ସତ୍ୟ ଓ ଶାନ୍ତାଙ୍କୁ ମାନି ରହିଥାଏ ମାତ୍ର ।

ଶ୍ୟାମ ମଉସା ଶରତ୍‌ର ଜମିବାଡି ବିଷୟ ନେଇ କେଶ୍ ଚଳାଇଛନ୍ତି । ଦୁଇଥର ତାରିଖ ହୋଇଗଲାଣି । ସତ୍ୟର ଜମିବାଡ଼ି ବିଷୟରେ ସେ ବିଲ୍‌କୁଲ୍ ମୁଣ୍ଡ ପୂରାଉ ନାହିଁ । ମାଆ ମରିବା ପରଠାରୁ ଆଉସେ ଗାଁଆ ମାଡିନାହିଁ । କିଶୋର ବେଳେ ବେଳେ ତା ଗାଁଆକୁ ଯାଇ ଜମିବାଡି କଥା ବୁଝେ । କହେ ମୋର ଖାଲି ଅଳ୍ପ କେତେ ଦିନକଥା । ନିତୁ ମଣିଷ ହୋଇଯାଉ, ମୀନୁ ବାହା ହୋଇଯାଉ । ତା'ପରେ ଜମିବାଡ଼ି ଚାକିରି ଛାଡ଼ି ମୁଁ ଚାଲିଲି ପଦଯାତ୍ରାରେ । ତାକୁ ସମସ୍ତେ ଏ କଥା କହି ମଜା କରନ୍ତି ।

ମାଉସୀ ଥରେ ଲେଖିଥିଲେ ଛବିଟି ଭାରି ସୁନ୍ଦର ଓ ଗୁଣର । ସୁକୁ ସେଠାରେ ବିବାହ କରୁ । ସୁକାନ୍ତ ଲେଖିପଠାଏ ଏତେ ତରବର କାହିଁକି !

ବେଳେ ବେଳେ ଏକୁଟିଆ ଘରେ ବସି ଭାବିଯାଏ ତା'ର ବିଗତ ଦିନ ଗୁଡିକର କଥା ସନ୍ଧ୍ୟାର ହସ ହସ ମୁହଁ ଆସି ଦେଖାଦିଏ ମନରେ । ଯେପରି ସେ ଆସି କହିଯାଉଛି "ମୋ କଥା କ'ଣ ମନେ ପଡୁଛି ? ଏଇ ଦେଖ, ମୁଁ ତୁମରୁ, ଯୁଗ ଯୁଗ ଧରି । ତୁମକୁ ଅପେକ୍ଷା କରି ରହିଥିବି । ମୋତେ ଛାଡିଯିବ ନାହିଁ ପ୍ରିୟ ମୋର ।" ଚମକି ପଡ଼େ । ଚାରିଆଡେ ଚାହିଁ ଦେଖେ । ଦୀର୍ଘ ଆଠବର୍ଷ ହୋଇଗଲାଣି । କେତେ ସ୍ମୃତି ହଜିଗଲାଣି ସମୟର ସ୍ରୋତରେ । କିନ୍ତୁ ସନ୍ଧ୍ୟା ? ଚିରଦିନ ସେ ରହିଥିବ ସୁକାନ୍ତ ପାଖରେ । ସେ ସନ୍ଧ୍ୟାକୁ ପ୍ରତାରଣା କରିବ ନାହିଁ । ନିଜକୁ ଭୁଲେଇ ଦେବା ପାଇଁ ଚେଷ୍ଟା ମଧ୍ୟ କରିବ ନାହିଁ । ଆଦ୍ୟ ଯୌବନର ସେଇ ବର୍ଷେ କେତେ ମାସ ତାର ଜୀବନର ସବୁଠାରୁ ସୁନ୍ଦର ଦିନ । ଆଜିର ଏ ପ୍ରାଚୁର୍ଯ୍ୟ ମଧ୍ୟରେ ସେ ହୋଇ ପଡ଼ିଛି ଅତି ନିଛାଟିଆ, ଏକାକୀ, ଏତେ ବନ୍ଧୁତାର, କିନ୍ତୁ ସମସ୍ତେ ଦୂରରେ । ଏଇ କମ୍ପାନୀ, ଏଠାରେ ଭାରତୀୟ କର୍ମଚାରୀମାନେ ତାକୁ ଭାରତୀୟ ଭାବରେ ମଣନ୍ତି ନାହିଁ ।

ନିଜେ ଯେତେ ସୁନ୍ଦର ଜର୍ମାନ କରିପାରିଲେ ମଧ୍ୟ ସେ ଜର୍ମାନ ହୋଇ ପାରିବ ନାହିଁ । କେବଳ ସେଥିପାଇଁ ସେ ଛାଡ଼ି ଚାଲି ଆସିଲା ଜର୍ମାନୀରୁ । ସେ କେଉଁ ଦେଶର ନୁହେଁ । ସେ ଗ୍ରହଣ କରିପାରୁ ନାହିଁ ଏ ଦେଶରେ ଥିବା କୁସଂସ୍କାର । ଆଜି ଏହି ବିଂଶ ଶତାବ୍ଦୀର ଆଧୁନିକ ଦଶନ୍ଧୀରେ ମଣିଷ ଯିବ ଚନ୍ଦ୍ରକୁ । କିନ୍ତୁ ପ୍ରତି ଗାଁଆରେ ଶହ ଶହ ଠାକୁର ଠାକୁରାଣୀ, ବାସେଳି, ମଣ୍ଡାଖାଇ, କୋଚିଲାଖାଇ - ଏହା ସବୁ କ'ଣ ତା'ର ପରମ୍ପରା । ଏହା ସବୁ

Digitized by PPRACHIN, SOA

ନେଇ କଣ ଭାରତର ତଥାକଥିତ ଗୌରବମୟ ଦିନ ଗଢି ଉଠିଥିଲା ? ତାର ନିଜ ପ୍ରଦେଶଟି, ଯାହା ନେଇ ପିଲାଦିନୁ ସେ ଗର୍ବ କରି ଆସିଛି ସେଠାରେ ଗୋଟିଏ ଜାତୀୟ ପର୍ବ ନାହିଁ । ଥରେ ପଢିଥିଲା ରଜ ତାଙ୍କର ଜାତୀୟ ପର୍ବ । କାହିଁ ଉତ୍ତର ଓଡ଼ିଶା, ଦକ୍ଷିଣ ଓଡ଼ିଶା କିମ୍ବା ପଶ୍ଚିମ ଓଡ଼ିଶା କେଉଁଠାରେ ତ ଏହା ପାଳନ କରାଯାଏନି । ବଙ୍ଗାଳୀମାନଙ୍କୁ ଅନୁକରଣ କରି କଟକରେ ଦୁର୍ଗାପୂଜା ହୁଏ । ଆଜିକାଲି ଅନେକ ଜାଗାରେ ହେଲାଣି । କିନ୍ତୁ ଏହା ଓଡ଼ିଶାର ଜାତୀୟ ପର୍ବନୁହେଁ । କୁମାର ପୂର୍ଣ୍ଣିମା ତାର ପିଲା ଦିନର ଖୁବ୍ ପ୍ରିୟ ପର୍ବ ଥିଲା । ପିଲାଠାରୁ ବଡ଼ ସମସ୍ତେ ନୂଆ ଲୁଗା ପିନ୍ଧିବେ, ରାତି ସାରା କୁହାଟ ମଲ୍ଲୀ, ତାସ ଇତ୍ୟାଦି ଖେଳିବେ । କିନ୍ତୁ ତା' ମଧ୍ଯ କେତୋଟି ଅଞ୍ଚଳରେ ସୀମିତ । ଏଠାରେ ଗାଆଁ ଗାଆଁ ମଧ୍ୟରେ ପର୍ବ ପର୍ବାଣୀରେ ପାର୍ଥକ୍ୟ । ଆଜି ମଧ୍ୟ ଗାଆଁ ମାନଙ୍କରେ କାଳେସୀ ବିଜେ ହେଉଛନ୍ତି, ବେତ ଧରି ନାଚି ନାଚି ରାସ୍ତାରେ ଯାଉଛନ୍ତି । ଠାକୁରାଣୀଙ୍କ ସିନ୍ଦୂର ମୁଣ୍ଡରେ ମାରି ଲୋକେ ଅନୁକୂଳ କରୁଛନ୍ତି ଓ ଠାକୁରାଣୀଙ୍କ ପାଖରେ ବୋଦା ବଳି ଦେଉଛନ୍ତି । ଏସବୁ କେଉଁ ଦର୍ଶନ ସେ ବୁଝିପାରେ ନାହିଁ । ଏହା ପଛରେ ସେହି ମାହାବାକ୍ୟ କେତେଦୂର ପ୍ରକୁଜ୍ୟ ? ସର୍ବେ ଭବନ୍ତୁ ସୁଖନୋ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।" ପିଲାଦିନେ ବ୍ରତ ହେଲା ପରେ ତାକୁ ଗାଆଁରେ ବୁଢାମାନେ କହିଥିଲେ ସକାଳୁ ସନ୍ଧ୍ୟାର୍ପଣ କରିବାକୁ । ସେ ମନେ ରଖି କରି ପାରେନି । ଗାଳି ଶୁଣେ, ଥରେ ତା ଅର୍ଥ ବୁଝିବାକୁ ଚେଷ୍ଟା କରିଥିଲା । କିନ୍ତୁ ତାର ଖିଅ ଯୋଡି ପାରିଲା ନାହିଁ । ତାରିଣୀ ଆପଣେ ସଂସ୍କୃତ ପଣ୍ଡିତ । ତାଙ୍କୁ ପଚାରିଥିଲା ସେ କହିଥିଲେ "ଏସବୁ ମହାମନ୍ତ୍ର, ଏହାର ଅର୍ଥ ଜାଣିବା ଦରକାର ନାହିଁ ।" କିନ୍ତୁ ତା ମନ ମାନିଲା ନାହିଁ ସେଦିନଠାରୁ ସେ ଆଉ ସନ୍ଧ୍ୟାର୍ପଣ କଲା ନାହିଁ । ଏସବୁ ଅନ୍ଧ ବିଶ୍ୱାସ ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ମଧ୍ୟ ଥିଲା । ଷୋଡଶ ଶତାବ୍ଦୀର ନବ ଜାଗରଣରେ ଅନ୍ଧ ବିଶ୍ୱାସ ଚାଲି ଯାଇଛି । ସେଠାରେ ଭୂତ, ପ୍ରେତ, ଚଣ୍ଡୀ, ଡାହାଣୀ ଇତ୍ୟାଦି କିଛି ନାହାନ୍ତି । ଏହି ଭାରତବର୍ଷ, ବିଶେଷ କରି ଓଡ଼ିଶାରେ ସମଗ୍ର ପୃଥିବୀରେ ଭୂତ, ପ୍ରେତ, ଚଣ୍ଡୀ, ଡାହାଣୀ, ଚିରଗୁଣି ବସା ବାନ୍ଧି ରହିଛନ୍ତି । ଲୋକଙ୍କୁ ଆକ୍ରମଣ କରୁଛନ୍ତି । ଲୋକେ ଡରି କରି ମରୁଛନ୍ତି କିମ୍ବା ଗୁଣିଆ ତାଙ୍କ ନିଜକୁ ଝଡାଉଛନ୍ତି ।

ବେଦ ସବୁଠାରୁ ବଡ ଧର୍ମଗ୍ରନ୍ଥ ବୋଲି ସମସ୍ତେ କହୁଛନ୍ତି । କିନ୍ତୁ କେତେଜଣ ବେଦ ପଢିଛନ୍ତି ? ପ୍ରତ୍ୟେକ ସାକ୍ଷର ଖ୍ରୀଷ୍ଟିଆନ୍ ବାଇବେଲ୍ ପଢିଛି । ଯେଉଁମାନେ ନିଜ ଧର୍ମର ଅର୍ଥ କ'ଣ ନ ଜାଣନ୍ତି ସେଇମାନେ ମାଡି ବସିଛନ୍ତି ଜାତିର ସମାଜପତି ଆସନ । ଫଳରେ ସବୁ ଧ୍ୱଂସ ହୋଇ ଯାଉଛି ଜାତିର ସ୍ୱାତନ୍ତ । ଏମାନେ ଖାଲି ପାରାସାଇଟ୍, ପଙ୍ଗୁ, ଅଥର୍ବ । ଏଇମାନେ ଚାହିଁ ବସିଛନ୍ତି ମାଳିକା ବଚନକୁ । ନିଜ ଭିତରେ କିନ୍ତୁ ଯେତେ ଶକ୍ତି ଅଛି ନିଜକୁ ପଚାରୁ ନାହାନ୍ତି । ଆଉ ଦେଶର ତଥା କଥିତ ଶିକ୍ଷିତ ସମାଜ କରୁଛନ୍ତି କଣ ? ଆରାମ ଚଉକିରେ ବସି ଚା' କପ ଉପରେ ବଡ ବଡ କଥା କହିବା । ଯଦି ଆମେରିକାରେ ଏକଥା ହୋଇ ପାରିଲା ଆମ ଦେଶରେ କାହିଁକି ନହେବ । କରିବ କିଏ, ସ୍ୱାର୍ଥତ୍ୟାଗ ପାଇଁ ଆଗଭର ହେବ କିଏ ? କେହି ନୁହେଁ । ଏ ଜାତିର ଏକତା ନାହିଁ । ଏ ଜାତି ଅନ୍ତଃଶୂନ୍ୟ । ମୂର୍ଖଭଳି ଏମାନେ ବସାନ୍ତି ସାଧାରଣ ଲୋକଙ୍କୁ ଦେବତା ଆସନରେ ଓ ଆରମ୍ଭ ହୁଏ ବୀର ପୂଜା ବା

Digitized by PPRACHIN, SOA

ହିରୋ ୱର୍ଶିପ୍ । ମଧ୍ୟଯୁଗରେ ଲୋକେ ଠାକୁରାଣୀ ସବୁ ଆବିଷ୍କାର କରିଥିଲେ, ଆଉ ଏମାନେ ଗଢି ଚାଲିଛନ୍ତି ନର ଦେବତା । ଏହାର ଅନ୍ତ କାହିଁ ?

ରାତି ଗଭୀର ହୋଇଯାଏ । ସବୁ ଶୁନ୍‌ଶାନ୍, କିନ୍ତୁ ଆଖିକୁ ନିଦ ଆସେ ନାହିଁ । ଟେପ୍ ରେକର୍ଡର ଲଗାଏ, ଚେକୋଭ୍‌ସ୍କିଙ୍କର ନଟ୍ କ୍ରାକର ସୁଟ୍ କି ବେଥୋଭେନ୍‌ଙ୍କର ପଞ୍ଚମ ସିଂଫୋନୀ କିମ୍ବା ମୋଜାର୍ଟଙ୍କ ଅମର ସଙ୍ଗୀତ, ୟେହୁଦୀ ମେନୁହିନ୍‌ଙ୍କର ବେହେଲାରେ ବାଖ୍‌ଙ୍କର ଅମୃତମୟ ସଙ୍ଗୀତ ଅବା ବର୍ଲିନ୍ ଫିଲ୍ ହାର୍ମୋନିକ୍ ଅର୍କେଷ୍ଟ୍ରାର ପିଆନୋକନ୍‌ସର୍ଟ ଏହି ନିର୍ଜୀବ ମୁହୂର୍ତ୍ତ ଗୁଡିକୁ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନାରେ ଭସାଇ ଦିଏ ଓ ନିଜକୁ ହରାଇ ଦିଏ । ମନର କଷ୍ଟସବୁ ସଙ୍ଗୀତର ସ୍ରୋତରେ ବହିଯାଏ । ଆଖି ତାର ପଡିଆସେ, ଗୋଟିଏ ଦିନ ଚାଲିଯାଏ କାଳ ସ୍ରୋତରେ, ତା'ର ଆଉ ପତ୍ତା ମିଳେ ନାହିଁ ।

କାରଖାନା ଗଢିବାର ଶେଷ ପର୍ଯ୍ୟାୟ ହେଲାଣି । ଏଥର ଆରମ୍ଭ ହେଲା ସୁକାନ୍ତର ଅସଲ କାମ । ଦେଶସାରା ବୁଲି ବୁଲି ପ୍ରଚାର କରିବାକୁ ହେବ ସେମାନେ କ'ଣ କରିପାରନ୍ତି । ଖବର କାଗଜରେ ଟେଣ୍ଡର ନୋଟିସ୍ ଦେଖି ଆବଶ୍ୟକୀୟ ଟେଣ୍ଡର ଦେବାକୁ ପଡ଼ିବ । ଭିନ୍ନ ଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଯାଇ କହି ବୁଲିବାକୁ ପଡ଼ିବ । ଅର୍ଡର ଆଣିବାକୁ ପଡ଼ିବ । ସେଇ ଅନୁଯାୟୀ ଡିଜାଇନ୍ କରିବାକୁ ପଡ଼ିବ । ତେବେ ଯାଇ କାରଖାନାର ମେସିନ୍ ସବୁର ବିନିଯୋଗ ହେବ । କମ୍ପାନୀର ଲାଭ ହେବ । କମ୍ପାନୀ ଆଗକୁ ମାଡ଼ି ଚାଲିବ ।

ସେ ଆରମ୍ଭ କଲା ଯାତ୍ରା । ସାଥିରେ ଦୁଇଜଣ ଇଞ୍ଜିନିୟର । ସେମାନେ ଆଜିକାଲି ଅନେକ କାମ ଶିଖିଗଲେଣି । ସୁକାନ୍ତ ବିମାନରେ ଯାଏ, ନଚେତ୍ ଟ୍ରେନ୍‌ରେ ଏୟାର କଣ୍ଡିସନ୍ କ୍ଲାସରେ । ବଡ଼ ବଡ଼ କଥାକହେ । ଲୋକମାନଙ୍କୁ କାରଖାନାର ଉତ୍କୃଷ୍ଟତା ବିଷୟରେ ବକ୍ତୃତା ଦିଏ, ନିଜ ଜିନିଷର ତାରିଫ୍ କରେ । ସରକାରୀ ସଂସ୍ଥାକୁ ଗଲେ ବଡ଼ ବଡ଼ ଅଫିସର୍ ମାନଙ୍କ ସକାଶେ କିଛି ନା କିଛି ନେଇଯାଏ । ସମସ୍ତଙ୍କୁ ଖୁସି ରଖିବାକୁ ପଡ଼େ । ଅନେକ ସମୟରେ ଟେକ୍‌ନିକାଲ୍ ସେମିନାର୍ ଅର୍ଗାନାଇଜ୍ କରାଏ । ଅଧିକାଂଶ ଜାଗାରେ ସେ ଯାହା ଚିଠି ଲେଖିଥାଏ ଭଦ୍ରବ୍ୟକ୍ତିମାନେ ଭଲ କରି ପଢି ବି ନଥାନ୍ତି । ଭଲ କରି ବୁଝାଏ । ସନ୍ଧ୍ୟାବେଳେ ସେମାନଙ୍କୁ ନେଇ ଭଲ ଭଲ ରେଷ୍ଟୋରାଁରେ ବସାଇ ହ୍ୱିସ୍କି ପିଆଏ ଓ ଡିନର ଦିଏ । ସମସ୍ତେ ତାଙ୍କୁ ଜ୍ଞାନୀ ଇଞ୍ଜିନିୟର ଭାବରେ ଶ୍ରଦ୍ଧା କରନ୍ତି । ସେ କିନ୍ତୁ ମନେ ମନେ ଖୁସି ହୁଏନାହିଁ । ତା'ର ଜ୍ଞାନର ପରିସର ଏତେ ନୁହେଁ ଯାହା ଏମାନେ ଭାବନ୍ତି । ତେବେ ବି ସେ ଆଉରି ମନୋନିବେଶ କରି ପଢାପଢି କରେ । ନିଜର ଜ୍ଞାନକୁ ଅପ୍‌ଟୁଡେଟ୍ କରି ରଖେ । ବେଳେ ବେଳେ ବିଭିନ୍ନ ଜାଗାକୁ ନିଜ ଇଞ୍ଜିନିୟରମାନଙ୍କୁ ପଠାଇଦିଏ । ସବୁଠାରେ କିନ୍ତୁ ତାର ଉପସ୍ଥିତି ପାଇଁ ଡାକରା ଆସେ । ଏ ସବୁ ଉପରେ କାରଖାନାର କାମ । ଟିକିଏ ଫୁରୁସେତ୍ ମିଳେ ନାହିଁ ।

ଭାରତର ପ୍ରଥମ ଟେଣ୍ଡରରେ ତାର ଅଭିଜ୍ଞତା ମଧ୍ୟ ଅଭୁଲା । ସରକାରୀ ସଂସ୍ଥା । ଅନେକ ଟେଣ୍ଡର ଆସିଛି । ଟେଣ୍ଡର ଖୋଲା ହେଲା ସବୁରି ଆଗରେ । ଅଧିକାଂଶ ଟେଣ୍ଡର ସ୍ପେଶିଫିକେଶନ୍ ସହିତ ମିଳୁନାହିଁ । ତେଣୁ ସେ ପଚାରିଲା ଏଠାରେ ଟେଣ୍ଡର ବଛାହୁଏ କିପରି । ଶୁଣିପାରିଲା ଟେକ୍‌ନିକାଲ୍ ଓ ଫାଇନାନ୍ସିଆଲ୍

Digitized by PPRACHIN, SOA

ଆନାଲିସିମ୍‌ରେ ଯିଏ ଆଗରେ ରହିଲା ସେ ପାଇବ ଅର୍ଡର । ଏଇ ଆନାଲିସିସ୍‌ରେ ବାହାଦୁରୀ ଅଛି । ଅତି ସୁବିଧାରେ ଯାହାକୁ ହେଲେ ଅର୍ଡର ଦେଇହେବ ଯଦି ମନ୍ତ୍ରୀ ଆଗ୍ରହୀ ଥାଆନ୍ତି । ମନେ ମନେଭାବିଲା ଡିରେକ୍ଟର ଲାଙ୍ଗ୍‌ଙ୍କ କଥା । କମ୍ପାନୀର ପଇସା ବଞ୍ଚେଇବା ପାଇଁ କେତେ ପ୍ରଚେଷ୍ଟା । ଆଉ ଏଠାରେ । ନିଜେ ଏ ସବୁରେ ନୂଆ । ସ୍ଥାନୀୟ ଏଜେଣ୍ଟ ଜରିଆରେ ଧରାଧରି ହେଲା । ଏମାନେ କଣ୍ଟ୍ରାକ୍ଟ ପାଇଲେ । ଏଜେଣ୍ଟ ଶତକଡ଼ା ୫ ଭାଗ ନେଲା । କହିଲା ସେଥିରୁ ଦୁଇ ତୃତୀୟାଂଶ ଅନ୍ୟମାନଙ୍କୁ ଲାଞ୍ଚ ଦେବ । ଦେଲା କି ନଦେଲା ସୁକାନ୍ତ ଜାଣେନି । କିନ୍ତୁ ସେଇ ଦିନଠାରୁ ସେହି ସଂସ୍ଥାରେ ସେ ଜଣେ ଉଚ୍ଚକୋଟୀର ଇଞ୍ଜିନିୟର ଭାବରେ ପରିଚିତ ହେଲା ।

ଏହାହିଁ ଭାରତ । ତିନିଟା କାହିଁକି ପନ୍ଦରଟା ପଞ୍ଚବାର୍ଷିକ ଯୋଜନା ଗଲେ ମଧ୍ୟ ଉନ୍ନତି ହେବ ନାହିଁ । ସେଦିନ ଜଣେ ନେତା ବକ୍ତୃତା ଦେଉଥିଲେ ଯେ ଆଜିକାଲି ଅନେକ ଲକ୍ଷପତି ଓ କୋଟିପତି ଅଛନ୍ତି ଯେଉଁମାନେ ସ୍ୱାଧୀନତା ପୂର୍ବରୁ ଦରିଦ୍ର ଥିଲେ । ସେମାନେ ଏତେ ସମ୍ପତ୍ତିର ମାଲିକ କିପରି ହେଲେ ତାର ଅନୁସନ୍ଧାନ କରାଯାଉ । କିନ୍ତୁ ଅନୁସନ୍ଧାନ ହେବ ନାହିଁ ।

ନିଜ ଅନୁଷ୍ଠାନରେ ସୁକାନ୍ତକୁ ସମସ୍ତେ ଜାଣନ୍ତି ଖୁବ୍ ଡାଇନାମିକ୍ ଓ ଡ୍ୟାଶିଙ୍ଗ୍ । ତା'ର କାରଣ ହୁଏତ ଏଇ ଯେ ସବୁ ପନ୍ଥା ସେ ନିଜେ ଠିକ୍ କରେ ଓ ତା ଗଗତାନୁଗତିକ ପନ୍ଥାଠାରୁ ଅଲଗା । ବେଳେବେଳେ ଏତେ ଅଲଗା ଯେ ତାକୁ ଅନେକ ସମାଲୋଚନା ମଧ୍ୟ ଶୁଣିବାକୁ ପଡ଼େ ।

ଥରେ ମ୍ୟାନେଜ୍‌ମେଣ୍ଟ କୋଅର୍ଡିନେଶନ୍ କମିଟିରେ ସ୍ୱାଇଡର ତାକୁ କହିଥିଲେ "ତୁମେ ଏତେ ଅର୍ଡର ଆଣୁଛ । ଆମେ ହୁଏତ ଠିକ୍ ସମୟରେ ଦେଇ ପାରିବୁ ନାହିଁ । ତା ବାଦ୍ ଶ୍ରମିକମାନେ ଆଜି ବେଶୀ ପରିଶ୍ରମ କରୁଛନ୍ତି । ସେଥିପାଇଁ ଦିନେ ନା ଦିନେ ଅସନ୍ତୋଷ ଦେଖାଯିବ । ହୁଏତ ଷ୍ଟ୍ରାଇକ୍ ହେବ । ତୁମେ ଟିକିଏ ନିଜର ଗତି ଶିଥିଳ କରିଦେଲେ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି ।" ସୁକାନ୍ତ ହସି ହସି କହିଥିଲା "ସ୍ୱାଇଡର, ଗତି ଶିଥିଳ କରିବା ପାଇଁ କମ୍ପାନୀ ମୋତେ ଏତେଗୁଡ଼ାଏ ପଇସା ଦେଉ ନାହିଁ, ଆଜି ବଜାରରେ ଦେଖ, ମୋ ଠାରୁ ଆଉରି ବେଶୀ ଅଭିଜ୍ଞ ଇଞ୍ଜିନିୟର ମୋ ଦରମାର ତିନିଭାଗରୁ ଭାବେ ବି ପାଉନାହାନ୍ତି । କାହିଁକି ଜାଣିଛ ? ଗତି ଶିଥିଳ କରିଛନ୍ତି ବୋଲି । କାରଖାନା ଚାଳନା ଗୋଟିଏ ଡାଇନାମିକ୍ ଜିନିଷ । ତୁମେ କହୁଛ ଠିକ୍ ସମୟରେ ଜିନିଷ ଯୋଗାଇ ପାରିବ ନାହିଁ, କାହିଁକି ? ଏ କାରଖାନାରେ ଅବରୋଧ ବା କନ୍‌ଷ୍ଟ୍ରେଣ୍ଟ ସବୁ ଦେଖିଛ ? ମୋ ତିଆରି ପର୍ଟ ଚାର୍ଟ ଗୁଡ଼ାକରେ ଆଖି ପକାଇଛ ? ତୁମର ଇନ୍‌ଭେଣ୍ଟ୍ରି କଣ୍ଟ୍ରୋଲ୍ ଅତି ପୁରାତନ ଯୁଗର ପନ୍ଥା । ଏତେ ନୂତନ ମେସିନ୍ ରଖି ମଧ୍ୟ ଗୋଟିଏ ଗୋଟିଏ ଛୋଟ ଜିନିଷ ପାଇଁ ଦିନଦିନ ଧରି ଅପେକ୍ଷା କରିବାକୁ ପଡୁଛି । ମୁଁ ଜାଣିଛି ବେକରର୍ ଗୋଟିଏ ଛୋଟ ତାଲିକାକୁ ତୁମେ ଅଗ୍ରାହ୍ୟ କରିଦେଲ, କାହିଁକି ନା ନିସ୍‌ଓ୍ୟାଣ୍ଡ କହିଲା ଏତେ ଗୁଡ଼ାଏ ପଇସା ବନ୍ଦ କରି ରଖିବା ଉଚିତ ନୁହେଁ । ଯେଉଁଠାରେ ତୁମେ କୋଟି କୋଟି ଟଙ୍କାର ବ୍ୟବସାୟ କରିବ ସେଠାରେ ଦୁଇ ତିନି ଲକ୍ଷ ଟଙ୍କା ତୁମକୁ ହୋଇ ପଡ଼ିଲା ବୋଝ । ଚିନ୍ତା କରି ଦେଖ ଅବରୋଧ କେଉଁଠାରେ । ବେକରର୍ ହାତ ଗୋଡ଼ ବାନ୍ଧି ଦେଲେ ସେ

Digitized by PPRACHIN, SOA

ଉତ୍ପାଦନ କେବେ ଦେଇ ପାରିବ ନାହିଁ ।" ବହୁତ ଯୁକ୍ତି ତର୍କ ଚାଲିଲା । ଶେଷକୁ ବେକର ପ୍ରସ୍ତାବ ସବୁ ଗୃହୀତ ହୋଇଗଲା, ଇଞ୍ଜିନିୟର ମାନେ ହିଁ ଜିତିଲେ ।

କାରଖାନାରେ କଳି ତକରାଳ ହୁଏ, ପାଟି ତୁଣ୍ଡ ହୁଏ । କିନ୍ତୁ କାରଖାନାର ବାହାରକୁ ଆସିଲେ ସବୁ ଭୁଲିଯାଅ । ସମସ୍ତେ ବନ୍ଧୁ, ସେହି ତାସ୍ ଖେଳା, ତାପ ନଚେତ୍ ସାଙ୍ଗ ହୋଇ ପିକ୍‌ଚର ଦେଖିବା, ସମସ୍ତେ ହସ ଖୁସି କାରଖାନା ବାହାରେ । ସୁକାନ୍ତ ସବୁରି ସାଙ୍ଗରେ ମିଶିଯାଏ ।

ଶ୍ରୀମତୀ ସ୍ନାଇଡର ବେଳେ ବେଳେ ପଚାରନ୍ତି ସେ ବିବାହ କରୁ ନାହିଁ କାହିଁକି ତା'ର ମୁଣ୍ଡରେ ଚିନ୍ତା କିଛି ନାହିଁ । ଏଥର ଘରଦ୍ୱାର କରିବା ଦରକାର ।

ଶାନ୍ତା ଚିଠି ଲେଖିଥିଲା ଏବେ । ତା'ର ସବୁ ପ୍ରଶ୍ନର ଉତ୍ତର ଯେପରି ଚିଠିରେ ଥିଲା । "ତୁମେ ଭାବିଛ ଚିରଦିନ ସନ୍ଧ୍ୟାର ସ୍ମୃତିକୁ ମନରେ ଧରି ରଖିଥିବ । କିନ୍ତୁ ତୁମ ପରିବାର ପ୍ରତି କିଛି ଯେ କର୍ତ୍ତବ୍ୟ ଅଛି ସେ କଥା କାହିଁକି ବୁଝୁନାହଁ । ଘରେ ବାପା ଓ ମାଆ ବୁଢା ବୁଢୀ ହେଲେଣି । ତାଙ୍କ ମନରେ ସବୁବେଳେ ଅସନ୍ତୋଷ ଯେ ସେମାନେ ଥାଉ ଥାଉ ତୁମେ ନିଜର ପରିବାର ଗଢିପାରୁନ । କାଳସ୍ରୋତରେ ମଣିଷର ଜୀବନ ଯେ ଛୋଟ ସେକଥା ଭାବିଲେ ନିଜର ଏଇ ଦୁର୍ବଳତାକୁ ଭୁଲିଯିବାକୁ ହେବ ସୁକୁଭାଇ । ଦୁନିଆ ଭିତରେ ରହି ତୁମେ ଏସବୁ ଜଞ୍ଜାଳ ଛାଡ଼ି ପାରିବ ନାହିଁ । ଭଉଣୀ ହିସାବରେ ଅନେକଟା ଅଧିକାର ଅଛି ତର୍କ କରିବାକୁ । କିନ୍ତୁ ମୁଁ ତର୍କ କରିବାକୁ ଚାହେଁନା, ଚାହେଁ ତୁମର ସୁନାର ସଂସାର ହସି ଉଠୁ । ତୁମେ ବୁଦ୍ଧିମାନ, ତୁମେ ଦେଶ ବିଦେଶ ବୁଲିଛ । ଭଲ ଚାକିରି କରିଛ । କିନ୍ତୁ ଏଇ ସମାଜକୁ କିମ୍ବା ବାପାମାଆଙ୍କୁ ଦେଇଛ କଣ ? ମୋର ଛୋଟ କୁହାମାନ, ମୋ ପ୍ରସ୍ତାବରେ ରାଜି ହୁଅ । ତୁମର ଆଉ ଦିଓଟି ବନ୍ଧୁ ଶରତ୍ ଓ କିଶୋର । ସେମାନଙ୍କୁ କିଛି କହିଲେ ତୁମକୁ ଦେଖାଇ ଦିଅନ୍ତି । ସେତିକିରେ ତାଙ୍କ ମୁଣ୍ଡରୁ ସବୁ ବୋଝ ଚାଲିଗଲା ଯେପରି । ବିଶ୍ୱାସ କରିପାରିବ ନାହିଁ । କିଶୋର ଛୋଟ ଛୁଆଟିଏ ପରି । ଭଲ ଶିକ୍ଷକ ଅର୍ଥ ନୁହେଁ କ୍ଲାସ୍‌ରେ ଭଲ ପାଠ ପଢାଇଯିବ । ବ୍ୟକ୍ତିତ୍ୱ ରହିବା ଦରକାର । କିଶୋରର କିଛି ନାହିଁ, କିନ୍ତୁ ସେ ବିବାହ କଲେ ତାର ବ୍ୟକ୍ତିତ୍ୱ ଫୁଟି ଉଠିବ । କାରଣ ସେ ନିଜକୁ ଏତେ ଅସହାୟ ମନେ କରିବ ନାହିଁ । ଆଉ ଶରତ୍ । ମୁଁ ଜାଣେ ସେ କାହିଁକି ବିବାହ କରୁ ନାହିଁ । ନିଜ ଜୀବନର ହା ହୁତାଶ ତାକୁ ଜାଳି ପୋଡ଼ି ପାଉଁଶ କରି ଦେଉଛି । ତୁମେ ଯଦି ବିବାହ କର ତେବେ ସେ ବୁଝିବ 'ସୁକୁ ଯଦି ତା' ଜୀବନର ଧକ୍କାକୁ ଭୁଲି ପାରିଲା, ଶରତ୍ କାହିଁକି ପାରିବ ନାହିଁ ।' ତୁମେ ପାଞ୍ଚଜଣ ବନ୍ଧୁ । ବେଳେବେଳେ ବସି ମୁଁ ଅନୁଶୀଳନ କରେ ସବୁରି ମନସ୍ତତ୍ୱ । ଏହାହିଁ ମୋର ସିଦ୍ଧାନ୍ତ । ତେଣୁ ମୋର ଅନୁରୋଧ, ତୁମେ ବିବାହ କର । ସନ୍ଧ୍ୟାକୁ ଭଲପାଇବା ଆଦର୍ଶ ଜଡିତ ଥିଲା । ବାସ୍ତବ ଜଗତ୍‌ରେ ଏସବୁ ଆଦର୍ଶକୁ ପୋଡ଼ି ପାଉଁଶ କରିଦିଅ । ବାସ୍ତବତାର ସମ୍ମୁଖୀନ ହୁଅ । ତୁମଭଳି ଆତ୍ମନିର୍ଭରଶୀଳ ମଣିଷ ଯଦି ଏତିକି ନ ପାରିବ ତେବେ ପାରିବ କିଏ କୁହତ ?"

ଶାନ୍ତାର ଚିଠିଟିକୁ ଅନେକ ଥର ପଢିଲା । ସନ୍ଧ୍ୟାର ସ୍ମୃତି, ସେଇ କେତୋଟି ମାସର ଅଭୁଲା ମୁହୂର୍ତ୍ତ ଗୁଡାକ ତାକୁ ଅସ୍ଥିର କରି ପକାଉଛି । ଏଣେ ଜୀବନର ବିରାଟ ପ୍ରଶ୍ନବାଚୀ । ପରିବାର, ବାପା ମାଆ, ବିଚରା ଶରତ୍ ଓ କିଶୋର, ଶାନ୍ତା

Digitized by PPRACHIN, SOA

ସତ୍ୟ, ମାଧବ ଓ ସୁମୀ । ଠିକ କଲା କିଛି ଦିନ ଯାଇ ସମସ୍ତଙ୍କୁ ଦେଖା କରି ଆସିବ । ଛୁଟୀ ନେବା ଦରକାର ନାହିଁ । କମ୍ପାନୀ କାମରେ କଲିକତା, ରାଉରକେଲା ଓ ଭୁବନେଶ୍ୱର ଯାଇହେବ । ବହୁତ ଦିନ ହେଲା ଏସବୁ ଜାଗାକୁ ଯାଇନାହିଁ । କାମ ଭିତରେ କିଛି ଦିନ ଛୁଟୀ ନେଇଗଲେ ବି ଚଳିବ । ସାଥିରେ ଆଉ ଜଣେ ଇଞ୍ଜିନିୟର ବି ଯିବ ।

ଆଜିକାଲି ଦେଶର ବିଭିନ୍ନ ଜାଗାକୁ ବିମାନସବୁ ଚାଲିଲାଣି । ଆଗଭଳି ଦିନ ଦିନ ଧରି ଟ୍ରେନ୍‌ରେ ଯିବାକୁ ପଡୁନାହିଁ । ଜେଟ୍ ଯୁଗରେ ସମୟ ମହତ୍ୱ ଆଉରି ବଢିଗଲାଣି । ସେ ନିଜର ଯାତ୍ରା ଆରମ୍ଭ କଲା ।

ଆଶା ସହିତ ସାକ୍ଷାତ୍ ଆକସ୍ମିକ ନୁହେଁ । ଶାନ୍ତା ସବୁ ଯୋଗାଡ଼ କରିଥିଲା । ଆଶା ସେଇବର୍ଷ ଏମ୍.ଏ. ପରୀକ୍ଷା ଦେଇଥାଏ ଇତିହାସରେ । ଫଳ ଆଉ ମାସକରେ ବାହାରିବ । ଆଶା ସୁନ୍ଦରୀ । ଶାନ୍ତା ମତରେ ସେ ଭାରି ଭଲ ଝିଅଟିଏ । ବି.ଏ. ପଢିଲା ବେଳେ ଶାନ୍ତା ତାର ଇକନମିକ୍ସ୍ ପାଶ୍ କ୍ଲାସ୍ ନେଉଥିଲା । ତା'ର ମନ ଚାହିଁ ଝିଅଟିଏ । ସୁକାନ୍ତର ବାପା ଓ ମାଆ ରାଜି । ଶ୍ୟାମ ମଉସାଙ୍କର ଖୁବ୍ ଇଚ୍ଛା ବିବାହ ଯେତେ ଶୀଘ୍ର ହୋଇଗଲେ ଭଲ । ମଉସା ମାଉସୀ ମଧ୍ୟ ସେଇଆ ଚାହାନ୍ତି ।

ସାକ୍ଷାତ୍ ମଧ୍ୟ ହୋଇ ନଥିଲା ସାଧାରଣ କନ୍ୟା ଦେଖା ଭଳି । ଶାନ୍ତା ଆଶାକୁ ଘରକୁ ଖାଇବାକୁ ଡାକିଲା । ସମସ୍ତେ ଟେବୁଲ୍‌ରେ ବସି ଖାଇଲେ । ଗପସପ କଲେ । କିଶୋର ଗୀତ ଗାଇଲା । ପରେ ଶାନ୍ତା ନେଇ ଆଶାକୁ ତାଙ୍କ ଘରେ ଛାଡ଼ି ଦେଇ ଆସିଲା ।

ପରେ ସୁକାନ୍ତ ଶାନ୍ତାକୁ କହିଲା "ମୋର କିଛି ଆପତ୍ତି ନାହିଁ । କେତୋଟି ଜିନିଷ ବୁଝାଇ ଦେବା ଦରକାର । ତୁ ଜାଣୁ ମୁଁ ଜର୍ମାନମାନଙ୍କ ସାଙ୍ଗରେ ସବୁବେଳେ ଚଳୁଛି । ଆଶା ଯଦି ମୋତେ ବିବାହ କରେ ତେବେ ତାକୁ ମଧ୍ୟ ସେମାନଙ୍କ ମଧ୍ୟରେ ଚଳିବାକୁ ହେବ । ସେଥିପାଇଁ ତାକୁ ଜର୍ମାନ ଭାଷା ଶିଖିବାକୁ ପଡ଼ିବ । ଆଉ ତାକୁ ବୁଝାଇ ଦେବୁ ମୋର ଦୁନିଆ ପ୍ରତି ମତିଗତି । ନହେଲେ ପରେ ସେ ଭୁଲ ବୁଝିବ ।" ଶାନ୍ତା କହିଲା "ଆଶା ଖୁବ୍ ଚାଲାକ୍ ସୁକୁଭାଇ, ତୁମେ ବ୍ୟସ୍ତ ହୁଅନି, ଦେଖିବ କ'ଣ ହେବ ।"

କିଛିଦିନ ବୁଲାବୁଲି କରି ମନଟା ହାଲ୍‌କା ଲାଗିଲା । ଏଥର କାମ କରିବାରେ ଆଉରି ମନ ଲାଗିବ । ସୁକାନ୍ତ ଫେରି ଆସିଲା ବମ୍ବେ ଉପକଣ୍ଠରେ ଥିବା ସେହି ଛୋଟ କଲୋନୀଟିକୁ – ଯେଉଁଠାରେ ଅଛି ତା'ର ଛୋଟ ଘରଟି ।

ଅଫିସ୍ ଓ କାରଖାନାରେ କାମରେ ବ୍ୟସ୍ତ ରହି ସେ ପୁଣି ସବୁ ଭୁଲିଯାଏ ଦିନ ପହରଟା । ଗୋଡ଼ବୋଲେ ଭଲ କାମ କରୁନାହିଁ । ପ୍ରୋଜେକ୍ଟ କାମ ବେଳେବେଳେ ଢିଲା ହେଉଛି । ନିଜେ ନ ଦେଖିଲେ କାମ ଆଗକୁ ମାଡୁନାହିଁ । ଗୋଡବୋଲେ ବୟସରେ ଢେର ବଡ଼ । ରାଗୀ କରି ପଦେ କଥା କହିବାକୁ ଇଚ୍ଛା ହୁଏ ନାହିଁ । କିନ୍ତୁ ନୂତନ ରେୟନ୍ କମ୍ପାନୀର ପ୍ରୋଜେକ୍ଟକୁ ହାତରେ ନେଇ ଡିପାର୍ଟମେଣ୍ଟର ବଦନାମ ହେବା ଉପରେ । ସୁକାନ୍ତ ତାକୁ ଡାକି ଅନେକ ବୁଝାଇଲା । ପନ୍ଦରଦିନ ସମୟ ଦେଲା ଏ ବିପର୍ଯ୍ୟୟରୁ ଅବସ୍ଥା ସୁଧାରିବା ପାଇଁ । କିନ୍ତୁ ଫଳ କିଛି ହେଲା ନାହିଁ । ତାକୁ ଅନ୍ୟ କେଉଁ ବିଭାଗକୁ ବଦଳି କରିଦିଆଯାଉ । ସ୍ୱାଇଡର ଚାହିଁଥିଲେ ତାକୁ କାମରୁ ଅନ୍ତର କରିଦେବାକୁ ।

Digitized by PPRACHIN, SOA

କିନ୍ତୁ ସେ ଜଣେ କ୍ଷମତା ସମ୍ପନ୍ନ ବ୍ୟକ୍ତିଙ୍କର ସମ୍ପର୍କୀୟ । ତେଣୁ ତା କରି ହେବ ନାହିଁ । ତାକୁ ମ୍ୟାନ୍ ପାୱାର୍ ବିଭାଗରେ ରଖି ଦିଆଗଲା । ଗୋଡବୋଲେ ସେଥିପାଇଁ ଦୁଃଖ କରିନାହିଁ, କାରଣ ସେ ଜାଣିଛି ନିଜର ଦକ୍ଷତା ।

ଶର୍ମା ଖୁବ୍ ଭଲ ଇଞ୍ଜିନିୟର ହୋଇଗଲାଣି ଏହା ଭିତରେ । କିଭଳି କାମ କଲେ ପ୍ରୋଜେକ୍ଟ କାମ ଗୁଡିକ ସରଳ ହେବ ତା ସେ ଶିଖିଗଲାଣି । ସୁକାନ୍ତର ସେ ଦକ୍ଷିଣ ହସ୍ତ । ଶର୍ମା କିନ୍ତୁ ବେଶୀ ପରିଶ୍ରମ କରି ପାରେନାହିଁ । ତା'ର ବୋଧହୁଏ ଘରେ ଅନେକ ଘରେ ଅନେକ ସମସ୍ୟା । ଦିନେ ସେ ଠିକ୍ କଲା ଶର୍ମାକୁ ଡାକି ପଚାରିବ କାହିଁକି ସେ ଅନେକ ସମୟରେ ଅନ୍ୟମନସ୍କ ରହେ ।

ଦିନେ ସନ୍ଧ୍ୟାରେ ସେ ଆସିଲା ସୁକାନ୍ତ ଘରକୁ । ଦୁହେଁ ବସି ବିଅର ପିଇଲେ ଓ ଗପିବାକୁ ଆରମ୍ଭ କଲେ । ଶର୍ମାକୁ ଟିକିଏ ସୁଯୋଗ ମିଳିଲା ମନର କଥାସବୁ ଖୋଲି ଦେବାକୁ । ସେଦିନ ସନ୍ଧ୍ୟାରେ ସେ କହିଗଲା ନିଜ ଜୀବନର ଛୋଟ କାହାଣୀଟି । "ସେମାନେ ଚାରୋଟି ଭାଇ ଭଉଣୀ । ଶର୍ମା ସବୁଠାରୁ ସାନ । ମଧ୍ୟବିତ୍ତ ପରିବାର । ପ୍ରାଚୁର୍ଯ୍ୟ ନାହିଁ, କିନ୍ତୁ ଅଭାବ ଅନାଟନ ନାହିଁ । ସମସ୍ତେ ଭଲ ପାଠ ପଢନ୍ତି । ରକ୍ଷଣଶୀଳ ବ୍ରାହ୍ମଣ ଘରର ଚଳଣୀ । ପାଠପଢା ସାରି ଜଣେ ଜଣେ କରି ବିବାହ କରନ୍ତି ଓ ଘର ବାନ୍ଧନ୍ତି । ଶର୍ମା ଇଞ୍ଜିନିୟରିଂ ପାଶ୍ କଲା ଏବଂ ଯେଉଁଠାରେ କାମ ଆରମ୍ଭ କଲା ସେଠାରେ ଗୋଟିଏ ପାର୍ଶୀ ଝିଅ ମଧ୍ୟ କାମ କରୁଥିଲା । ଦୁହେଁ ଦୁହିଁଙ୍କୁ ଭଲପାଇ ବସିଲେ ଓ ଠିକ୍ କଲେ ବିବାହ କରିବେ । କିନ୍ତୁ ଘରେ କେହି ମଙ୍ଗିଲେ ନାହିଁ । ଏମାନେ ସିଭିଲ୍ ମ୍ୟାରେଜ୍ କରିନେଲେ । ବିବାହ ପରେ ଅବଶ୍ୟ ଘରେପରିସ୍ଥିତିଟା ଅନେକ ବଦଳିଗଲା । ବାପା ନିଜେ ଆସି ତାଙ୍କ ବୋହୂକୁ ଘରକୁ ନେଇଗଲେ । ବାପା ମରିଗଲା ପରେ ପୁଣି ଅବସ୍ଥା ବଦଳି ଗଲା । ଏବେ ଆଉ ତାର ଘରେ ସ୍ଥାନ ନାହିଁ । ସେ ଭାବୁଛି ରିତା (ଶର୍ମାର ସ୍ତ୍ରୀ) ଓ ତା ପାଇଁ ଦୁନିଆରେ ଯେପରି କେହି ନାହାନ୍ତି ।"

ସେଇ ପୁରୁଣା କହାଣୀ, ନୂତନ ଓ ପୁରାତନ ମଧ୍ୟରେ ସଂଘର୍ଷ । ଶର୍ମା ମାଛ ମାଂସ ଖାଏ, ଅନ୍ୟ ଧର୍ମରେ ବିବାହ କରିଛି । ତେଣୁ ଘରେ ତା'ର ସ୍ଥାନ ନାହିଁ । ସତ୍ୟର ମଧ୍ୟ ସ୍ଥାନ ନାହିଁ ତା ଘରେ । ଶରତ୍‌ର ମଧ୍ୟ ସ୍ଥାନ ନାହିଁ ନିଜ ଘରେ । କିଶୋରର ଘର ବୋଲି କିଛି ନାହିଁ । ସବୁଖାଲି ଛୋଟ ଛୋଟ ସ୍ୱାର୍ଥ, ଛୋଟ ଛୋଟ କଥାକୁ ନେଇ ଜଡ଼ିତ । ଏଇ ତାର ଦେଶ, ଏ ଦେଶରେ ବଂଚିବାକୁ ହେଲେ ତାରି ଭିତରେ ସେ ରହିବ ଓ ସବୁ ସହିନେବ ।

ସୁକାନ୍ତ କହିଥିଲା "କିଏ କହିଲା ତୁମର କେହି ନାହିଁ ? ମୁଁ ଅଛି ଯେ । ତୁମର ସୁଖ ଦୁଃଖ ଅଭାବ ଅସୁବିଧା ମୋ ପାଖରେ ଲୁଚାଇବ ନାହିଁ । ତୁମେମାନେ ମୋତେ ଦୂରେଇ ରଖ କାରଣ ମୁଁ ତୁମର ବିଭାଗୀୟ ମୁଖ୍ୟ ଓ ମୋର ସ୍ଥାନ ଜର୍ମାନ ଇଞ୍ଜିନିୟରମାନଙ୍କ ସାଙ୍ଗରେ ସମାନ । କିନ୍ତୁ ଅଫିସ୍ ବାହାରେ କିଏ କାହାର ମୁଖ୍ୟ ? ସମସ୍ତେ ସମାନ, ମୁଁ ଯଦି ତୁମକୁ ମିଷ୍ଟର ଶର୍ମା ବୋଲି ଡାକିବି, ତୁମେ ମଧ୍ୟ ମିଷ୍ଟର ଦାସ୍ ବୋଲି ଡାକିବ । କିନ୍ତୁ ଆମେ ଭାରତୀୟମାନେ ଏତିକି ପାରୁନା । ଅଫିସ୍, କାମ ଓ ଘର ସବୁ ଗୋଟିଏ ସ୍ତରର ରହିଯାଏ । ଶହଶହ ବର୍ଷର ଦାସତ୍ୱ ଆମକୁ ଚିରଦାସ କରି ପକାଇଛି । ଆମେ ସବୁ ଶିକ୍ଷିତ, ଆମେ ସବୁ ଗଢିବା ନୂଆ ସମାଜ । ତୁମେ ଜାତି ଓ ଧର୍ମକୁ

Digitized by PPRACHIN, SOA

ଦଳି ଦେଇଛି । କିନ୍ତୁ ତୁମ ମନରେ ଆଉରି ଜାତି ସବୁର ସୃଷ୍ଟି । ବଡ଼ ଅଫିସର ଛୋଟ ଅଫିସର, କିରାଣୀ ଓ ଶ୍ରମିକ । ସେଇ ଚାରି ଜାତି, ବଡ଼ ଅଫିସର ଛୋଟ ଅଫିସର ସାଙ୍ଗେ ମିଶିବ ନାହିଁ । ଛୋଟ ଅଫିସର କିରାଣୀ ସାଙ୍ଗରେ ମିଶିବ ନାହିଁ କିମ୍ବା କିରାଣୀମାନେ ଶ୍ରମିକ ମାନଙ୍କ ସାଥିରେ ମିଶିବେ ନାହିଁ । କାହିଁକି ଏସବୁ ? ସବୁ ଭୁଲି ନୂଆ ସମାଜ କଣ ଆମେ ଶିକ୍ଷିତ ଯୁବକ ସବୁ ଗଢି ପାରିବା ନାହିଁ ? ନିଶ୍ଚୟ ପାରିବା, ଦରକାର ମନର ବଳ ଏବଂ ଅହମିକାକୁ ଭୁଲିଯିବା ।”

ଶର୍ମା ଶୁଣି ନେଲା ସବୁ । ସେ କେବେ ଯୁକ୍ତିତର୍କ କରେନାହିଁ । ଖାଲି ଏତିକି କହିଲା “ଏଇ ଆଧୁନିକ ଜାତିର ସୃଷ୍ଟି ଆଜିର ଯନ୍ତ୍ର ବିପ୍ଳବର ଫଳ । ଏହାର ପରିଣତି ଭୟାବହ ହୋଇପାରେ । ଏହାକୁ ଭିତ୍ତି କରି ଆଜି ଶ୍ରମିକମାନେ ଟିକିଏ କଥାରେ ଧର୍ମଘଟ କରୁଛନ୍ତି । ଏଥିରୁ ବଞ୍ଚିବା ପାଇଁ ବୋଧହୁଏ ଏକମାତ୍ର ପନ୍ଥା କମ୍ୟୁନିଜିମ୍ ।” “ଯେଉଁ ଇଜିମ୍ କୁହ, ମଣିଷ ମଣିଷ ଭିତରର ପାର୍ଥକ୍ୟକୁ କେହି ଭାଙ୍ଗିପାରିବେ ନାହିଁ । ମଣିଷ ଯେତେ ଦିନ ଯାଏ ନିଜ ନିଜ ଭିତରର ମନଗଢ଼ା ପାଚିରିଗୁଡ଼ିକ ଭାଙ୍ଗି ନ ପାରିଛି ସେତେଦିନ ଯାଏ କିଛି ହୋଇପାରିବ ନାହିଁ । ଆଜିର ଶ୍ରମିକ ଆନ୍ଦୋଳନ ମୂଳରେ ଅଛି ଗୋଟିଏ ଜିନିଷ “ଫିୟର କମ୍ପ୍ଲେକ୍ସ” (fear complex) ଶ୍ରମିକ ଭାବୁଛି ସେ ସର୍ବହରା । ତା’ର ସାହା ଭରସା କିଛି ନାହିଁ । ତାକୁ ଯେ କୌଣସି କାରଖାନାରୁ ଟିକିଏ ଟିକିଏ କଥାରେ ବାହାର କରିଦିଆ ଯାଇପାରେ । ଫଳରେ ତା’ର ପିଲା ଛୁଆ ଓପାସ ରହିବେ । ସେଥିପାଇଁ ସେ ଦାବି କରି ଆସିଛି ଶ୍ରମିକ ଆଇନ୍ ସବୁ । କାହିଁକି ଏ ସବୁର ଦରକାର ? ଯଦି ଦେଶରେ ପ୍ରଚୁର କାମ ଥାଆନ୍ତା, ବେକାର କେହି ରହନ୍ତେ ନାହିଁ, ତେବେ ଏ ଭୟ ଆସନ୍ତା ନାହିଁ । କିନ୍ତୁ ଶ୍ରମିକ ଦେଖୁଛି ତା’ର ହାରି ଗୁହାରି ଶୁଣିବାକୁ କେହି ନାହିଁ । ତା’ର ଅଫିସର୍‌ମାନେ ଦରକାର ବେଳେ ତାଙ୍କୁ ଖଟାଇ ଖଟାଇ ଲହୁ ଲୁହାଣ କରିଦେବେ । କିନ୍ତୁ ସେମାନଙ୍କର ବିପଦ ବେଳେ କେବେ ଏମାନେ ପାଖରେ ଠିଆ ହୁଅନ୍ତି କି ? ସେମାନଙ୍କ ପର୍ବପର୍ବାଣୀରେ ସ୍ୱଚ୍ଛନ୍ଦ ଭାବରେ ମିଶିପାରନ୍ତି କି ? ଏହି ତଥାକଥିତ ଶିକ୍ଷିତ ସମାଜ, ଯାହାକୁ ତୁମେ ଏ ଦେଶର ବୁଦ୍ଧିଜୀବୀ ବୋଲି କୁହ ଗଢ଼ିଛନ୍ତି ଏ ସବୁ । ଏମାନେ ଯାଇ ଶ୍ରମିକ ମାନଙ୍କ ସାଙ୍ଗରେ ମିଳିମିଶି ଚଳିଲେ ଦେଖିବ ଅବସ୍ଥା କେତେ ସୁଧୁରିଯିବ । ଆମର ଲୋଡ଼ା ଏକ ଆଦର୍ଶ ଜନିତ ଲକ୍ଷ୍ୟ । ସଦ୍ଭାବ ଥରେ ହେଲେ ଆଇନ କାନୁନ୍‌ର ଆବଶ୍ୟକତା ପଡ଼େ ନାହିଁ । ତା ପରେ ଶ୍ରମିକମାନେ ହିଁ ସାହାଯ୍ୟ କରିବେ ମ୍ୟାନେଜ୍‌ମେଣ୍ଟକୁ । ଦରକାର ବେଳେ ଅଣ୍ଟାଭିଡ଼ି ଠିଆ ହୋଇପାରିବେ । ଏତେ ବଡ଼ ମଣିଷ ଶକ୍ତିକୁ (Man power) ତୁମେ ଶତ୍ରୁ କରି ରଖିଲେ ପାରିବ ନାହିଁ । ତାଙ୍କୁ ନିଜର କରିବାକୁ ପଡ଼ିବ । ଆଉ ଧର୍ମଘଟ ! ସେଇଟା ପାଣିର ଫୋଟକା ପରି ଚାଲିଯିବ । କିନ୍ତୁ ସେତିକି ଆମେ ପାରିବା ନାହିଁ । ଆମେ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଛୁ । ପେଣ୍ଟ କୋଟ ପିନ୍ଧୁଛୁ । ପଦେ ପଦେ କଥାରେ ଇଂରେଜି କବି କିମ୍ବା ଦାର୍ଶନିକଙ୍କ କଥା କହି ଯାଉଛୁ, ଆମ ସାଙ୍ଗରେ ଏଇ ମଳିମୁଣ୍ଡିଆ କୁଲି ମଜଦୁର ମାନେ ସମାନ ହେବେ ? ଏଇ ଯେ ଆମର ଅହମିକା, ତା କଳୁଷିତ କରି ଦେଇଛି ଆମ ଦେଶକୁ । ଯେଉଁ ଦେଶର ଧର୍ମ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ବୁଦ୍ଧଦେବଙ୍କୁ ନିଜ ଭିତରେ ହଜମ କରି ବୌଦ୍ଧଧର୍ମକୁ ଦେଶରୁ ପୂରାପୁରି ବିତାଡ଼ିତ କରିଦେଇପାରେ ସେଇ ଧର୍ମ ଆଜି ହୋଇ ପଡ଼ିଛି ଏକବାରେ ଏକାଟିଆ – ଆଇସୋଲେଟେଡ୍ ଏବଂ ଆଉଟ୍ ଡ଼େଟେଡ୍ । ଏଥିରେ ନୂତନ ତତ୍ତ୍ୱ ପଶି ପାରୁନାହିଁ

Digitized by PPRACHIN, SOA

କାହିଁକି ? ଦେଶରୁ ରାଜା ମହାରାଜା ଚାଲିଯାଇଛନ୍ତି । କିନ୍ତୁ ନୂତନ ରାଜା ମହାରାଜା ଗଢ଼ି ଉଠିଛନ୍ତି ବ୍ୟବସାୟୀ ଓ ପୁଞ୍ଜିପତି ମାନଙ୍କୁ ନେଇ । ଏଇ ଆମ ଦେଶ । ଆମେ ବୀର ପୂଜା କରୁ । କିନ୍ତୁ ବୀରତ୍ୱକୁ ପୂଜା କରି ଜାଣୁନା" ।

କଥାବାର୍ତ୍ତା ବହୁତ ଲମ୍ବିଗଲା । ସୁକାନ୍ତର ହୃଦୟଟାର ବ୍ୟଥା ଯେପରି ବହିଗଲା । ଖରସ୍ରୋତା ନଦୀର ସ୍ରୋତ ପରି । ସେ ନିଜକୁ ଆୟତ୍ତ କରିବାକୁ ସମର୍ଥ ହେଲାନାହିଁ ।

ଡ଼ିନର ପରେ ଶର୍ମା ଚାଲିଗଲା । କ'ଣ ମନରେ ଭାବିଲା ସେ ଜାଣେ ନାହିଁ । କିନ୍ତୁ ଶର୍ମାକୁ ତାର ଆଇସୋଲେଶନ୍‌ରୁ ବାହାରକୁ ନେଇ ଆସିବାକୁ ପଡ଼ିବ । ନ ହେଲେ ଏତେ କର୍ମଠ ମଣିଷର ଜୀବନଟା ତିଳ ତିଳ ହୋଇ ଜଳିଯିବ ।

x x x x x x x x x x x

ଏହା ଭିତରେ ମୀନୁର ବାହାଘର ହୋଇଯାଇଛି । ଶରତ୍‌ର ମକୋଦ୍ଦମା ଶ୍ୟାମମଉସା ଜିତି ଯାଇଛନ୍ତି । ତାର ପୈତୃକ ସମ୍ପତ୍ତି ଭାଗ ବଣ୍ଟା ହୋଇ ଶରତ୍ ବେଶ୍ କିଛି ସମ୍ପତ୍ତିର ମାଲିକ ହୋଇ ପାରିଛି । କିନ୍ତୁ ଶରତ୍‌ର ମନ ଭଲନାହିଁ । କ'ଣ କରିବ ସେ ଏତେ ଜମିବାଡ଼ି ନେଇ ! ପଇସା ! ନିଜେ ଚାକିରି କରି ଯାହା ରୋଜଗାର କରୁଛି ତା ନିଜ ପାଇଁ ଯଥେଷ୍ଟ । ବିବାହ ! ନା, ଜୀବନରେ ଯେଉଁମାନେ ଅତି ନିଜର ଥିଲେ ସେମାନେ ଯଦି ଶତ୍ରୁ ହୋଇପାରନ୍ତି ତେବେ ବିବାହ ପରେ ଅନ୍ୟ ଗୋଟିଏ ଝିଅ ଯେ ନିଜର ହୋଇପାରିବ ସେଥିରେ ତାର ବିଶ୍ୱାସ ନାହିଁ । ତା' ଜୀବନକୁ ସେ ରସାୟନ ଶାସ୍ତ୍ର ପାଇଁ ବିନିଯୋଗ କରିଦେବ ।

କିଶୋରର ପାଗଳାମୀ କିଛି କମ୍ ନୁହେଁ । ନିତୁ ଚାକିରୀ ପାଇବା ପରେ ସମ୍ବଲପୁରରେ ପୋଷ୍ଟିଙ୍ଗ୍ ପାଇଛି ଡ଼େପୁଟୀ କଲେକ୍ଟର ଭାବେ । ମୀନୁ ଓ ତା'ର ସ୍ୱାମୀ କଲିକତାରେ ରହୁଛନ୍ତି । କିଶୋର କହୁଛି ଏଥର ଋଷିକେଶ ଚାଲିଯିବ । କେବଳ ସତ୍ୟ ଓ ସୁକାନ୍ତଙ୍କ ଗାଳିଗୁଲଜ ଶୁଣି ଚୁପ୍‌ଚାପ୍ ରହିଛି । ଅଳ୍ପଦିନରେ ପି.ଏଚ୍.ଡ଼ି. ପାଇଯିବ ।

ଆଶା ବେଳେ ବେଳେ ଶାନ୍ତାକୁ ସୁକାନ୍ତ ବିଷୟରେ ପଚାରେ । ଶାନ୍ତା ଲେଖିଥିଲା । ସେ ଚାହିଁଥିଲା ସୁକୁଭାଇ ଆଶାକୁ ଚିଠି ଲେଖୁ । ସେ ଖୁସି ହେବ ।

ସତୀଶ୍ ଓକିଲାତି ଭଲ କରୁଛି । ବଡ଼ ଧୀରସ୍ଥିର ବୁଦ୍ଧିରେ କେଶ୍ ସବୁ ଚଳାଇ ନେଉଛି । ଚନ୍ତୁ ଆଉ ପାଠ ପଢ଼ିଲାନି । କଣ୍ଟ୍ରାକ୍ଟରୀ କରୁଛି - ଭଲ ମଧ କରୁଛି ।

"ଝର କଲମ"ର ସମ୍ପାଦକ ଲେଖିଛନ୍ତି । ତା'ର ଶେଷ କବିତାଟି ଦ୍ୱନ୍ଦ ମୂଳକ ଥିଲା । ତେଣୁ ସମ୍ପାଦକ ଭାବୁଥିଲେ ଅନେକ ସମାଲୋଚନା ଆସିପାରେ । କିନ୍ତୁ ତାଙ୍କର ଆଶଙ୍କା ଆଶଙ୍କାରେ ରହିଲା । ପାଠକମାନେ ଖୁବ୍ ଭଲରେ ଗ୍ରହଣ କରିଛନ୍ତି । ସେ ଅଭିବାଦନ ପଠାଇଛନ୍ତି କିନ୍ତୁ ଏବେ ଅନେକ ଚିଠି ଆସୁଛି କବିଙ୍କର ପ୍ରଥମ ଦିନର କବିତା ଭଳି ଭାବ ପ୍ରବଣ କବିତା ପ୍ରକାଶ କରାଯାଉ । ସୁକାନ୍ତ ପାରିବ କି ? ଏକ ଅଦ୍ଭୁତ ଅନୁରୋଧ । ସେ ବୋଧେ ପାରିବ ନାହିଁ । ତାର କଳ୍ପନାର ଧାର ବଦଳି ଯାଇଛି । ବ୍ୟର୍ଥ ତରୁଣ ପ୍ରେମିକ

Digitized by PPRACHIN, SOA

ନୁହେଁ ସେ ଆଜି । ତା ଆଖିରେ ଦୁନିଆର ଶହ ଶହ ସମସ୍ୟା । ଏ ସବୁ ସମସ୍ୟା ଭିତରେ ସେ ନିଶ୍ଚିନ୍ତ ।

ମାଧବ ଚିଠି ଲେଖିଥିଲା । ସେ ଆମେରିକାର ଭିନ୍ନ ଭିନ୍ନ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖିଛି । ଫେଲୋଶିପ୍ ପାଇଲେ ଡ଼କ୍ଟରେଟ୍ କରିବାକୁ ଯିବ ।

ବାପା ବିବାହ ଠିକ୍ କରିଦେଇଛନ୍ତି । ଦୁଇମାସରେ ବିବାହ ତିଥି । ଅତି କମ୍‌ରେ ପନ୍ଦରଦିନ ଛୁଟୀ ନେଇ ଘରକୁ ଯିବାକୁ ପଡ଼ିବ ।

(ସାତ)

ଧରାବନ୍ଧା ରୀତିରେ ବିବାହ ହୋଇଗଲା ସୁକାନ୍ତର । ପ୍ରଥମରୁ ଶାନ୍ତା ଓ ସତ୍ୟ, ସୁମୀ ଓ ମାଧବ, ଶରତ୍ ଓ କିଶୋର ଲାଗି ପଡ଼ିଥିଲେ । ନିତୁ, ମୀନୁ ଓ ତା ସ୍ୱାମୀ ମଧ ଲାଗି ପଡ଼ିଥିଲେ । ଖିଆପିଆ, ଦିଆନିଆ, ସଜାସଜି ସବୁ ପାରମ୍ପରିକ ରୀତିରେ ଶେଷ ହେଲା । ଜୀବନର ନୂତନ ଅଧ୍ୟାୟ ଖୋଲିଲା । ଏତେଦିନ ଏକା ଏକା ଘୁରି ବୁଲିବା ପରେ ଅତି ଆପଣାର ଆଶାକୁ ପାଇ ତାର ମନୋଭାବ ବଦଳିଯିବ କି ନାହିଁ ସେ ଚିନ୍ତା କଲା ।

କିଛିଦିନ ଗାଁଆରେ କଟାଇ ଆଶାକୁ ସାଙ୍ଗରେ ନେଇ ଦକ୍ଷିଣ ଭାରତ ପର୍ଯ୍ୟଟନରେ ବାହାରି ପଡ଼ିଲା । ଅନେକବାର ସେ ମାନ୍ଦ୍ରାଜ, ବାଙ୍ଗାଲୋର, ମହିଶୂର, ଉଟି ଇତ୍ୟାଦି ଯାଇଛି । ସବୁବେଳେ ସେ ଥିଲା ଜର୍ମାନ କମ୍ପାନୀର ମୁଖ୍ୟ ପ୍ରୋଜେକ୍ଟ ଓ ଡ଼ିଜାଇନ୍ ଇଞ୍ଜିନିୟର । ଏଥର ସେ ହେବ ଟୁରିଷ୍ଟ ।

ମାନ୍ଦ୍ରାଜର ମାରିନାବିଚ୍, ମହାବଳୀପୁରମ୍, କାଞ୍ଚିପୁରମ୍, ଆଡିଆର ସବୁ ଘୁରି ବୁଲିବାରେ ଆନନ୍ଦ । ଆଶାକୁ ଦେଖାଇ ଚାଲେ ସେ ଗାଇଡ୍ ଭଳି । ଦୋକାନ ବଜାରରେ ବୁଲନ୍ତି । ମୁକୁମାରନ୍, ନଲ୍ଲୀରେ ମନାକଲେ ବି ଆଶାପାଇଁ ଶାଢ଼ୀ କିଣେ । ସବୁ ଦେଇ ଚାହେଁ ଆଶା ଖୁସି ରହୁ । ଗେଲର୍ଡ, ପୁହାରାଁ ରେଷ୍ଟୋରାଁରେ ଫ୍ରେଞ୍ଚ୍ କୁସିନେ ବରାଦ ନେଇ ରନ୍ଧାଏ । ସେଠାରୁ ବାଙ୍ଗାଲୋର, ଲାଲବାଗ୍, କବନ୍ ପାର୍କ, ଚିକ୍ ପେଟ୍ ମାର୍କେଟ୍ ଓ କମର୍ସିଆଲ ଷ୍ଟ୍ରିଟ୍ ମାର୍କେଟ୍, ସାଉଥ୍ ପରେଡ୍ ଅଞ୍ଚଳର କଣ୍ଟିନେଣ୍ଟାଲ୍, କ୍ୱାଲିଟି ଇତ୍ୟାଦି ରେଷ୍ଟୋରାଁ, ଅଲସୁର ହ୍ରଦରେ ଜହ୍ନରାତିରେ ନୌଚାଳନା । ତା' ପରେ ମହିଶୂର, ଟୁରିଷ୍ଟ ପାରାଡ଼ାଇଜ୍, ବୃନ୍ଦାବନ ଉପବନର ହୋଟେଲ କୃଷ୍ଣରାଜ ସାଗରରେ ରହଣୀ, ଦିନ ସାରା ଟିପୁଙ୍କର ଶ୍ରୀରଙ୍ଗାପତ୍ତନ, ମହାରାଜାଙ୍କ ପ୍ରାସାଦ, ଜଗମୋହନ ପ୍ୟାଲେସ୍‌ର ଆର୍ଟଗ୍ୟାଲେରୀ, ଲଳିତା ମହଲ, ଚାମୁଣ୍ଡୀ ମନ୍ଦିର, ନନ୍ଦୀ ଓ କାବେରୀର ସଙ୍ଗମ ଇତ୍ୟାଦି ସ୍ଥାନରେ ଘୁରି ବୁଲିବା ଓ ସନ୍ଧ୍ୟାବେଳେ ବସି ସ୍ୱପ୍ନପୁରୀ ସମ ବୃନ୍ଦାବନ ଉପବନର ମାଧୁରୀ ଉପଭୋଗ କରିବା, ଏହାହିଁ କାମ ।

ସେଦିନ ଆଶା କହିଲା "ଯଦି କିଛିମନେ ନ କରିବ ତେବେ ଗୋଟିଏ କଥାକହିବି ?" "କୁହନା !"

"ଆମେ ଆଉ ଉଟି ଯିବା ନାହିଁ । ବାକି ସବୁ ଦିନ ଏଠାରେ କଟାଇ ଏଠାରୁ ସିଧା ବମ୍ବେ ଚାଲିଯିବା । ଆଉ ଏତେ ଘୁରି ବୁଲିବାକୁ ଇଚ୍ଛା ହେଉନାହିଁ । ଏଇ ସମୟତକ ତୁମ ପାଖରେ ବସି କଟାଇ ଦେବାପାଇଁ ଇଚ୍ଛା ହେଉଛି ।"

Digitized by PPRACHIN, SOA

"ଏଇ କଥା ତ । ଏତେ ଘୁରିବୁଲି ନିଶ୍ଚୟ ହାଲିଆ ହୋଇଯିବଣି । ଯେତେବେଳେ ପ୍ରଥମ ଥର ପାଇଁ ପ୍ୟାରିସ୍ ଯାଇଥାଏ ସେତେବେଳେ ଦିନସାରା ଟୁରିଷ୍ଟ ବସ୍‌ରେ ଘୁରି ବୁଲିବା ଓ ରାତି ଦୁଇଟା ତିନିଟା ପର୍ଯ୍ୟନ୍ତ ନାଇଟ୍ କ୍ଲବ୍‌ରେ କଟାଇବା ହେଉଥାଏ । ମାତ୍ର ତିନିଟା ଦିନରେ ଏତେ ହାଲିଆ ହୋଇଗଲି ଯେ ଚତୁର୍ଥଦିନ ସକାଳ ବିମାନରେ ବର୍ଲିନ୍ ଫେରି ଆସିଲି । ସେଠାରେ ଦୁଇ ଦିନ ଛୁଟୀ ନେଇ ଖାଲି ଶୋଇ ରହିଲି ।"

ତା ଆରଦିନ ସକାଲୁ ବାଙ୍ଗାଲୋରରୁ ବମ୍ବେ ଯିବାପାଇଁ ବିମାନ ଟିକେଟ୍ କଟାଇନେଲା । ଆଉ ଚାରିଦିନ ମହିଶୂରରେ ରହିବ ସେ । ଆଶାର ଗହଣରେ ବୃନ୍ଦାବନ ଉପବନରେ ଚାରୋଟି ଦିନ କଟିଯିବ । ତା' ପରେ ସେଇ କର୍ମକ୍ଷେତ୍ର ।

ସାନ୍ତାକ୍ରୁଜ ବିମାନଘାଟୀରେ ବିମାନ ଲାଗିଲା । ସୁକାନ୍ତ ଜାଣିଥିଲା ସ୍ନାଇଡର ତା'ର ଟେଲିଗ୍ରାମ୍ ପାଇଥିବେ ଓ ଗାଡ଼ି ପଠାଇଥିବେ ସାନ୍ତାକ୍ରୁଜ୍ । କିନ୍ତୁ ଦେଖିଲା ଗାଡ଼ି ବଦଳରେ ବିରାଟ ସମ୍ବର୍ଦ୍ଧନା । ଶ୍ରୀଯୁକ୍ତ ଓ ଶ୍ରୀମତୀ ସ୍ନାଇଡ଼ର, ବେକର୍ ଓ ତା' ସ୍ତ୍ରୀ, ନିସ୍‌ଓ୍ୟାଣ୍ଡ ଓ ତା' ସ୍ତ୍ରୀ, ଶର୍ମା ଓ ରୀତା ଆଉ ଅନ୍ୟ ସହକର୍ମୀମାନେ ଫୁଲମାଳ ସବୁ ଧରି ଠିଆ ହୋଇଛନ୍ତି । ସେମାନଙ୍କୁ ଦେଖାଇ କହିଲା "ଆଶା, ଏଇମାନେ ମୋର ସହକର୍ମୀ, କେତେ ଶ୍ରଦ୍ଧା ଆମକୁ କରନ୍ତି ଦେଖନା ।" ଆସି ମିଳିଲେ ବନ୍ଧୁମାନଙ୍କୁ । ସମସ୍ତଙ୍କ ମୁହଁ ହସ ହସ, ଅଭିବାଦନ । ସମସ୍ତେ ଗଲେ କାରଖାନା । ସେଠାରେ କ୍ୟାଣ୍ଟିନ୍‌ରେ ସମସ୍ତେ ମିଶି ଖାଇବେ । ସୁକାନ୍ତ ଡ଼ିପାର୍ଟମେଣ୍ଟର ଲୋକମାନେ ସେ ସବୁର ବନ୍ଦୋବସ୍ତ କରିଦେଇଛନ୍ତି ।

ସେଦିନଟା କି ଆନନ୍ଦରେ କଟିଗଲା । ତା' ପରେ ଆରମ୍ଭ ହେଲା ଏକ ନୂତନ ଅଧ୍ୟାୟ । ଘରେ ଆଉ ଖାଲି ବସି ପୁରୁଣା କଥା ଗୁଡ଼ାକ ମନରେ ଘାଣ୍ଟିବାକୁ ପଡ଼େ ନାହିଁ । ସଂଧ୍ୟାର ସ୍ମୃତି ଦୂରେଇ ଗଲାଣି । ଅଛି ଖାଲି ଏକ ଛାୟା ପରି ଦୂର ଦିଗ୍‌ବଳୟରେ । ଅଧିକାଂଶ ସନ୍ଧ୍ୟାରେ ବନ୍ଧୁମାନଙ୍କ ଗହଣରେ ଚାଲିଯାଏ । ଏହା ଭିତରେ ସେ ଆଶାକୁ ବଲ୍‌ଡ୍ୟାନ୍ସ ଶିଖାଇ ଦେଲାଣି । ଦିନେ ଦିନେ ସେମାନେ କାହାଘରେ ଡ଼ାନ୍ସ କରନ୍ତି, ରାତ୍ରିଭୋଜନ ସେଠାରେ ହୁଏ । ସୁକାନ୍ତ ଆଜିକାଲି ସେ ଦିନର 'କେୟାର ଫ୍ରି ବ୍ୟାଚଲର' ନୁହେଁ । ସେମାନଙ୍କ ଭଳି ଜଣେ । ଆଶା ଆଜିକାଲି ପ୍ରାଞ୍ଜଳ ଜର୍ମାନ କହିପାରିଲାଣି । ଶ୍ରୀମତୀ ବେକର୍‌ଙ୍କ ସାଙ୍ଗରେ ତା'ର ବେଶ୍ ବନ୍ଧୁତା । ରୀତା ମଧ୍ୟ ବେଳେ ବେଳେ ଘରକୁ ଆସେ । ଛୋଟ କଲୋନୀର ଛୋଟ ବଡ଼ କଥା ନେଇ ଦିନ ଗୁଡ଼ିକ କଟିଯାଏ ।

ତୃତୀୟ ପଞ୍ଚବାର୍ଷିକ ଯୋଜନା ଫଳରେ ଜିନିଷ ପତ୍ରର ଚାହିଦା ବଢ଼ିଛି । କାରଖାନାର କାମ ଚାଲିଛି । ଜୋର୍‌ସୋର୍‌ରେ । ନୂଆ ନୂଆ ଅର୍ଡର ସବୁ ଆସିଯାଉଛି । ସେଥିପାଇଁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡୁନାହିଁ । ଜର୍ମାନୀରୁ ସେ ସବୁବେଳେ ପ୍ରଶଂସା ପାଉଛି ବେକର ଓ ସ୍ନାଇଡ଼ର୍‌ଙ୍କ ସାଥିରେ । ବ୍ୟବସାୟ ବଢ଼ି ଚାଲିଛି । କାରଖାନାକୁ ବଢ଼େଇବାକୁ ପଡ଼ିଛି । ଆଉ ତା' ସାଥିରେ ମାଡ଼ି ଚାଲିଛି ସୁକାନ୍ତ ଓ ଆଶାଙ୍କର ଜୀବନ ।

ଦିନେ ଦିନେ ସେମାନେ କେଉଁ ଆଡ଼େ ନ ଯାଇ ଘରେ ବସିରହନ୍ତି । ଜହ୍ନରାତିରେ ବେଥୋଭେନ୍‌ଙ୍କର "ମୋଣ୍ଡ ଶାଇନ୍ ସୋନାଟେ" (ଜହ୍ନରାତିର ଗୀତି) ଶୁଣନ୍ତି କିମ୍ବା ମୋଜାର୍ଟଙ୍କର 'ଏଣ୍ଟଫ୍ୟୁରୁଙ୍ଗ ଆଉସ୍ ଡେଆର ସାବାଇଲ'

Digitized by PPRACHIN, SOA

ଶୁଣନ୍ତି । ନଚେଚ୍ ଚେକୋଭ୍‌ସ୍କିଙ୍କର 'ସାରସ ହ୍ରଦ' ଶୁଣନ୍ତି । ଆଶା ପ୍ରଥମେ ଏସବୁ ସଂଗୀତ ବୁଝିପାରୁନଥିଲା । କିନ୍ତୁ ଏବେ ବୁଝିଲାଣି । ରେଡ଼ିଓ ସିଲୋନ୍‌ର ହିନ୍ଦିଗୀତ ଶୁଣିବାକୁ ଆଉ ପସନ୍ଦ କରୁନାହିଁ । ଗପ ଚାଲେ ବହୁତ କିଛି । ଜୀବନର ସରସତା ଫୁଟିଉଠେ ଏଇ ମୁହୂର୍ତ୍ତଗୁଡ଼ିକରେ ।

ଦିନ ପରେ ଦିନ ଗଡ଼ିଯାଏ । କାରଖାନାରେ ତିନିବର୍ଷ ହୋଇଗଲାଣି ତା'ର । ଚାକିରିର କଣ୍ଟ୍ରାକ୍ଟ ଅନୁସାରେ ସେ ତିନିମାସ ଛୁଟୀ ଜର୍ମାନୀରେ କଟାଇପାରିବ । ଆଗରୁ ମାସେ ଛୁଟୀ ନେଇ ଯାଇଛି । ଆଉରି ଦୁଇମାସ ଛୁଟୀ ନେଇପାରିବ । ପୂରାଖର୍ଚ୍ଚ କମ୍ପାନୀ ବହନ କରିବ । ଭାବିଲା ଦୁଇମାସ ଛୁଟୀ ୟୁରୋପରେ କଟାଇବ । କମ୍ପାନୀ ଦେବ ଯିବା ଆସିବା ଓ ରହିବା ଖର୍ଚ୍ଚ । 'ଝର କଲମ'ର ସଂପାଦକ କାର ପଇସା ସବୁ ରଖିଛନ୍ତି ଗୋଟିଏ ବ୍ୟାଙ୍କ୍‌ରେ ଜର୍ମାନୀରେ । ହୁଏତ ଏପରି ସୁଯୋଗ ମିଳି ନ ପାରେ ଆଉ । ତା'ର ଅନୁପସ୍ଥିତିରେ ଶର୍ମା କାମ ଚଳାଇ ନେବ । ବେକର ତାକୁ ସାହାଯ୍ୟ କରିବ । ଅନ୍ୟ ଇଞ୍ଜିନିୟରମାନେ ମଧ୍ୟ ପାରିଗଲେଣି । ସ୍ୱାଧୀନ ଭାବରେ କାମ କରିବାକୁ ପଛେଇବେ ନାହିଁ ।

'ଝର କଲମ'ର ସଂପାଦକଙ୍କ ପାଖକୁ ଲେଖିଲା ତା ଆସିବା ବିଷୟରେ । କାର୍ଲ ଓ ଅନ୍ୟ ବନ୍ଧୁମାନଙ୍କପାଖକୁ ଲେଖିଲା ଓ ସ୍ମିଥ୍ ପରିବାରଙ୍କ ପାଖକୁ ମଧ୍ୟ ଲେଖିଲା । ବର୍ଲିନ୍‌ରେ ପନ୍ଦର ଦିନ ଗ୍ରାଫିଙ୍ଗ୍‌ରେ ଦୁଇତିନି ଦିନ, ହାମବୁର୍ଗରେ ଦୁଇଦିନ, ଷ୍ଟୁଟ୍‌ଗାର୍ଟ ଓ ବ୍ଲାକ୍ ଫରେଷ୍ଟରେ ସାତ ଆଠଦିନ ଆଉ ବାକି ଦିନ ଗୁଡ଼ାକ ରୁର୍ ଅଞ୍ଚଳ, ପ୍ୟାରିସ୍, ଆମ୍‌ଷ୍ଟରଡ଼୍ୟାମ୍, ବ୍ରୁସେଲ୍ସ, ଭିଏନା, ଜୁରିଚ୍, ଲଣ୍ଡନ, ରୋମ, ଭିନିସ୍, କାଇରୋ ଇତ୍ୟାଦିରେ କଟାଇବାକୁ ଠିକ୍ କଲା ।

ଆଶା ଭାରି ଖୁସି । ସେ କଳ୍ପନା କରି ନ ଥିଲା ଛୁଟୀ ଏଭଳି କଟିପାରେ ବୋଲି । ସୁକାନ୍ତଠାରୁ ଜର୍ମାନୀକଥା ଶୁଣି ସବୁବେଳେ କହେ "ହଁ, ଆମକୁ ସେ ସୁଯୋଗ ମିଳିବ ନାହିଁ ।" କିନ୍ତୁ ତାକୁ ଏଭଳି ସୁଯୋଗ ତାକୁ ମିଳୁଛି ସେ ବିଶ୍ୱାସ କରିପାରୁନାହିଁ ।

ୟୁରୋପର ପରିଭ୍ରମଣ ଆରମ୍ଭ ହେଲା ଫ୍ରାଙ୍କ୍‌ଫୁଟ୍‌ରେ । କାର୍ଲ ଆସିଥାଏ । ସେ ଏବେ ବି ଅବିବାହିତ । ସେଇ କେୟାର ଫ୍ରି ବ୍ୟାଚେଲର୍ । ହୋଟେଲ୍‌ରେ ପହଞ୍ଚି ଆରମ୍ଭ ହେଲା ତା'ର ଗପ । ସୁକାନ୍ତ କହିଲା "ଆଶା ଆସିଛି ଘୁରି ବୁଲିବାକୁ । ଯେତେବେଳେ ଘୁରି ଘୁରି କ୍ଲାନ୍ତ ହୋଇପଡ଼ିବା ସେତେବେଳେ ଗପ କରିବା । କାର୍ଲର କିଛି ଆପତ୍ତି ନାହିଁ । ତା'ର ନୂଆ ମର୍ସେଡ଼ିସ୍ ଗାଡ଼ି ଏମାନଙ୍କ ପାଇଁ ଛାଡ଼ । ଦିନ ସାରା ସେ ତାର ଫ୍ରାଙ୍କ୍‌ଫୁଟ୍ ଅଫିସ୍‌ରେ କାମ କରିବ । କିନ୍ତୁ ସନ୍ଧ୍ୟା ଆସରଟା ସାଥି ହୋଇ କଟାଇବେ ।

ମାଇନ୍ ନଦୀ କୂଳରେ ଜୁନ୍ ମାସର ସକାଳ । ନଦୀ ବକ୍ଷରେ ପାତଳା କୁହୁଡ଼ି । ନଦୀ ସେ ପାଖରୁ କ୍ୟାଥେଡ୍ରାଲ୍ ଓ ନଭଶ୍ଚୁମ୍ବୀ ଅଫିସ୍ କୋଠାସବୁର ଛାଇପଡ଼ି ନଦୀ ବକ୍ଷରେ ଏକ ଅପୂର୍ବ ଦୃଶ୍ୟ ରଚନା କରୁଛି । ପାଖରେ ଆଶା, ନଚେଚ୍ ଆଉ ସବୁ ଖାଲି । ଏକବାରେ ନିଛାଟିଆ । ପାଖକୁ ଟାଣି ଆଣିଲା ଆଶାକୁ । କହିଲା "କି ସୁନ୍ଦର ପରିସ୍ଥିତି । ଏଠାରେ ଘୁରି ବୁଲିବା, ଜୀବନକୁ ଉପଭୋଗ କରିଯିବା । ଏଇ କେତୋଟି ବର୍ଷ ଦୁନିଆରେ । ତାକୁ ସବୁମତେ

Digitized by PPRACHIN, SOA

ହସ ଖୁସିରେ କଟେଇଦେବା । ଭାବିଛି କଣ୍ଟ୍ରାକ୍ଟ ସରିଗଲେ ଜର୍ମାନୀ ଫେରି ଆସିବା । ସବୁରି ସାଙ୍ଗରେ ମିଶି ଜୀବନଟା କଟେଇଦେବା । ତୁମେ ପାରିବ ନିଶ୍ଚୟ !"

ଆଶାର ଆଖି ଛଳ ଛଳ ହୋଇ ଆସିଲା, "ଆଉ କେତେଦିନ ମୋ ଠାରୁ ତୁମେ ନିଜକୁ ଲୁଚାଇବ କୁହନା ? ମୁଁ ତୁମକୁ ଖୁବ୍ ଭଲ କରି ବୁଝିଛି, ଚିହ୍ନିଛି, ତୁମକୁ ନିଜ ରାସ୍ତାକୁ ଆଣିବାକୁ ବହୁତ ଇଚ୍ଛା କରିଛି । କିନ୍ତୁ ସବୁବେଳେ ଭାବିଛି 'ନା, ତୁମେ ଯାହା କରୁଛ ମୋତେ ମଧ୍ୟ କରିବାକୁ ପଡ଼ିବ ।' ତୁମର ସଂଧ୍ୟା ସହିତ ପ୍ରେମ । ତା ମଧ୍ୟ ମୁଁ ଜାଣିଛି । ଶାନ୍ତା ମୋତେ କହିଥିଲା । ପଚାରିଲା ମୁଁ ପାରିବି କି ନାହିଁ ସଂଧ୍ୟାକୁ ସ୍ଥାନାନ୍ତରିତ କରିବା ପାଇଁ । ତୁମେ ରାତିରେ ଶୋଇ ରହିଥିବା ବେଳେ ସଂଧ୍ୟା କଥା ନିଜ ଅଜାଣତରେ କହିପକାଅ । ତୁମେ ଆଶାକୁ ପାଇନାହଁ । ଆଶା ରୂପରେ ସଂଧ୍ୟାକୁ ପାଇଛ । ସଂଧ୍ୟାର ସ୍ମୃତିକୁ ଭୁଲିବା ପାଇଁ ତୁମେ ଏମ୍.ଏସ୍.ସି.ନ୍ ପଢ଼ି ଜର୍ମାନୀ ଆସିଲ । ଆଉ ଏଠାରେ ନିଜ ଆଦର୍ଶରୁ ଖସିପଡ଼ି ସେଇ ମଦ, ନାଇଟ୍‌କ୍ଲବ ଇତ୍ୟାଦିରେ ଘୁରି ବୁଲିଲ । ଜର୍ମାନମାନଙ୍କ ସାଙ୍ଗରେ ମିଶିଯାଇଛ, ଖୁବ୍ ଭଲ କଥା । କିନ୍ତୁ ଏମାନଙ୍କ ମଧ୍ୟରେ ନିଜର ନିଜତ୍ୱ ରଖିଛ କି ? ତୁମେ ଚାହିଁଛ ନିର୍ଜନତାରୁ ଦୂରେଇ ରହିବାକୁ, ସଂଧ୍ୟାର ସ୍ମୃତିକୁ ପାଖକୁ ନ ଆଣିବାକୁ । କିନ୍ତୁ ପାରିଛ କେଉଁଠାରେ ? ଏଇ ଜର୍ମାନ ମାନେ । ଖୁବ୍ ଶ୍ରଦ୍ଧା କରନ୍ତି ତୁମକୁ । କିନ୍ତୁ ତୁମେ ସବୁବେଳେ ହେବ ବିଦେଶୀ । ତୁମେ ଭାରତକୁ ଫେରି ଆସିଛ । ଭାରତୀୟମାନଙ୍କ ସାଙ୍ଗରେ ମିଶିପାରିଛ କେଉଁଠାରେ ? ସେଇ ମଦ, ସେଇ ଡ୍ରାନ୍ସ, ସେଇ ଜର୍ମାନମାନଙ୍କ ଗହଣରେ ରହିଯାଇଛ । କାହିଁକି ଏ ପଳାୟନ ପନ୍ଥା ? କାହିଁକି ନିଜ ଉପରେ ପ୍ରତିଶୋଧ ?

ଜୀବନର ଶହ ଶହ ଘଟଣା ମଧ୍ୟରେ ସଂଧ୍ୟାର ସ୍ଥିତି ଗୋଟିଏ ଘଟଣା । ତୁମେ ସୁଛାତ୍ର ତୁମେ ଉଚ୍ଚଶିକ୍ଷିତ, ଧନର ଅଭାବ ନାହିଁ ତୁମର, କିନ୍ତୁ ଭାବିପାରୁନ କାହିଁକି ଆଶା ପ୍ରତି ମଧ୍ୟ ତୁମର କିଛି କର୍ତ୍ତବ୍ୟ ଅଛି । ମୁଁ ଚାହେଁନା ରାଜରାଣୀ ହେବାକୁ । ଚାହେଁ ତୁମର ଅନ୍ତରଭରା ପ୍ରେମ । ଆଉ କିଛି ଚାହେଁନା । ପାଇଛି ସବୁ କିଛି ତା ବ୍ୟତୀତ । ଯଦି ଆମେ ଜର୍ମାନୀରେ ରହିଯାଉ, ତେବେ ଆଉ ସେତିକି ଜୀବନରେ ମିଳିବନାହିଁ । ଏଠାରେ ସୁରା ଓ ସାକୀର ଅଭାବ ନାହିଁ । ତୁମଭଳି ଦୁର୍ବଳ ଲୋକଙ୍କୁ ଏଠାକାର ବାତାବରଣ ବେଶ୍ ଭୁଲାଇ ପାରିବ । ତୁମେ ମୋର ସ୍ୱାମୀ, ଦେବତା । ମୁଁ ଚାହେଁ ତୁମ ମନର ବଳ । ଏସବୁ କଥାକୁ ପାଦରେ ଦଳିଦିଅ । ନିଜର ଜୀବନକୁ ସରସ ସୁନ୍ଦର କରି ଗଢି ନିଅ ।

ଅନେକ ଥର ଭାବିଛି କହିବି ଏ ଚାକିରି ଛାଡ଼ିଦିଅ । କୌଣସି ସରକାରୀ ଚାକିରି ନିଅ । ତୁମର ଟଙ୍କା ପଇସାର ଅଭାବ ନାହିଁ । ତୁମ ବୟସରେ କେତେଜଣ ଲୋକ ଅଛନ୍ତି ଯେ କି ଏତେ ରୋଜଗାର କରୁଛନ୍ତି ଓ ଏତେ ଆରାମରେ ଅଛନ୍ତି ? ଆମ ଦେଶର ଅନେକ ଖରାପ ଜିନିଷ ଥାଇପାରେ । ତୁମଭଳି ଲୋକ ସବୁରି ସାଥିରେ ମିଶି ସେମାନଙ୍କୁ ବଦଳାଇବା ଦରକାର । କିନ୍ତୁ ତୁମେ କରିଛ କଣ ? ସମସ୍ତଙ୍କଠାରୁ ଦୂରରେ ରହିଛ ଓ ଦୂରରୁ ଘୃଣା କରିଛ । ତୁମେ ବୁଦ୍ଧିମାନ, ଥରେ କେବେ ଚିନ୍ତା କରି ଦେଖିଛ ? ଆଶା କାନ୍ଦିବାକୁ ଆରମ୍ଭ କଲା । ସୁକାନ୍ତ ନୀରବ । ଏତେ ସତକଥା ଗୁଡ଼ାକ ଅଶା ସିଧା କହିଗଲା । କାହିଁକି ସେ ସନ୍ଧ୍ୟାକୁ ଭୁଲିପାରି ନାହିଁ ? ସନ୍ଧ୍ୟା ଆସିଥିଲା

Digitized by PPRACHIN, SOA

କେତୋଟି ଦିନ ପାଇଁ ତା ଜୀବନରେ । ଚାଲିଯାଇଛି । ତାପାଇଁ ନିଜ ଜୀବନକୁ ତିଳ ତିଳ କରି ଜଳାଉଛି କାହିଁକି ? ଆଉ ଆଶା, ତାର ବିବାହିତ ପତ୍ନୀ । ତା ପ୍ରତି ମଧ୍ୟ ନିଜର କର୍ତ୍ତବ୍ୟ କରିନାହିଁ । ନା ସବୁ ପୁରୁଣା କାହାଣୀ ଭୁଲି ଯିବାକୁ ପଡ଼ିବ । ନିଜକୁ ପୃଥିବୀର ମଣିଷ ଭଳି ଗଢ଼ିବାକୁ ପଡ଼ିବ । ଠିକ୍ କହିଛି ଆଶା । ଶାନ୍ତା କହିଥିଲା ଆଶା ବୁଦ୍ଧିମତୀ, "ତୁମେ ଠିକ୍ କହିଛ, ଆଶା । ଏକବାରେ ଠିକ୍ । ମୁଁ ବାସ୍ତବିକ ଘୁରି ବୁଲିଛି ଏଇ ପୃଥିବୀରେ ପନ୍ଥାହୀନ ପଥିକ ପରି । ସନ୍ଧ୍ୟାର ସ୍ମୃତି ମୋତେ ପାଗଳ କରି ଦେଇଛି । କିନ୍ତୁ ଆଉ ନୁହେଁ । ସେ ମୋହରୁ ଉଠି ଆସିବି, ଆଶା । ତୁମେ ହିଁ ମୋର ଆଶା ଓ ଭରସା । ସବୁ ପାରିବି, ଠିକ୍ କରିଛ ମୋତେ ଚେତାଇ ଦେଇଛୁ । ଜୀବନଟା ଉପରେ ପ୍ରତିଶୋଧ ନେବାକୁ ଯାଇ ମୁଁ ଅନେକ ଭୁଲ କରିଛି । କିନ୍ତୁ କଥା ଦିଅ, ତୁମେ ମୋତେ କେବେ ଛାଡ଼ି ଯିବ ନାହିଁ ।"

"ଛି ଏଭଳି କଥା କାହିଁକି କହୁଛ ? ତୁମେ ଯାହାକର, ମୁଁ ତୁମ ପଛେ ପଛେ ଥିବି । ଏତିକି ମୋ ପ୍ରାର୍ଥନା, ୟୁରୋପ ଭ୍ରମଣ ପରେ ଆମେ ଫେରିଯିବା, ତୁମର କଣ୍ଟ୍ରାକ୍ଟ ସରିଲେ ମୋତେ କଥା ଦିଅ ଆଉ ଏ ଚାକିରିରେ ରହିବ ନାହିଁ । ଏଭଳି ଏକ ଚାକିରି କରିବ ଯେପରି ବ୍ୟବସାୟ ପାଇଁ ସୁରାର ଆବଶ୍ୟକତା ନଥିବ । ମୁଁ ସୁରାକୁ ଘୃଣା କରେ ନାହିଁ । କିନ୍ତୁ ସହିପାରେନି ତୁମେ ପିଇଲେ, କାରଣ ତା ଫଳରେ ମୋତେ ମଧ୍ୟ ତୁମେ ଭୁଲିଯାଅ ।"

ସୁକାନ୍ତ ଜୀବନରେ ବିରାଟ ପ୍ରଶ୍ନବାଚୀର ଉତ୍ତର ଏତେ ସହଜରେ ଆଶା ଦେଇ ପାରିଲା ସରଳ ଭାଷାରେ । ବାସ୍ତବିକ୍ ଆଶା ଭଲ କରି ଚିହ୍ନିଛି ସୁକାନ୍ତକୁ । ସେ ଠିକ୍ କଲା ୟୁରୋପ ପରିଭ୍ରମଣ ଯେପରି ଶିକ୍ଷାପ୍ରଦ ହେଉ, ନାଇଟ୍ କ୍ଲବ୍ ମାନଙ୍କରେ ନଯାଉ । ବ୍ଲାକ୍ ଫରେଷ୍ଟ, ବୋଡେନ୍ ସେ, ମ୍ୟୁନିକ୍ ନୁରେମ୍ବର୍ଗ, ଆଲ୍ପସ ପର୍ବତମାଳା ଭିତରେ ମୁର୍ଣ୍ଣାଉ, ଓ୍ୱେଣ୍ଡଲଷ୍ଟାଇନ୍, ଉତ୍ତରରେ ହାନୋଭର, ହାମବୁର୍ଗ, ଲ୍ୟୁବେକ୍, କିଉ, ଟ୍ରାଭେମୁଣ୍ଡେ, ଫ୍ଲେନ୍ସବୁର୍ଗ ଓ ଡେନ୍‌ମାର୍କର କୋପେନ୍ ହେଗେନ୍ । ତା'ରି ଭିତରେ ତିନିଦିନ କଟାଇ ଦେଇଛି ସ୍ମିଥ୍ ପରିବାର ସାଙ୍ଗରେ ଗ୍ରାଫଙ୍ଗ୍‌ରେ । ପରିସ୍ଥିତି ବଦଳି ଆସୁଛି । ତିନିବର୍ଷ ଭିତରେ ଜର୍ମାନୀର ଅନେକ ପରିବର୍ତ୍ତନ ହୋଇଗଲାଣି । ଆମେରିକାର ପ୍ରଭାବ ଅନେକଟା ପଡ଼ିଲାଣି । ମେସିନ୍ ସବୁ ମଣିଷକୁ ସ୍ଥାନାନ୍ତର କଲେଣି । ନୂଆ ନୂଆ ନଭଶ୍ଚୁମ୍ବୀ କୋଠାସବୁ ତିଆରି ଚାଲିଛି । ସେଥିପାଇଁ ଜର୍ମାନୀର ସବୁକାଳର ସୁନ୍ଦର ଘରଗୁଡ଼ିକ - ତିନି ଚାରି ମହଲା କୋଠା ସବୁ କେତେ ଯାଗାରେ ଭାଙ୍ଗି ଦିଆଗଲାଣି । କାରଖାନାମାନଙ୍କର ସମ୍ପ୍ରସାରଣ ଚାଲିଛି । ଦେଶ ବିଦେଶରୁ ବହୁତ ଶ୍ରମିକ ଆସି କାମ କରୁଛନ୍ତି - ବିଶେଷତଃ ଇଟାଲୀ ଓ ସ୍ପେନରୁ । ଅଟୋବାନ୍‌ରେ ଛୁଟୀଦିନମାନଙ୍କରେ ଗାଡ଼ି ଚଳାଇବା ଦୁରୂହ ହୋଇ ପଡ଼ିଲାଣି ଏବେ । ମାଇଲ୍ ମାଇଲ୍ ଧରି ଗାଡ଼ି ସବୁ ଚାଲିଛି । ଆଗର ମନଖୋଲା ଆବହାଓ୍ୱା ଅନେକ ଚାଲିଗଲାଣି । ସବୁ ହୋଇ ଆସୁଛି ଯନ୍ତ୍ରଚାଳିତ ପରି । ଛୋଟ ଛୋଟ ବିଅର ଷ୍ଟୁବେରେ ଗିଲାସଟିଏ ହେଲେସ୍ କିମ୍ବା ଡୁଙ୍କେଲେସ୍ ବିଅର ପିଇବାକୁ ଲୋକେ ବେଶୀ ଆଗ୍ରହାନ୍ୱିତ ନୁହନ୍ତି । ଶନିବାର ଓ ରବିବାର ମଧ୍ୟ ଯନ୍ତ୍ରଚାଳିତ ପରି । ସମସ୍ତେ ଯିବେ ବାହାରକୁ ଗାଡ଼ି ଧରି । ପାଗ ଭଲ ଥିଲେ ପହଁରିବେ - ସବୁ ଯେପରି ରୁଟିନ୍ ହୋଇଗଲାଣି ।

ବର୍ଲିନ୍ ଯିବା ଆଗରୁ ଠିକ୍ କରିଥିଲା କମ୍ପାନୀ ଅଫିସ୍‌ରେ କିଛି ଦିନ କଟାଇ ଦେବ । ରୁର୍ ଅଞ୍ଚଳ । ସେଇ ସବୁ କଳା କଳା କାରଖାନା ଗୁଡ଼ାକ । ଆକାଶରେ

Digitized by PPRACHIN, SOA

କଳା ଧୂଆଁର ଏକ ଆସ୍ତରଣ । ପ୍ରତ୍ୟେକ ଛୋଟ ବଡ଼ ସହରରେ ବାର ଓ ରେସ୍ତୋରାଁ ଧାଡ଼ି ଧାଡ଼ି । ଅଫିସ୍‌ରେ କିଛି ଦିନ ରହିବାକୁ ପଡ଼ିବ । ସେଠାରେ କେତେକ ନୂଆ ସମସ୍ୟାର ସମାଲୋଚନା ହେବ । ସମସ୍ୟା ଗୁଡ଼ିକ ନୂଆ ନୁହେଁ । କିନ୍ତୁ ସମାଧାନ ଓ ସମାଧାନର ପ୍ରଣାଳୀ ନୂଆ । ବିଜ୍ଞାନ ଆଗେଇ ଚାଲିଛି । ଯେଉଁ ସିଲିକନ୍ କଣ୍ଟ୍ରୋଲ୍ ରେକ୍ଟିଫାୟାର ବିଶ୍ୱବିଦ୍ୟାଳୟ ଦିନରେ ବହିର ଫର୍ମ୍ମୁଲାରେ ପର୍ଯ୍ୟବେସିତ ଥିଲା ତା ଆଜି ବାସ୍ତବତାରେ ପରିଣତ ହେଲାଣି । ଦୁଇଶହ ଆମ୍ପିୟର ୟୁନିଟ୍ ସବୁ ଗଢ଼ାସାରିଲାଣି । ସିମେନ୍ସ ଓ ଏଇଜି ପ୍ରଭୃତି ବଡ଼ ବଡ଼ କମ୍ପାନୀମାନେ ସାତଶହ ଆମ୍ପିୟର ୟୁନିଟ୍ ଗଢିବାରେ ଲାଗି ପଡ଼ିଛନ୍ତି, ଥିରିଷ୍ଟର କଣ୍ଟ୍ରୋଲ ଆଉ କାଗଜ କଲମରେ ନୁହେଁ, ବାସ୍ତବ କ୍ଷେତ୍ରରେ ବ୍ୟବହାର କରା ହେଲାଣି, ଲେବର ମ୍ୟାନେଜ୍‌ମେଣ୍ଟ ଓ ବିଜିନେସ୍ ମ୍ୟାନେଜ୍‌ମେଣ୍ଟର ନୂଆ ନୂଆ ତଥ୍ୟ ସବୁ ବାହାରିଲାଣି । ସେମାନେ ତାକୁ ଅନୁରୋଧ କରୁଛନ୍ତି ଗୋଟିଏ ମାସ ରହି ବିଜିନେସ୍ ମ୍ୟାନେଜ୍‌ମେଣ୍ଟ ସମ୍ବନ୍ଧରେ ଶିକ୍ଷାକରି ଯାଉ । ଏଇଟା ଅବଶ୍ୟ ଅନୁରୋଧ ନୁହେଁ, ଏକ ପ୍ରକାର ଆଦେଶ, ଜର୍ମାନ ଜାତି ଭାରି ଭଦ୍ର । ଆଦେଶଟାକୁ ଅନୁରୋଧ ଭଳି କହିବାକୁ ଭଲପାଏ ।

ମାସଟି ଅଫିସ୍‌ରେ କଟିଲା । ଛୁଟୀ ଆଉରି ମାସଟେ ହାତରେ ଅଛି । ବର୍ଲିନରେ କାର୍ଲ, ୱାଲ୍ଟର୍, ଥିଓଡୋର, ଗିସେଲା, ଇଙ୍ଗେ ଓ ଇରେନ୍ ଅଛନ୍ତି । ହେଲ୍‌ମୁଟ୍ ଓ ଇରେନେ ବିବାହ କରିଛନ୍ତି । ୱାଲ୍ଟର ଗିସେଲାକୁ ବିବାହ କରିବ । ତାକୁ ବର୍ଲିନରେ କିଛିଦିନ କଟାଇବାକୁ ପଡ଼ିବ ।

ଭିଏନାରେ ଥିଲାବେଳେ ଦୁହେଁ ଯାଇଥିଲେ ଫିଲ୍‌ହାମୋନିଅନ୍ ଅର୍କେଷ୍ଟ୍ରାରେ ବେଥୋଭେନ୍‌ଙ୍କର ପଞ୍ଚମ ସିମ୍ଫୋନୀ ଶୁଣିବାକୁ । ଆଶା ଖୁବ୍ ପସନ୍ଦ କରିଥିଲା । ସୁକାନ୍ତ ତାକୁ କହିଥିଲା ବର୍ଲିନରେ ଅର୍କେଷ୍ଟ୍ରା ତା'ଠାରୁ ଆଉରି ଭଲ । ତା ବାଦ୍ ଷ୍ଟାଟିଶେ ଓପେର୍, ଶିଲର ଥିଏଟର୍, ଓ ପୂର୍ବ ଜର୍ମାନୀର ଷ୍ଟାଟସ୍ ଓପେର ଦେଖାଇବାକୁ ମଧ କହିଲା । ଏସବୁ ମନେ ରଖି ବାହାରିଲେ ବର୍ଲିନ ।

ପୂର୍ବ ଜର୍ମାନୀ ଦେଇ ବର୍ଲିନ ଯିବାକୁ ହେବ । ଆଗେ ଏ ବାଟେ ଯିବା ବେଳେ ପୂର୍ବ ଜର୍ମାନୀର କମ୍ୟୁନିଷ୍ଟ ସରକାରଙ୍କ ପ୍ରତି ଘୃଣାରେ ମନଟି ପୂରି ଉଠୁଥିଲା । ଜର୍ମାନ୍ ମାନଙ୍କ ମୁହଁରୁ ବିଭିନ୍ନ କଥା ଏମାନଙ୍କ ବିଷୟରେ ଶୁଣି ତା'ର ମତାମତ ମଧ ତାଙ୍କ ଭଳି ହୋଇ ଯାଇଥିଲା । ଏବେ ଆଶା ସଙ୍ଗେ ଯୁକ୍ତି ତର୍କ କରି ବୁଝିଲାଣି ଏ ସବୁ ଭ୍ରମାତ୍ମକ । ଆଶା ଇତିହାସର ଛାତ୍ରୀ, ଇତିହାସରେ ଏ ଜର୍ମାନ୍ ଜାତିର ଏକତା ନଥିଲା । ବିସ୍‌ମାର୍କ ଏମାନଙ୍କୁ ଏକାଠି କରାଇଥିଲେ । ଏମାନେ ଆପେ ଆପେ ଭାଙ୍ଗିଗଲେ । ଆଜି ମଧ ବାଭେରିଆର ଲୋକମାନେ ନିଜକୁ ଫ୍ରାଇଷ୍ଟାଚ୍ ବାୟର୍ଣ୍ଣ ବା ସ୍ୱାଧୀନ ବାଭେରିଆ ରାଷ୍ଟ୍ରର ଲୋକ ବୋଲି କହନ୍ତି । ତେଣୁ ତାଙ୍କର ରାଜନିତିରେ ନିଜ ମୁଣ୍ଡ ପୂରାଇବା କିଛି ଦରକାର ନାହିଁ ।

ଏମାନେ ଭାରତୀୟ । ଏମାନଙ୍କ ପ୍ରତି ପୂର୍ବ ଜର୍ମାନୀର ପୁଲିସ୍‌ମାନଙ୍କର ଖୁବ୍ ଭଲ ବ୍ୟବହାର । ଏମାନଙ୍କ ପାଇଁ ବାଧା ବନ୍ଧନ ନାହିଁ । ଏମାନେ ପୁଞ୍ଜୀବାଦୀଙ୍କର ଦଲାଲଙ୍କୁ ସାହାଯ୍ୟ କରିବେ ନାହିଁ । ଭାରତ ପୂର୍ବ ଜର୍ମାନୀର ମିତ୍ର ରାଷ୍ଟ୍ର ।

ବର୍ଲିନ ସବୁବେଳେ ସୁନ୍ଦର ରହିଥିବ । ରୁର୍‌ର ଯାନ୍ତ୍ରିକ ଜଗତଠାରୁ ପୂରା ଅଲଗା । ଏଠାର ଲୋକମାନଙ୍କର ସ୍ୱାତନ୍ତ୍ର ଅଛି । ଏମାନେ କଳା ଓ ସଂଗୀତରେ

Digitized by PPRACHIN, SOA

ଉପାସନା କରନ୍ତି । ଏଠାରେ ବାର୍ କିମ୍ବା ନାଇଟ୍ କ୍ଲବ୍ ଅପେକ୍ଷା ଶିଲର ଥିଏଟର ବା ଷ୍ଟାଟିଶେ ଓପେର୍‌ରେ ବେଶୀ ଭିଡ଼ । ଓ୍ୟାନ୍ ସେର ରମଣୀୟ ବାତାବରଣରେ କିମ୍ବା ଟେଗେଲ୍‌ର ନିଘଞ୍ଚ ଜଙ୍ଗଲରେ ଦୁହେଁ ଘୁରି ବୁଲନ୍ତି । ସନ୍ଧ୍ୟାରେ ସାଙ୍ଗମାନଙ୍କ ସହିତ ନୂଆ ନୂଆ ପ୍ରୋଗ୍ରାମ୍ ।

ଦିନେ "ଝର କଲମ'ର ସଂପାଦକ ଦୁହିଁଙ୍କୁ ଖାଇବାକୁ ଡାକିଥିଲେ । ସୁକାନ୍ତର କବିତା ସବୁ ତିନୋଟି ବହିରେ ପ୍ରକାଶିତ ହୋଇ ସାରିଛି । ସଂପାଦକଙ୍କ କଥା ଅନୁସାରେ ନାମ ରଖା ଯାଇଛି । "ଝରାଫୁଲ", "ଭ୍ରାନ୍ତି" ଓ "ଦ୍ୱନ୍ଦ୍ୱ" । ତିନୋଟି ବହି ତାକୁ ଉପହାର ଦେଲେ ଓ ତା ସାଥିରେ ଗୋଟିଏ ଚେକ୍ ଦେଲେ ଆଶା ହାତରେ । ଆଶା ଜାଣି ନଥିଲା ସୁକାନ୍ତ ଜର୍ମାନ୍ ଭାଷାରେ କବିତା ଲେଖି ପଠାଉ ଥିଲା ବୋଲି । ଏକଥା ଭାରତରେ କେହି ଜାଣି ନାହାନ୍ତି । କେବେ ସେ କାହାକୁ କହିନାହିଁ । ଜୀବନର ସବୁ ଦେଇ ନିଜ ପାଇଁ ଯାହା କରି ପାରିଥିଲା ସେଇ ସବୁ ତାର ପୂରା ବ୍ୟକ୍ତିଗତ । ଆଉ କିନ୍ତୁ କିଛି ଆବଶ୍ୟକତା ନାହିଁ । ତା'ର ନିରର୍ଥକ ଜୀବନ ସାହା ପାଇଲାଣି । ପନ୍ଥାହୀନ ପାନ୍ଥ ଆଜି ପଥ ପାଇଛି । ଝରାଫୁଲ ନେଇ ଲୁହ ଗଡ଼ାଇବାର ଅବସର ନାହିଁ, ସଦ୍ୟ ପ୍ରସ୍ଫୁଟିକ ଗୋଲାପ ତା ହାତରେ । ସେ ଭୁଲିଯିବ ଏ କବିତା ସବୁ । ଜୀବନ ତା'ର ହେବ ଏକ ନୂତନ କବିତା । ଶସ୍ତା ନାଚ, ଗୀତ, ନାଇଟ୍ କ୍ଲବ୍‌ର ଅଶ୍ଳୀଳତାରୁ ଦୂରେଇ ଯିବ । ବେଥୋଭେନ୍, ମୋଜାର୍ଟ, ବାଖ, ରବିଶଙ୍କର ଇତ୍ୟାଦିଙ୍କର ଅମୂଲ୍ୟ ସଂଗୀତ ଶୁଣିଯିବ ଆଶାକୁ ପାଖରେ ବସାଇ । ସେ ଗଢ଼ିବ ନବୀନ ସଂସାର, ବ୍ୟର୍ଥ ପ୍ରେମୀର ହାହୁତାଶୀକୁ ଜାଳି ପୋଡ଼ି ଦେବ ସେ ।

ସେଦିନ ରାତିରେ ପୂର୍ବ ବର୍ଲିନରେ "ଷ୍ଟାଟସ୍ ଓପେର୍'ରେ "ଡନ୍ କାର୍ଲୋସ୍" ଦେଖି ଫେରିଲା ବେଳେ ସେ ଆଶାକୁ କହିଥିଲା "ଯେତେବେଳେ ସନ୍ଧ୍ୟା ସରିଗଲା ଭାବିଥିଲି ଜୀବନର ଆବଶ୍ୟକତା ନାହିଁ । ଝୁଙ୍କ ଉଠିଲା, ଜର୍ମାନୀ ଆସିଲି । ଓ୍ୟାଲ୍ଟର୍‌ର ପ୍ରରୋଚନାରେ ମୋର ପ୍ରଥମ କବିତା ପ୍ରକାଶିତ କଲେ "ଝର କଲମ"ର ସମ୍ପାଦକ । ତା'ପରେ ଏକୁଟିଆ ମୁହୂର୍ତ୍ତ ଗୁଡ଼ାକ କବିତା ଲେଖାରେ କଟାଇଦିଏ । ଆଖିର ପାଣି କଲମ ଦେଇ ବହିଯାଏ । କିନ୍ତୁ ଜାଣ ମୋର କି ପରିବର୍ତ୍ତନ ହେଲା ? ବ୍ୟର୍ଥପ୍ରେମରୁ ଆସି ମୁଁ ଦେଖେ ମୋ ପାଇଁ ଆଉ ରାସ୍ତା ନାହିଁ । ଅନେକ ବହି ପଢ଼ିଲି, ବେଦାନ୍ତ, ଗୀତା, ବାଇବେଲ ସବୁ କିଛି ପଢ଼ିଲି । କିନ୍ତୁ କେଉଁଠାରେ ମୋ ପାଇଁ ପନ୍ଥା ଖୋଜି ପାଇଲି ନାହିଁ । ତା' ପରେ ଆରମ୍ଭ ହେଲା ଆପେ ଆପେ ସୁରାର ଚମକମୟ ସ୍ପର୍ଶ । ତାକୁ ବଢ଼ାଇ ଦେଲେ ଡ଼ିରେକ୍ଟର ଲାଙ୍ଗ୍‌ଙ୍କ ପରି ବାସ୍ତବବାଦୀ । ଆଉ ଆଦର୍ଶ । ତୁମେ ଯାହାକୁ ଆଦର୍ଶ କହ ତାହା ଏକ ବଡ଼ ଶୂନ୍ୟତା । ମଣିଷ ଆଦର୍ଶ ଲୋଡ଼େନା । ସେ ଚାହେଁ ଲକ୍ଷ୍ୟ ଓ ସେଥିସକାଶେ ପନ୍ଥା । ଆମ ଦେଶର ଲୋକମାନେ ସେଇଠାରେ ଭୁଲ କରନ୍ତି । ଲକ୍ଷ୍ୟହୀନ ସେମାନେ, ପନ୍ଥା ତେଣୁ ଅନିଶ୍ଚିତ, ମନରେ ସବୁବେଳେ ଦ୍ୱନ୍ଦ୍ୱ । ସେଥିପାଇଁ ସେମାନେ ଆଦର୍ଶବାଦୀମାନଙ୍କୁ ପୂଜା କରନ୍ତି । ମୁଁ କିନ୍ତୁ ଆଦର୍ଶରେ ବିଶ୍ୱାସ କରେନାହିଁ । ଲକ୍ଷ୍ୟହୀନ ଭାବରେ ବୁଲି ଚାଲିଥିଲି । କିନ୍ତୁ ସେଇ ଫ୍ରାଙ୍କ୍‌ଫୁଟ୍‌ର ମାଇନ୍ ନଦୀ କୂଳରେ ମୋର ସବୁ କଳାକାମକୁ ତୁମେ ବଡ଼ ପାଟିରେ କହିଗଲ । ମୋତେ ନିଜ ପାଖରେ ଧରା ପକେଇଦେଲ । ପଳାୟନ ପନ୍ଥୀ କେବେ ହେଁ ଜିତି ପାରେନି ଆଶା, ସେ ସବୁବେଳେ ହାରିଯାଏ ।"

Digitized by PPRACHIN, SOA

ବର୍ଲିନ ରହଣୀ ସରିଲା । ପାରିସ୍, ବ୍ରୁସେଲସ୍, ଆମଷ୍ଟରଡ଼୍ୟାମ, ଲଣ୍ଡନ, ରୋମ, ଭିନିସ୍, କାଇରୋ – ସବୁ ବୁଲା ସରିଗଲା । ସେଇ କୋଠାବାଡ଼ି, ଗାଡ଼ି ମଟର, ମ୍ୟୁଜିୟମ୍, ଆର୍ଟଗ୍ୟାଲେରୀ, ଥିଏଟର, ନାଇଟ୍‌କ୍ଲବ୍ । ନୂତନତ୍ୱ କିଛି ନାହିଁ । ଟୁରିଷ୍ଟ ପାଇଁ ବଡ଼ ଆମୋଦଦାୟକ । ଆଶା ମନଇଚ୍ଛା ଘୁରିଛି, ଫଟୋ ଉଠାଇଛି ଖୁସୀରେ । ଟୁରିଷ୍ଟ ଘୁରି ବୁଲେ କେତେ ଦିନ, ମନରେ ସାଇତି ରଖେ ଶହ ଶହ ସ୍ମୃତି । ସୁକାନ୍ତ ଓ ଆଶା ସେଇପରି ଟୁରିଷ୍ଟ ।

x x x x x x x x x x x

ଭାରତରେ ପହଞ୍ଚି ପୁଣି ଆରମ୍ଭ ହେଲା ସେଇ ଗତାନୁଗତିକ ଜୀବନ । ସକାଳରୁ ସଂଜଯାଏ କାରଖାନାରେ, ଅଫିସ୍‌ରେ କାମ, ସନ୍ଧ୍ୟାରେ ଖେଳବୁଲ, ଛୋଟ ପରିବାରର ନିତିଦିନିଆ ମାନ ଅଭିମାନ, ହସଖୁସି ।

ନିସ୍‌ଓ୍ୟାଣ୍ଡ ଏଥର ଜର୍ମାନୀ ଫେରିଯିବ । ତା'ର କଣ୍ଟ୍ରାକ୍ଟ ଶେଷ ହୋଇଗଲାଣି । ସେ ଆଉ ବେଶୀଦିନ ଭାରତରେ ରହିବାକୁ ଚାହେଁ ନାହିଁ । ତାଙ୍କ ଜାଗାରେ କମ୍ପାନୀ ପିଥଓ୍ୟାଲାଙ୍କୁ ନିଯୁକ୍ତ କରିଛି । ତାଙ୍କ ପାଇଁ କମ୍ପାନୀକୁ ଏତେ ପଇସା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ପିଥଓ୍ୟାଲା କର୍ମଠ, ବିଜ୍ଞ । କିନ୍ତୁ ସେ ସବୁରି ସାଥିରେ ମିଶି ପାରନ୍ତି ନାହିଁ । ପ୍ରଥମରୁ ଆରମ୍ଭ ହେଲା ବେକର୍‌ଙ୍କ ସାଙ୍ଗରେ ଝଗଡ଼ା । ବେକର୍ ନିଜ ଡ଼ିପାର୍ଟମେଣ୍ଟ ଲୋକଙ୍କୁ ଶୀଘ୍ର ପ୍ରମୋଶନ୍ ଦେଉଛନ୍ତି । ଫଳରେ ଦରମା ବାବଦୀୟ ବିଲ୍ କମ୍ପାନୀର ବହୁତ ବଢ଼ିଯାଉଛି । ନରୋକିଲେ ଅବସ୍ଥା ଖରାପ ହେବ । ଉତ୍ତରରେ ବେକର କହିଛି ଯେ କମ୍ପାନୀର ବର୍ଷକୁ କୋଟି କୋଟି ଟଙ୍କାର ବ୍ୟବସାୟ ଯାହା ଯୋଗୁଁ ହେଉଛି ସେମାନେ ଯଦି ସନ୍ତୁଷ୍ଟ ନରହିବେ ତେବେ ପ୍ରଡକ୍‌ଶନ୍ କମିଯିବ, ସୁତରାଂ ବ୍ୟବସାୟ କମିଯିବ । ସୁକାନ୍ତ ସାଙ୍ଗରେ ମଧ୍ୟ ଝଗଡ଼ା । ପିଥାଓ୍ୟାଲାଙ୍କ ମତରେ ପ୍ରତ୍ୟେକ କଣ୍ଟ୍ରାକ୍ଟରେ ଆଉରି ଲାଭ କରାଯାଇ ପାରିବ ଯଦି ଛୋଟ ଛୋଟ ଅନେକ ଖର୍ଚ୍ଚ କାଟି ଦିଆଯିବ । ସୁକାନ୍ତ କହେ ସେଭଳି କଲେ କଣ୍ଟ୍ରାକ୍ଟ ମିଳିବ ନାହିଁ । ଏଇ ସବୁ ଛୋଟ ଛୋଟ ଝଗଡ଼ା ବଡ଼ ଆକାର ଧାରଣା କଲା । ଜର୍ମାନୀରୁ ମ୍ୟାନେଜିଙ୍ଗ୍ ଡିରେକ୍ଟର ଆସିଲେ । ଶେଷରେ ପିଥାଓ୍ୟାଲାଙ୍କୁ ବିଦାୟ ନେବାକୁ ପଡ଼ିଲା । ତାଙ୍କ ଜାଗାରେ ଜର୍ମାନୀରୁ "ମାୟାର୍" ଆସିଲେ । କାରଖାନାର ପୂର୍ବ ବାତାବରଣ ଫେରି ଆସିଲା । ଇଞ୍ଜିନିୟର୍ ଓ ଟେକ୍‌ନିସିଆନ୍ ମାନଙ୍କର ଏଇଟା ବିରାଟ ବିଜୟ ବୋଲି ସେମାନେ କହି ବୁଲିଲେ ।

ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ଚାଲିଯାଏ । ସୁକାନ୍ତର କଣ୍ଟ୍ରାକ୍ଟ ପୂରିବାକୁ ଅଳ୍ପ କେତେମାସ ଅଛି । ତା ପାଖକୁ ଚଠି ଆସିଲାଣି କଣ୍ଟ୍ରାକ୍ଟ ରିନିଉ କରିବାକୁ । ସେ ଭାବି କିଛି ଠିକ୍ କରି ପାରେ ନାହିଁ । ଆଶା ଏ ବିଷୟରେ କିଛି କହେନି । କିନ୍ତୁ ତା'ର ମନେ ପଡ଼ିଯାଏ ସେଇ ଫ୍ରାଙ୍କ୍‌ଫୁଟ୍‌ର ମାଇନ୍ ନଦୀର କୂଳର କଥା । ଏଠାରୁ ଚାଲି ଗଲେ ସେ ଖୁସି ହେବ ନିଶ୍ଚୟ । କିନ୍ତୁ ଯିବ କେଉଁଆଡ଼େ ? ଏତେ ଭଲ ଚାକିରି କଣ ସହଜରେ ମିଳିବ ? ଏଠାରୁ ଯାଇ ଭାରତୀୟ ପ୍ରାଇଭେଟ୍ କମ୍ପାନୀରେ ପଶିବାକୁ ତା'ର ବିଲ୍‌କୁଲ୍ ଇଚ୍ଛାନାହିଁ । ସରକାରୀ ଚାକିରି ସହଜ ନୁହେଁ ।

ସେଦିନ ସେ ବମ୍ବେରୁ କଲିକତା ଯାଉଥିଲା । ବିମାନରେ ପାଖରେ ବସିଥିଲେ ଶ୍ରୀଯୁକ୍ତ ଆପ୍ଟେ । ନୂତନ ହୋଇ ଗଢ଼ା ହୋଇଥିବା ସରକାରୀ ଡିଜାଇନ୍ କେନ୍ଦ୍ରର

Digitized by PPRACHIN, SOA

ମୁଖ୍ୟ । ଆପ୍ପେଙ୍କୁ ସେ ଆଗରୁ ଭଲ କରି ଜାଣିଥିଲା । ସେ ଜଣେ ଖ୍ୟାତନାମା ମେକାନିକାଲ୍ ଇଞ୍ଜିନିୟର, ଖୁବ୍ ଭଲ ଚାକିରିରେ ଥିଲେ । ଅନେକ ଦିନ ଆମେରିକାରେ କରାଇଛନ୍ତି । ପ୍ରଚୁର ଦରମା ପାଉଥିଲେ । ସରକାର ତାଙ୍କୁ ମନୋନୀତ କରିଛନ୍ତି ନୂତନ ଡିଜାଇନ୍ କେନ୍ଦ୍ରର ମୁଖ୍ୟ ରୂପେ । ସେ ଚାହାନ୍ତି ଭଲ ଭଲ ଇଞ୍ଜିନିୟର ମାନଙ୍କୁ ନେଇ ଏଇ ଅନୁଷ୍ଠାନଟି ଗଢ଼ିବେ । ଆଉ ଏଇ ବିଜ୍ଞ ଇଞ୍ଜିନିୟରମାନେ ନୂଆ ଇଞ୍ଜିନିୟରମାନଙ୍କୁ ତାଲିମ୍ ଦେଇ ଅନୁଷ୍ଠାନକୁ ଉଚ୍ଚମାନକୁ ଉଠାଇବେ । ସେ ସୁକାନ୍ତକୁ ପଚାରିଲେ ନିଜର ସ୍ଥାନ ପରିବର୍ତ୍ତନ କରିପାରିବ କି ? ଅବଶ୍ୟ ବର୍ତ୍ତମାନ ଯାହା ଦରମା ପାଉଛି ସେ ଏତେ ପଇସା ପାଇବ ନାହିଁ । କିନ୍ତୁ ସରକାରୀ ହାରରେ ଖୁବ୍ ସିନିଅର ପୋଷ୍ଟ ପାଇବ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରଙ୍ଗ୍ ଡିପାର୍ଟମେଣ୍ଟର ମୁଖ୍ୟ ଭାବରେ । ସୁକାନ୍ତ ପନ୍ଦର ଦିନ ସମୟ ମାଗିଲା । ଭାବିଲା ଆଶା ସଙ୍ଗରେ କଥାବାର୍ତ୍ତା କରି ଏ ବିଷୟରେ ଠିକ କରିବ ।

ଆଶା ଖୁବ୍ ଖୁସି । ଏହି କମର୍ସିଆଲ୍ ଅର୍ଗାନାଇଜେଶନ୍‌ରୁ ଗଲେ ତା ମୁଣ୍ଡରୁ ବୋଝ ଯିବ । ସୁକାନ୍ତ ନିଜର ମତ ଆପ୍ପେଙ୍କ ପାଖକୁ ଲେଖି ପଠାଇଦେଲା । କମ୍ପାନୀକୁ ଲେଖିଦେଲା ଯେ କଣ୍ଟ୍ରାକ୍ଟ ବଢାଇବାକୁ ସେ ଅନିଚ୍ଛୁକ । ଆଉ ତିନିମାସରେ ସେ ତାର ନୂତନ କର୍ମକ୍ଷେତ୍ରକୁ ଚାଲିଯିବ ।

ସେ ଭାବିଥିଲା ତା କାମରେ କମ୍ପାନୀ ଶର୍ମାକୁ ରଖିବ । କିନ୍ତୁ ତାହା ହେଲାନାହିଁ । ସେମାନେ ଠିକ୍ କରିଛନ୍ତି ତା ଜାଗାରେ ଜର୍ମାନୀରୁ ଜଣେ ସନିୟର ଇଞ୍ଜିନିୟର ଆସିବେ । ଶର୍ମା ପାଇଁ ତା'ର ମନ ଦୁଃଖ ହେଲା । ଭାବିଲା ଶର୍ମାକୁ ପରେ ନିଜ ଅନୁଷ୍ଠାନକୁ ନେଇଯିବ ।

ଖୁବ୍ ଶୀଘ୍ର ତିନୋଟି ମାସ କଟିଗଲା । ଏଇ ମାସ ତିନୋଟି ଭିତରେ କେତେ ଗୁଡ଼ିଏ ଘଟଣା ଘଟିଗଲା ବିଶ୍ୱାସ କରି ହୁଏ ନାହିଁ ।

ସତ୍ୟ ଚିଠି ଲେଖିଛି । ସେ ଓ ଶାନ୍ତା ଆମେରିକା ଚାଲିଯିବେ । ନିଉକ୍ଲିଆର୍ ଫିଜ଼ିକ୍ସରେ ଗବେଷଣା ପାଇଁ ତାକୁ ବେଶୀ ସୁବିଧା ମିଳୁନାହିଁ । ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ସେ ପୋଷ୍ଟ ଡକ୍ଟରେଟ୍ ଫେଲୋଶିପ୍ ପାଇଛି । ତିନିବର୍ଷ ସକାଶେ ଷ୍ଟଡି ଲିଭ୍ ନେଉଛି । ଶାନ୍ତା ମଧ ସେହି ସମୟରେ ପି.ଏଚ୍.ଡି. କରିଦେବ । ଏଠାରେ କରିବା ଦୁରୁହ । ଘର ସମ୍ଭାଳି ପାଠ ପଢିବାକୁ ସମୟ ମିଳୁନାହିଁ ।

ସତ୍ୟ ଚାଲିଯିବ ଆମେରିକା । ଆଉ ଶରତ୍ ଓ କିଶୋର ! ସେମାନେ ଆଜି ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇ ପାରି ନାହାନ୍ତି । ନା', ସେମାନେ ପାରିବେ । ଶରତ୍ ଅଛି, ସବୁ ସମ୍ଭାଳିନେବା ସତ୍ୟ ଓ ଶାନ୍ତା ଯାଆନ୍ତୁ । ସେମାନେ ଅତି ବୁଦ୍ଧିମନ୍ତ, ସେମାନେ ବିଜ୍ଞାନକୁ କିଛି ଦାନ କରିପାରିବେ ।

ମାତ୍ର ପନ୍ଦରଦିନ ଭିତରେ ସେମାନେ ଚାଲିଗଲେ । ସାନ୍ତାକ୍ରୁଜ୍ ବିମାନଘାଟୀରେ ସମସ୍ତେ ମିଶି ତାଙ୍କୁ ବିଦାୟ ଦେଲେ । ତା'ର ଅତି ପ୍ରିୟ ସତ୍ୟ ଓ ଶାନ୍ତା ଚାଲିଗଲେ ବହୁତ ଦୂରକୁ ।

x x x x x x x x x x x x x

Digitized by PPRACHIN, SOA

ଶରତ୍ ଚିଠି ଲେଖିଛି, ଖୁବ୍ ଲମ୍ବା ଚିଠି ଶରତ୍‌କୁ ଚାହିଁଲେ-

"ଭାଇ ସୁକୁ,

କେତେ ଦିନ ଏଇ ହା ହୁତାଶୀ ଭିତରେ ଜାଳି ପୋଡ଼ିବି ନିଜକୁ । ସତ୍ୟ ଓ ଶାନ୍ତା ଥିଲେ । ସେମାନେ ସାହସ ଦେଉଥିଲେ । ବଂଚିବାର ମୋହ ଦେଉଥିଲେ । କିନ୍ତୁ ତୁ ତ ଜାଣୁ, ମୁଁ ସତ୍ୟପରି ଫାଇଟର୍ ନୁହେଁ । ଫୁଟ୍‌ବଲ୍, କ୍ରିକେଟ ଖେଳିଲା ବେଳେ ଭାବୁଥିଲି ମୁଁ ଜଣେ ଫାଇଟର୍, କିନ୍ତୁ ବାସ୍ତବ ଜୀବନରେ ମୁଁ ହାରିଯାଇଛି ।

ଅନେକ ଦିନ ହେଲା ମିନିଶୋଟା ବିଶ୍ୱବିଦ୍ୟାଳୟ ସାଙ୍ଗରେ ଚିଠିପତ୍ର ଲେଖାଲେଖି କରୁଥିଲି ହରମୋନ୍ ଉପରେ ପୋଷ୍ଟ ଡକ୍ଟରେଟ୍ ଫେଲୋଶିପ୍ କରିବା ପାଇଁ । ସେମାନେ ରାଜି ହୋଇଛନ୍ତି । ଭଲ ଦରମା ଦେବେ । ମୋ ପାଇଁ ବହୁତ ବେଶୀ । ପାଶ୍‌ପୋର୍ଟ ଏହା ଭିତରେ ମିଳିଯିବ ଆଉ ଦଶପନ୍ଦର ଦିନ ପରେ ଭାବିଛି ଚାଲିଯିବି ଆମେରିକା ।

ଜୀବନର ହାହୁତାଶି ଭିତରେ ମୁଁ ପାଇଛି ଏକ ନବୀନ ଆଶା । ଆମ କଲେଜର ଅଧାପିକା ବୀଣା ମହାପାତ୍ର, ମନସ୍ତତ୍ୱ ବିଭାଗର ଲେକ୍‌ଚରର୍ । ଚାକିରି କରିବାର ଅଳ୍ପଦିନ ଭିତରେ ତାଙ୍କ ବାପା ଓ ମାଆ କାର୍ ଆକ୍ସିଡେଣ୍ଟରେ ମରିଗଲେ । ତାଙ୍କର ଆଉ କେହି ନାହିଁ । ବେଳେ ବେଳେ ମୁଁ ଯାଇ ସହାୟତା କରୁଥଲି । ସେ ଚାହୁଁନଥିଲେ । କିନ୍ତୁ ଗତ କିଛି ଦିନ ହେଲା ସେ ସବୁବେଳେ ଚାହାନ୍ତି ମୋର ସାନିଧ । ପ୍ରତ୍ୟେକ ଦିନ ତାଙ୍କୁ ନ ଦେଖିଲେ ମୋର ମନ ମରିଯାଏ । ହଁ ଭାଇ, ଆମେ ଦୁହେଁ ଦୁହିଁଙ୍କୁ ଖୁବ୍ ଭଲପାଉ । ଆମେ ବିବାହ କରିବୁ ଆସନ୍ତା ସପ୍ତାହରେ । ଆଉ ତା'ପରେ ଚେଷ୍ଟା କରିବି ମୋର ଏଇ ଭଙ୍ଗା ନୀଡ଼ଟିକୁ ପୁଣି ଗଢି ନେବାକୁ । ଜୀବନସାରା ଧକ୍କା ଖାଇ ଖାଇ ଭାବିଥିଲି ଯେଉଁଥିରେ ହାତ ଦେଉଛି ତା' ଭାଙ୍ଗି ଯାଉଛି । ନିଜ ଉପରେ ଆତ୍ମବିଶ୍ୱାସ ନଥିଲା । କିନ୍ତୁ ବୀଣା ମୋତେ ଦେଇଛି ନବୀନ ସାହସ ଜୀବନ ସହିତ ଲଢ଼ିବା ପାଇଁ ।

ଆମର ବିବାହ ହିନ୍ଦୁ ରୀତିରେ ହେବ ନାହିଁ । ଆମେ ସିଭିଲ୍ ମ୍ୟାରେଜ୍ କରିବୁ, ତୁ ଆଉ ଆଶା ନିଶ୍ଚୟ ଆସିବ । God be with you,

ତୋର ଶରତ୍

ନା, ଅସମ୍ଭବ । ସିଭିଲ୍ ମ୍ୟାରେଜ୍ କରେଇ ଦେବନାହିଁ ସେ । କିଏ କହିଲା ଶରତ୍‌ର କେହି ନାହିଁ ? ସେଦିନ ସନ୍ଧ୍ୟା ଫ୍ଲାଇଟ୍‌ରେ ଆଶା ଓ ସୁକାନ୍ତ କଲିକତା ଗଲେ ଆଉ ରାତି ଟ୍ରେନ୍‌ରେ ଗଲେ କଟକ । ଆଶା ଭାର ନେଲା ବୀଣା ଘରର ଓ ସୁକାନ୍ତ ଶରତ୍‌ର । ଶ୍ୟାମ ମଉସା ଆଉ ଦୌଡ଼ାଦୌଡ଼ି କରିପାରୁନାହାନ୍ତି । କିନ୍ତୁ ସତୀଶ୍ ଓ ଚନ୍ଦୁ ଲାଗିପଡ଼ିଛନ୍ତି । ବାପା ମାଆ ଗାଁଆରୁ ଆସୁଛନ୍ତି । କିଶୋର ଲାଗିପଡ଼ିଛି । ମାଧବ ଓ ସୁମୀ ଆସିଲେଣି । ନିତୁ, ମୀନୁ ଓ ତାର ସ୍ୱାମୀ ଆସି ପହଞ୍ଚିଲେଣି । ସୁମୀ, ନିତୁ, ମୀନୁ ଓ ତା'ର ସ୍ୱାମୀ ଆଶାକୁ

Digitized by PPRACHIN, SOA

ସାହାଯ୍ୟ କରୁଛନ୍ତି । କେହି ଜ୍ଞାତି କୁଟୁମ୍ବର ନୁହନ୍ତି । ତେବେ ବି ଅତି ଆପଣାର । ଏଇ ମାନେ ତା'ର ସବୁ । ଭାଇ ଭଉଣୀଙ୍କଠାରୁ ଆଉରି ନିଜର, ଆଉରି ଅନ୍ତରର ।

ବିବାହ ସରିଲା । ଚାରିବନ୍ଧୁ ବସି କଥାବାର୍ତ୍ତା ହେଉଥାଆନ୍ତି । ମାତ୍ର ଆଉ କେତୋଟି ଦିନ । ତା' ପରେ ଶରତ୍ ଓ ବୀଣା ଚାଲିଯିବେ ମିନିଶୋଟା । ହୁଏତ ଏଭଳି ଦିନଗୁଡ଼ିକ ଜୀବନରେ ଆଉ ଆସିବ ନାହିଁ । ଶରତ୍ କିନ୍ତୁ ଦୁଃଖିତ ନୁହେଁ । ସେ ଫେରିପାଇଛି ତା'ର ପୂର୍ବ ସାହସ ।

ମାଧବ ମଧ୍ୟ ଏମ୍.ଆଇ.ଟି.ରେ ସିଟ୍ ପାଇଛି ଡ଼କ୍ଟରେଟ୍ କରିବା ପାଇଁ । ସେମାନେ ଚାହାନ୍ତି ଯେତେ ଶୀଘ୍ର ଆମେରିକା ଚାଲିଯିବେ । ଖାଲି ମଉସା (ସୁମୀର ବାପା) ରାଜି ହେଉନାହାନ୍ତି ଏ ମାସରେ ଛାଡ଼ିବା ପାଇଁ । ଆସନ୍ତା ମାସରେ ସେମାନେ ଚାଲିଯିବେ । ସୁମୀ ମଧ୍ୟ ଏମ୍.ଏସ୍. କରିନେବ ।

ଆଉ ବାକି ରହିଲା କିଶୋର । ସବୁଠାରୁ ସରଳ ବନ୍ଧୁଟି ତାର । ଈର୍ଷା, ଦ୍ୱେଷ ତା ମନକୁ ଟିକିଏ ହେଲେ ଛୁଇଁ ପାରିନି । ଏ କୁଟିଳତା ଭରା ସଂସାରରେ ଏକୁଟିଆ ଚଳିବ ବା କିପରି ? କିନ୍ତୁ ବାପା ମାଆ ସୁକାନ୍ତର ମନକଥା ବୁଝନ୍ତି । କିଶୋର ଏବେ ସୁକାନ୍ତର ଗାଁଆକୁ ଯାଏ ଛୁଟୀରେ, ଏକୁଟିଆ ରହେ ନାହିଁ ।

ଏମାନେ ଫେରି ଆସିଲେ ବମ୍ବେ । ଆଉ ଅଳ୍ପ କିଛିଦିନ । ସଦ୍ଭାବ ରଖି ସମସ୍ତଙ୍କଠାରୁ ବିଦାୟ ନେବାକୁ ପଡ଼ିବ ।

ଶରତ୍ ଓ ବୀଣା ଆମେରିକା ଚାଲିଗଲେ । ଆଉ କିଛି ଦିନ ପରେ ମାଧବ ଓ ସୁମୀ ଚାଲିଗଲେ । ଜାଣେନି ସେମାନେ କେବେ ଫେରିବେ, ଫେରିବେ କି ନାହିଁ ।

ଶ୍ରୀଯୁକ୍ତ ଆପ୍ଟେ ଲେଖିଛନ୍ତି । ମାସକ ଭିତରେ ତାକୁ ନୂତନ କାର୍ଯ୍ୟଭାର ନେବାକୁ ପଡ଼ିବ । ନୂଆ ଡ଼ିପାର୍ଟମେଣ୍ଟ ଗଢ଼ିବାକୁ ପଡ଼ିବ । ଆଖି ଆଗରେ ପ୍ରଚୁର କାମ ।

ଶେଷ ପନ୍ଦରଟି ଦିନ ଖାଲି ପାର୍ଟି, ପାର୍ଟି ଓ ପାର୍ଟି । ସବୁଠାରେ ବିଦାୟ କାଳୀନ ଟୋଷ୍ଟ । ପାଞ୍ଚୋଟି ବର୍ଷର ବନ୍ଧନ । ନିଜ ହାତ ଗଢ଼ା ଅନୁଷ୍ଠାନରୁ ବିଦାୟ ନେବାକୁ ପଡୁଛି । ଆଶା ନ କହିଥିଲେ ସେ ଛାଡ଼ି ନ ଥାନ୍ତା ଏ ଜାଗା । ଏଠାର ମାଟି ଗୋଡ଼ି ସବୁରି ସାଥିରେ ସେ ଅତି ପରିଚିତ । ସବୁ ଫାଇଲ୍, ସବୁ କଣ୍ଟ୍ରାକ୍ଟ, ସବୁ ଡ୍ରଇଁରେ ତା'ର ସ୍ୱାକ୍ଷର ଅଛି । ଏଇ ସ୍ୱାକ୍ଷର ହୁଏତ କମ୍ପାନୀ ଭୁଲିଯିବ । ସମସ୍ତେ ଭୁଲିଯିବେ ତାର ଉପସ୍ଥିତି । କିନ୍ତୁ ନିଜର ଛୁଆଭଳି ଗଢ଼ିଥିବା ଡ଼ିପାର୍ଟମେଣ୍ଟକୁ ସେ ଭୁଲିପାରିବ ନାହିଁ ।

ଜିନିଷପତ୍ର ପ୍ୟାକିଙ୍ଗ୍ ହୋଇ ଦୁଇଟି ଟ୍ରକ୍‌ରେ ପଠାଇ ଦିଆଯାଇଛି । ଶେଷଦିନ ଅଫିସିଆଲ ବିଦାୟ ସଂବର୍ଦ୍ଧନା ଓ ସେଠାରୁ ସାନ୍ତାକ୍ରୁଜ୍ ବିମାନଘାଟୀ । ବନ୍ଧନ

Digitized by PPRACHIN, SOA

ତୁଟାଇବା କି କଷ୍ଟ ! ଇଣ୍ଡିୟାନ୍ ଏଆରଲାଇନ୍ସର ବୋଇଙ୍ଗ୍ ବିମାନ କଲିକତା ଉଦ୍ଦେଶ୍ୟରେ ସାନ୍ତାକ୍ରୁଜ୍ ବିମାନଘାଟୀ ଛାଡ଼ିଲା । ବାହାରେ ଅସ୍ତଗାମୀ ସୂର୍ଯ୍ୟ ।

(ଆଠ)

ନୂତନ କର୍ମ ସଂସ୍ଥାନ ଆଗର କମ୍ପାନୀଠାରୁ ଯଥେଷ୍ଟ ଅଲଗା । କମ୍ପାନୀର ପ୍ରତ୍ୟେକ କାମରେ ଲାଭ କ୍ଷତିର ହିସାବ ରଖୁଥିଲା ସେ । ଏଠାରେ ଲାଭକ୍ଷତିର ହିସାବ ରଖିବାକୁ ପଡ଼େନାହିଁ । ନୂଆ ଡ଼ିପାର୍ଟମେଣ୍ଟ ଗଢ଼ିବାକୁ ହେବ । ଦେଶର ବିଭିନ୍ନ ଅଞ୍ଚଳରୁ ସବୁଠାରୁ ବୁଦ୍ଧିମାନ ଭଲ ଭଲ ଇଞ୍ଜିନିୟରମାନଙ୍କୁ ବାଛିବାକୁ ପଡ଼ିବ । ସେମାନଙ୍କୁ ତାଲିମ ଦେବାକୁ ପଡ଼ିବ । ଭାରତର ଯେତେ ବଡ଼ ବଡ଼ କାରଖାନା କେନ୍ଦ୍ର ସରକାରଙ୍କ ଉଦ୍ୟମରେ ତିଆରି କରାହେବ ସବୁର ଡ଼ିଜାଇନ୍ କରିବେ ଏମାନେ । ପ୍ରଥମେ କିଛି ବର୍ଷ ଅନ୍ୟମାନଙ୍କ ଡ଼ିଜାଇନ୍ ଅନୁକରଣ କରିବାକୁ ପଡ଼ିବ । ଆଉ ଏଇ ବର୍ଷଗୁଡ଼ିକରେ ଯେତେ ନୂଆ ନୂଆ ଘଟଣା ଘଟିଯାଉଛି ଓ ପୁରୁଣା ଜିନିଷର ତାଲିକା ସଂଗ୍ରହ କରି ଲାଇବ୍ରେରୀରେ ରଖିବାକୁ ପଡ଼ିବ । ନୂଆ ଡ଼ିଜାଇନ୍ ଆରମ୍ଭ କରିବାକୁ ପଡ଼ିବ । କାମ ଖୁବ୍ ବଡ଼ । ସମୟ ଖୁବ୍ ଅଳ୍ପ । ସମସ୍ୟା ଉପୁଜେ । ସମାଧାନ ପାଇଁ ସାହାଯ୍ୟ କେହି ନାହିଁ କରିବାକୁ । ନିଜକୁ ପଢ଼ି ସମାଧାନ ବାହାର କରିବାକୁ ହେବ । ଏ କାମଟା ତା' ପାଇଁ ହୋଇପଡ଼ିଲା ଗୋଟିଏ ନୂତନ ଚାଲେଞ୍ଜ ।

ମେକାନିକାଲ ବିଭାଗର ମୁଖ୍ୟ ଶ୍ରୀ ବର୍ଗିସ୍ । ସେ ଅନେକ ଦିନ ଆମେରିକାରେ ଥିଲେ । ବଡ଼ ଭଦ୍ର ଓ କାର୍ଯ୍ୟଦକ୍ଷ । କେମିକାଲ୍ ବିଭାଗର ଶ୍ରୀ ଚକ୍ରବର୍ତ୍ତୀ, ବହୁ ଦେଶ ଘୁରୁଛନ୍ତି । ଅବିବାହିତ, କେୟାର ଫ୍ରି ବ୍ୟାଚେଲର । ବ୍ଲାଷ୍ଟ ଫର୍ନେସରେ ଶ୍ରୀ ମାଥାଇ, ଷ୍ଟିଲ ମେକିଙ୍ଗ୍‌ରେ ଶ୍ରୀ ସିଂହା, ସିଭିଲ୍‌ରେ ଶ୍ରୀଗୁପ୍ତ, ଷ୍ଟ୍ରକଚରାଲ୍‌ରେ ଶ୍ରୀ ରାଓ । ସମସ୍ତେ ବନ୍ଧୁ ଭାବରେ କାମ କରିଯାଆନ୍ତି । ପରସ୍ପରକୁ ସାହାଯ୍ୟ କରନ୍ତି । କିନ୍ତୁ ସବୁଠାରୁ ବୟୋଜ୍ୟେଷ୍ଠ ରୋଲିଂମିଲ୍‌ର ଶ୍ରୀ ଫିଲିପ୍ । ଦୀର୍ଘଦିନ ଧରି ସେ ବିଭିନ୍ନ ଦେଶରେ ରୋଲିଂମିଲ୍ ଡ଼ିଜାଇନ୍ କରିଛନ୍ତି । ସମସ୍ତେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରନ୍ତି ।

ଛୋଟ କଲୋନୀରେ ଏମାନେ ହେଲେ ସିନିଅର ଅଫିସର । ନିଜ ନିଜ ଭିତରେ ମିଳାମିଶା, ହସଖୁସି । କିନ୍ତୁ ଜୁନିୟର ଅଫିସର୍‌ମାନଙ୍କ ସାଙ୍ଗରେ ଏମାନେ ମିଶନ୍ତି ନାହିଁ । ସେମାନଙ୍କ କଲୋନୀ ଟିକିଏ ଦୂରରେ । ତାଙ୍କର ସୁଖ ଦୁଃଖ ନେଇ ସେମାନେ ଥାଆନ୍ତି ।

ଏଠାରେ ଅଫିସ୍‌ର ଦରମାହାର ସାମାଜିକ ସ୍ଥାନ ନିରୂପଣ କରେ । ଏମାନଙ୍କ ହସଖେଳ, ବୁଲାଚଲା ସବୁ ନିର୍ଭର କରେ ଅଫିସ୍‌ର ସିନିଅରିଟି ଉପରେ । ଘରଟି ଅଫିସ୍‌ର ଗୋଟିଏ ପ୍ରତିବିମ୍ବ । ଯାହାର ଦରମା ହାର ବେଶୀ ତା ଘରେ

Digitized by PPRACHIN, SOA

ଭଲ ପରଦା ଲାଗିଥିବ, ଭଲ ଗାଲିଚା ପଡ଼ିଥିବେ, ବଗିଚାର ଲନ୍‌ରେ ଗୋଟିଏ ହେଲେ ଜଙ୍ଗଲି ଘାସ ନ ଥିବ । ଯଦି ଏହା ନ ହୁଏ ତେବେ ଏମାନେ କୃପଣ ବୋଲି ଧରାହେବେ । ଏମାନେ ସନ୍ଧ୍ୟାରେ କ୍ଲବ ଯିବେ ଓ ପଇସା ଦେଇ ରମି ଖେଳିବେ । ନଚେତ୍ ଏମାନେ ଅନ୍‌ସୋସାଲ୍ (unsocial) । ଅଦ୍ଭୁତ ବାତାବରଣ ଏଠାରେ । ଖୁବ୍ ଖାପ୍‌ଛଡ଼ା ଲାଗେ ସୁକାନ୍ତକୁ । କାହିଁକି ଏ ଛଳନା ଚାଲିଥାଏ ଜୀବନ ଭିତରେ । ଅଶା ଓ ସେ ଏ ବିଷୟନେଇ ଚର୍ଚ୍ଚା କରନ୍ତି । ଅନେକ ସମୟରେ ବସି ସଙ୍ଗୀତ ଶୁଣନ୍ତି, ନଚେତ୍ ବସି ବସି ତାସ୍ ଖେଳନ୍ତି, ଛୁଟୀ ଦିନରେ ଗାଡ଼ି ଧରି ବୁଲିଯାଆନ୍ତି ପାଖ ପାଖ ଝରଣା ବା ଜଳପ୍ରପାତ ପାଖକୁ । ସେଠାରେ ଡାକବଙ୍ଗଳାରେ ରାତି କଟାନ୍ତି, ବମ୍ବେ ଜୀବନର ଗତି ଶିଥିଳ ହୋଇ ଯାଇଛି । ଆଜିକାଲି ସୁକାନ୍ତକୁ ଯଥେଷ୍ଟ ସମୟ ମିଳେ ନୂଆ ଡିଜାଇନ୍ ବିଷୟରେ ଅଧ୍ୟୟନ କରିବାକୁ । ସେ ଅନେକ ଲେଖା ଟେକ୍‌ନିକାଲ୍ ଜର୍ଣ୍ଣାଲମାନଙ୍କୁ ପଠାଏ । ବିଭିନ୍ନ ଟେକ୍‌ନିକାଲ୍ ସେମିନାର୍‌ରେ ନିଜର ପେପର ପଢେ ।

ଏବେ ଅନେକ ସମୟ ସୁକାନ୍ତ ଓ ଆଶା ଦୁହେଁ ଦୁହିଁଙ୍କୁ ପାଖରେ ପାଆନ୍ତି । ବେଳେ ବେଳେ ଆଶା ଗୀତ ଗାଏ ସୁକାନ୍ତର ଛାତି ଉପରେ ଢଳି ପଡ଼ି । ସନ୍ଧ୍ୟା ରାତି ହୁଏ, ସକାଳ ହୁଏ, ଦୁନିଆର ହସ କାନ୍ଦ, ଦେଣ ନେଣ ଲାଗି ରହେ । ଅଫିସ୍‌ର କାମ ଲାଗିରହେ । ସବୁ ନିତି ଦିନିଆ, ତେବେ ବି ସେ ସବୁ ଲାଗେ ନୂଆ, ସବୁଠାରେ ଯେପରି ରହିଛି ଜୀବନ, ଅଛି ନବୀନତା ଓ ସରସତା ।

କିଶୋର ଆସିଥିଲା ଖରାଛୁଟୀରେ । ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଡ଼କ୍ଟରେଟ୍ ଫେଲୋଶିପ୍ ପାଇଛି । ସେ ମଧ୍ୟ ଆମେରିକା ଚାଲିଯିବ । ଗୋଟି ଗୋଟି ହୋଇ ସବୁ ବନ୍ଧୁ ଚାଲିଗଲେଣି । ସେ ମଧ୍ୟ ଯିବ । ଭୂଦାନ ଓ ପଦଯାତ୍ରାରୁ ତା'ର ମନ ଛାଡ଼ିଯାଇଛି । ସେ କ୍ୱାଣ୍ଟମ୍ ମେକାନିକ୍‌ସ୍ ଉପରେ କାମ କରିବ । PURE MATHEMATICS ରେ ନୁହେଁ । ତାର ଶିକ୍ଷାର ଧାର ବଦଳି ଯାଉଛି । ଯଦି ସୁବିଧା ପାଏ ୟୁନିଫାଇଡ୍ ଫିଲ୍ଡ ଥିଓରୀ ଉପରେ କାମ କରିବ ।

ସତ୍ୟ ଓ ଶାନ୍ତା ଚିଠି ଲେଖିଥିଲେ । ସେଠାରେ ଆବହାଓ୍ୟା ସେମାନଙ୍କୁ ଖୁବ୍ ଭଲ ଲାଗୁଛି । ଦୁଇଟି କୋଠରୀର ଛୋଟ ଆପାର୍ଟମେଣ୍ଟିଏ ନେଇଛନ୍ତି । ଶାନ୍ତା ତାର ଗବେଷଣା ଆରମ୍ଭ କରି ଦେଲାଣି । ସତ୍ୟ ମଧ୍ୟ ଲାବୋରେଟରୀରେ କାମ ଆରମ୍ଭ କଲାଣି । ସେଠାକାର ଲୋକମାନେ କେତେ ସହଜରେ ଆପଣାର କରିଦେଉଛନ୍ତି । ଆମ ଦେଶ ଓ ଆମ ଘର ସବୁକୁ ଚାହିଁଲେ ଏସବୁ ଭୂସ୍ୱର୍ଗ ପରି ଲାଗୁଛି ।

ମାଧବ ଓ ସୁମୀ ଖୁବ୍ ଆରାମରେ ଅଛନ୍ତି । ସୁମୀ ତା'ର ରେସିଡ଼େନ୍ସି ଆରମ୍ଭ କଲାଣି । ମାଧମ ତା'ର ରିସର୍ଚ୍ଚ କାମ ଆରମ୍ଭ କଲାଣି ।

ଶରତ୍ ଓ ବୀଣା ତାଙ୍କର ବିବାହର ପ୍ରଥମ ମାସଗୁଡ଼ାକ ଖୁବ୍ ଖୁସିରେ କଟାଉଛନ୍ତି ।

Digitized by PPRACHIN, SOA

କିଶୋର ମଧ୍ୟ ଚାଲିଯିବ । ବୋଧହୁଏ ସେଠାରେ ସେ ବିବାହ କରିବ ଓ ଏ ଦେଶକୁ ଆଉ ଫେରିବ ନାହଁ । ତା'ର ନାହିଁ ବନ୍ଧନ, ସ୍ନେହ, ସହୋଦର; କିଛି ନାହିଁ ଏ ଦେଶରେ । ଯେଉଁ ଦେଶକୁ ଯିବ ସେ ଦେଶ ହେବ ତା'ର ।

ପଞ୍ଚପାଣ୍ଡବଙ୍କ ମଧ୍ୟରୁ ପଡ଼ିରହିବ ସୁକାନ୍ତ । ସେ ଦେଶ ବିଦେଶ ଯଥେଷ୍ଟ ବୁଲିଛି । ସବୁ ଦେଶର ଭଲ ଖରାପ ଗୁଡ଼ିକ ଦେଖିଛି । ଆଶା ତା'ର ମୋହ ଭାଙ୍ଗି ଦେଇଛି । ସେ ଆଉ ପନ୍ଥାହୀନ, ଆଶ୍ରାହୀନ ନୁହେଁ । ଘରେ ବାପା ମାଆ, ପାଖରେ ଆଶା, ଏମାନଙ୍କ ପାଖରେ ରହିବ ସେ । ଜୀବନକୁ ଜୀବନ କରି ଗଢ଼ିନେବ । ପଳାୟନ କରିବ ନାହିଁ । ସେ ଆଉ ଦୁର୍ବଳ ନୁହେଁ, ସେ ଆଉ ଭୀରୁ ନୁହେଁ ।

ଛଅ ସାତଦିନ ଗୋଟିଏ ସେମିନାରକୁ ଯାଇଥିଲା । ଫେରିଲା ବେଳକୁ ଆଶା ଖୁବ୍ ହସ ହସ ମୁହଁରେ ସ୍ୱାଗତ କରୁଛି । ଦୁହେଁ ଆଜିକାଲି ଦୁହିଁଙ୍କ ଉପରେ ବେଶ୍ ନିର୍ଭର ଶୀଳ ହୋଇପଡ଼ିଲେଣି । ଛଅ ସାତ ଦିନର ବିଚ୍ଛେଦ ପରେ ଏ ମିଳନ ଗୁଡ଼ିକ ବେଶ୍ ଉପଭୋଗ୍ୟ । ସେଦିନ ରାତିରେ ଆଶା କହିଲା "ତୁମ ପାଇଁ ଗୋଟିଏ ସଂବାଦ ଅଛି, କଣ ଦେବ କୁହ ?" "ସଂବାଦ ଦେବାପାଇଁ ଲାଞ୍ଚ କେବେଠାରୁ ମାଗିଲଣି ?"

"ନ ହେଲେ କହିବି ନାହିଁ" ।

"ସଂବାଦ ଯଦି ମନକୁ ପାଏ ତେବେ ଆସନ୍ତା ଖରାଦିନେ କାଶ୍ମୀରରେ ଛୁଟୀ କଟାଇବା" ।

"ନା, ଏତେ ଦିନ କିଏ ବସି ରହିବ ତା' ପାଇଁ ଅନାଇ ?"

"ତେବେ ଆଉ କ'ଣ ? ଆମରି ଦେଶରେ, ହୀରାକୁଦ ବନ୍ଧରେ ଅଶୋକ ନିବାସରେ ପୂରା ସାତଦିନ ହାଓ୍ୱା ଖାଇବା । ରାଜି ?"

"ରାଜି, କାନ ଦେଖାଅ ।"

ସୁକାନ୍ତ ବାପା ହେବାକୁ ଯାଉଛି । କି ଆନନ୍ଦର ସମୟ । ଏତେଦିନରେ ତା'ର ବିବାହିତ ଜୀବନର ସାର୍ଥକତା ଆସିବ । ଆଶା ମାତୃତ୍ୱ ପାଇବାକୁ ଅନେକ ଚାହିଁ ବସିଛି । ପାଇ ନ ଥିଲା । ବେଳେ ବେଳେ ମନଦୁଃଖ କରୁଥିଲା । ଆଜି କିନ୍ତୁ ସବୁ ପାଇଛନ୍ତି ସେମାନେ । ଦୁହେଁ ଦୁହିଁଙ୍କୁ ଧରି ଭାବି ଚାଲିଛନ୍ତି, ଜୀବନର ସ୍ୱପ୍ନ ସତ ହେବ, ସେମାନଙ୍କର ଘରେ ସନ୍ତାନ ଆସିବ ।

"କଣ ତୁମର ଦରକାର କହିଲା ?" ଆଶା ପଚାରିଲା ।

"ତୁମର କ'ଣ ଦରକାର କହିଲ ?" ସୁକାନ୍ତ ଓଲଟା ପଚାରିଲା ।

"ମୋର ପୁଅଟିଏ ଦରକାର ।"

Digitized by PPRACHIN, SOA

"ମୋର ଦରକାର ଠିକ୍ ତୁମରି ପରି ଝିଅଟିଏ ।"

"ନା, ପୁଅ ନ ହେଲେ ମୁଁ ରାଗିବି । ସମସ୍ତେ ପୁଅ ଖୋଜନ୍ତି । ତୁମେ ଖାଲି ରଗାଇବାକୁ ଝିଅ ଦରକାର ବୋଲି କହୁଛ ।"

"ସମସ୍ତେ ଯଦି ପୁଅ ମାଗି ପାଉଥାଆନ୍ତେ ମୁଁ ତୁମକୁ କିପରି ପାଇଥାଆନ୍ତି କହିଲ ?"

ଦୁହେଁ ହସିଲେ । ଆଜି ଘରେ ଖାଲି ହସ ଖୁସି ।

ସୁକାନ୍ତ ଜୀବନରେ ଅଶୋକ ନିବାସରେ ସାତୋଟି ଦିନ ସବୁଠାରୁ ସୁଖର ସମୟ । ସକାଳୁ ଯେତେ ଡେରି କରି ଉଠ । କାମଦାମ ସାରି ପୂର୍ଣ୍ଣଗ୍ରାସ ଜଳଖିଆ । ତା ପରେ ଡ଼ଙ୍ଗା ଖଣ୍ଡେ ଧରି ଆଶାକୁ ପାଖରେ ବସାଇ ଆହୁଲା ମାରି ନଦୀ ବନ୍ଧକୁ ଯିବା ଓ ଘୁରି ବୁଲିବା । କେହି ନାହିଁ ଆଖ ପାଖରେ । ସମୁଦାୟ ଜଗତ୍ ଭିତରେ ଯେପରି ଆଦମ୍ ଓ ଇଭ୍ ପରି ଏଇ ଦୁଇଜଣ । ଆଶା ଗୀତ ଗାଏ, ସୁକାନ୍ତ ଗୁଣୁଗୁଣୁ ହୁଏ । ଆହୁଲା ମାରି ମାରି କ୍ଳାନ୍ତ ହୋଇପଡ଼େ । ମଧ୍ୟାହ୍ନ ଭୋଜନ, ତା ପରେ ବିଶ୍ରାମ । ସନ୍ଧ୍ୟାର ପବନ ଉନ୍ମାଦନା ଆଣିଦିଏ । ଅସ୍ତମାନ୍ ସୂର୍ଯ୍ୟର ରକ୍ତିମ କିରଣ ହୀରାକୁଦ ଜଳଭଣ୍ଡାରକୁ ଲାଲ୍ କରିଦିଏ । କେତେ ସୁନ୍ଦର । କି ଆମୋଦଦାୟକ ଏ ଦୃଶ୍ୟ ।

ବେଳେବେଳେ ଗାଡ଼ି ଧରି ଚିପିଲିମା ଯାଆନ୍ତି । ସୁକାନ୍ତ ଆଶାକୁ କହେ ଆଉ କିଛି ଦିନ ପରେ ଗାଡ଼ି ଚଳେଇ ପାରିବ ନାହିଁ । ଏବେ ଚଳାଇ ନିଅ । ମୁଁ ଆରାମ କରିବି । କେତେବେଳେ ଆଶା ଗାଡ଼ି ଚଳାଇଲା ବେଳେ ସୁକାନ୍ତ ଷ୍ଟିଅରିଂକୁ ଝୁଙ୍କାଇ ଆଣେ, ଦୁହେଁ ହସନ୍ତି । ଆଶା କହେ "ଡ଼ାକ୍ତର କହିଛନ୍ତି No Jerks, Be Careful." ସୁକାନ୍ତ କହେ, "Hang your doctor".

ହସ ଖୁସିରେ ସାତୋଟି ଦିନ କଟିଗଲା । ତା' ପରେ ପୁଣି ସେଇ ଗତାନୁଗତିକ କଥା । ମାଆ ଆସି ଘରେ ଅଛନ୍ତି । ବାପା ମଧ ଆସିଥିଲେ । ଚାଲି ଗଲେଣି ଘରର କାମ ବୁଝିବାକୁ । ଦିନ ପରେ ଦିନ ଗଡ଼ି ଯାଉଛି । ମନ ବେଶୀ ଉଦ୍‌ବିଗ୍ନ ହୋଇପଡୁଛି । ପ୍ରଥମ କିଛି ଦିନ ଆଶା ବାନ୍ତି କରେ ପକାଏ, କିଛି ଖାଇ ପାରେନାହିଁ । ସୁକାନ୍ତ ତାକୁ ନେଇ ଡ଼ାକ୍ତରଙ୍କ ପାଖକୁ ଯାଏ, ଟନିକ୍ ଆଣି ଖୁଆଏ । କେଉଁ ଜିନିଷ ସବୁଠାରୁ ବେଶୀ ଭଲ ଲାଗୁଛି ପଚାରି ଆଣେ । ମାଆ ଆସିବା ଦିନଠାରୁ ସେ ଚିନ୍ତା ତାକୁ ଆଉ କରିବାକୁ ପଡୁନାହିଁ । ଗେହ୍ଲା ବୋହୂଟିକୁ ଧରି ମାଆ ସବୁବେଳେ ବ୍ୟସ୍ତ । ତାଙ୍କ ମନର ଖୁସି ବହୁତ ବେଶୀ । ଘରେ ଛୁଆଟିଏ ହେବ । ଆଗରୁ କହି ରଖିଛନ୍ତି ସେ ନିଜେ ପାଳବେ, ଆଶା ପାଖରେ ଛାଡ଼ିବେ ନାହିଁ । ବାପା ଘରେ ଏକୁଟିଆ, ଜମି ବାଡ଼ି, ଫସଲ, ବଗିଚା ନେଇ ସବୁବେଳେ ବ୍ୟସ୍ତ ।

କିଶୋର ଆମେରିକା ଚାଲିଗଲେଣି । ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ କାମ ଆରମ୍ଭ କରି ଦେଲାଣି । ଶରତ୍, ସତ୍ୟ ଓ ମାଧବ ବେଳେ ବେଳେ ଏକାଠି

Digitized by PPRACHIN, SOA

ହୁଅନ୍ତି । କିଶୋରକୁ ସମ୍ବର୍ଦ୍ଧନା ଜଣାଇବାକୁ ସମସ୍ତେ ଆସିଥିଲେ । ସେଠାରୁ ସବୁ ବନ୍ଧୁ କିଶୋରକୁ ତା ବିଶ୍ୱବିଦ୍ୟାଳୟରେ ଛାଡ଼ିଦେଇ ନିଜ ନିଜ ଘରକୁ ଫେରିଗଲେ । ସମସ୍ତେ ସୁକାନ୍ତକୁ ଡ଼ାକନ୍ତି, କିଛି ଦିନ ଯାଇ ଆମେରିକାରେ ସେମାନଙ୍କ ସାଙ୍ଗରେ କଟାଇବାକୁ ।

ସୁକାନ୍ତ କିନ୍ତୁ ଆଉ ଆମେରିକାର ସ୍ୱପ୍ନକୁ ପସନ୍ଦ କରେନା । ଏଇ ଛୋଟ ପରିବାରଟି ତା'ର । ବାପା, ମାଆ, ଆଶା ଓ ଆଶାର ଗର୍ଭରେ ବଢୁଥିବା ସନ୍ତାନ । ଏମାନଙ୍କଠାରୁ ବଳି ଆଉ ବଡ଼ ସ୍ୱପ୍ନ କ'ଣ ? ସେ ଜୀବନରେ ସବୁଠାରୁ ବେଶୀ ସୁଖୀ ।

ଶେଷ ସମୟ ଆସିଗଲା । ଆଶାକୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଗଲା । ସବୁରି ମନରେ ଉଦ୍‌ବେଗ । କ'ଣ ହେବ । ଆଶା କିଭଳି ଖୁସିରେ ଘରକୁ ଫେରିବ । ବାପା ମଧ ଆସି ଯାଇଛନ୍ତି । ମାଆ ସବୁବେଳେ ଆଶା ପାଖରେ ।

ଘଣ୍ଟା ପରେ ଘଣ୍ଟା ଚବିଶ୍ ଘଣ୍ଟା ଚାଲିଗଲାଣି । ସୁକାନ୍ତର ମନର ସରସତା ଭାଙ୍ଗି ଗଲାଣି । ଡ଼ାକ୍ତର ଆସି ତାଙ୍କ କୋଠରୀକୁ ଡ଼ାକି ନେଇଗଲେ ସୁକାନ୍ତକୁ । କହିଲେ ଅପରେଶନ୍ କରିବାକୁ ପଡ଼ିବ । ସୁକାନ୍ତର ଅବା ଆପତ୍ତି କ'ଣ । ଯାହା ଇଚ୍ଛା ଟା କରାନ୍ତୁ କିନ୍ତୁ ଆଶା ଓ ଛୁଆକୁ ବଞ୍ଚାନ୍ତୁ । ଫର୍ମରେ ଦସ୍ତଖତ୍ କରି ଦେଲା । ଆଶାକୁ ସେମାନେ ନେଇଗଲେ ଅପରେଶନ୍ ଥିଏଟର୍‌କୁ ।

ସୁକାନ୍ତ ଚାହିଁ ରହିଥାଏ ଦୁଆରକୁ । ମୁହଁ ଶୁଖି ଯାଇଥାଏ । ସବୁ ଯେପରି ନିଶ୍ଚଳ ତା'ର ଚାରିଆଡ଼େ । ଅନେକ ସମୟ ପରେ ନର୍ସ ବାହାରି ଆସିଲେ । ସୁକାନ୍ତଙ୍କୁ ଦେଖି କହିଲେ "Congratulation, ପୁଅଟିଏ ହୋଇଛି । ମ୍ୟାଡ଼ାମ୍‌ଙ୍କର ହେମରେଜ୍ ହେଉଛି । ଡ଼ାକ୍ତରବାବୁ ସବୁ ଚେଷ୍ଟା କରୁଛନ୍ତି । ବ୍ୟସ୍ତ ହେବେ ନାହିଁ ।"

ହେମରେଜ୍ ହେଉଛି । ବହୁତ ଦିନ ତଳେ ପଢ଼ିଥିଲା ହେମିଙ୍ଗ୍ ଓ୍ୱେଙ୍କର ଫେୟାରଓ୍ୱେଲ୍‌ଟୁ ଆର୍ମସ୍ । ସେଥିରେ ଅପରେସନ୍ ପରେ ହେମରେଜ ହୋଇଥିଲା ଓ ତା ପରେ ମାଆ ବଞ୍ଚିନଥିଲା । ମନରେ ପାପ ଛୁଇଁଲା । କଣ ହେବ ? "ହେ ଭଗବାନ, ମୁଁ ତୁମ ପାଖରେ କେବେ କିଛି ମାଗି ନାହିଁ । ଆଜି ମାଗୁଛି ମୋ ହୃଦୟ ଦେଇ । ଆଶାକୁ ମୋର ବଞ୍ଚାଇ ଦିଅ ।" ସୁକାନ୍ତ ଆଖିରୁ ଲୁହ ଟପ୍ ଟପ୍ ଗଡୁଥିଲା ।

ଆହୁରି ଘଣ୍ଟାଏ ଗଲା । ଡ଼ାକ୍ତର ଚାଲି ଆସିଲେ ଅପରେଶନ୍ ଥିଏଟରରୁ ।

"I am sorry Mr. Das I could not help it."

"You could not help it?" ସୁକାନ୍ତର ପାଟିରୁ ଆଉ କିଛି କଥା ବାହାରିଲା ନାହିଁ । ବାପା ମାଆ ଭୋ ଭୋ କାନ୍ଦୁଛନ୍ତି । ସୁକାନ୍ତ ଆଖିରେ ଆଉ କିନ୍ତୁ ଲୁହ ନ ଥିଲା । କାନରେ ବାଜି ଯାଉଥିଲା "I could not help it."

Digitized by PPRACHIN, SOA

ଆଶା ଚାଲିଗଲା ଏ ଦୁନିଆରୁ । ଏଇ ଦୁନିଆରେ ବଞ୍ଚିବାର ମୋହ ଦେଖାଇ ଦେଇ ସେ ପଳାୟନ ବାଦୀର ପନ୍ଥା ଧରିଲା । ସେ କ'ଣ କରିପାରିଲା ଆଶା ପାଇଁ ? ଆଶା ତାକୁ ଭଲ ବାଟକୁ ଆଣି ପାରିଲା, ଜୀବନକୁ ପନ୍ଥାହୀନ ପଥରୁ ଦୂରେଇ ରଖିବାକୁ ଶିକ୍ଷା ଦେଲା । କିନ୍ତୁ ନିଜେ ଦଗା ଦେଇ ଚାଲିଗଲା ।

ହଠାତ୍ ରାତିରେ ନିଦ ଭାଙ୍ଗିଯାଏ । ଭାବେ ପାଖରେ ଆଶା ଶୋଇଛି । ହାତ ତାର ଆସି ସୁକାନ୍ତର ଛାତିରେ । କିନ୍ତୁ କେହି ନାହିଁ, ସବୁ ଖାଲି, ସବୁ ଶୁନ୍‌ଶାନ୍ ।

ମାଆ କୁନୁକୁ ସାଥିରେ ନେଇଗଲେ । ଆଗରୁ ଆଶାଠାରୁ କଥା ନେଇଥିଲେ ନିଜ ପାଖରେ ରଖି ବଢ଼ାଇବାକୁ । ବାପା ଗାଁଆ ଜମିବାଡ଼ି କଥା ବୁଝୁଥିବେ । ଆଉ ଏଣେ ସୁକାନ୍ତ ଏକୁଟିଆ, ଏକବାରେ ଏକୁଟିଆ ।

x x x x x x x x x x x x x x x

ଆଶା ଦୁନିଆରୁ ଚାଲିଯିବା ଦୁଇ ବର୍ଷ ହୋଇଗଲାଣି । କୁନୁ ସୁକାନ୍ତର ବାପା ଓ ମାଆଙ୍କୁ ବାପା ଓ ମାଆ ବୋଲି ଡ଼ାକେ । ସୁକାନ୍ତ ପାଖକୁ ବେଶୀ ଆସେନାହିଁ । ସୁକାନ୍ତର ମନରେ ଦୁଃଖ ଆଉରି ବଢ଼ିଯାଏ ।

ଆଜିକାଲି ତା'ର ଅନେକ ଲେଖା ଦେଶ ବିଦେଶର ଟେକ୍‌ନିକାଲ୍ ଜର୍ଣ୍ଣାଲ୍‌ରେ ବାହାରେ । ସେ ଆମେରିକାରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିଥିଲା ଇଣ୍ଟରନ୍ୟାସ୍‌ନାଲ୍ ଇଲେକ୍ଟ୍ରିସିଟି କମିଶନରେ । ସତ୍ୟ, ଶାନ୍ତା, ମାଧବ, ସୁମୀ, ଶରତ୍, ବୀଣା ଓ କିଶୋର ଆଉ ବାର୍‌ବରା ସମସ୍ତେ ଆସି ତା ପାଖରେ ଚାରିଦିନ କଟାଇଥିଲେ । ଶାନ୍ତା, ସୁମୀ ଓ ବୀଣା ତାକୁ ଧରି ଘଣ୍ଟା ଘଣ୍ଟା କାନ୍ଦିଥିଲେ । ହଁ କିଶୋର ଆମେରିକାରେ ବାର୍‌ବାରାକୁ ବିବାହ କରିଛି । ସମସ୍ତେ ଦରଖାସ୍ତ ଦେଇଛନ୍ତି ଆମେରିକାନ୍ ନାଗରିକତା ପାଇଁ ହୁଏତ ପାଇଯିବେ ।

ଶରତ୍ ତାର ସମସ୍ତ ସମ୍ପତ୍ତି କୁନୁ ନାଁରେ ଉଇଲ୍ କରି ଦେଇଛି । କିନ୍ତୁ କୁନୁର ଏତେ ସମ୍ପତ୍ତି ହେବ କ'ଣ ? ସେ ଜନ୍ମରୁ ମାଆକୁ ହରାଇଛି ସମ୍ପତ୍ତି ନେଇ କରିବ କ'ଣ ସେ ?

ଜୀବନର ମଧ୍ୟାହ୍ନରେ ସୁକାନ୍ତ ଆଜି ପକ୍ଷହରା ପକ୍ଷୀ । ସେ ଅଫିସ୍ ଯାଏ, କାମ କରେ, ବହୁତ ବେଶୀ କାମ କରେ, ଘରେ ନିଜର ଗୋଟିଏ ଛୋଟ ଲାବରେଟରୀ କରିଛି, ସେଠାରେ ବସି ଏକ୍ସପେରିମେଣ୍ଟ କରେ, ବହୁତ ସମୟ ପାଠପଢ଼େ । କିନ୍ତୁ ଖାଲି ବସିଲା ବେଳେ ସମୟଗୁଡ଼ିକ ହୋଇପଡ଼େ ଦୁର୍ବିସହ ।

ଆଉ କବିତା ଲେଖିପାରେ ନାହିଁ ସେ । "ଝର କଲମ"ର ସଂପାଦକ ଅନେକ ଥର ଲେଖିଲେଣି ସେ କବିତା ଲେଖୁନାହିଁ କାହିଁକି । ଉତ୍ତର ଦେଇଥିଲା-

Digitized by PPRACHIN, SOA

"ସମ୍ପାଦକ ମହାଶୟ,

ଜର୍ମାନୀ ଯିବାର ଅଳ୍ପଦିନ ପୂର୍ବରୁ ଯେଉଁ ଝିଅଟିକୁ ଖୁବ୍ ଭଲପାଉଥିଲି ସେ ମରିଗଲା । ବ୍ୟର୍ଥ ପ୍ରେମିକ ଆଖିରେ ସବୁ ହିଁ ପ୍ରେମଭରା । ତେଣୁ କବିତାର ମୋର ପ୍ରେମଭରା ଗୀତି ଗାଇଥିଲି । ପରେ ମାନସିକ ଦ୍ୱନ୍ଦ୍ୱରେ ମୋର ଲକ୍ଷ୍ୟ ଆଉ ପନ୍ଥା ଖୋଜିବୁଲୁଥିଲି । ସେଇ ଅବିନଶ୍ୱର ଭଗବାନଙ୍କ ପାଦତଳେ ମନରଖି ଜୀବନକୁ ଭସାଇଦେବି ବୋଲି ଭାବିଥିଲି । କିନ୍ତୁ ମୋର ପୁଣି ପରିବର୍ତ୍ତନ ହେଲା । ବହୁ ଧର୍ମ ପୁସ୍ତକ ପଢ଼ି ପନ୍ଥା କ'ଣ ସ୍ଥିର କରିପାରିଲି ନାହିଁ । ପାଗଳ ପରି ଘୁରି ବୁଲିଲି ମରିଚୀକା ପଛରେ । ସେତେବେଳର କବିତା ଦ୍ୱନ୍ଦ୍ୱମୂଳକ ହେଉଥିଲା ବୋଲି ଆପଣ ଲେଖିଥିଲେ । ତା ପରେ ଜୀବନରେ ଆସିଲା 'ଆଶା' – ମୋର ବିବାହିତା ପତ୍ନୀ । ହତାଶ ହୋଇ ଘୁରି ବୁଲୁଥିବା ପଥହରା ପାନ୍ଥକୁ ସେ ପଥ ଦେଖାଇଥିଲା ଫ୍ରାଙ୍କ୍‌ଫୁର୍ଟର ମାଇନ୍ ନଦୀ କୂଳରେ । ସେତେବେଳଠାରୁ ମୋର କବିତାର ଧାର ବଦଳି ଯାଇଥିଲା । ଆଶାବାଦୀ ଥିଲି ମୁଁ । ଆଜି କିନ୍ତୁ ଆଶା ଚାଲିଯାଇଛି ବହୁତ ଦୂରକୁ, ଯେଉଁଠାରୁ କେବେ କେହି ଫେରିନାହିଁ । କ'ଣ ଆଉ ଏଥର ଲେଖିପାରିବି ? ମୋର କଲମ ଚିରଦିନ ପାଇଁ ବନ୍ଦ ହୋଇଗଲା । କବି ସୁକାନ୍ତର ମୃତ୍ୟୁ ହେଲା ବୋଲି ଜାଣିବେ ।

ଆପଣଙ୍କର ସୁକାନ୍ତ"

କିଛି ଦିନ ପରେ ସେ ପଠାଇଥିଲେ ତାର କବିତାବଳୀର ସାରଗର୍ଭକ ସମାଲୋଚନା ପୁସ୍ତିକା ବିଶିଷ୍ଟ ଜର୍ମାନ୍ ସାହିତ୍ୟିକ ଲେଖିଛନ୍ତି । ସେଥିରେ ତାର ଅନେକ ପ୍ରଶଂସା ।

ନୂଆ ପ୍ରୋଜେକ୍ଟ କାମ ସରିଯାଇଛି । ସରକାରଙ୍କଠାରୁ ସେ ପାଇଛି ପ୍ରଶଂସା ପତ୍ର । ସବୁରି ଆଗରେ ସେ ମିଷ୍ଟର ଦାସ, ଖ୍ୟାତନାମା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର । କିନ୍ତୁ ତା' ପାଇଁ ଏ ସବୁର ମୂଲ୍ୟ କଣ ?

ଅତି ବାଲ୍ୟକାଳରେ ପ୍ରିୟବନ୍ଧୁ ମଧୁ ମରିଯାଇଥିଲା । ଜଣକ ବଦଳରେ ସେ ପାଇଥିଲା ଚାରିଜଣ ସାଥି କଲେଜ ଜୀବନରେ । କାହାନ୍ତି ସେମାନେ – ସତ୍ୟ ଓ ଶାନ୍ତା ମିନିଶୋଟାରେ ନୂଆ ଘର କିଣିଛନ୍ତି । ଦୁହେଁ ପ୍ରଫେସର ହୋଇଗଲେଣି । ସେଭଳି ଶରତ୍ ଓ ବୀଣା, ମାଧବ ଓ ସୁମୀ, କିଶୋର ଓ ବାର୍‌ବାରା । ଆଦ୍ୟ ଯୌବନର ପ୍ରେମକୁ ଧୂଳିସାତ୍ କରିଯାଇଥିଲା ସଂଧ୍ୟା । ସେ ସ୍ମୃତିକୁ ଠେଲି ଆଶାକୁ ନେଇ ଗଢ଼ିଉଠିଥିଲା ଛୋଟ ଘରଟି ତା'ର । ପ୍ରେମ ଦେଇ ତିଆରି ହେଲା ସେ ଘରର ମୂଳଦୁଆ । କିନ୍ତୁ ଆଶା ମଧ ଚାଲିଗଲା ସେଇ ଘରଟିକୁ ଭାଙ୍ଗି ଦେଇ । ସବୁବେଳେ ତା ଜୀବନ ହାହାକାର ମଧରେ ବୁଡ଼ି ରହିବ । ଜୀବନର ମଧ୍ୟାହ୍ନରେ ତା' ଭଳି ଯୁବକ କେତେ ଦିବା ସ୍ୱପ୍ନ ଦେଖନ୍ତି । କିନ୍ତୁ ତାର ସବୁ ସ୍ୱପ୍ନ ଭାଙ୍ଗିଯାଇଛି । ସୁକାନ୍ତ ଆଜି ଏତେ ଧନ ମଧରେ ଥାଇ ବି ନିଃସ୍ୱ, ଏତେ ମାନ ମର୍ଯ୍ୟାଦାର ଅଧିକାରୀ ହୋଇ ମଧ ଚିର ଉପେକ୍ଷିତ ହୋଇ ରହିବ ଏ ଦୁନିଆରେ । କେହି ତା'

Digitized by PPRACHIN, SOA

ମୁହଁ ହସ ଟିକିଏ ଦେଖୁନାହାନ୍ତି । ତେବେ ବି ସେ ପଳାୟନ କରିବ ନାହିଁ । ଆଶା ତାକୁ କହିଥିଲା ପଳାୟନବାଦୀ ଜିଣିପାରେନାହିଁ ଜୀବନକୁ । ସେ ଜିଣିବାକୁ ଚାହେଁନାହିଁ ଜୀବନ । ତେବେ ବି ସେ ପଳାୟନବାଦୀ ହେବନାହିଁ ।

x x x x x x x x x x x x x

ସୁକାନ୍ତ ଘଡ଼ିକୁ ଚାହିଁଲା । ରାତି ଦୁଇଟା ବାଜିଛି । ଆସନ୍ତା କାଲି ଗଣେଶ ପୂଜା । ନିଜର ଆତ୍ମଜୀବନୀ ଲେଖିବାକୁ ଆରମ୍ଭ କରିଥିଲା ଠିକ୍ ବାଇଶଦିନ ଆଗେ । "ଝର କଲମ"ର ସଂପାଦକ କ'ଣ ଏହାକୁ ପ୍ରକାଶ କରିବେ ? ବୋଧହୁଏ କରିବେ ନାହିଁ । ତେବେ ବି ତାଙ୍କ ପ୍ରତି ତା'ର କର୍ତ୍ତବ୍ୟ ଅଛି । ତାଙ୍କରି ନାମରେ ଏହାକୁ ଉତ୍ସର୍ଗ କରିବ ।

ବୋକାରୋ ଷ୍ଟିଲ ସିଟି
୨୫.୮.୬୮

Digitized by PPRACHIN, SOA

ସଚ୍ଚିଦାନନ୍ଦ ମିଶ୍ରଙ୍କର ଜନ୍ମ ପୁରୀ ଜିଲ୍ଲାର ବୀର ପ୍ରତାପପୁର ଗ୍ରାମରେ ୧୯୩୫ ମସିହାରେ । ବାଙ୍ଗାଲୋରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରୁ ଇଞ୍ଜିନିୟରିଂ ପାଶ୍ କରି ଏକ ଜର୍ମାନ କମ୍ପାନୀରେ କାର୍ଯ୍ୟଭାର ହାତକୁ ନିଅନ୍ତି । ଜର୍ମାନୀରେ ଉଚ୍ଚ ଶିକ୍ଷା ପରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆର ବିଭିନ୍ନ ପଦବୀରେ କାର୍ଯ୍ୟ କରି ଏକ୍ସକ୍ୟୁଟିଭ୍ ଡାଇରେକ୍ଟର ପଦରୁ ଅବସର ଗ୍ରହଣ କରିଛନ୍ତି । କର୍ମମୟ ଜୀବନରେ ପୃଥିବୀର ବିଭିନ୍ନ ଦେଶ ଯଥା ଜର୍ମାନୀ, ଫ୍ରାନ୍ସ,ରୁଷ୍, ସୁଇଜରଲାଣ୍ଡ, ଅଷ୍ଟ୍ରିଆ, ଇଟାଲୀ, ହଲାଣ୍ଡ, ବେଲ୍‌ଜିୟମ, ପୋଲାଣ୍ଡ, ୟୁକ୍ରେନ, କାଜାଖସ୍ଥାନ, ଇଂଲଣ୍ଡ, ଆମେରିକା,କାନାଡା,ନେପାଳ ଓ ଶ୍ରୀଲଙ୍କା ପ୍ରଭୃତି ଦେଶ ଯାଇ ସେଠାର ଶିକ୍ଷାନୁଷ୍ଠାନ ବିଷୟରେ ଅନୁଧ୍ୟାନ କରିଛନ୍ତି । ଦୀର୍ଘଦିନ ଓଡ଼ିଶା ବାହାରେ ରହିବା ସତ୍ତ୍ୱେ ତାଙ୍କର ଓଡ଼ିଆ ସାହିତ୍ୟ ପ୍ରତି ସମ୍ପର୍କ ଅତୁଟ ରହିଛି । ତାଙ୍କ ରଚିତ ଅନେକ କ୍ଷୁଦ୍ର ଗଳ୍ପ ବିଭିନ୍ନ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇ ଆସୁଛି । କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶା ତଥା ଓଡ଼ିଶା ବାହାରେ ତାଙ୍କର ଅବଦାନ ଉଲ୍ଲେଖନୀୟ ।

ପ୍ରକାଶକ

ISBN 81-87989-71-8
9 788187 989714

Digitized by PPRACHIN, SOA